ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, June 23/2025 | Page 14 | ₹ 7.00

୫୧ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 208 | ମୂଲ୍ୟ ₹୭/-


ADMISSION Open 2025-26

+2 1ST YR Sc. (CHSE & CBSE) & NEET

# TETRAHEDRON

## GROUP OF INSTITUTIONS

Tangi,Cuttack

For Admission Contact :

8093064522, 8093064525,9040363480, 7008222977

## NEET RESULTS -2025

| Marks | AIR | Category Rank | Name | Place | Mobile |
|---|---|---|---|---|---|
| 590 | AIR-2241 | Category Rank -762 | SOURAV RANJAN | JAJPUR | M. : 9337135920 |
| 588 | AIR-2418 | Category Rank -1329 | PRANAB KUMAR | CUTTACK | M : 9348405006 |
| 585 | AIR-2839 | Category Rank -220 | AMIT ANSUMAN | JAJPUR | M : 8260552053 |
| 578 | AIR-3798 | Category Rank -1414 | G.S TANISHA | BHADRAK | M : 6370203229 |
| 575 | AIR-4483 | Category Rank -1714 | SOUMYA RANJAN | KENDRAPARA | M: 9853490176 |
| 574 | AIR-4690 | Category Rank -113 | ASHUTOSH (SC) | SAMBALPUR | M : 9438110102 |
| 574 | AIR-4551 | Category Rank -1743 | SUBHASANKAR | BALASORE | M. : 9556941413 |
| 572 | AIR-5040 | Category Rank -1968 | ASHUTOSH | KENDRAPARA | M : 7735074814 |
| 571 | AIR-5170 | Category Rank -2530 | SOMESH PRASAD | TALCHER, ANGUL | M. : 7849035336 |
| 568 | AIR-5836 | Category Rank -2793 | SWARAJ | JAGATSINGHPUR | M. : 6372296215 |
| 567 | AIR-6281 | Category Rank -2980 | MONALISHA | KEONJHAR | M. : 9938758948 |
| 567 | AIR-6262 | Category Rank -590 | ANSUMAN | CUTTACK | M. :6372343040 |
| 565 | AIR-6808 | Category Rank -2755 | RAJESH | JAJPUR | M : 6370895135 |
| 564 | AIR-6976 | Category Rank -3268 | PRASANTA KU. | JAJPUR | M : 7894331492 |
| 564 | AIR-7229 | Category Rank -3377 | ARCHITA | CUTTACK | M. : 7978178553 |
| 562 | AIR-7733 | Category Rank -755 | ASIS KU. | KEONJHAR | M : 9827856657 |
| 560 | AIR-8185 | Category Rank -3762 | SUBHASHISH | JAJPUR | M. : 9040499246 |
| 559 | AIR-8790 | Category Rank - 4013 | SOVNA | JAJPUR | M : 7978917103 |
| 558 | AIR-8910 | Category Rank -3673 | SATYARANJAN | CUTTACK | M. : 8249555100 |
| 555 | AIR-10001 | Category Rank -4505 | KABIR | CUTTACK | M. :8917235240 |
| 553 | AIR-10868 | Category Rank -4844 | IRA MOHANTY | JAJPUR | M. :9438174925 |
| 552 | AIR-11400 | Category Rank -1844 | SURYASNAT | SALIPUR,CUTTACK | M. : 9439942163 |
| 552 | AIR-11200 | Category Rank -4738 | SWATI SNIGDHA | BARIPADA | M. : 9040575691 |
| 551 | AIR-11844 | Category Rank -5213 | SOUBHAGYA RANJAN | JAJPUR | M. : 9692767335 |
| 550 | AIR-12293 | Category Rank -5263 | JAYASHREE | JAJPUR | M. : 7077298174 |
| 549 | AIR-12842 | Category Rank -5591 | SANJIB KU. | CUTTCK | M. : 8658284937 |
| 549 | AIR-12780 | Category Rank -1372 | PRADIPTA KU. | CUTTACK | M. :8338869928 |
| 549 | AIR-12748 | Category Rank -5483 | R.S BHAKTI SWARUPA | CUTTACK(MAHANGA) | M. :9777746799 |
| 548 | AIR-13272 | Category Rank -1436 | RUDRA NARAYAN | JAJPUR | M : 8908938985 |
| 548 | AIR-13018 | Category Rank -1400 | RAJKUMAR | BHUBANESWAR | M. : 9692089794 |
| 548 | AIR-13377 | Category Rank -5793 | AMIT KU. | JAJPUR | M : 9348601405 |
| 545 | AIR-14827 | Category Rank -6475 | SUBHANKAR | JAJPUR | M. : 9310679902 |
| 544 | AIR-15048 | Category Rank -6412 | AMIT KU. | CUTTACK | M. : 9692868645 |
| 542 | AIR-16115 | Category Rank -6792 | RITIK NARENDRA | NAYAGARH | M. :7855924761 |
| 541 | AIR-16789 | Category Rank -7429 | ANUPAMA | JAJPUR | M. :8260543757 |
| 541 | AIR-16951 | Category Rank -7308 | JYOTIRANJAN | JAGATSINGHPUR | M. :9090317675 |
| 540 | AIR-17367 | Category Rank -7698 | IPSITA | BARIPADA | M. : 7847007731 |
| 540 | AIR-17183 | Category Rank -7614 | GYANARANJAN | JAJPUR | M. :8984012686 |
| 539 | AIR-18094 | Category Rank -2014 | RAJENDRA | KENDRAPARA | M. :8249757722 |
| 539 | AIR-18150 | Category Rank -7530 | SWARNAPRAVA | BHADRAK | M. : 9348538749 |
| 539 | AIR-17974 | Category Rank -7990 | ASHUTOSH | JAJPUR | M. :9438213231 |
| 539 | AIR-18113 | Category Rank -7518 | ARUP | ANGUL | M. : 8260114745 |
| 538 | AIR-18804 | Category Rank -8370 | ASISH | KENDRAPARA | M. : 8093906398 |
| 538 | AIR-000 | Category Rank -000 | ROHIT RASHMI | KHORDHA | M. : 9090478270 |
| 538 | AIR-18329 | Category Rank -7603 | SARASWATA | CUTTACK | M. :9827707252 |
| 535 | AIR-20761 | Category Rank -9399 | SACHITANANDA | KENDRAPARA | M. : 7978636315 |
| 535 | AIR-20362 | Category Rank -8360 | PRAGYAN PARAMITA | | M. : 7008984646 |
| 534 | AIR-21361 | Category Rank -9650 | DEBASMITA(SGS) | ANGUL | M. :7848987971 |
| 533 | AIR-22099 | Category Rank -8971 | SUBHAM | BHADRAK | M. : 9937533036 |
| 532 | AIR-22673 | Category Rank -2585 | LOKANTH | DHENKANAL | M. :8984711270 |
| 531 | AIR-23543 | Category Rank -2705 | DEEPANKAR | JAJPUR | M. :7750878883 |
| 531 | AIR-23310 | Category Rank -9394 | SUBHASHREE | JAJPUR | M. : 7077329698 |
| 531 | AIR-23105 | Category Rank -2644 | SAIEED | JAJPUR | M. :8984303637 |

to be continued.....

## OUR ACHIEVERS FOR AIIMS

| Marks | AIIMS | Name | Mobile |
|---|---|---|---|
| 710 | AIIMS,BBSR(2024) | KAMALAKANTA | Mob. : 8249906661 |
| 700 | AIIMS,RAIPUR(2024) | RAHUL | M. : 6372741832 |
| 697 | AIIMS,DELHI(2021) | SUSHREE SANGITA | Mob. : 9810975701 |
| 695 | AIIMS,GRORAKHAPUR(2024) | OMM PRAKASH | M. : 6372521307 |
| 695 | AIIMS GORAKHAPUR(2024) | SWAGATIKA | M. : 7381845430 |
| 680 | AIIMS BBSR(2021) | DEVASIS SAHOO | Mob. : 9861492793 |
| 675 | AIIMS GORAKHPUR(2023) | ASHIRBAD BISWAL | Mob. : 7846821473 |
| 670 | AIIMS MADURAI(2024) | ADITYA NARAYAN | M. : 8260333635 |
| 670 | AIIMS KALYANI (2023) | ANUPAM NAYAK | Mob. : 7205755502 |
| 665 | AIIMS RAIPUR(2022) | SATYAJIT NAYAK | Mob. : 8260601336 |

| 590+ MARKS | 580+ MARKS | 570+ MARKS | 560+ MARKS | 550+ MARKS | 540+ MARKS |
|---|---|---|---|---|---|
| 01 STUDENT | 03 STUDENTS | 09 STUDENTS | 17 STUDENTS | 25 STUDENTS | 38 STUDENT |

| 530+ MARKS | 520+ MARKS | 515+ MARKS | GOVT. MBBS | AIIMS | SCB |
|---|---|---|---|---|---|
| 53 STUDENTS | 65 STUDENTS | 79 STUDENTS | 95-110 EXPECTED | 10 EXPECTED | 20 EXPECTED |

### 71 MBBS IN 2024

- 5 Students admitted in AIIMS
- 8 Students admitted in SCB MCH, Cuttack
- 9 Students admitted in MKCG, Berhampur
- 6 Students admitted in VIMSAR, Burla

### 54 MBBS IN 2023

- 2 Students admitted in AIIMS
- 9 Students admitted in SCB MCH, Cuttack
- 5 Students admitted in VIMSAR, Burla
- 13 Students admitted in MKCG, Berhampur

### Course Fees According to NEET Score -2025

| | |
|---|---|
| For Student Scoring 500 above | : Free |
| For Student Scoring 490 above | : Rs. 10,000/- +(GST) |
| For Student Scoring 480 above | : Rs. 20,000/- +(GST) |
| For Student Scoring 470 above | : Rs. 30,000/- +(GST) |
| For Student Scoring 460 above | : Rs. 40,000/- +(GST) |
| For Student Scoring 450 above | : Rs. 50,000/- +(GST) |
| For Student Scoring 425 above | : Rs. 60,000/- +(GST) |
| For Student Scoring 400 above | : Rs. 65,000/- +(GST) |
| For Student Scoring 350 above | : Rs. 70,000/- +(GST) |
| For Student Scoring 300 above | : Rs. 75,000/- +(GST) |

For very very poor student scoring 480+ in NEET 2025 Hostel fees also free

## OUR CHSE RESULTS -2025



581

ABINASH PANDA
R. NO. : 312CZ142
MOB. : 8926374475

| Marks | Name | R.NO. | Mobile |
|---|---|---|---|
| 578 | ANUNJAYA | R.NO. : 312CZ044 | M. : 9937820270 |
| 575 | HARAPRASAD | R.NO. : 312CZ052 | M. : 9777635809 |
| 574 | ANANYA ANUPRITA | R.NO. : 321CZ001 | M. : 6372522094 |
| 574 | ANANYA | R.NO. : 321CZ018 | M. : 9178552089 |
| 574 | PRIYADARSHINI | R.NO. : 321CZ020 | M. : 8456010982 |
| 574 | RUTUPURNA | R.NO. : 321CZ025 | M. : 8908000397 |
| 573 | ASHUTOSH | R.NO. : 312CZ009 | M. : 7008710810 |
| 573 | SWARNA PRAVA | R.NO. : 321CZ002 | M. : 9348538749 |
| 572 | SOUMYAK | R.NO. : 312CZ015 | M. : 6372996292 |
| 572 | SANDEEP | R.NO. : 312CZ021 | M. : 9438775289 |
| 571 | PRIYANKA | R.NO. : 321CZ016 | M. : 8328937059 |
| 570 | SWAYAM | R.NO. : 312CZ039 | M. : 9583495922 |

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120

ଆମ୍ଭର ମୁଖ୍ୟ strength ହେଉଛି ତ୍ରିଦେବ୍ ସାରଙ୍କ ଦ୍ୱାରା ପିଲାମାନଙ୍କୁ counselling ଏବଂ 24hour guidance, self study from morning 8.00am. to night 2.00am, super specialist teachers and completion of course before 15th December, Weekly Test, 30No. of PTS & VST, Doubt Clearing by Expert Teachers. .

**One Year NEET Coaching Starts from 23rd June & 30th June 2025**

**୧୯ ରୁଟ୍‌ରେ ବିମାନ ଉଡ଼ାଣ ସଂଖ୍ୟା କମାଇଲା ଏୟାର ଇଣ୍ଡିଆ**
୧୯ଟି ରୁଟରେ ବିମାନ ସେବାକୁ ସାମୟିକ ହ୍ରାସ କରିବାକୁ ରବିବାର ଏୟାର ଇଣ୍ଡିଆ ଘୋଷଣା କରିଛି। ଜୁଲାଇ ୧୫ ପର୍ଯ୍ୟନ୍ତ ୧୯ଟି ରୁଟ୍‌ରେ ୧୧୮ଟି ସାପ୍ତାହିକ ବିମାନ ଉଡ଼ାଣକୁ ଅସ୍ଥାୟୀ ଭାବେ ହ୍ରାସ କରାଯାଇଛି। ସେହିପରି ଜୁଲାଇ ୧୫ ଯାଏ ୩ଟି ରୁଟ୍ ବେଙ୍ଗାଲୁରୁ-ସିଙ୍ଗାପୁର, ପୁଣେ-ସିଙ୍ଗାପୁର, ମୁମ୍ବାଇ-ବାଗଡୋଗ୍ରାରେ ନିଜ ସେବାକୁ ଏୟାର ଇଣ୍ଡିଆ ସ୍ଥଗିତ ରଖିଛି।



# ୫୦ ଦଶକରୁ ଇରାନର ଆଣବିକ କାର୍ଯ୍ୟକ୍ରମ

ତେହରାନ,୨୨।୬

ଇରାନର ଆଣବିକ ମହତ୍ତ୍ୱାକାଂକ୍ଷାରେ ଭୟଭୀତ ଇସ୍ରାଏଲ୍ ଅଚାନକ ଏହା ଉପରେ ଆକ୍ରମଣ କରିବାର ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ପରେ ଗୁରୁବାର ଆମେରିକା ଏଥିରେ ସାମିଲ ହୋଇଛି। ରବିବାର ଆମେରିକା ଇରାନ୍‌ର ୩ଟି ଆଣବିକ ସ୍ଥଳକୁ ଟାର୍ଗେଟ କରି ଆକ୍ରମଣ କରିବାରୁ ଉତ୍ତେଜନା ଆହୁରି ବୃଦ୍ଧି ପାଇଛି। ଇରାନ ଏହାର ଆଣବିକ କାର୍ଯ୍ୟକ୍ରମକୁ ଦ୍ରୁତ ସମ୍ପ୍ରସାରଣ କରିଚାଲିଥିବାରୁ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ କ୍ରମାଗତ ଭାବେ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି। ତେହରାନ୍‌ର ବର୍ଦ୍ଧିତ ୟୁରାନିୟମ୍ ସମୃଦ୍ଧିକରଣକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଇରାନ ଅଣୁଅସ୍ତ୍ରର ବିକାଶ କରୁଥିବା ଇସ୍ରାଏଲ୍ ଅଭିଯୋଗ କରିଥିବାବେଳେ ତେହରାନ ଏହାକୁ ଖଣ୍ଡନ କରିଛି।

୫୦ ଦଶକର ଶେଷ ଭାଗରେ ଆମେରିକାର ବୈଷୟିକ ସହାୟତାକ୍ରମେ ଇରାନ ଏହାର ଆଣବିକ କାର୍ଯ୍ୟକ୍ରମର ମୂଳଦୁଆ ପକାଇଥିଲା। ସେତେବେଳେ ଇରାନ ଶାସକ ମହମ୍ମଦ ରେଜା ପହଲାଭି ୱାଶିଂଟନ ସହ ବେସାମରିକ ଆଣବିକ ସହଯୋଗ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ୧୯୭୦ରେ ଇରାନ ଅଣୁଅସ୍ତ୍ର ଅପ୍ରସାର ଚୁକ୍ତିକୁ ମଞ୍ଜୁରୀ ଦେବା ସହ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)କୁ ଏହାର ଆଣବିକ ସାମଗ୍ରୀ ସମ୍ପର୍କରେ ଘୋଷଣାନାମା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ତେବେ ୨୦୦୦ର ପ୍ରଥମ ଭାଗରେ ତେହରାନର ଅଘୋଷିତ ଆଣବିକ ସ୍ଥଳକୁନେଇ ଚିନ୍ତା ବଢ଼ିଥିଲା। ବିଶ୍ୱସ୍ତ ଗୋଇନ୍ଦା ସୂତ୍ର ଆଧାରରେ ଆଇଏଇଏର ୨୦୧୧ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ୨୦୦୩ ପର୍ଯ୍ୟନ୍ତ ଇରାନ ଆଣବିକ ବିସ୍ଫୋରକ ଉପକରଣର ବିକାଶ ପାଇଁ କାର୍ଯ୍ୟ କରିଥିଲା। ସମୃଦ୍ଧିକରଣ କାର୍ଯ୍ୟ ସ୍ଥଗିତ ରଖିବା ପରେ ଇରାନ ୟୁରୋପୀୟ ଓ ଅନ୍ୟ ଅନ୍ତର୍ଜାତୀୟ ଶକ୍ତି ସହ ଆଲୋଚନା ଆରମ୍ଭ କରିଥିଲା, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଐତିହାସିକ ଚୁକ୍ତିନାମାରେ ଶେଷ ହୋଇଥିଲା।

୨୦୧୫ ଜୁଲାଇ ୧୪ରେ ଇରାନ ଏବଂ ଜାତିସଂଘ ସୁରକ୍ଷା ପରିଷଦର ୫ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ବ୍ରିଟେନ, ଚାଇନା, ଫ୍ରାନ୍ସ, ରୁଷିଆ ଏବଂ ଆମେରିକା ସହ ଜର୍ମାନୀ ଭିଏନା ସହମତିରେ ପହଞ୍ଚିଥିଲେ। ୧୨ ବର୍ଷର ସଙ୍କଟ ଏବଂ ୨୧ ମାସର ସକ୍ରିୟ ବୁଝାମଣା ପରେ ସଂଯୁକ୍ତ ବ୍ୟାପକ କାର୍ଯ୍ୟ ଯୋଜନା (ଜେସିପିଓଏ) ନାମରେ ଚୁକ୍ତି ହୋଇଥିଲା, ଯାହା ଦ୍ୱାରା ଇରାନ ଉପରେ ଲାଗିଥିବା କଟକଣା କୋହଳ କରାଯାଇ ଏହା ବଦଳରେ ଇରାନର ଆଣବିକ କାର୍ଯ୍ୟକ୍ରମ ଉପରେ କଟକଣା ବଢ଼ାଯାଇଥିଲା। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ଶାସନ କାଳରେ ୨୦୧୮ ମେ' ୮ରେ ଉକ୍ତ ଚୁକ୍ତିରୁ ଓହରିଯାଇ ଇରାନ ଉପରେ ପୁନର୍ବାର କଟକଣା ଲଗାଇଥିଲେ। ଆମେରିକା ଓହରିଯିବା ପରେ ଇରାନ ଏହାର ଆଣବିକ କାର୍ଯ୍ୟକ୍ରମକୁ ପୁଣି ବଢ଼ାଇଥିଲା। ଚୁକ୍ତି ଅନୁଯାୟୀ, ୩.୬୭% ସୀମାକୁ ଉଲ୍ଲଂଘନ କରି ତେହରାନ ଏହାର ୟୁରାନିୟମ ଏନ୍‌ରିଚ୍‌ମେଣ୍ଟ ପ୍ରଥମେ ୫ %, ପରେ ୨୦% ଓ ୨୦୨୧ରେ ୬୦%କୁ ବଢ଼ାଇଥିଲା। ଅଣୁଅସ୍ତ୍ରରେ ବ୍ୟବହାର ପାଇଁ ୟୁରାନିୟମ ଏନ୍‌ରିଚ୍‌ମେଣ୍ଟ ୯୦% ହେବା ଆବଶ୍ୟକ। ଇରାନ ପାଖରେ ବର୍ତ୍ତମାନ ଗଚ୍ଛିତ ଥିବା ଏନ୍‌ରିଚ୍‌ଡ ୟୁରାନିୟମ ପରିମାଣ ଚୁକ୍ତିରେ ଧାର୍ଯ୍ୟ ସୀମାଠାରୁ ୪୫ ଗୁଣ ଅଧିକ।

ଟ୍ରମ୍ପ ପୁଣିଥରେ କ୍ଷମତାକୁ ଆସିବା ପରେ ଓମାନ ମଧ୍ୟସ୍ଥତାରେ ଏପ୍ରିଲରେ ୱାଶିଂଟନ ଓ ତେହରାନ ମଧ୍ୟରେ ଆଲୋଚନା ହୋଇଥିଲା। ଇରାନ ଆଣବିକ ଚୁକ୍ତିରେ ସ୍ୱାକ୍ଷର କରିବ ବୋଲି ଟ୍ରମ୍ପ ଦୃଢ଼ ନିଶ୍ଚିତ ବୋଲି କହିଥିବାବେଳେ ଆଣବିକ ସ୍ଥଳ ଓ ସାମରିକ ଘାଟି ଉପରେ ଇସ୍ରାଏଲ୍‌ର ଆକ୍ରମଣ କୂଟନୀତି ପ୍ରତି ଝଟକା ବୋଲି ତେହରାନ କହିଥିଲା। ଗତ ମାସରେ ଆଇଏଇଏ ଦେଇଥିବା ତ୍ରୈମାସିକ ରିପୋର୍ଟରେ ଇରାନର ସମ୍ପ୍ରସାରିତ ଆଣବିକ କାର୍ଯ୍ୟକ୍ରମକୁ ନେଇ ଗମ୍ଭୀର ଉଦ୍‌ବେଗ ପ୍ରକାଶ କରିଥିଲା। ଇରାନ ଏବେ ଅଣୁଅସ୍ତ୍ର ହାସଲ କରି ନ ଥିଲେ ମଧ୍ୟ ୟୁରାନିୟମକୁ ୬୦ ପ୍ରତିଶତ ସମୃଦ୍ଧ କରିଛି। ଏହା ପାଖରେ ପର୍ଯ୍ୟାପ୍ତ ପରିମାଣର ଅସ୍ତ୍ର ପ୍ରସ୍ତୁତି ଯୋଗ୍ୟତାର ନିକଟବର୍ତ୍ତୀ ଉପାଦାନ ରହିଛି, ଯାହାକୁ ଅଧିକ ବିଶୋଧନ କଲେ ୯ରୁ ଊର୍ଦ୍ଧ୍ୱ ଆଣବିକ ବୋମା ପ୍ରସ୍ତୁତ କରାଯାଇପାରିବ। ତେବେ ଅଣୁଅସ୍ତ୍ର ନିର୍ମାଣ ଓ ଯୋଗାଣ ପାଇଁ ଇରାନ ପାଖରେ ବ୍ୟବସ୍ଥିତ କାର୍ଯ୍ୟକ୍ରମ ଥିବାର ସୂଚନା ମିଳି ନ ଥିବା ଆଇଏଇଏ କହିଥିଲା।



# ଷ୍ଟ୍ରେଟ୍ ଅଫ୍ ହର୍‌ମୁଜ ବନ୍ଦ ହେଲେ ଭାରତର ଇନ୍ଧନ ଆମଦାନୀ ପ୍ରଭାବିତ ହେବ

ନୂଆଦିଲ୍ଲୀ,୨୨।୬

ଇରାନର ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣ ପରେ ପାରସ୍ୟ ଉପସାଗର ଏବଂ ଆରବ ସାଗରକୁ ଯୋଡୁଥିବା ଷ୍ଟ୍ରେଟ୍ ଅଫ୍ ହର୍‌ମୁଜକୁ ଅବରୋଧ କରିବା ଲାଗି ତେହରାନ ସୂଚନା ଦେଇଥିବାରୁ ଏହାଦ୍ୱାରା ଭାରତ ସମେତ ବୈଶ୍ୱିକ ଏବଂ ଆଞ୍ଚଳିକ ଶକ୍ତି ଯୋଗାଣ ଗୁରୁତର ପ୍ରଭାବିତ ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହି ଜଳପ୍ରଣାଳୀ ଦେଇ ଦୈନିକ ବିଶ୍ୱର ପାଖାପାଖି ୩୦ ପ୍ରତିଶତ ତୈଳ ଏବଂ ଏକ-ତୃତୀୟାଂଶ ଏଲ୍‌ଏନ୍‌ଜି (ତରଳୀକୃତ ପ୍ରାକୃତିକ ଗ୍ୟାସ୍) ପରିବହନ ହୋଇଥାଏ। ଏହା ବନ୍ଦ ହେଲେ ଯୋଗାଣ ଗୁରୁତର ପ୍ରଭାବିତ ହେବା ସହ ତୈଳ ଓ ଗ୍ୟାସ୍ ଦର ବଢ଼ିଯିବ ବୋଲି ସେମାନେ ଆଶଙ୍କା କରିଛନ୍ତି। ଏହି ଷ୍ଟ୍ରେଟ୍ ବନ୍ଦ ହେଲେ ଭାରତର ଶକ୍ତି ନିରାପତ୍ତା ପ୍ରଭାବିତ ହେବ ବୋଲି ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ଲକ୍ଷ୍ମଣ କୁମାର ବେହେରା କହିଛନ୍ତି। ଭାରତୀୟ ନୌସେନାର ପୂର୍ବତନ ମୁଖପାତ୍ର କ୍ୟାପ୍‌ଟେନ୍ ଡି.କେ. ଶର୍ମା ମଧ୍ୟ ଅନୁରୂପ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ପହଲଗାମ୍ ଆକ୍ରମଣକାରୀଙ୍କୁ ସହାୟତା କରିଥିବା ୨ ଗିରଫ

ନୂଆଦିଲ୍ଲୀ,୨୨।୬

**୩ ଲଶ୍କର ଆତଙ୍କବାଦୀ ଚିହ୍ନଟ**

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ଠିକ୍ ୨ ମାସ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ୨ ଜଣଙ୍କୁ ଗିରଫ କରିଥିବା ରବିବାର ଘୋଷଣା କରିଛି। ସେମାନେ ଆକ୍ରମଣକାରୀଙ୍କୁ ଆଶ୍ରୟ ଦେବା ସହ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଥିଲେ। ଗିରଫ ୨ ଅଭିଯୁକ୍ତ ହେଲେ ପହଲଗାମ୍ ହିଲ୍ ପାର୍କ ଅଞ୍ଚଳର ପରଭେଜ୍ ଅହମଦ ଜୋଠାର ଏବଂ ବଶିର ଅହମଦ ଜୋଠାର। ଏପ୍ରିଲ ୨୨ ତାରିଖରେ ହୋଇଥିବା ଏହି ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୬ ଜଣ ଗୁରୁତର ଆହତ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ଏହି ଆକ୍ରମଣରେ ସମ୍ପୃକ୍ତ ୩ ଲଶ୍କର-ଇ-ତୋଇବା ଆତଙ୍କବାଦୀଙ୍କ ନାଁ ପ୍ରକାଶ କରିବା ସହ ସେମାନେ ପାକିସ୍ତାନୀ ଥିଲେ ବୋଲି କହିଛନ୍ତି।


ଏନ୍‌ଆଇଏ ତଦନ୍ତ ଅନୁଯାୟୀ, ପରଭେଜ୍ ଏବଂ ବଶିର ସେମାନଙ୍କ ଜାଣତରେ ୩ ସଶସ୍ତ୍ର ଆତଙ୍କବାଦୀଙ୍କୁ ହିଲ୍ ପାର୍କର ଏକ ଘରେ ଆଶ୍ରୟ ଦେଇଥିଲେ। ଏଥିସହିତ ସେମାନେ ଆତଙ୍କବାଦୀଙ୍କୁ ଖାଦ୍ୟ ଓ ଲଜିଷ୍ଟିକ୍ ସହାୟତା ଯୋଗାଇ ଦେଇଥିଲେ। ଏପ୍ରିଲ ୨୨ ଅପରାହ୍ନରେ ଉକ୍ତ ଆତଙ୍କବାଦୀମାନେ ପହଲଗାମ୍ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି ହିନ୍ଦୁମାନଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିଥିଲେ ବୋଲି ତଦନ୍ତ ରିପୋର୍ଟରେ କୁହାଯାଇଛି। ପରଭେଜ୍ ଏବଂ ବଶିରଙ୍କୁ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ), ୧୯୬୭ର ଧାରା ୧୯ରେ ଗିରଫ କରାଯାଇଛି।

# ଜଗନଙ୍କ ଗାଡ଼ି ମାଡ଼ିଯାଇ ଦଳୀୟ ସମର୍ଥକଙ୍କ ମୃତ୍ୟୁ

ଗୁଣ୍ଟୁର,୨୨।୬

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଗୁଣ୍ଟୁର ଜିଲାର ସାତ୍ତେନାପଲ୍ଲି ମଣ୍ଡଳ ଅନ୍ତର୍ଗତ ରେଣ୍ଟାପଲ୍ଲି ଗ୍ରାମକୁ ଯାଉଥିବାବେଳେ ତାଙ୍କ ଗାଡ଼ି ମାଡ଼ିଯାଇ ଜଣେ ୫୫ ବର୍ଷୀୟ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଯେଟୁକୁରୁ ନିକଟରେ ଗତ ବୁଧବାର ଏହି ଦୁଃଖଦ ଘଟଣା ଘଟିଥିବାବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରୁ ଉତ୍ତେଜନା ପ୍ରକାଶ ପାଇଛି। ଗୁଣ୍ଟୁର ଜିଲା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ଚିଲି ସିଙ୍ଗାଇଆଙ୍କ ଘର ଭେଙ୍ଗଲୟାପାଲେମ ଗ୍ରାମରେ ଓ ସେ ୱାଇଏସ୍‌ଆର୍‌ସିପିର ଜଣେ ସମର୍ଥକ। ଜଗନଙ୍କ ଗସ୍ତ ଅବସରରେ ତାଙ୍କୁ ସମ୍ମାନ ଜଣାଇବା ପାଇଁ ଚିଲି ଅନ୍ୟମାନଙ୍କ ସହ ଉପସ୍ଥିତ ଥିଲେ। କନ୍‌ଭୟରେ ଥିବା ଗାଡ଼ି ଅତିକ୍ରମ କରିବା ବେଳେ ପୁଷ୍ପବୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଚିଲି ଜଗନଙ୍କ କାର୍ ତଳେ ରହିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା। ରାଲି ପାଇଁ ପୋଲିସ ୧୧ଟି କାର ଓ ଅନ୍ୟ ୩ଟି ଗାଡ଼ିକୁ ଅନୁମତି ଦେଇଥିବାବେଳେ ୩୫ଟି କାର୍ ଓ ଅନେକ ଶହ ଲୋକ ସାମିଲ ହୋଇଥିଲେ ବୋଲି ଜଣାପଡ଼ିଛି।

ସେହିଦିନ ସାତ୍ତେନାପଲ୍ଲି କ୍ଲକ୍ ଟାୱାର ନିକଟରେ ଜଗନଙ୍କ ସମର୍ଥକମାନଙ୍କର ଏକ ସମାବେଶରେ ଜଣେ ୩୦ ବର୍ଷୀୟ ଦଳୀୟ ସମର୍ଥକଙ୍କ ମୃତ୍ୟୁ ଘଟିଛି। ଜୟବର୍ଦ୍ଧନ ରେଡ୍ଡୀ ନାମକ ଯୁବକ ଦଳୀୟ ସମାବେଶରେ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ଗୁଣ୍ଟୁର ସରକାରୀ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପାଲନାଡୁକୁ ଜଗନଙ୍କ ଗସ୍ତ ବେଳେ ଦଳୀୟ ସମର୍ଥକଙ୍କ ଏକ ପ୍ଲାକାର୍ଡ ପ୍ରଦର୍ଶନକୁ ନେଇ ବିବାଦ ଦେଖାଦେଇଥିଲା। ଉକ୍ତ ପ୍ଲାକାର୍ଡରେ ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ ପୁଷ୍ପା-୨ର ସଂଳାପ 'ରାପା ରାପା ନରୁକୁତା' ଲେଖାଯାଇଥିଲା, ଯାହାର ଅର୍ଥ ସେମାନଙ୍କୁ ଗୋଟିଏ ପରେ ଗୋଟିଏ କାଟି ପକାଇଦିଅ। ପୋଲିସ ଏନେଇ ମାମଲା ରୁଜୁ କରିଛି।



# ଡମାସ୍କସ୍ ଚର୍ଚ୍ଚରେ ବିସ୍ଫୋରଣ: ୨୦ ମୃତ

ଡମାସ୍କସ୍,୨୨।୬

ସିରିଆର ଡମାସ୍କସ୍‌ରେ ଥିବା ଏକ ଚର୍ଚ୍ଚରେ ରବିବାର ଆତ୍ମଘାତୀ ବିସ୍ଫୋରଣ ଘଟି ଅନ୍ୟୁନ ୨୦ ଜଣଙ୍କ ମୃତ୍ୟୁ ହେବା ସହ ୫୨ ଜଣ ଆହତ ହୋଇଛନ୍ତି। ମାର୍ ଏଲିଆସ୍ ଚର୍ଚ୍ଚରେ ଜଣେ ଆତ୍ମଘାତୀ ପ୍ରବେଶ କରି ବିସ୍ଫୋରଣ ଘଟାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଆକ୍ରମଣ ପଛରେ ଇସ୍‌ଲାମିକ୍ ଷ୍ଟେଟ୍ ଆତଙ୍କବାଦୀ ସଂଗଠନର ସଦସ୍ୟ ରହିଥିବା ସିରିଆ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ କହିଛି।

# ପାକିସ୍ତାନରୁ ଡ୍ରୋନ୍ ଯୋଗେ ପଞ୍ଜାବ ଅପରାଧୀଙ୍କ ପାଖକୁ ଆସୁଛି ତୁର୍କୀ ପିସ୍ତଲ

ଚଣ୍ଡିଗଡ଼,୨୨।୬

ପାକିସ୍ତାନରୁ ଡ୍ରୋନ୍ ଯୋଗେ ତୁର୍କୀ ନିର୍ମିତ ପିଏକ୍ସ୫ ପିସ୍ତଲ ପଞ୍ଜାବ ଆସୁଥିବା ଜଣାପଡ଼ିଛି। ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ଚାଲିଥିଲାବେଳେ ଇସ୍‌ଲାମାବାଦ ଛାଡ଼ିଥିବା ତୁର୍କୀ ଡ୍ରୋନ୍‌ଗୁଡ଼ିକୁ ଭାରତୀୟ ସେନା ଖସାଇଥିଲା। ଚଳିତ ମାସରେ ପାକିସ୍ତାନ ୪ ଥର ଡ୍ରୋନ୍ ଯୋଗେ ପିଏକ୍ସ୫ ପିସ୍ତଲ ଡ୍ରପ୍ କରାଇଥିବାବେଳେ ପଞ୍ଜାବ ପୋଲିସ ସେଗୁଡ଼ିକୁ ଜବତ କରିଛି। ତୁର୍କୀର ଟିସାସ୍ ଏହି ପିସ୍ତଲଗୁଡ଼ିକର ନିର୍ମାତା। ଗତ ଶନିବାର ଅମୃତସରରୁ ୩ଟି ପିଏକ୍ସ୫ ପିସ୍ତଲ ଜବତ ହୋଇଛି। ପୂର୍ବରୁ ଜିଗାନା ପିସ୍ତଲ ଜବତ ହୋଇଥିଲା। ପୂର୍ବରୁ ଅମୃତସର କମିଶନରେଟ୍ ପୋଲିସ ସ୍ଥାନୀୟ ଅପରେଟରଙ୍କୁ ଗିରଫ କରିବା ସହ ପାକ୍ ସମର୍ଥିତ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ (ବିକେଆଇ) ଟେରର ମଡ୍ୟୁଲକୁ ଧ୍ୱଂସ କରିଥିଲା। ବ୍ରିଟେନରେ ରହୁଥିବା ଧରମ ସିଂ ଓରଫ ଧରମ ସାନ୍ଧୁ ଏହି ମଡ୍ୟୁଲକୁ ଚଳାଉଥିଲେ। ତାଙ୍କ ନିକଟରୁ ୬ଟି ଅତ୍ୟାଧୁନିକ ବିଦେଶୀ ନିର୍ମିତ ପିସ୍ତଲ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତ ଓଁକାର ସିଂ ଓରଫ ନୱାବ ଅମୃତସରର ଜଲାଲୁସ୍‌ମା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଥିଲା। ପାକିସ୍ତାନରୁ ସୀମାପାର ଅସ୍ତ୍ର ଚୋରାଚାଲାଣରେ ୪ଟି ୯ଏମ୍‌ଏମ୍ ଗ୍ଲୋକ୍ ପିସ୍ତଲ ଏବଂ ୨ଟି ପଏଣ୍ଟ ୩୦ ବୋର୍ ପିଏକ୍ସ୫ ପିସ୍ତଲ ରହିଥିଲା। ଧରମ ସିଂଙ୍କର ପାକିସ୍ତାନୀ ଆତଙ୍କବାଦୀ ହରବିନ୍ଦର ସିଂ ଓରଫ ରିଣ୍ଡାଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିବା ଜଣାପଡ଼ିଛି।

# ଅପରେଶନ ସିନ୍ଧୁ: ଇରାନରୁ ସ୍ୱଦେଶ ଫେରିଲେଣି ୧,୪୨୮ ଜଣ

ନୂଆଦିଲ୍ଲୀ,୨୨।୬

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟରେ ଇରାନ ଏବଂ ଇସ୍ରାଏଲରେ ଫସି ରହିଥିବା ଭାରତୀୟମାନଙ୍କୁ ଉଦ୍ଧାର କରି ସ୍ୱଦେଶ ଫେରାଇ ଆଣିବା ପାଇଁ ଗତ ସପ୍ତାହରେ ଭାରତ ସରକାରଙ୍କ ପକ୍ଷରୁ 'ଅପରେଶନ ସିନ୍ଧୁ' ଆରମ୍ଭ କରାଯାଇଥିଲା। ରବିବାର ଏହି ଅପରେଶନ ଅନ୍ତର୍ଗତ ଇରାନର ମଶାଦରୁ ୩୧୧ ଜଣ ଭାରତୀୟଙ୍କୁ ନେଇ ଏକ ସ୍ୱତନ୍ତ୍ର ବିମାନ ଆସି ନୂଆଦିଲ୍ଲୀରେ ପହଞ୍ଚିଛି। ଏହାସହ ରବିବାର ସୁଦ୍ଧା ୧,୪୨୮ ଜଣ ଭାରତୀୟ ଇରାନରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଅପରେଶନ ସିନ୍ଧୁ ଅନ୍ତର୍ଗତ ଇସ୍ରାଏଲ ଏବଂ ଜୋର୍ଡାନରେ ଥିବା ଭାରତୀୟ ମିଶନଗୁଡ଼ିକର ମିଳିତ ପ୍ରୟାସରେ ୧୬୦ ଜଣ ଭାରତୀୟ ନାଗରିକଙ୍କୁ ଇସ୍ରାଏଲରୁ ଉଦ୍ଧାର କରାଯାଇ ଜୋର୍ଡାନ ସ୍ଥାନାନ୍ତରିତ କରାଯାଇଛି। ସୋମବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେମାନେ ଜୋର୍ଡାନରୁ ଭାରତ ପ୍ରତ୍ୟାବର୍ତ୍ତନ କରିବେ।

# ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ କରିବେ ଇସି

ନୂଆଦିଲ୍ଲୀ,୨୨।୬

**ବିହାର ନିର୍ବାଚନ**

ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହୋଇପାରେ। ନିର୍ବାଚନ ଆୟୋଗ (ଇସି) ଏହାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଭୋଟର ତାଲିକାରେ ସୁଧାର ଆଣିବା ପାଇଁ ଇସି ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟା ଆହୁରି ସ୍ୱଚ୍ଛ, ନିରପେକ୍ଷ ଏବଂ ବିଶ୍ୱସନୀୟ ହେବ ବୋଲି ଇସିଙ୍କ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ଗତ କିଛି ନିର୍ବାଚନରେ ଭୋଟର ତାଲିକାରେ ନାମ ଯୋଡ଼ାଯିବା ଏବଂ ନାମ ହଟାଯିବାକୁ କେନ୍ଦ୍ର କରି ଅନେକ ରାଜନୈତିକ ଦଳ ଏବଂ ସାମାଜିକ ସଙ୍ଗଠନ ଇସିଙ୍କ ଉପରେ ପ୍ରଶ୍ନ ଉଠାଇଥିଲେ।

# ରିୟାଧରେ ଏୟାରଇଣ୍ଡିଆ ବିମାନର ଜରୁରୀ ଅବତରଣ

ରିୟାଧ,୨୨।୬

ଇଂଲଣ୍ଡର ବର୍ମିଂହାମରୁ ଦିଲ୍ଲୀ ଆସୁଥିବା ଏୟାରଇଣ୍ଡିଆର ଫ୍ଲାଇଟ ଏଆଇ ୧୧୪କୁ ଶନିବାର ବୋମା ଧମକ ମିଳିଥିଲା। ଫଳରେ ବିମାନର ପଥ ପରିବର୍ତ୍ତନ କରାଯାଇ ସାଉଦି ଆରବର ରାଜଧାନୀ ରିୟାଧରେ ଏହାର ଜରୁରୀ ଅବତରଣ କରାଯାଇଥିଲା। ସମସ୍ତ ଯାତ୍ରୀ ବିମାନରୁ ସୁରକ୍ଷିତ ଅବତରଣ କରିବା ପରେ ଏହାର ସୁରକ୍ଷା ଯାଞ୍ଚ କରାଯାଇଥିଲା। ତେବେ ଏହି ଯାଞ୍ଚରୁ ସନ୍ଦିଗ୍ଧ ବସ୍ତୁ ମିଳି ନ ଥିଲା। ରବିବାର ଏୟାରଇଣ୍ଡିଆ ପକ୍ଷରୁ ବିବୃତି ଜାରିକରି ଏହି ସୂଚନା ଦିଆଯାଇଛି। ଯାତ୍ରୀମାନଙ୍କୁ ରିୟାଧରୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା ଏୟାରଇଣ୍ଡିଆ କହିଛି।

# ଦିଲ୍ଲୀରେ ଅଦିନିଆ ରଥଯାତ୍ରା

ନୂଆଦିଲ୍ଲୀ, ୨୨।୬

ଦିଲ୍ଲୀର କମଲା ନଗରରେ ରବିବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗଦେଇଥିଲେ। ଅନେକ ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ରଥଟଣା ହୋଇଥିଲା। ସ୍ଥାନୀୟ ଗୀତା ଭବନ ଏବଂ ପଞ୍ଚାୟତି ଭବନ ପକ୍ଷରୁ ଏହି ରଥଯାତ୍ରାର ଆୟୋଜନ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରେଖା ଦିଲ୍ଲୀବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଭୁ ଜଗନ୍ନାଥ ସର୍ବଦା ଦିଲ୍ଲୀ ତଥା ଦେଶବାସୀଙ୍କ ଉପରେ ଆଶୀର୍ବାଦ ବଜାୟ ରଖିଥାନ୍ତୁ ବୋଲି କାମନା କରିଥିଲେ। ତେବେ ଏହାକୁ ଏକ ଅଦିନିଆ ରଥଯାତ୍ରା ବୋଲି କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ରେଖାଙ୍କୁ ଟ୍ରୋଲ୍ କରିବା ସହ ରଥଯାତ୍ରାର ଆୟୋଜକଙ୍କୁ ସମାଲୋଚନା କରିଛନ୍ତି।



ଦିଲ୍ଲୀର କମଲା ନଗରରେ ରବିବାର ଆୟୋଜିତ ରଥଯାତ୍ରାରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଛନ୍ତି।

DADLS-35
ଓଡ଼ିଶା ସରକାର



**ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ**
୨୩ ଜୁନ୍, ୨୦୨୫
**ସକାଳ ୯.୩୦ ମିନିଟ:** ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ, ସତ୍‌ସଙ୍ଗ ବିହାର, ଭୁବନେଶ୍ୱରସ୍ଥିତ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ **ଶ୍ରୀମତୀ ସୁରମା ପାଢ଼ୀ**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।
ସନ୍ଧ୍ୟା ୭ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର
ମୁଖ୍ୟ ଅତିଥି :
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସଦୟ ଉପସ୍ଥିତି :
**ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ**, ମାନ୍ୟବର ମନ୍ତ୍ରୀ
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
**ଶ୍ରୀଯୁକ୍ତ ବାବୁ ସିଂ**, ମାନ୍ୟବର ବିଧାୟକ, ଏକାମ୍ର-ଭୁବନେଶ୍ୱର
**ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂହ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା:
**ପ୍ରଫେସର ବସନ୍ତ କୁମାର ପଣ୍ଡା**, ପ୍ରାକ୍ତନ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ର, ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାର
ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ
ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ ।
**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**
OIPR-15001/13/0717/2526

# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ | Bhubaneswar, Monday, June 23/2025 | ପୃଷ୍ଠା-୧




**ବୁମ୍‌ରାଙ୍କୁ ୫ ଉଇକେଟ ସଫଳତା**

ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ବୋଲର ଯଶପ୍ରୀତ୍ ବୁମ୍‌ରା।

୧୨

୦୮

**ମେଟ୍ରୋ ଟ୍ରେନ୍‌ରେ ବୁଲିଲେ ବରୁଣ, ଆହାନ**

ପୁଣେ ସହରର ମେଟ୍ରୋ ଟ୍ରେନ୍‌ରେ ଅଭିନେତା ବରୁଣ ଧାୱନ ଓ ଆହାନ ଶେଟ୍ଟୀ ଯାଉଥିବା ବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।






ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଥିବା ୧୮ତମ ସିନିୟର ନ୍ୟାଶନାଲ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ପ୍ରତିଯୋଗୀମାନେ ପୁଲ୍‌କୁ ଲମ୍ଫ ପ୍ରଦାନ କରୁଛନ୍ତି। **(ଫଟୋ– ବିକାଶ ନାୟକ)**

# ୨ ଦଳିତଙ୍କୁ ଅଧା ଲଣ୍ଡାକରି ଆଣ୍ଠୁରେ ଚଲେଇଲେ

ଧରାକୋଟ,୨୨।୬
(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗାଁରେ କେତେଜଣ ଲୋକ ଗୋଟାଲାଣ ଅଭିଯୋଗ ଆଣି ୨ଜଣ ଦଳିତଙ୍କୁ ରବିବାର ଅକଥନୀୟ ନିର୍ଯାତନା ଦେଇଛନ୍ତି। କଙ୍ଗାରୁ କୋର୍ଟ କରି ସେମାନଙ୍କୁ ଟଙ୍କା ମଗାଯାଇଥିଲା। ନ ଦେବାରୁ ୨ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ୨ କି.ମି. ଚଲାଇବା ସହ ନର୍ଦ୍ଦମା ପାଣି ପିଆଇଛନ୍ତି ଲୋକେ।

## ଗୋଟାଲାଣକୁ ନେଇ କଙ୍ଗାରୁ କୋର୍ଟ

ଖବରରୁ ଜଣାପଡ଼ିଛି, ଝିଅକୁ ଯୌତୁକ ଦେବା ପାଇଁ ୨ ଦଳିତ ବ୍ୟକ୍ତି ରବିବାର ହରିପୁରରୁ ୩ଟି ଗାଈ ଧରି ସିଙ୍ଗିପୁର ଯାଉଥିଲେ। ଖାରିଗୁମ୍ମାରେ ତାଙ୍କୁ କେତେଜଣ ଲୋକ ଅଟକାଇ ଗୋ ଚାଲାଣ କରୁଥିବା ଅଭିଯୋଗ କରି ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ଉଭୟଙ୍କୁ ମାଡ଼ ମାରିଥିଲେ। ☞ପୃଷ୍ଠା–୨

# ଯୁକ୍ତ୩ ଦ୍ୱିତୀୟ ମେଧା ତାଲିକା ପ୍ରକାଶ

ଭୁବନେଶ୍ୱର,୨୨।୬(ସୁଚିସ୍ମିତା ସାହୁ)

ଚଳିତବର୍ଷ ଯୁକ୍ତ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଛି। ରବିବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ମେଧାତାଲିକା ସହ କଟ୍‌ଅଫ୍ ମାର୍କ ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ୪୫ହଜାର ୫୦୨ଜଣ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଏଥିମଧ୍ୟରୁ ୨୦ହଜାର ୩୧ଜଣ ଛାତ୍ର ରହିଥିବା ବେଳେ ୨୫ ହଜାର ୪୬୮ଜଣ ଛାତ୍ରୀ ଏବଂ ୩ଜଣ ଟ୍ରାନ୍ସଜେଣ୍ଡର ରହିଛନ୍ତି। ତେବେ କଟ୍‌ଅଫ୍ ମାର୍କରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କଳା, ବିଜ୍ଞାନ ଓ ବାଣିଜ୍ୟରେ ସବୁଠାରୁ ଆଗରେ ରହିଛି। କଳା ବିଭାଗର ରାଜନୀତି ବିଜ୍ଞାନରେ ସର୍ବାଧିକ ୯୧% କଟ୍‌ଅଫ୍ ମାର୍କ ରହିଛି। ବିଜ୍ଞାନ ବିଭାଗର ଫିଜିକ୍ସରେ ୯୨.୮୦% କଟ୍‌ଅଫ୍ ମାର୍କ ରହିଥିବାବେଳେ ଜୈବିକ ବିଜ୍ଞାନରେ ୯୨.୨୦% ଓ ବାଣିଜ୍ୟ ବିଭାଗରେ ୮୯.୮୩% କଟ୍‌ଅଫ୍ ମାର୍କ ରହିଛି। ଅନ୍ୟପଟେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ(ଡିଗ୍ରୀ) କଲେଜର ଶାସ୍ତ୍ରୀ ବିଭାଗରେ ୬୦% ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ** ପଶିଲା ଆମେରିକା

# ୭,୭୯୭ ପରିବର୍ତ୍ତେ ଏବେ ୨୨ କିସମ

## ରାଜସ୍ୱ ବିଭାଗର ସଂକଳ୍ପ

### ୭୫୦ ପ୍ରକାର ସ୍ୱତ୍ୱ ୪କୁ ହ୍ରାସ

ଭୁବନେଶ୍ୱର,୨୨।୬
(ରବିନାରାୟଣ ଜେନା)

ଲୋକଙ୍କୁ କିଭଳି ରାଜସ୍ୱ ସେବା ହାତ ପାହାନ୍ତାରେ ମିଳିପାରିବ ତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଉଛି। ନିକଟରେ ଜମି ପ୍ଲଟିଂ କିଣାବିକାଠାରୁ ଆରମ୍ଭ କରି ଜମି କିସମ ପରିବର୍ତ୍ତନ ବା କନ୍‌ଭରଶନ ଓ ବିବିଧ ପ୍ରମାଣପତ୍ର ପର୍ଯ୍ୟନ୍ତ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିବାବେଳେ ଶନିବାର ବିବିଧ କିସମ ଉପରେ ରାଜସ୍ୱ ବିଭାଗ ଏକ ସଂକଳ୍ପ ଜାରି କରିଛି। ରାଜ୍ୟରେ ବ୍ରିଟିଶ ଅମଳରୁ ପ୍ରଚଳିତ ହେଉଥିବା ଜମିଜମାର କିସମ ପ୍ରକ୍ରିୟାକୁ ଉଚ୍ଛେଦ କରିବା ସହିତ ଏହାକୁ ସରଳୀକରଣ ଦିଗରେ ବିଭାଗ ପଦକ୍ଷେପ ନେଇଛି। ପୂର୍ବରୁ ପ୍ରଚଳିତ ୭,୭୯୭ କିସମକୁ ହଟାଇ ୨୨ ପ୍ରକାର କିସମରେ ସୀମିତ କରାଯାଇଛି। ଏଥିସହିତ ବିଭିନ୍ନ ସତ୍ୱକୁ ୪ ଟି ମଧ୍ୟରେ ରଖାଯାଇ ଏକ ସଂକଳ୍ପ ଜାରି କରାଯାଇଛି।

ଏନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଜାରି କରିଥିବା ସଂକଳ୍ପ ଅନୁଯାୟୀ, ଜମିର ବିଭକ୍ତୀକରଣ ବିଭିନ୍ନ ପ୍ରକାରରେ ହୋଇଥାଏ। ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ନିୟମ–୧୯୬୨ ଅନୁଯାୟୀ, କେଉଁ ଜମିରେ କିପ୍ରକାର ଫସଲ ହେଉଛି ବା ମୃତ୍ତିକା ଓ ସ୍ଥିତାବସ୍ଥା ନେଇ ଜମିର କିସମ ନିରୂପଣ କରାଯାଇଥାଏ। ସମ୍ପ୍ରତି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଏହି କିସମ ଜମିଜମା ସେବା ଲୋକଙ୍କୁ ପ୍ରଦାନରେ ଅନ୍ତରାୟ ସୃଷ୍ଟି କରୁଛି। ଜମିର ସ୍ୱତ୍ୱ ଅନେକ ସମୟରେ ଅଧିକାରୀଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏବେ ରାଜ୍ୟରେ ୭,୭୯୭ କିସମର ଜମି ରହିଛି। ଏହାସହିତ ୭୫୦ ପ୍ରକାର ସ୍ୱତ୍ୱ ରେକର୍ଡ ଅଫ୍ ରାଇଟ୍ସରେ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜମିଜମାର ଡିଜିଟାଇଜେଶନ କରିବା ବେଳକୁ ଭୂଲେଖ ଓ ଭୂନକ୍ସା ପୋର୍ଟାଲରେ ଅନେକ ସମସ୍ୟା ଦେଖାଦେଉଛି। ସ୍ଥିତିର ଜରୁରୀ ଆବଶ୍ୟକତାକୁ ଅନୁଭବ କରି ଜମିର ବିଭକ୍ତୀକରଣକୁ ୨୨ମଧ୍ୟରେ ସୀମିତ ରଖିବାକୁ ସରକାରୀସ୍ତରରେ ନିଷ୍ପତ୍ତି ନିଆଯାଇଛି।

ସଂକଳ୍ପରେ କୁହାଯାଇଛି ଯେ, ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ବିବିଧ କିସମର ଅସୁବିଧା ସହିତ ଜମିର କର ବା ଖଜଣା ଧାର୍ଯ୍ୟ କରିବା, ମୂଲ୍ୟାୟନ କରିବା ଓ ବନ୍ଦୋବସ୍ତର ସରଳ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାବାଦ୍ ସରକାରଙ୍କ 'ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ' ନୀତିକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଲୋକଙ୍କୁ ସହଜରେ ଜମି ହସ୍ତାନ୍ତର, କୃଷକଙ୍କୁ ଫସଲତ୍‌ଜନିତ କ୍ଷତି ତୁରନ୍ତ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ସରକାର ଏବେ ୨୨ ପ୍ରକାର ଜମି କିସମରେ ସୀମିତ ରଖିବାକୁ ଚାହୁଁଛନ୍ତି। ରାଜ୍ୟ ସରକାର ଏହା ଉପରେ ଯତ୍ନର ସହିତ ବିଚାର କରିବା ପରେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜମି କିସମ କରିବା ଉପରେ ନିଷ୍ପତ୍ତି ନେଇଛନ୍ତି। ଏହି ୨୨ ପ୍ରକାର ଜମି କିସମ ମଧ୍ୟରେ ଜଳସେଚିତ ଦୋଫସଲି, ଜଳସେଚିତ ଏକଫସଲି, ଅଣଜଳସେଚିତ, ବଗାୟତ, ଜଳାଶୟ, ଘରବାରି, ବ୍ୟବସାୟିକ, ଖଣି ଖାଦାନ, ଆନୁଷ୍ଠାନିକ, ଜଙ୍ଗଲ, ଉନ୍ନୟନ ଯୋଗ୍ୟ, ନାଳ, ନୟନଯୋରି, ଗୋଚର, ନଦୀ, ରାସ୍ତା, ରେଳ ଲାଇନ୍, ଶ୍ମଶାନ, କବରସ୍ଥାନ, ସମୁଦ୍ର, ପତିତ ଏବଂ ପାହାଡ଼ କିସମ ରହିଛି।

ସେହିପରି ସଂକଳ୍ପରେ ରାଜ୍ୟରେ ଥିବା ୭୫୦ ପ୍ରକାର ଜମିର ସ୍ୱତ୍ୱକୁ ଉଚ୍ଛେଦ କରି ମାତ୍ର ୪ପ୍ରକାର ସ୍ୱତ୍ୱରେ ସୀମିତ ରଖାଯାଇଛି। ସେଥିମଧ୍ୟରେ ରୟତି/ସ୍ଥିତିବାନ, ପଟ୍ଟାଦାର, ଧର୍ମାନୁଷ୍ଠାନ ଓ ଅମୃତମଣୋହି ରହିଛି। ଏହାବାଦ୍ ଜମିଜମା ସମସ୍ୟାର ସମାଧାନ ପାଇଁ ରାଜସ୍ୱ ପର୍ଷଦ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସେଥିମଧ୍ୟରେ ସଚିବ ଅଧ୍ୟକ୍ଷ ରହିଥିବାବେଳେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ(ସିଏସ୍ଆଣ୍ଡଏସ୍) ଆବାହକ ରହିଛନ୍ତି। ଏହାବାଦ୍ ଚକବନ୍ଦୀ ଓ ବନ୍ଦୋବସ୍ତ ନିର୍ଦ୍ଦେଶକ, ରାଜସ୍ୱ ବିଭାଗ ଅତିରିକ୍ତ ସଚିବ(ଆର୍ଆଣ୍ଡଆର୍), ଅତିରିକ୍ତ ସଚିବ ଏଲ୍ଆର୍‌ଜିଇ, ଅତିରିକ୍ତ ସଚିବ ପଞ୍ଜୀକରଣ, ଏନ୍ଆଇସି ପ୍ରତିନିଧି ସଭ୍ୟ ରହିଛନ୍ତି ବୋଲି ସଂକଳ୍ପରେ ଉଲ୍ଲେଖ ରହିଛି।

# ଇରାନରେ ଆମେରିକାର ଅପରେଶନ 'ହାମର'

## ୩ ଆଣବିକ କେନ୍ଦ୍ରରେ ଏୟାରଷ୍ଟ୍ରାଇକ୍

ଇସ୍ରାଏଲ–ଇରାନ୍ ଯୁଦ୍ଧ ଦଶମ ଦିନରେ ପହଞ୍ଚିଥିବାବେଳେ ଆମେରିକା ଏଥିରେ ନିଜକୁ ସାମିଲ କରିଛି। ଆମେରିକୀୟ ସେନା ରବିବାର ଭୋର ସମୟରେ ମଧ୍ୟପ୍ରାଚ୍ୟର ଦୁଇ ମହାଶକ୍ତିଙ୍କ ସାମରିକ ସଂଘର୍ଷ ମଝିକୁ ଲମ୍ଫ ମାରି ଇରାନ୍‌ର ୩ ପ୍ରମୁଖ ଆଣବିକ ସ୍ଥଳରେ ମିଶାଇଲ ମାଡ଼ କରିଛି। ଅପରେଶନ 'ହାମର' ନାମରେ ଆମେରିକାର ଏହି ଏୟାରଷ୍ଟ୍ରାଇକ୍‌ରେ ଫାର୍ଦୋ, ନତାଞ୍ଜ ଓ ଇଶଫାହାନ୍ ଆଣବିକ କେନ୍ଦ୍ରର ପ୍ରଭୂତ କ୍ଷତି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଏହାକୁ ଏକ ବଡ଼ ସଫଳତା ବୋଲି ଅଭିହିତ କରିବା ସହ ଇରାନ୍ ପ୍ରତିଶୋଧ ନେଲେ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଆକ୍ରମଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ମଧ୍ୟପ୍ରାଚ୍ୟକୁ ସୁରକ୍ଷିତ କରିଥିବାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ଓ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେରିକାର ଇରାନ୍ ଆକ୍ରମଣ ପୂର୍ବରୁ ଇସ୍ରାଏଲ୍‌କୁ ଏନେଇ ଅବଗତ କରାଯାଇଥିଲା ବୋଲି ନେତାନ୍ୟାହୁ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଆମେରିକା ଏୟାରଷ୍ଟ୍ରାଇକ୍‌ର ଜବାବ ଦେବାକୁ ଯାଇ ଇରାନ୍ ଇସ୍ରାଏଲ୍ ଉପରେ ତୁହାକୁ ତୁହା ମିଶାଇଲ୍ ଆକ୍ରମଣ ଜାରି ରଖିଛି। ଇରାନୀୟ ଆଣବିକ କେନ୍ଦ୍ରରେ ଆମେରିକୀୟ ବମ୍ବର ଆକ୍ରମଣକୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ବିପଜ୍ଜନକ ଓ ଉତ୍ତେଜନା ସୃଷ୍ଟିକାରୀ ବୋଲି ଅଭିହିତ କରିବା ସହ ସଂଯମ ରହିବାକୁ ପକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି। ରୁଷିଆ, ଚାଇନା ଓ ଇରାନର ଅନ୍ୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଆମେରିକାର କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି।



ଡୋନାଲ୍ଡ ଟ୍ରମ୍ପ




ଆମେରିକା ଆକ୍ରମଣ କରିଥିବା ଇରାନର ୩ ପରମାଣୁ କେନ୍ଦ୍ର

ୱାଶିଂଟନ୍/ ତେହରାନ୍/ ତେଲଆଭିଭ୍,୨୨।୬
(ରଏଟର୍ସ/ ଏପି/ ଟାଇମ୍ସ ଅଫ୍ ଇସ୍ରାଏଲ)

ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସୀମା ବୃଦ୍ଧି ପାଇଛି। ହମାସ୍ ସହ ଇସ୍ରାଏଲର ଯୁଦ୍ଧ ୬୨୫ ଦିନରେ ପହଞ୍ଚିଥିବାବେଳେ ଗାଜାର ଏହି ସଶସ୍ତ୍ର ଆତଙ୍କବାଦୀ ଶାସକ ସହ ୟେମେନ୍‌ର ହୁତି ଓ ଲେବାନନ୍‌ର ହେଜ୍‌ବୋଲ୍ଲାକୁ ସହଯୋଗ କରିଆସୁଥିବା ଇରାନ୍ ସହିତ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) ଗତ ୧୩ ତାରିଖରୁ ମୁହାଁମୁହିଁ ଅବସ୍ଥାରେ ରହିଛି। ଇରାନ୍ ପରମାଣୁ ☞ପୃଷ୍ଠା–୨

# ଭୂ-ରାଜନୈତିକ ଉତ୍ତେଜନାରୁ କର୍ମକ୍ଷେତ୍ର ପ୍ରଭାବିତ

ନୂଆଦିଲ୍ଲୀ, ୨୨।୬

ସମ୍ପ୍ରତି ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ସମେତ ବିଭିନ୍ନ ଭୂ-ରାଜନୈତିକ ଉତ୍ତେଜନା ଭାରତୀୟ କର୍ମକ୍ଷେତ୍ରଗୁଡ଼ିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବରେ ୬୩% ଭାରତୀୟ କମ୍ପାନୀ ନିଜର ନିଯୁକ୍ତିକୁ ସ୍ଥଗିତ ରଖିଛନ୍ତି କିମ୍ବା ନିଯୁକ୍ତିକୁ କମାଉଥିବା ନେଇ ରବିବାର ଷ୍ଟାଫିଙ୍ଗ୍ ସଲ୍ୟୁଶନ୍ସ ଏବଂ ଏଚ୍ଆର୍ ସର୍ଭିସ୍ ପ୍ରୋଭାଇଡର 'ଜିନିୟସ୍ କନ୍‌ସଲ୍‌ଟାଣ୍ଟସ୍' ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୬୩% ଉତ୍ତରଦାତା ସେମାନଙ୍କ କମ୍ପାନୀ ପକ୍ଷରୁ ସମ୍ପ୍ରତି ନିଯୁକ୍ତି ସ୍ଥଗିତ ରହିଛି କିମ୍ବା କମ୍ପାନୀ ଦ୍ୱାରା ବିଭିନ୍ନ ଟିମ୍‌ର ସଦସ୍ୟ ସଂଖ୍ୟାକୁ ହ୍ରାସ କରାଯାଉଛି ବୋଲି କହିଛନ୍ତି। ସେହିପରି ସାମ୍ପ୍ରତିକ ସ୍ଥିତିରେ ସେମାନଙ୍କ କମ୍ପାନୀ ପକ୍ଷରୁ ନିଯୁକ୍ତି ପାଇଁ ଚୁକ୍ତିଭିତ୍ତିକ କିମ୍ବା ଫ୍ରିଲାନ୍ସ ଆଦି ବିଭିନ୍ନ ପଦ୍ଧତିକୁ ଆପଣାଯାଉଛି ବୋଲି ୧୫% ଉତ୍ତରଦାତା କହିଛନ୍ତି। ୩୬% କର୍ମଚାରୀ କହିଛନ୍ତି, ଭୂ-ରାଜନୈତିକ ଅସ୍ଥିରତା ବଢୁଥିବାରୁ ସେମାନଙ୍କର ଦରମା ବୃଦ୍ଧି, ବୋନସ୍ କିମ୍ବା ଆପ୍ରାଇଜାଲ ପ୍ରଭାବିତ ହୋଇଛି। ୨୧% ଉତ୍ତରଦାତା କହିଛନ୍ତି, ସେମାନଙ୍କ ଉପରେ କାର୍ଯ୍ୟଚାପ ବଢ଼ିଛି ଏବଂ ସେମାନଙ୍କର ଅନେକ ପ୍ରୋଜେକ୍ଟର ସମୟସୀମା ମଧ୍ୟ ବୃଦ୍ଧି ପାଉଛି। ୨୨% ଉତ୍ତରଦାତା କହିଛନ୍ତି, ସେମାନଙ୍କ ଅନ୍ତର୍ଜାତୀୟ ବ୍ୟବସାୟିକ ସମ୍ପର୍କ ଏବଂ ଯାତ୍ରା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେହିପରି ୨୧% କର୍ମଚାରୀ କହିଛନ୍ତି, ଭୂ-ରାଜନୈତିକ ଉତ୍ତେଜନା ପ୍ରଭାବରେ ସେମାନଙ୍କ ଟିମ୍‌ର ମନୋବଳ ଏବଂ ନିଯୁକ୍ତି ଆତ୍ମବିଶ୍ୱାସ ହ୍ରାସ ☞ପୃଷ୍ଠା–୨



**୬୩% ଭାରତୀୟ କମ୍ପାନୀ ସ୍ଥଗିତ ରଖିଛନ୍ତି ନିଯୁକ୍ତି**

# ଅଘଟଣଶୂନ୍ୟ ରଥଯାତ୍ରାକୁ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଅଘଟଣଶୂନ୍ୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଧାର୍ଯ୍ୟ ସମୟରେ ନୀତିକାନ୍ତି ସମ୍ପନ୍ନ କରିବା, ଶୃଙ୍ଖଳିତ ଦର୍ଶନ ସମେତ ଭକ୍ତଙ୍କ ସୁରକ୍ଷାକୁ ସେ ଗୁରୁତ୍ୱ ଦେଇଛନ୍ତି। ରବିବାର ପୁରୀ ପୌର ସଦନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତୃତୀୟ ତଥା ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିବା ସହ ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ସୂଚନା ଦେଇଛନ୍ତି। ପୋଲିସ, ଟ୍ରାଫିକ, ଅଗ୍ନିଶମ ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗ ନେଇପାରିବେ, ସେଥିପ୍ରତି ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲାରେ ଡାଇରିଆ ସ୍ଥିତି ଥିବାରୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନ ହୁଏ, ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହଯୋଗ କାମନା କରିଥିଲେ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆମ ସଂସ୍କୃତିର ସବୁଠୁ ଗୌରବମୟ ପରିଚୟ। ଏହାର ସୁପରିଚାଳନା ଏକ ପବିତ୍ର କର୍ତ୍ତବ୍ୟ। ତେଣୁ ସମସ୍ତେ ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି ରଥଯାତ୍ରାକୁ ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ଅତିଥିମାନେ ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ। ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ, ଶ୍ରୀମନ୍ଦିର ଭିତରେ, ବାହାରେ ଓ ରଥ ଚାରିପଟେ ପୋଲିସ ମୁତୟନ ସହ ଭିଡ଼, ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟାପକ ଫୋର୍ସ ମୁତୟନ କରାଯିବ। ସେହିପରି ପାଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ମୁତୟନ କରାଯାଇଛି। ପୁରୀ – ଭୁବନେଶ୍ୱର, ପୁରୀ – କୋଣାର୍କ ରାସ୍ତା ସହିତ ପୁରୀର ବିଭିନ୍ନ ଅଞ୍ଚଳକୁ ମିଶାଇ ୨୭୫ଟି ☞ପୃଷ୍ଠା–୨



**ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ**

- ଶୃଙ୍ଖଳିତ ନୀତିକାନ୍ତି, ଭକ୍ତଙ୍କ ସୁରକ୍ଷା ଉପରେ ଗୁରୁତ୍ୱ
- ଏଆଇ କ୍ୟାମେରା, ଡ୍ରୋନ୍ ନଜରରେ ରହିବ ପୁରୀ

**ଆଜିର ମନ୍ତବ୍ୟ**

"ଆଗକୁ କ'ଣ ଘଟିବ ତାହା ଇରାନ୍ ଉପରେ ନିର୍ଭର କରେ। ଇରାନ୍ ଶାସକ ଶାନ୍ତି ଚାହିଁଲେ ଆମେ ମଧ ଶାନ୍ତି ପାଇଁ ପ୍ରସ୍ତୁତ। ସେମାନେ ଭିନ୍ନ କିଛି ଚାହୁଁଥିଲେ ନିଜ ବାୟୁସୀମାକୁ ବି ସୁରକ୍ଷା ଦେଇପାରିବେ ନାହିଁ। –ମାର୍କୋ ରୁବିଓ, ଆମେରିକା ପରରାଷ୍ଟ୍ର ସଚିବ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥମାଟିକ୍ସ ଆଣ୍ଡ ଆପ୍ଲିକେଶନରେ ପାଠାଗାର ଉନ୍ମୋଚନ, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ପରିସର, ଅନ୍ଧାରୁଆ, ସମୟ: ପୂର୍ବାହ୍ନ ୧୧ଟା।
- ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସରେ ମାଲ୍ୟାର୍ପଣ, ସ୍ଥାନ: ଡ. ଶ୍ୟାମାପ୍ରସାଦ ପାର୍କ, ସତ୍‌ସଙ୍ଗ ବିହାର, ସମୟ: ସକାଳ ୯ଟା ୩୦। ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ଟା।

## କଟକ

- କଟକ ସତ୍‌ସଙ୍ଗ ବିହାରର ୫୦ତମ ପ୍ରତିଷ୍ଠା ଦିବସ ଓ ଶ୍ରୀଶ୍ରୀ ବଡ଼ଦାଙ୍କ ପୁଣ୍ୟ ଆଗମନୀ ସ୍ମୃତି ଉତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ପରିସର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ଆନୁକୂଲ୍ୟରେ ଦ୍ୱିମାସିକ ଭାଷା–ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶୁଦ୍ଧ ସୁଆରଙ୍କ ଗୃହରୁ ମହାପ୍ରଭୁଙ୍କ ପାଇଁ ଖଳି ବିଜେ, ସ୍ଥାନ: ଦୋଳମଣ୍ଡପ ସାହି, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଏସି ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପରିଚାଳନାରେ ଅଭିଯୋଗ ଶିବିର, ସ୍ଥାନ: ଏନ୍‌ଏସି ଟାଉନ ହଲ୍, ସମୟ: ଅପରାହ୍ନ ୩ଟା।
- ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନୀଳାଦ୍ରି କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ରଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗ ମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ପ୍ରେସ କ୍ଲବ ବୈଠକ, ସ୍ଥାନ: ପ୍ରେସ କ୍ଲବ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସମ୍ମିଳନୀ କକ୍ଷ, ବନ୍ତ, ସମୟ: ସକାଳ ୭ଟା।
- ଭାଜପା ପକ୍ଷରୁ ବଳିଦାନ ଦିବସ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ବଳିଦାନ ଦିବସ, ସ୍ଥାନ: ହୋଟେଲ ପଦ୍ମା, ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ସ୍ଥାନ: ପାଟଣା ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ

- ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଯୁବଶକ୍ତି ସମାବେଶ, ସ୍ଥାନ: ଆସିକା ବିଜ୍ଞାନ ମହାବିଦ୍ୟାଳୟ ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ପଞ୍ଚାୟତସ୍ତରୀୟ ଏକାଭିମୁଖୀ ମେଳା, ସ୍ଥାନ: ସ୍କୁଲ ପଡ଼ିଆ ଲାଇନପଡ଼ା ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଦଶମାଣପାଟଣା ଗ୍ରାମପଞ୍ଚାୟତ, କାର୍ଯ୍ୟାଳୟ, ଗଁଦିଆ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ୨ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଆଳି, ସମୟ: ସକାଳ ୧୦ଟା।

## ଯାଜପୁର

- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା।

## ରାୟଗଡ଼ା

- ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଧାୟକଙ୍କ ସମୀକ୍ଷା, ଅଭିଯୋଗ ଶୁଣାଣି, ସ୍ଥାନ: ଖେମୁଣ୍ଡୁଗୁଡା ଓ ନନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଉମୁଡି, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ବାବା ମଠେଶ୍ୱର ପୀଠ ଆୟୋଜନରେ ଯଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଖର୍ସନମାଲର ଖଇରମାଲ ଗ୍ରାମ, ସକାଳ ୮ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ବେଲପଡା ପଞ୍ଚାୟତ ସମିତି, ବେଲପଡା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟରେ ଆଧ୍ୟାତ୍ମିକ ସଭା, ସ୍ଥାନ: ଡାଇମଣ୍ଡ ଭବନ, ସମୟ: ସକାଳ ୭ଟା ୩୦।
- ସିଏଚ୍‌ଏସ୍‌ଇ ଓ ଏନ୍‌ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମର ୨ୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ବଞ୍ଚାଅ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୯, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣର ୨ୟ ଦିବସ, ସ୍ଥାନ: ବାସନ୍ତୀ କଲୋନି, ରାଧାକୃଷ୍ଣ ମନ୍ଦିର, ସମୟ: ସନ୍ଧ୍ୟା ୫ଟା ୩୦।
- ଇନ୍ଦ୍ରଧନୁର ସପ୍ତରଙ୍ଗ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର–୧୯, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲାପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋଇଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କୋକସରା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରଥଯାତ୍ରା ପ୍ରସ୍ତୁତି ପାଇଁ ବୃତାନ୍ତ ବୈଠକ, ସ୍ଥାନ: ନୂଆଗୁଡା, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୪ଟା।
- ନବନିର୍ମିତ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ଉତ୍ସବର ପାର୍ଶ୍ୱଦେବତା, ଦ୍ୱାରଦେବତା, ମୁଖ୍ୟଦେବତା ସିଂହାସନେ ବିଜେ ସହିତ ପୂର୍ଣ୍ଣାହୁତି, ସ୍ଥାନ: ଲାଞ୍ଜିଗଡ଼ ମାଉସୀ ମା' ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୩୦।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ତଲଙ୍ଗା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କେଲ୍‌ଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ରାଜା ବାସୁଦେବ ହାଇସ୍କୁଲ, ଦେବଗଡ଼ ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାକୃତିକ କୃଷି ପ୍ରଣାଳୀରେ ଚାଷ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠ ସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଅଣସର ଘରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ଉପଚାର ଓ ପୂଜାର୍ଚ୍ଚନା, ସ୍ଥାନ: ତରଭା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୧୦।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଡେନ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ମୁଖଭାବସ୍ଥ ଚନ୍ଦ୍ର ଯୋଗୁ ମିଠାକଥା କହି କାମ ହାସଲ କରିବାର ପ୍ରକୃଷ୍ଟ ଦିନଟିଏ। ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ଅଭିବୃଦ୍ଧି ଅବଶ୍ୟମ୍ଭାବୀ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା, ବାଣିଜ୍ୟ, ପରିବହନ, ବନ୍ଧୁ ବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ସବୁ କଥାକୁ ଭଲରୂପେ ବିଚାର ନ କଲେ ଅସୁବିଧା ଭୋଗିବେ।

**ବୃଷ** – ଉଚ୍ଚସ୍ଥ ଚନ୍ଦ୍ରଙ୍କ ପ୍ରଭାବରେ ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ରହିବନାହିଁ। ରବି ଓ ବୁଧଙ୍କ ସ୍ଥିତି ପାରିବାରିକ ଓ କର୍ମକ୍ଷେତ୍ରକୁ ନିରୁପଦ୍ରବ ରଖିବ।

**ମିଥୁନ** – ରାଶ୍ୟାଧିପତି ସ୍ୱଗୃହୀ ଯୋଗୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଭଲ ରହିବ। ଇଚ୍ଛା ନ ଥିଲେ ମଧ ବାଧବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ । ସଙ୍କୋଚ ବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ** – ଆଜି ଲାଭଭାବରେ ଚନ୍ଦ୍ର ଥିବା ଯୋଗୁ ମନ ଚାହୁଁଥିବା ଜିନିଷ ଲାଭକରି ଖୁସି ହୋଇପାରନ୍ତି। କର୍ମକ୍ଷେତ୍ରରେ କାର୍ଯ୍ୟହାନିଜନିତ ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବିବାଦୀୟ ପରିସ୍ଥିତି କିମ୍ବା ମାମଲାମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେଇପାରେ।

**ସିଂହ** – ଧନାଧିପତିଙ୍କ ସହିତ ରାଶ୍ୟାଧିପତିଙ୍କ ସଂଯୋଗ ଅର୍ଥ ସହ ସମ୍ମାନ ଲାଭରେ ସହାୟକ ହେବେ। କିନ୍ତୁ ଶନି ପ୍ରଭାବରେ କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମ୍ନା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ପାରିବାରିକ ସମସ୍ୟା ସୁଧାରିବା ଲାଗି ବନ୍ଧୁଙ୍କ ସାହାଯ୍ୟ ଦରକାର ପଡିପାରେ।

**କନ୍ୟା** – କର୍ମକ୍ଷେତ୍ରରେ ବୁଧାଦିତ୍ୟ ଯୋଗ ହେତୁ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିବେ। ଶନିଙ୍କ ଦୁର୍ବଳତାଜନିତ ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣରେ ଚିନ୍ତିତ ରହିବେ। ପାରିବାରିକ ସମସ୍ୟା ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଧୀରସ୍ଥିର ମନ ନେଇ କାମକଲେ ସମସ୍ୟା ସମାଧାନ ହେବ।

**ତୁଳା** – ରାଶି ପ୍ରତି ଶୁକ୍ରଙ୍କ ଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ଅଭିଳଷିତ ଜିନିଷ ପାଇ ଖୁସି ହେବେ। ପାପମଧ୍ୟସ୍ଥ ଚନ୍ଦ୍ରଜନିତ ବିଭିନ୍ନ ଅସୁବିଧା ଭିତରେ ମାନସିକ ଅବସ୍ଥା ଭଲ ରହି ନ ପାରେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିବେ। ବ୍ୟବସାୟିକ ସ୍ଥିତି ଭଲ ରହିବ ଏବଂ ସଭାସମିତିକୁ ଆହୂତ ହୋଇପାରନ୍ତି।

**ବିଛା** – ଚନ୍ଦ୍ରଙ୍କ ସୁପ୍ରଭାବରେ କର୍ମାରମ୍ଭ, ଆନୁଷ୍ଠାନିକ କାମ, ସଭାସମିତି ଓ ଭ୍ରମଣଜନିତ ସୁବିଧା ସୁଯୋଗ ପାଇବେ। ଶନିଙ୍କ ପ୍ରଭାବରେ ପରିବାରରେ ଭୁଲ୍ ବୁଝାମଣା ମାନସିକ ଅସ୍ଥିରତାକୁ ବୃଦ୍ଧି କରିପାରେ। ଅଭାବ ନ ଥିଲେ ମଧ ଅନାବଶ୍ୟକ ବ୍ୟୟ ଓ ସ୍ଥଗିତ କାର୍ଯ୍ୟ ସକାଶେ ବିଚଳିତ ରହିବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଦୂରେଇ ଯାଇପାରେ।

**ଧନୁ** – କର୍ମଜଞ୍ଜାଳ ବଢ଼ିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧ ବାଧକତାରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡିପାରେ । ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କକୁ ନେଇ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି।

**ମକର** – ଚନ୍ଦ୍ରଙ୍କ ଶୁଭତ୍ୱରୁ ମନ ପ୍ରଫୁଲ୍ଲ ରହିବ ଏବଂ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ କଥାରେ ରାଗିଯାଇ ଯାହାତାହା କହି ପକାଇବା ଦ୍ୱାରା ସମସ୍ୟା ଆସିପାରେ। ଆତ୍ମୀୟମାନେ ସହଯୋଗ ପ୍ରଦାନ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ** – ରାଶିରେ ରାହୁଙ୍କ ପ୍ରଭାବଜନିତ ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ। ପାରିବାରିକ ସ୍ଥିତି ଭଲ ରହିବା ସହ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବେ। ସାଧାରଣ କଥାରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବା ଆଶା ରହିଛି।

**ମୀନ** – ଶନି ଓ ରାହୁଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବାକୁ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବା ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ସଫଳତା ହେତୁ ଖୁସି ହେବେ।

ଆଜି ଜୁନ୍ ୨୩ ତାରିଖ, ଆଷାଢ଼ କୃଷ୍ଣ ତ୍ରୟୋଦଶୀ ସୋମବାର। ଶ୍ରୀମନ୍ଦିରରେ ଅନବସର ତ୍ରୟୋଦଶୀ, ଘଣାଲାଗି, ସିଦ୍ଧାନ୍ତ ଦର୍ପଣ ପ୍ରଣେତା ପଠାଣି ସାମନ୍ତଙ୍କ ତିରୋଧାନ ତିଥି। ରାଶି ନକ୍ଷତ୍ର– କୃତ୍ତିକା/ବୃଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮.୪୪ ଗତେ ଘ.୧୦.୨୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୬.୫୧ ଗତେ ଘ.୦୮.୩୦ ମଧ୍ୟେ ରାହୁ କାଳ ।

**ପ୍ରଥମ ପୃଷ୍ଠାରୁ...**

## ଯୁକ୍ତ୩ ଦ୍ୱିତୀୟ ମେଧା ...

କଟ୍‌ଅଫ୍ ମାର୍କ ରହିଛି। ସେଲ୍ଫ ଫାଇନାନ୍ସିଂ କୋର୍ସ ବିଭାଗରେ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) କଲେଜ କମ୍ପ୍ୟୁଟର ସାଇନ୍ସରେ ୮୭.୫୦% ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୟୁନିଭର୍ସିଟି ଲ' କଲେଜ ଇଣ୍ଟିଗ୍ରେଟେଡ୍ ବି.ଏ.ଏଲ୍‌ଏଲ୍.ବିରେ ସର୍ବାଧିକ କଟ୍‌ଅଫ୍ ମାର୍କ ୮୪.୪୦% ରହିଛି।

ଅନ୍ୟପକ୍ଷରେ ବିଜ୍ଞାନରେ ନାମଲେଖା ଲାଗି ମୋଟ ୧୭,୧୯୩ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ବେଳେ କଳାରେ ୨୩,୯୧୬ଜଣ, ବାଣିଜ୍ୟରେ ୨,୭୫୭ଜଣ, ଶାସ୍ତ୍ରୀରେ ୨୦୦ଜଣ, ସେଲ୍ଫ ଫାଇନାନ୍ସିଂରେ ୧,୩୦୯ଜଣ ଏବଂ ଲ'ରେ ୪୭ଜଣଙ୍କୁ ଚୟନ କରାଯାଇଛି। ଛାତ୍ରୀଛାତ୍ର ସାମ୍ସ ୱେବ୍‌ସାଇଟ୍ www.samsodisha.gov.inରେ ନାମଲେଖା ପାଇଁ ଚୟନ ହୋଇଥିବା କଲେଜର ନାମ ଦେଖିପାରିବେ। ସେମାନେ ଜୁନ ୨୩ରୁ ୨୫ ତାରିଖ ସକାଳ ୧୦ରୁ ଅପରାହ୍ନ ୫ ମଧ୍ୟରେ ଉକ୍ତ କଲେଜକୁ ଯାଇ ଆଡ୍‌ମିଶନ କରିପାରିବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବିଭିନ୍ନ ଡିଗ୍ରୀ କଲେଜରେ ମୋଟ ୨ ଲକ୍ଷ ୭୪ ହଜାର ୫୦୯ ସିଟ୍ ରହିଛି। ଚଳିତବର୍ଷ ଯୁକ୍ତ୩ ନାମଲେଖା ପାଇଁ ୨ ଲକ୍ଷ ୬୫ ହଜାର ୫୯୦ ଛାତ୍ରୀଛାତ୍ର ଆବେଦନ କରିଥିବାବେଳେ ତନ୍ମଧ୍ୟରୁ ପ୍ରଥମ ପର୍ଯ୍ୟାୟ କଟ୍‌ଅଫ୍ ମାର୍କ ଅନୁସାରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଥିଲେ। ଏଥିରେ ୭୦ ହଜାର ୭୪୫ ଛାତ୍ର ରହିଥିବା ବେଳେ ୧ଲକ୍ଷ ୪ ହଜାର ୯୬୭ ଜଣ ଛାତ୍ରୀ ଏବଂ ୧୦ ଜଣ ଟ୍ରାନ୍ସଜେଣ୍ଡର ଥିଲେ। ସେମାନଙ୍କ ଭିତରୁ ୭୯ ହଜାର ୭୫୨ ଜଣ ବିଭିନ୍ନ କଲେଜରେ ନାମ ଲେଖାଇଥିବାବେଳେ ୫୨ହଜାର ୧୨୬ଜଣ ସ୍ଲାଇଡ୍ ଅପ୍ସନ ଦେଇଛନ୍ତି। ତେବେ ୪୩,୮୪୪ଜଣ ନାମଲେଖାଇ ନାହାନ୍ତି କି ସ୍ଲାଇଡ୍ ଅପ୍ସନ ଦେଇନାହାନ୍ତି।

## ୨ ଦଳିତଙ୍କୁ ଅଧା ଲଣ୍ଡା...

ପରେ ସେଲୁନକୁ ନେଇ ଅଧାଲଣ୍ଡା କରି ୨ ଦଳିତଙ୍କୁ ଖାରିଗୁମ୍ମାରୁ ଚଲାଇ ଦୁଇ କି.ମି. ଦୂର ଜାହାଡା ପର୍ଯ୍ୟନ୍ତ ଆଣିଥିଲେ। ପରେ ଉଭୟଙ୍କୁ ଜାହାଡା ଗାଁ ଦାଣ୍ଡରେ ଆଣ୍ଠୁରେ ଚଲାଇଥିଲେ। ସେମାନଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମା ପାଣି ପିଇବାକୁ ବାଧ କରିଥିଲେ। ତେବେ କୌଣସି ପ୍ରକାରେ ନିର୍ଯାତନାକାରୀଙ୍କ କବଳରୁ ସମ୍ପୃକ୍ତ ୨ ବ୍ୟକ୍ତି ଖସି ଆସି ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଉଭୟଙ୍କ ମୁଣ୍ଡ ଆଉ ପିଠିରେ ଗଭୀର ଆଘାତ ଲାଗିଛି। ଧରାକୋଟ ପୋଲିସ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କର ତଦନ୍ତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ୭ ରୁ ୮ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି । ଯିଏ ବି ଆଇନକୁ ହାତକୁ ନେଇ ଏପରି କରିଛନ୍ତି ତାଙ୍କୁ କଠୋର ଦଣ୍ଡ ମିଳିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ଜଣକୁ ଧରି ଆଣି ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।



୨ ଦଳିତ ଯୁବକଙ୍କୁ ଅଧାଲଣ୍ଡା କରି ରାସ୍ତାରେ ଆଣ୍ଠେଇ ଚଲାଯାଉଛି।

## ଇରାନରେ ଆମେରିକାର ...

ବୋମା ପ୍ରସ୍ତୁତ କରିବାର ନିକଟତର ହୋଇଛି ଏବଂ ଖୁବ୍‌ଶୀଘ୍ର ଆଣବିକ ଅସ୍ତ୍ର ବିକଶିତ କରିପାରେ ବୋଲି ଦର୍ଶାଇ ଇସ୍ରାଏଲ ତେହରାନ୍‌କୁ ଟାର୍ଗେଟ କରିଥିଲା। ଇରାନ୍ ମଧ ତେଲ୍‌ଆଭିଭ୍ ସମେତ ଅନେକ ଇସ୍ରାଏଲୀ ସହରକୁ ଆକ୍ରମଣ ଜାରି ରଖିଥିଲା। ଇରାନ୍‌ର ପ୍ରମୁଖ ଆଣବିକ କାର୍ଯ୍ୟକ୍ରମ ଚାଲିଥିବା ଫାର୍ଦ୍ଦୋ, ଇଶଫାହାନ୍ ଓ ନତାଞ୍ଜ ନ୍ୟୁକ୍ଲିୟର ଏନ୍‌ରିଚ୍‌ମେଣ୍ଟ ଫାସିଲିଟିକୁ ଧ୍ୱଂସ କରିବା ପାଇଁ ଇସ୍ରାଏଲ୍ ଜୋର୍‌ଦାର ଉଦ୍ୟମ କରିଥିଲେ ମଧ ଏଥିରେ ସଫଳ ହୋଇ ନ ଥିଲା। ତେବେ ବିପଦ ବଢୁଥିବା ଦେଖି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକାକୁ ଯୁଦ୍ଧକୁ ଟାଣିଥିଲେ। ଏପରି କି ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଇରାନ୍ ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଯୋଜନା କରିଥିବା ନେଇ ସେ ପ୍ରଘଟ କରିଥିଲେ। ସେପଟେ ଜୁନ୍ ୧୪ରେ ଅନୁଷ୍ଠିତ ଆମେରିକୀୟ ସେନାର ୨୫୦ତମ ବର୍ଷପୂର୍ତ୍ତି ପରେଡ୍‌କୁ ବାରଣ କରାଯାଇଥିବା ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିରଙ୍କୁ ଏହାର ୪ ଦିନ ପରେ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌କୁ ଡାକି ଲଞ୍ଚରେ ଆପ୍ୟାୟିତ କରିବା ସହ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଉଭୟଙ୍କ ମଧ୍ୟରେ କ'ଣ ଆଲୋଚନା ହେଲା ତାହା ସମ୍ପୂର୍ଣ୍ଣ ଗୋପନ ରଖାଯାଇଥିବାବେଳେ ଶନିବାର ପାକିସ୍ତାନୀ ସେନା ଭାରତ–ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ଯୁଦ୍ଧ ବନ୍ଦର ଶ୍ରେୟ ଟ୍ରମ୍ପଙ୍କୁ ଦେଇଥିଲା। ଏଥିସହ ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପଙ୍କ ନାମ ସୁପାରିସ କରିବ ବୋଲି ସୂଚନା ଦେଇଥିଲା। ଏହାର କିଛି ଘଣ୍ଟା ପରେ ଇରାନ୍ ଆକାଶରେ ଉଡ଼ିଥିଲା ଆମେରିକାର ଘାତକ ବି–୨ ବମ୍ବର। ମୋଟ ୬ଟି ଷ୍ଟିଲ୍‌ଥ ବମ୍ବରରୁ ରାତିଅଧରେ ୩୦,୦୦୦ ପାଉଣ୍ଡ (୧୩,୬୦୦ କେ.ଜି.) ବଙ୍କରଭେଦୀ ବୋମା ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଟାର୍ଗେଟ କରିଥିଲା। ମାତ୍ର ୩ ମିନିଟ୍ ଭିତରେ ଫାର୍ଦ୍ଦୋ, ଇଶଫାହାନ୍ ଓ ନତାଞ୍ଜ ନ୍ୟୁକ୍ଲିୟର ଏନ୍‌ରିଚ୍‌ମେଣ୍ଟ ଫାସିଲିଟିକୁ ବଡ଼ଧରଣର କ୍ଷତି ପହଞ୍ଚାଇଥିବା ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ସୂଚନା ଦେଇଥିଲେ। ଇରାନ୍ ମଧ ଏହାକୁ ସ୍ୱୀକାର କରିଛି। ତେବେ ଏଥିରେ ଅଧିକ କ୍ଷତି ହୋଇ ନାହିଁ ଏବଂ ମରାମତି ପରେ ଆଣବିକ କାର୍ଯ୍ୟକ୍ରମ ପୁଣି ଚାଲିପାରିବ ବୋଲି ଇରାନ୍‌ର ସରକାରୀ ଗଣମାଧ୍ୟମ ଆଇଆର୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି।

ଆମେରିକାର ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲ୍ ଉପରେ ଇରାନ୍ ବଡ଼ ଆକ୍ରମଣ କରିଛି। ଇସ୍ରାଏଲ୍‌ର ବିଭିନ୍ନ ସହରରେ ଖୋରାମ୍‌ଶହର–୪ ମିଶାଇଲ ମାଡ଼ କରାଯାଇଥିବା ଇରାନ୍‌ର ସରକାରୀ ଟିଭି ଚ୍ୟାନେଲରେ ପ୍ରସାରିତ ଫୁଟେଜ୍‌ରେ ଦେଖିବାକୁ ମିଳିଛି। ଆମେରିକାର ଉକ୍ତ ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଇରାନ୍ ଏହି ଧରଣର ମୋଟ ୪୦ଟି କ୍ଷେପଣାସ୍ତ୍ର ମାଡ଼ କରିଥିବା ଇରାନିଆନ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ପକ୍ଷରୁ ସୂଚନା ଦିଆଯାଇଛି। ଏହି ଖୋରାମ୍‌ଶହର–୪ ମିଶାଇଲ୍‌ର ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କି.ମି. ହୋଇଥିବାବେଳେ ଏହା ୧,୫୦୦ କେ.ଜି. ବିସ୍ଫୋରକ ନେଇ ଆକ୍ରମଣ କରିପାରେ। ୧୯୮୦ ଦଶକରେ ଖୋରାମ୍‌ଶହରରେ ଇରାକ୍–ଇରାନ୍ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା। ସେହି ଯୁଦ୍ଧ ଅନୁସାରେ ମିଶାଇଲ୍‌ର ଏପରି ନାମକରଣ କରାଯାଇଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘ୍‌ଚି କହିଛନ୍ତି, ତେହରାନ୍‌ର ପ୍ରତିଆକ୍ରମଣ ଅଧିକାର ରହିଛି। ଉପଯୁକ୍ତ ସମୟରେ ଆମେରିକାକୁ ଏହାର ମୁହଁତୋଡ଼ ଜବାବ ଦିଆଯିବ। ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସେ ମସ୍କୋ ଗସ୍ତ କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବେ। କାରଣ ଆମେରିକାର ଷ୍ଟ୍ରାଇକ୍ ପରେ କୂଟନୀତି ଏକ ବିକଳ୍ପ ହୋଇ ରହିନାହିଁ। ୱାଶିଂଟନ୍‌ର ଯୁଦ୍ଧଖୋର ତଥା ଆଇନବିହୀନ ପ୍ରଶାସନ ଭୟାବହ ପରିଣାମ ପାଇଁ ଦାୟୀ ରହିବ ବୋଲି ତୁର୍କୀ ଗସ୍ତରେ ଥିବା ଆରାଘ୍‌ଚି ଚେତାବନୀ ଦେଇଛନ୍ତି। ରେଡ୍‌କ୍ରସ୍ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ଅନ୍ତଃହୀନ ଯୁଦ୍ଧକୁ ସହ୍ୟ କରିପାରିବ ନାହିଁ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଲେ ଏହା ସମଗ୍ର ବିଶ୍ୱକୁ ବ୍ୟାପିବ, ଯାହା ଅପୂରଣୀୟ କ୍ଷତି ଆଣିଦେବ ବୋଲି ରେଡ୍‌କ୍ରସ୍‌ର ଅନ୍ତର୍ଜାତୀୟ କମିଟି ମୁଖ୍ୟ ସତର୍କ କରାଇଛନ୍ତି।

## ଅଘଟଣଶୂନ୍ୟ ରଥଯାତ୍ରାକୁ...

ଏଆଇ କ୍ୟାମେରା ଲଗାଯାଇଛି। ସ୍ୱତନ୍ତ୍ର ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇ ଏଆଇ ଓ ଡ୍ରୋନ୍ କ୍ୟାମେରା ମାଧ୍ୟମରେ କଡ଼ା ନଜର ରଖାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ପୋଲିସ ପକ୍ଷରୁ ଏକ ଚାର୍ଟ ବୋର୍ଡ ଆପ୍ ପ୍ରସ୍ତୁତ ହୋଇଛି। ସେଥିରେ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ, ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କିତ ସୂଚନା ଉପଲବ୍ଧ ହେବ। ବଡ଼ଦାଣ୍ଡ, ପୁରୀ ବେଳାଭୂମି ଏବଂ ସହର ସମେତ ପ୍ରବେଶ ପଥଗୁଡ଼ିକ ଉପରେ ଆକାଶ ମାର୍ଗରୁ କଡ଼ା ନଜର ରଖାଯିବ। ସମୁଦ୍ରରେ କୋଷ୍ଟଗାର୍ଡ ଏବଂ ଓଡ଼ିଶା ପୋଲିସ୍ ମିଳିତ ଭାବେ ପ୍ରହରା ଦେବା ସହ ପର୍ଯ୍ୟାପ୍ତ ଲାଇଫ ଗାର୍ଡ ମୁତୟନ ହେବେ। ପୁରୀ ସହରରେ ୧୦ ହଜାର ପୋଲିସ କର୍ମଚାରୀ ମୁତୟନ ହେବେ। ପୁରୀ ସହରକୁ ୩ଟି ଭାଗରେ ବିଭକ୍ତ କରାଯାଇଥିବା ବେଳେ ୩୬ଟି ପାର୍କିଂ ସ୍ଥାନ ଚିହ୍ନଟ, ଟ୍ରାଫିକ ପରିଚାଳନା ପାଇଁ ୩୯ଟି ଟ୍ରାଫିକ ପରିଚାଳନା କେନ୍ଦ୍ର ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆମ୍ବୁଲାନ୍ସ ଯାତାୟାତ ପାଇଁ ସ୍ୱତନ୍ତ୍ର ଗ୍ରୀନ୍ କରିଡର ବ୍ୟବସ୍ଥା କରାଯିବ। ବିଭିନ୍ନ ସ୍ଥାନରେ ୬୯ଟି ଫାଷ୍ଟ ଏଡ୍ ସେଣ୍ଟର ଓ ୬୪ଟି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୭୮ ଜଣ ଅତିରିକ୍ତ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯିବ। ଆଇସିୟୁ, ୨୬୫ ଏମର୍ଜେନ୍ସି ବେଡ୍ ବ୍ୟବସ୍ଥା ହେବ। ପୁରୀରେ ଡାଇରିଆ ସଂକ୍ରମଣ ଯେପରି ନ ବ୍ୟାପିବ, ସେନେଇ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି। ସେହିପରି ଆଗାମୀ ଦିନରେ ରଥକାଠ ସମସ୍ୟା ନ ଉପୁଜୁବା ପାଇଁ ସରକାର ଯୋଜନା କରିଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଜିଲାର ବିଧାୟକବୃନ୍ଦ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସେବାୟତ ଓ ମଠାଧୀଶମାନେ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବୁଲି ଦେଖିଥିଲେ।

## ଭୂ–ରାଜନୈତିକ ଉତ୍ତେଜନାରୁ ...

ପାଇବାରେ ଲାଗିଛି। ୩୦% ଉତ୍ତରଦାତା କହିଛନ୍ତି, ନିଯୁକ୍ତିକୁ ନେଇ ସମ୍ପ୍ରତି ସେମାନେ ଅତ୍ୟନ୍ତ ଚିନ୍ତିତ ଏବଂ ସତର୍କ ରହିଛନ୍ତି। ୨୬% କର୍ମଚାରୀ ସାମାନ୍ୟ ଚିନ୍ତିତ ଥିବା ସହ ପରିସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି। ସାମ୍ପ୍ରତିକ ସ୍ଥିତିକୁ ଦୃଷ୍ଟିରେ ରଖି ୩୧% ଉତ୍ତରଦାତା ନୂତନ ଚାକିରି ସୁଯୋଗ କିମ୍ବା ବିକଳ୍ପ ଭୂମିକା ଅନୁସନ୍ଧାନ କରିବା ଆରମ୍ଭ କରିଦେଇଥିବା ଏହି ସର୍ଭେ କହିଛି। ପ୍ରକାଶ ଯେ, ମେ' ୧୨ରୁ ଜୁନ୍ ୬ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୨,୦୦୬ କର୍ମଚାରୀଙ୍କୁ ନେଇ ଅନ୍‌ଲାଇନ ମାଧ୍ୟମରେ ଏହି ସର୍ଭେ ପ୍ରସ୍ତୁତ କରାଯାଇଛି ବୋଲି 'ଜିନିୟସ୍ କନ୍‌ସଲ୍‌ଟାଣ୍ଟସ୍' ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଈ ମଝିରେ ଘର କରି
କୁମ୍ଭୀର ସଙ୍ଗେ କଳି।**

ବିପଦପୂର୍ଣ୍ଣ ସ୍ଥଳରେ ରହୁଥିବା ବ୍ୟକ୍ତି ସର୍ବଦା ସତର୍କ ରହିବା ଉଚିତ ହୋଇଥାଏ। ଏପରିସ୍ଥଳେ ବିପଦ ସହ ଟକ୍କର ବା ମୁକାବିଲା ନ କରି ସେଥିରେ ସାଲିସ କରିନେବା ହିଁ ବୁଦ୍ଧିମାନ୍‌ର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନାଣ୍ଡୀ ବରଗଛ ଛାଇ
ନାଣ୍ଡୀ କି ଘେନି ମୁଁ କି ଘର କରିବି
ନାଣ୍ଡୀ ତ ବିନ୍ଧଣା ଗାଈ।**

ଯାହାର ଗୁଣ ଗ୍ରାମ ଭଲ ହୋଇ ନ ଥାଏ, ତା' ସହ ସମ୍ପର୍କ ଯୋଡ଼ିବା କାଠିକର ପାଠ ହୋଇଥାଏ। ନଣ୍ଡା ବା ଥୁଣ୍ଟା ବରଗଛ ଠାରେ କାହାର ଯେମିତି କିଛି ପ୍ରୟୋଜନ ନ ଥାଏ, ସେମିତି ମତିଗତି ଭଲ ନ ଥିବା ବ୍ୟକ୍ତି ଠାରୁ ମନ ଦୂରେଇଯିବା ସ୍ୱାଭାବିକ ହୋଇଥାଏ। ଏପରିସ୍ଥଳେ ଟାଉଁସିଆ ବା ଟାଉଁଟାଉଁ କରି କଥା କହୁଥିବା ଯୁବତୀ ସହ କିପରି ଘର ସଂସାର କରାଯିବ, ସେ ନେଇ ମନରେ ବ୍ୟସ୍ତତା ଭାବ ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ




ରବିବାର ଅପରାହ୍ନ ୬ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅଲାରନାଥଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମଗିରି,୨୨।୬(ସ୍ୱାଧୀନ ଚମ୍ପତିରାୟ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଣସର ସମୟରେ ରବିବାର ଅପରାହ୍ନରେ ଅଲାରନାଥଙ୍କୁ ଦର୍ଶନ କରି ଫେରିଛନ୍ତି। ଚତୁର୍ଦ୍ଧାମୂର୍ତ୍ତି ଅଣସର ପିଣ୍ଡିରେ ଗୁପ୍ତ ପୂଜା ପାଉଥିବା ବେଳେ ବ୍ରହ୍ମଗିରି ଅଲାରନାଥ ପୀଠ ପାଲଟିଯାଏ ଦ୍ୱିତୀୟ ଶ୍ରୀକ୍ଷେତ୍ର। ଏହି ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ ଜଗନ୍ନାଥ ଦର୍ଶନର ସମଫଳପ୍ରାପ୍ତି ହୋଇଥାଏ ବୋଲି କିମ୍ବଦନ୍ତୀ ରହିଛି। ଏନେଇ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ଅଲାରନାଥଙ୍କ ଦର୍ଶନ ପାଇଁ କେବେ କୌଣସି ମୁଖ୍ୟମନ୍ତ୍ରୀ ଅଲାରନାଥ ପୀଠକୁ ଆସି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯିଏକି ପ୍ରଥମଥର ପାଇଁ ଆସିଥିଲେ।

ସୂଚନାଯୋଗ୍ୟ, ପୁରୀ ରଥଯାତ୍ରା ସମନ୍ୱୟ ବୈଠକ ଶେଷ ହେବାପରେ ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସ୍ତ୍ରୀ ଅଲାରନାଥ ପୀଠକୁ ଦର୍ଶନ ପାଇଁ ଆସିଥିଲେ। ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ପୋଲିସ ପ୍ରଶାସନ ତରଫରୁ ୨ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ କରାଯାଇଥିଲା। ଫଳରେ ସାଧାରଣ ଭକ୍ତମାନେ ଧାଡ଼ିରେ ଅପେକ୍ଷା କରି ରହିଥିଲେ। ମୁଖ୍ୟମନ୍ତ୍ରୀ ଅଲାରନାଥ, ଲକ୍ଷ୍ମୀ ମନ୍ଦିର ଓ ଚୈତନ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ମନ୍ଦିରର ସେବାୟତଙ୍କ ସହ ମିଶି ଫଟୋ ଉଠାଇଥିଲେ। ଏହି ସମୟରେ ସ୍ଥାନୀୟ ବିଧାୟିକା ଉପାସନା ମହାମାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# କନ୍ଧମାଳରେ ଏଆଇସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଫୁଲବାଣୀ,୨୨।୬
(ରାକେଶ କୁମାର ରାଉତ)

ଓଡ଼ିଶାରେ କିଛିଦିନ ହେଲା ନାରୀ ନିର୍ଯାତନା, ବଳାତ୍କାର, ହତ୍ୟା ଆଦି ମାମଲା ବଢ଼ିଚାଲିଛି। ଏସବୁ ଘଟଣାର ତଦନ୍ତ ପାଇଁ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଏକ ମହିଳା ଟିମ୍ ଓଡ଼ିଶା ଆସିଛି। ଏହି ଟିମ୍ ରବିବାର କନ୍ଧମାଳ ଜିଲା ଟିକାବାଲି ଗସ୍ତ ଆସିଥିଲା। ଗତ ମାର୍ଚ୍ଚରେ ଟିକାବାଲି ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଓ ପରେ ହତ୍ୟା କରାଯାଇଥିଲା। ଏଆଇସିସି ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ପୋଲିସ ତଦନ୍ତ ପ୍ରକ୍ରିୟା ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ନ୍ୟାୟ ପ୍ରଦାନ ପାଇଁ ନିବେଦନ କରିଛନ୍ତି। ସେଠାରୁ ଏହି ଟିମ୍ ଫୁଲବାଣୀ ଆସି ସର୍କିଟ ହାଉସଠାରେ କନ୍ଧମାଳ ଜିଲାପାଳ ଅମ୍ରିତ ଋତୁରାଜ ଏବଂ ଏସ୍‌ପି ହରିଶ ବିସିଙ୍କ ସହିତ ଘଟଣା ବିଷୟରେ ଆଲୋଚନା କରିଥିଲେ। ଜିଲାରେ ନାରୀ ନିର୍ଯାତନା, ବଳାତ୍କାର ଓ ହତ୍ୟା ଘଟଣା ବୃଦ୍ଧି ପାଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ କଂଗ୍ରେସ ମହିଳା ପ୍ରତିନିଧି ଦଳ। ପରେ ଗଣମାଧ୍ୟମ ଆଗରେ ନିଜ ପ୍ରତିକ୍ରିୟା ରଖି ରାଜ୍ୟସଭା ସଦସ୍ୟ ରଞ୍ଜିତ ରଞ୍ଜାନ ଓଡ଼ିଶାରେ ମହିଳା ଚାଲାଣ, ମାନବ ଅଙ୍ଗ ବିକ୍ରି ର୍‍ୟାକେଟ ଓ ବଳାତ୍କାର ଭଳି ଘଟଣା ବଢୁଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସ ମୁନସୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳରେ ଏମ୍‌ପି ପ୍ରଣିତୀ ସିନ୍ଦେ, ଶୋଭା ଓଝା ଓ ଏସ ଜ୍ୟୋତିମଣି ସାମିଲ ଥିଲେ। ଗସ୍ତର ବିସ୍ତୃତ ବିବରଣୀ ରାଷ୍ଟ୍ରୀୟ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରାଯିବା ସହିତ ଏ ବିଷୟ ସଂସଦରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି ପ୍ରତିନିଧି ଦଳ। ଗସ୍ତ ସମୟରେ ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଏମପି ପ୍ରାର୍ଥୀ ଅମିରଚାନ୍ଦ ନାୟକ, ପୂର୍ବତନ ଜିଲା ସଭାପତି ଅନାମ ନାୟକ, ସ୍ଥାନୀୟ ଯୁବନେତା ପ୍ରତାପ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଏଆଇସିସି ସମ୍ପାଦିକା ସସ୍ମିତା ବେହେରାଙ୍କ ସମେତ ମହିଳା କଂଗ୍ରେସ ଓ ଜିଲ୍ଲା କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଏଆଇସିସି ଟିମ୍ ଟିକାବାଲିରେ ପୀଡିତାଙ୍କ ପରିବାରକୁ ଭେଟିବାକୁ ଯାଉଛନ୍ତି।

**ବଳାତ୍କାର ପୀଡିତାଙ୍କ ପରିବାର ଲୋକଙ୍କୁ ଭେଟିଲେ**

# ଆମେରିକାର ଭ୍ରମଣ ସତର୍କତା: ଓଡ଼ିଶାରେ ରାଜନୈତିକ ଝଡ଼

ଭୁବନେଶ୍ୱର,୨୨।୬(ରବିନାରାୟଣ ଜେନା)

ଅର୍ଥନୀତି ଦୃଷ୍ଟିରୁ ଭାରତ ବିଶ୍ୱର ପ୍ରମୁଖ ତିନି ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇବାକୁ ଉଦ୍ୟମ ଜାରି ରଖିଛି। ଏଥିନିମନ୍ତେ ଦେଶର ପର୍ଯ୍ୟଟନ କ୍ଷେତ୍ରର ବିକାଶ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ପର୍ଯ୍ୟଟନସ୍ଥଳକୁ ଅଧିକରୁ ଅଧିକ ବିଦେଶୀଙ୍କ ଆଗମନ ଦେଶର ଅର୍ଥନୈତିକ ବିକାଶରେ ସହାୟକ ହୋଇପାରିବ। ହେଲେ ଓଡ଼ିଶା ସମେତ ଭାରତର ୬ ରାଜ୍ୟକୁ ଆମେରିକା 'ଅପରାଧପ୍ରବଣ ଅଞ୍ଚଳ' ଭାବେ ଦର୍ଶାଇ ତା'ର ନାଗରିକଙ୍କ ପାଇଁ ଜୁନ୍ ୧୬ରେ କଠୋର ଭ୍ରମଣ ସତର୍କତା ଜାରି କରିଛି। ତଦନୁଯାୟୀ ୬ ରାଜ୍ୟରେ ଦ୍ରୁତଗତିରେ ବୃଦ୍ଧିପାଉଥିବା ଅପରାଧ ମଧ୍ୟରୁ ବଳାତ୍କାର ଅନ୍ୟତମ ବୋଲି ଦର୍ଶାଯାଇ ଆମେରିକୀୟ ନାଗରିକଙ୍କୁ ସତର୍କ କରାଇ ଦିଆଯାଇଛି। ବିଶେଷକରି ମହିଳା ପର୍ଯ୍ୟଟକଙ୍କୁ ଏକୁଟିଆ ନ ଯିବାକୁ ଆମେରିକାର ପରରାଷ୍ଟ୍ର ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଦେଖିବାକୁ ଗଲେ କିଛି ମାସ ହେଲା ଆମେରିକା ଭାରତ ବିରୋଧୀ କେତେକ ପଦକ୍ଷେପ ନେବାରେ ଲାଗିଛି। ସେଥିମଧ୍ୟରୁ ମେ' ଦ୍ୱିତୀୟ ସପ୍ତାହରେ ପାକିସ୍ତାନ ସହ ଆତଙ୍କବାଦ ବିରୋଧରେ ଭାରତ ଯୁଦ୍ଧ କରୁଥିବାବେଳେ ଆମେରିକାର ଦୋମୁହାଁ ନୀତି ଦେଖିବାକୁ ମିଳିଥିଲା। ମେ' ୯ ତାରିଖରେ ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ୧ ବିଲିୟନ ଆମେରିକୀୟ ଡଲାର ଋଣ ମଞ୍ଜୁର କରିଥିଲା, ଯାହାକି ୱାଶିଂଟନର ବିନା ସମର୍ଥନରେ ଅସମ୍ଭବ। ଏବେ ଆମେରିକା ଭାରତକୁ ସୁଦାନ ଭଳି ଅପରାଧପ୍ରବଣ ଅଞ୍ଚଳ ଭାବେ ଦର୍ଶାଇବାକୁ ଚେଷ୍ଟା କରିଛି। ଏହାଦ୍ୱାରା ଭାରତକୁ ବିଦେଶୀ ନାଗରିକଙ୍କ ଆଗମନ ଗୁରୁତର ଭାବେ ହ୍ରାସ ପାଇବା ଆଶଙ୍କା କରାଯାଉଛି। ଆମେରିକାର ଏହି ଭ୍ରମଣ ସତର୍କତାକୁ ଭାରତର କୂଟନୈତିକ ପରାଜୟ ବୋଲି ଅନେକେ ମତ ଦେଉଛନ୍ତି। ଏନେଇ ରାଜନୈତିକ ଝଡ଼ ମଧ୍ୟ ସୃଷ୍ଟି ହୋଇଛି।

ଆମେରିକାର ଲେଭଲ-୨ ଟ୍ରାଭେଲ ଆଡଭାଇଜରିରେ ଉଲ୍ଲେଖ ଥିବା ଭାରତର ୬ ରାଜ୍ୟ ମଧ୍ୟରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ମେଘାଳୟ ରହିଛି। ବିରୋଧୀ କଂଗ୍ରେସ ଓ ବିଜେଡି ଏହାକୁ ନେଇ କେନ୍ଦ୍ର ଏବଂ ଓଡ଼ିଶାର ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଲାଣି। କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କ ଦୃଷ୍ଟିକୁ ଆଣିବାପାଇଁ ବାରମ୍ବାର ଚେଷ୍ଟା କରୁଛି। ହେଲେ ଭାଜପା ସରକାର ପ୍ରସଙ୍ଗକୁ ଆଡ଼େଇ ଚାଲିଛନ୍ତି। ପରିସ୍ଥିତି ଏପରି ହେଲାଣି ଯେ, ଆମେରିକା ଯେଉଁ ଆଡ୍‌ଭାଇଜରି ଜାରି କରିଛି, ସେଥିରେ ଓଡ଼ିଶା ସମେତ ଭାରତ ଉପରେ ଯାତାୟାତରେ ଅଙ୍କୁଶ ଲଗାଇଛି। ଏହା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ଟ୍ରମ୍ପଙ୍କ ନିମନ୍ତ୍ରଣ ଅଗ୍ରାହ୍ୟ କରିଥିବା ନେଇ ବାହୁସ୍ଫୋଟ ମାରୁଥିଲେ। ହେଲେ ଏବେ ଯେଉଁ ଆଡ୍‌ଭାଇଜରି ଆସିଛି ତା' ଉପରେ ସ୍ପଷ୍ଟୀକରଣ ରଖନ୍ତୁ। ମୋଦି ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ନାରୀ ନିର୍ଯାତନା ପ୍ରସଙ୍ଗରେ ଗୋଟିଏ ପଦ କହିଲେ ନାହିଁ। ବାସ୍ତବରେ ଟ୍ରମ୍ପ୍ ଏବଂ ମୋଦିଙ୍କ ମଧ୍ୟରେ ସେଭଳି କିଛି ଭଲ ସମ୍ପର୍କ ନାହିଁ ବୋଲି ଭକ୍ତ କହିଛନ୍ତି।

ବିଜେଡିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି, ଆମେରିକାର ଏହି ମାର୍ଗଦର୍ଶିକା ଭାରତ ତଥା ଓଡ଼ିଶା ପାଇଁ ଅତ୍ୟନ୍ତ ଗୁରୁତ୍ୱ ରଖୁଛି। ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ବର୍ଷପୂର୍ତ୍ତି ଉତ୍ସବରେ ଟ୍ରମ୍ପ୍ କିଭଳି ତାଙ୍କୁ ନିମନ୍ତ୍ରଣ କରିଥିଲେ ଏବଂ ସେ ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ଆସିବା ପାଇଁ ତାହାକୁ ଅଗ୍ରାହ୍ୟ କଲେ, ସେନେଇ ଅବତାରଣା କରିଥିଲେ। ହେଲେ ଏବେ ଯେଉଁ ଆଡ୍‌ଭାଇଜରି ଆସିଛି, ତାହାକୁ ରାଜ୍ୟ ସରକାର ବିଶେଷ ଭାବେ ଚିନ୍ତନ କରିବା ଆବଶ୍ୟକ। ଏହି ସମୟ ଉତ୍ସବର ନୁହେଁ, ଆତ୍ମସମୀକ୍ଷା ଓ ମାନସମନ୍ଥନର ବେଳ ବୋଲି ପ୍ରତାପ ଦେବ କହିଛନ୍ତି।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆମେରିକା ପକ୍ଷରୁ ଯେଉଁ ମାର୍ଗଦର୍ଶିକା ଭାରତ ପରିପ୍ରେକ୍ଷୀରେ ଜାରି ହୋଇଛି, ସେଥିରୁ ତାଙ୍କ ଅସହିଷ୍ଣୁତା ସ୍ପଷ୍ଟ ବାରିହେଉଛି। ରାଜ୍ୟ ସରକାର ମହିଳାମାନଙ୍କୁ ତ୍ୱରିତ୍ ନ୍ୟାୟ ଦେବାପାଇଁ ୬ଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଏହାବାଦ୍ ପ୍ରତ୍ୟେକ ଘଟଣାକୁ ଗମ୍ଭୀରତାର ସହ ଗ୍ରହଣ କରି ୨୪ରୁ ୭୨ଘଣ୍ଟା ମଧ୍ୟରେ ଆସାମୀକୁ ଗିରଫ କରାଯାଉଛି। ଏହାକୁ ନେଇ ବିରୋଧୀ ଅଯଥାରେ ପ୍ରସଙ୍ଗ କରିବା ଠିକ୍ ନୁହେଁ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଆମେରିକାରେ ସବୁବେଳେ ଦଙ୍ଗା ହେଉଛି ଏବଂ ଗୁଳିକାଣ୍ଡ ଘଟୁଛି। ଟ୍ରମ୍ପଙ୍କ ଉପରେ କ'ଣ ଆକ୍ରମଣ ହୋଇନି, ନା ହ୍ୱାଇଟ୍ ହାଉସ୍‌କୁ ଟାର୍ଗେଟ୍ କରାଯାଇନି? ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ଏଭଳି ପରିବେଶ ପୃଥିବୀରେ ମିଳିବନି। କାଁ ଭାଁ ସମସ୍ୟା ଲାଗିରହିବ। ଆମେ ତାକୁ ଦୃଢ଼ହସ୍ତରେ ଦମନ କରୁଛୁ। ଆପରାଧିକ କାର୍ଯ୍ୟକଳାପକୁ ଆମ ସରକାର ଆଦୌ ବରଦାସ୍ତ କରୁନାହିଁ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ଭାରତ ବିକାଶ ଆଡ଼କୁ ତୀବ୍ର ଗତିରେ ମୁହାଁଇଥିବାବେଳେ ଆମେରିକା ଏଭଳି ଆଡ୍‌ଭାଇଜରି ଜାରି କରି ନିଜ ଅସହିଷ୍ଣୁତାର ପରିଚୟ ଦେଇଛି।



# ପଶିଲା ଆମେରିକା

ଇସ୍ରାଏଲ–ଇରାନ୍ ଯୁଦ୍ଧର ୧୦ ଦିନ ମଧ୍ୟରେ ଆମେରିକା ସେମାନଙ୍କ ମଝିରେ ପ୍ରବେଶ କରିବା ନୂଆ ଅନ୍ତର୍ଜାତୀୟ ବିବାଦ ସୃଷ୍ଟି କଲାଣି। ଯେତେବେଳେ ଇରାନ୍ ଉପରକୁ ଇସ୍ରାଏଲ ଆକ୍ରମଣ କରିଥିଲା ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଥିଲେ ଯେ, ଇରାନ୍ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ କୌଣସି ଭାବେ ଯଦି ତାଙ୍କ ରାଷ୍ଟ୍ରର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ୍ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଇରାନ୍ ଇତିମଧ୍ୟରେ ଆମେରିକାର କିଛି କ୍ଷତି କରି ନ ଥିଲେ ମଧ୍ୟ ତେହରାନ ପରମାଣୁ କାର୍ଯ୍ୟକ୍ରମ ବୃଦ୍ଧି କରୁଥିବା ଆଳ ଦେଖାଇ ଟ୍ରମ୍ପଙ୍କ ସେନା ଆକ୍ରମଣ କରିବା ସୂଚାଇ ଦେଉଛି ଯେ, 'କଣ୍ଟା ବାଡ଼ରେ ଲୁଗା ପକାଇ କଳି କରିବା' ୱାଶିଂଟନର ଗୋଟେ ପୁରୁଣା ଖୋଇ। ଏଥିରୁ ବୁଝିବାକୁ ହେବ ଯେ, ଆମେରିକା କଥାରେ ଯିଏ 'ଉଠବସ୍' ନ ହେବ, ତାହା ବିରୋଧରେ କୂଟନୈତିକ, ଅର୍ଥନୈତିକ ଓ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗୁ କରିବାରେ ଆମେରିକୀୟ ପ୍ରଶାସନ ବିଳମ୍ବ କରି ନ ଥାଏ। ମିଳିଥିବା ସୂଚନା ଅନୁଯାୟୀ ୨୨ ତାରିଖ ପ୍ରାତଃ ସମୟରେ ଆମେରିକାର ଯୁଦ୍ଧବିମାନ ଇରାନ୍‌ର ପରମାଣୁ କାର୍ଯ୍ୟକ୍ରମ ସକାଶେ ବିକଶିତ କରାଯାଉଥିବା ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ ଅଞ୍ଚଳ ନତାଞ୍ଜ, ଇସ୍‌ଫାହାନ୍ ଓ ଫର୍ଦୋରେ ବୋମା ମାଡ଼ କରି ଅନେକ କ୍ଷତି ପହଞ୍ଚାଇଛି। ଆକ୍ରମଣ ସଫଳତାର ସହ ଶେଷ ହୋଇଥିବାରୁ ଟ୍ରମ୍ପ୍ ତାଙ୍କ ସେନାକୁ ଧନ୍ୟବାଦ ଦେଇଛନ୍ତି। ସୋସିଆଲ ମିଡିଆରେ ସେ କହିଛନ୍ତି, ତାଙ୍କ ଦେଶର ୱାରପ୍ଲେନ୍ ଇରାନ୍ ଆକାଶମାର୍ଗ ବାହାରକୁ ସୁରକ୍ଷିତ ଭାବେ ଆସିଯାଇଛି । ଏବର ସମୟ ଶାନ୍ତିର ବୋଲି ସେ କହିଛନ୍ତି। ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ଐତିହାସିକ ବୋଲି ବର୍ଣ୍ଣନା କରିବା ସହ ଟ୍ରମ୍ପଙ୍କ ଦୃଢ଼ ନିଷ୍ପତ୍ତି ଇତିହାସ ବଦଳାଇ ଦେବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଛନ୍ତି, ପ୍ରଥମେ ଶକ୍ତି ଓ ପରେ ଶାନ୍ତି ଆସିଥାଏ। ସମ୍ଭବତଃ ଇରାନ୍ ଉପରେ ଇସ୍ରାଏଲ ଓ ଆମେରିକାର ଶକ୍ତି ପ୍ରଦର୍ଶନ ପରେ ତେହରାନ ଡରିଯାଇ ଶାନ୍ତି ଆଡ଼କୁ ବାଟ ଉନ୍ମୁକ୍ତ କରିପାରେ ବୋଲି ୱାଶିଂଟନ୍‌ର କେତେକ ମହଲରେ ଚିନ୍ତା ପ୍ରକାଶ ପାଇଲାଣି। ତେବେ ପୃଥିବୀବ୍ୟାପୀ ଅନେକ ଯୁକ୍ତି ଉତ୍ଥାପନ କରାଯାଉଛି, ଯେଉଁଥିରେ ଇରାନ୍‌କୁ ଏକ ଅସହାୟ ଦେଶ ଭାବେ ଦର୍ଶାଯାଉଛି। ଏଠାରେ ବୁଝିବା ଦରକାର କାହିଁକି ଇରାନ୍‌ର ପରମାଣୁ ବୋମା ତିଆରି କରିବା ପଛରେ ଅନେକ ଦିନର ଇଚ୍ଛାଶକ୍ତି ଲାଗିରହିଛି। ସୁନ୍ନି ମୁସଲମାନ ସମ୍ପ୍ରଦାୟର ସମୁଦ୍ର ମଝିରେ ଇରାନ୍ ଏକମାତ୍ର ଶିୟା ମୁସଲମାନ ଦେଶ। ତୈଳ ସମ୍ପଦରେ ଭରପୂର ଏହି ଦେଶର ରାଜକୋଷ ନିଜ ଦେଶବାସୀଙ୍କୁ ସାମାନ୍ୟତମ ମାନବିକ ଅଧିକାର ପ୍ରଦାନ କରିବାରେ ଅନିଚ୍ଛୁକ ରହିଆସିଛି। ଏଥିସହିତ ଶିୟା ସମ୍ପ୍ରଦାୟ ନେତାଙ୍କର ଐତିହାସିକ ଇଚ୍ଛା ରହିଆସିଛି ଯେ, ସେମାନଙ୍କୁ ଇସ୍‌ଲାମ ଜଗତରେ ନେତା ଭାବରେ ସ୍ୱୀକାର କରାଯାଉ। କିନ୍ତୁ ସାଉଦି ଆରବ, ସିରିଆ, ପାକିସ୍ତାନ, ମାଲେସିଆଠାରୁ ନେଇ ଇଣ୍ଡୋନେସିଆ ପର୍ଯ୍ୟନ୍ତ ସୁନ୍ନି ସମ୍ପ୍ରଦାୟ ସଂଖ୍ୟାଗରିଷ୍ଠ ଥିବାରୁ ଇରାନ୍ ନିଜର ନେତୃତ୍ୱ ଜାହିର କରିବା ପାଇଁ ହୁଟି, ହେଜବୋଲ୍ଲା ଓ ହମାସ ଭଳି ଉଗ୍ର ସଙ୍ଗଠନଗୁଡ଼ିକୁ ସକ୍ରିୟ କରାଇ ଇସ୍ରାଏଲକୁ ଶତ୍ରୁ ଭାବେ ଦେଖିଆସୁଛି। ମନେରଖିବାକୁ ହେବ ଯେ ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଅନେକ ଦେଶ ରହିଛନ୍ତି। ସେମାନଙ୍କ ସୀମା ପରସ୍ପରକୁ ଛୁଏଁ ନାହିଁ। ମନଗଢ଼ା ଶତ୍ରୁ ସୃଷ୍ଟିକରି ପରମାଣୁ ବୋମା ପକାଇବାର ଭୟ ଦେଖାଉଥିବା ଇରାନ୍ ଏବେ ଅନ୍ୟ ମୁସଲମାନ ଦେଶଗୁଡ଼ିକଠାରୁ ସକ୍ରିୟ ସାହାଯ୍ୟ ପାଇବା ସମ୍ଭବପର ହୋଇ ନ ପାରେ। ଏଭଳି ସ୍ଥଳେ ଇରାନ୍ ପକ୍ଷରୁ ଆମେରିକା ବିରୋଧରେ ଶକ୍ତିଶାଳୀ ବିବୃତି ଦିଆଯାଇ ନ ଥିଲେ ମଧ୍ୟ ଆମେରିକାର ଏଭଳି ଅପ୍ରତ୍ୟାଶିତ ଆକ୍ରମଣକୁ ତେହରାନ୍ ନିନ୍ଦା କରିଛି।

ଟ୍ରମ୍ପଙ୍କ ପ୍ରଥମ ପାଳିରେ ଜାନୁଆରୀ ୨୦୨୦ରେ ଇରାନୀୟ ସାମରିକ ଅଧିକାରୀ ଜେନେରାଲ କ୍ୱାସେମ୍ ସୋଲେମାନିଙ୍କୁ ବାଗ୍‌ଦାଦ ବିମାନବନ୍ଦର ନିକଟରେ ହତ୍ୟା କରାଯାଇଥିଲା। ତେଣୁ ଆମେରିକାକୁ ତତ୍‌କ୍ଷଣାତ୍ ପ୍ରତିଆକ୍ରମଣ କରିବାକୁ ନ ଚାହିଁ ଇରାନ୍ କ୍ରମାଗତ ଭାବେ ଇସ୍ରାଏଲକୁ ଟାର୍ଗେଟ କରିଥିବା ଖବର ଆସିଛି। ଏହି ଯୁଦ୍ଧର ଗତି କେଉଁ ଆଡ଼କୁ ଯିବ ଏବେ କହିବା କଷ୍ଟକର। ଯଦି ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମକୁ ଆମେରିକାର ଧମକ ଅନୁଯାୟୀ ବନ୍ଦ ରଖୁଛି, ତାହା ହେଲେ ତା'ର ବିଶେଷ କ୍ଷତି ନ ହୋଇପାରେ। କିନ୍ତୁ ଜିଦ୍‌ରେ ଅଟଳ ରହିଲେ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ତା'ର ବିପୁଳ କ୍ଷତି କରିପାରନ୍ତି ବୋଲି ଅନ୍ତର୍ଜାତୀୟ ମହଲରେ ମତ ପ୍ରକାଶ ପାଇଲାଣି। ଗତ ୮୦ ଦଶକରେ ଇରାକ୍ ଓ ଇରାନ୍ ମଧ୍ୟରେ ୮ବର୍ଷ କାଳ ହୋଇଥିବା ଯୁଦ୍ଧରେ ପାଖାପାଖି ୧୦ ଲକ୍ଷ ଲୋକଙ୍କ ପ୍ରାଣହାନି ହୋଇଥିଲା। ସେହି ଭୟଙ୍କର ଗଲ୍ଫ ୱାର ବା ଉପସାଗରୀୟ ଯୁଦ୍ଧକୁ ଦେଖିଥିବା ଇରାନ୍‌ବାସୀ ଯୁଦ୍ଧଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଇରାନ୍‌ର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କ ଶାସନ ବ୍ୟବସ୍ଥା ବହୁ ଦିଗରୁ ନିନ୍ଦିତ ହୋଇଛି। ତଥାପି ଇରାନୀୟଙ୍କର ଦେଶପ୍ରୀତି ଥିବାରୁ ଯୁଦ୍ଧର ଆକାର ବଢ଼ିଲେ ସେମାନେ କେଉଁଭଳି ନିଷ୍ପତ୍ତି ନେବେ ଜଣାପଡ଼ିବ।

ମଧ୍ୟପ୍ରାଚ୍ୟରେ ଇସ୍ରାଏଲ୍ ଓ ଇରାନ ଯୁଦ୍ଧ ମଝିରେ ଆମେରିକା ପଶିଯାଇଥିବାରୁ ରୁଷିଆ ଓ ଚାଇନାର ଭୂମିକା ଉପରେ ବିଶ୍ୱବାସୀଙ୍କ ନଜର ରହିଛି। ରୁଷିଆ ଓ ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଟ୍ରମ୍ପଙ୍କ କାର୍ଯ୍ୟକୁ ନିନ୍ଦା କରିଛନ୍ତି। କିନ୍ତୁ କୁହାଯାଇପାରେ ଯେ, ୟୁକ୍ରେନ ସହିତ ଯୁଦ୍ଧ କରୁଥିବା ରୁଷିଆ ଅନ୍ୟ କୌଣସି ସମସ୍ୟାରେ ମୁଣ୍ଡ ପୂରାଇବାକୁ ଅସ୍ୱୀକାର କରିପାରେ। ତତ୍‌ସହିତ ଚାଇନାର ବ୍ୟବସାୟିକ ସ୍ୱାର୍ଥ ଯୋଗୁ ଖୋଲାଖୋଲି ଇରାନ୍ ସପକ୍ଷରେ ବାହାରିଲା ଭଳି ମନେ ହେଉନାହିଁ। ଏଭଳି ପ୍ରଚ୍ଛଦପଟରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କର ଗତ ସପ୍ତାହରେ ଭାରତ ସରକାରଙ୍କୁ ସମାଲୋଚନା କରାଯିବା ବିଷୟ ରାଜନୈତିକ ଆଲୋଚନା ସୃଷ୍ଟି କରିଛି। କୁହାଯାଉଛି ଏହି ସମାଲୋଚନା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ତରଫରୁ ଇରାନ୍‌ର ରାଷ୍ଟ୍ରପତି ମସୌଦ ପ୍ରେଜେସ୍‌କିୟାନଙ୍କ ସହ ଆଲୋଚନା କରି ଉତ୍ତେଜନା ହ୍ରାସ କରିବା ପାଇଁ ପରାମର୍ଶ ଦେଇଛନ୍ତି।

# ଜୀବନରେ ସତ୍ୟର ସନ୍ଧାନ



ଛାୟାକାନ୍ତ ଷଡ଼ଙ୍ଗୀ

ଈଶାବାସ୍ୟ ଉପନିଷଦରେ ପ୍ରାର୍ଥନା କରାଯାଇଛି, "ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖଂ। ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଶ୍ୟତେ।" ଅର୍ଥାତ୍ ସତ୍ୟର ମୁଖ ସ୍ୱର୍ଣ୍ଣମୟ ପାତ୍ର ଭିତରେ ଢଙ୍କା ହୋଇ ରହିଛି। ହେ ସୂର୍ଯ୍ୟଦେବ! ସତ୍ୟର ସାଧକ ପାଇଁ ତାକୁ ଅନାବୃତ କରିଦିଅନ୍ତୁ। ବ୍ୟାବହାରିକ ଜୀବନରେ ଏହି ଢାଙ୍କୁଣୀ ଖୋଲିବା ଏକ କଷ୍ଟକର ବ୍ୟାପାର। ଏହି ପ୍ରସଙ୍ଗରେ ସତ୍ୟ ଘଟଣାଟିଏ। ଦିନେ ପ୍ରତିମା ତାଙ୍କ ଛୋଟ ପୁଅ ବିଜୟକୁ ସ୍କୁଲ ପଠାଇଲେ। ତାଙ୍କ ପଡ଼ୋଶିନୀ ତାଙ୍କ ପୁଅ ମିଣ୍ଟୁକୁ ସେହି ସ୍କୁଲରେ ନାମ ଲେଖାଇ ତାକୁ ବିଜୟ ସହିତ ସ୍କୁଲ ପଠାଇଲେ। ପ୍ରତିମା ପୁଅ ବିଜୟକୁ କହିଲେ, "ମିଣ୍ଟୁ ପ୍ରଥମ ଥର ପାଇଁ ସ୍କୁଲ ଯାଉଛି। ତାର ଭଲ ମନ୍ଦ ବୁଝିବୁ। ସେ ତୋର ସାନଭାଇ।" ଉଭୟେ ସ୍କୁଲ ଗଲେ। କିଛି ଘଣ୍ଟା ଅତିକ୍ରାନ୍ତ ହେବା ପରେ ପ୍ରତିମାଙ୍କ ପାଖକୁ ସ୍କୁଲରୁ ଏକ ଫୋନ୍‌କଲ୍‌ଆସିଲା। ସ୍କୁଲ ଅଧ୍ୟକ୍ଷା କହିଲେ, "ମାଡାମ୍! ଆପଣ କାହିଁକି ପୁଅକୁ ମିଛ କହିବା ଶିଖାଇଛନ୍ତି?" ପ୍ରତିମା ଆଶ୍ଚର୍ଯ୍ୟ ହେଲେ ଓ କହିଲେ, "ନା ମାଡାମ୍! ମୁଁ କେବେ ପୁଅକୁ ମିଛ କହିବା ଶିଖାଇ ନାହିଁ।" ଅଧ୍ୟକ୍ଷା ବିରକ୍ତ ହୋଇ ଫୋନ୍‌କଲ୍‌ଟିକୁ କାଟିଦେଲେ। ପରେ ପୁଅ ବିଜୟ ପାଖରୁ ମା' ପ୍ରତିମା ଘଟଣା ସମ୍ପର୍କରେ ଜାଣିଲେ। ସେଦିନ ଗୋଟିଏ ଗୁଣ୍ଡାପିଲା ମିଣ୍ଟୁକୁ ହଇରାଣ କଲା। ଫଳରେ ମିଣ୍ଟୁ କାନ୍ଦିଲା। ଏହା ଦେଖି ବିଜୟ ସେହି ଗୁଣ୍ଡାପିଲାଟିକୁ ଶକ୍ତ ଚାପୁଡ଼ାଟିଏ ମାରିଲା ଓ ହଇରାଣ ନ କରିବାକୁ ଚେତାଇଦେଲା। ଘଟଣାଟି ପହଞ୍ଚିଲା ଅଧ୍ୟକ୍ଷାଙ୍କ ପାଖରେ। ଅଧ୍ୟକ୍ଷା ବିଜୟକୁ ପଚାରିଲେ, "ତୁ କାହିଁକି ତାକୁ ମାରିଲୁ?" ବିଜୟ କହିଲା, "କାରଣ ସେ ମିଣ୍ଟୁକୁ ହଇରାଣ କରୁଥିଲା।" ଅଧ୍ୟକ୍ଷା କହିଲେ, "ସେଥିରେ ତୋର ମୁଣ୍ଡ ପୂରାଇବା ଦରକାର ନ ଥିଲା।" ବିଜୟ କହିଲା, "ମିଣ୍ଟୁ ମୋର ସାନଭାଇ। କେମିତି ମୁଣ୍ଡ ପୂରାଇବି ନାହିଁ?" ଅଧ୍ୟକ୍ଷା କହିଲେ, "ବାଜେ କଥା। ତୁ ଜଣେ ହିନ୍ଦୁ, ମିଣ୍ଟୁ ଶିଖ୍। ତୁମେ ଦୁଇଜଣ ଗୋଟିଏ ମାଆ ପାଖରୁ ଜନ୍ମ ଗ୍ରହଣ କରିନାହଁ। ସେ ତୋ ଭାଇ ହେଲା କେମିତି?" ବିଜୟ କହିଲା, "ମୋ ମାଆ କହିଛନ୍ତି ସେ ମୋର ଭାଇ।" ଅଧ୍ୟକ୍ଷା କହିଲେ, "ତୋ ମାଆ ତୋତେ ମିଛ କଥା ଶିଖାଇଛନ୍ତି।" ସେଦିନ ବିଜୟ ଅଧ୍ୟକ୍ଷାଙ୍କ ପାଖରୁ ଜାଣିଲା ଯେ ଦୁଇଟି ଭିନ୍ନ ଧାର୍ମିକ ସଂପ୍ରଦାୟର ଲୋକ ଭିନ୍ନ ମାଆ ପାଖରୁ ଜନ୍ମନେଇ ଭାଇ ହୋଇପାରିବେ ନାହିଁ। ବର୍ତ୍ତମାନ ପ୍ରଶ୍ନ ହେଉଛି ପ୍ରତିମାଙ୍କ କଥା ସତ୍ୟ ନା ଅଧ୍ୟକ୍ଷାଙ୍କ କଥା ସତ୍ୟ। ଜୈବିକ ଦୃଷ୍ଟିକୋଣରୁ ଅଧ୍ୟକ୍ଷା ସତ୍ୟ କହିଛନ୍ତି। ମାତ୍ର ଆବେଗିକ ଦୃଷ୍ଟିରୁ ପ୍ରତିମା ମଧ୍ୟ ସତ୍ୟ କହିଛନ୍ତି। କାରଣ ସାମାଜିକ ଜୀବନରେ ଆବେଗିକ ସମ୍ପର୍କ ମଧ୍ୟ ଅଛି। ଶିକାଗୋ ଧର୍ମସଭାରେ



ସ୍ୱାମୀ ବିବେକାନନ୍ଦ ହଜାର ହଜାର ଶ୍ରୋତାଙ୍କୁ ଭଉଣୀ ଓ ଭାଇ ସମ୍ବୋଧନ କରିଥିଲେ। ସେମାନେ ସମସ୍ତେ ଗୋଟିଏ ମାଆ ଗର୍ଭରୁ ଜନ୍ମ ନେଇ ନ ଥିଲେ। ସେହି ଦୃଷ୍ଟିରୁ ବିବେକାନନ୍ଦଙ୍କ ସମ୍ବୋଧନ ମିଥ୍ୟାଶ୍ରିତ ଥିଲା। ମାତ୍ର ସେହି ସମ୍ବୋଧନରେ ଶ୍ରୋତାମାନେ ଭାବବିହ୍ୱଳ ହୋଇ ଛିଡ଼ା ହୋଇ ପଡିଥିଲେ, କାରଣ ତାହାଥିଲା ଆବେଗିକ ସତ୍ୟ। ଆଉ ଏକ ଦୃଷ୍ଟିରୁ ମଧ୍ୟ ସ୍ୱାମିଜୀଙ୍କ ସମ୍ବୋଧନ ଠିକ୍ ଥିଲା। ସେ ଥିଲେ ଅଦ୍ୱୈତବାଦୀ। ଈଶ୍ୱର ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କ ଭିତରେ ଏକ, ମାତ୍ର ସତ୍ତା ପ୍ରକଟନରେ ଭିନ୍ନ ଭିନ୍ନ। ଏଣୁ ପ୍ରତ୍ୟେକ ନରନାରୀ ଆମର ଭାଇଭଉଣୀ।

ଆଧ୍ୟାତ୍ମିକ ସ୍ତରରେ ସତ୍ୟ ପରିବର୍ତ୍ତନଶୀଳ ନୁହେଁ। ସତ୍ୟ ଓ ଈଶ୍ୱର ଏକ ଏବଂ ଅଭିନ୍ନ। ସତ୍ ଶବ୍ଦରୁ ସତ୍ୟ ଶବ୍ଦର ସୃଷ୍ଟି। 'ସତ୍'ର ଅର୍ଥ ଚିରନ୍ତନ। ଈଶ୍ୱର ଥିଲେ, ଅଛନ୍ତି ଓ ରହିବେ। ଏଣୁ ସେ ସତ୍ୟ। ମାତ୍ର ସାମାଜିକ ସ୍ତରରେ ସତ୍ୟର ପରିଭାଷା ଭିନ୍ନ। ସତ୍ୟ ହେଉଛି ଚେତନା ନିର୍ଭର ଶକ୍ତି। ଆମ ଚେତନା ଗତିଶୀଳ ଓ ପ୍ରଗତିଶୀଳ ହେବା ଅନିବାର୍ଯ୍ୟ। ଏଣୁ ଗାନ୍ଧିଜୀ କହୁଥିଲେ, "ମୋର ବର୍ତ୍ତମାନର ମତ ଯଦି ମୋର ପୂର୍ବର ମତକୁ ଖଣ୍ଡନ କରୁଥାଏ, ତା'ହେଲେ ତୁମେ ବର୍ତ୍ତମାନର ମତକୁ ସତ୍ୟଭାବରେ ଗ୍ରହଣ କର।" ଆମେ ଯେତେବେଳେ କୌଣସି ମୂଲ୍ୟବୋଧରେ ବିଶ୍ୱାସ କରୁ, ତାର ଭିତ୍ତି ହେଲା ଆମେ ହୃଦୟଙ୍ଗମ କରିଥିବା ଏକ ସତ୍ୟ। ହୁଏତ ଆସନ୍ତାକାଲି ଆମେ ସେହି ସତ୍ୟରୁ ଉତ୍ତୀର୍ଣ୍ଣ ହୋଇପାରୁ ଓ ଅପେକ୍ଷାକୃତ ମହତ୍ତର ସତ୍ୟ ଉପରେ ନିର୍ଭରଶୀଳ ହୋଇପାରୁ। ସାମାଜିକ ସ୍ତରରେ ସତ୍ୟ ଗତିଶୀଳ, କାରଣ ଆଇନକାନୁନ, ପରମ୍ପରା, ନୀତିନିୟମ ସାମାଜିକ ସତ୍ୟର ଅନ୍ତର୍ଭୁକ୍ତ ଓ ବିଭିନ୍ନ ସମୟରେ ଏଗୁଡ଼ିକ ପରିବର୍ତ୍ତନଶୀଳ। ସ୍ଥାନ, କାଳ, ପାତ୍ର ଭେଦରେ ସାମାଜିକ ସତ୍ୟ ସ୍ଥିର ରହେନାହିଁ। ପୁଣି ଆମ ଚେତନା ଅପରିପକ୍ୱ ଥାଇପାରେ। ଆମେ ସବୁବେଳେ ଅଜ୍ଞାନ ଅନ୍ଧକାର ଭିତର ଦେଇ ଜୀବନଯାତ୍ରା ଅବ୍ୟାହତ ରଖିଛୁ। ଆମେ ଅପରିପକ୍ୱ ଚେତନାରେ କୌଣସି ସିଦ୍ଧାନ୍ତ ନେଇଥିଲେ ହୁଏତ ତାହା ପରବର୍ତ୍ତୀ ସମୟରେ ଠିକ୍ ହୋଇପାରେ। ମାତ୍ର ଆଜି ଯାହା ଭ୍ରାନ୍ତି ମନେହୁଏ, ତା' ପଛରେ ବି ଦିନେ ସତ୍ୟ ଥିଲା। ଏଣୁ ବ୍ୟାବହାରିକ ଜୀବନରେ ସ୍ଥାନ କାଳ ପାତ୍ର ଭେଦରେ ସତ୍ୟ ବଦଳିପାରେ। ଗାନ୍ଧିଜୀ ଅହିଂସାରେ ବିଶ୍ୱାସ କରୁଥିଲେ। ମାତ୍ର ଆବଶ୍ୟକ ପଡ଼ିଲେ ହିଂସ୍ର ପଶୁକୁ ହତ୍ୟା କରିବା ପାପ ନୁହେଁ ବୋଲି ମଧ୍ୟ ସେ ମତ ଦେଉଥିଲେ। ସେ କହୁଥିଲେ, "ମୋର ମତ ଯେ ସବୁବେଳେ ଅଭ୍ରାନ୍ତ, ଏ ଦର୍ଶନରେ ମୁଁ ବିଶ୍ୱାସ କରେ ନାହିଁ। ପ୍ରତ୍ୟେକ ଭାବାଦର୍ଶର ବିରୋଧୀ ବିଚାର ମଧ୍ୟ ଅଛି ଓ ଏହା ପରିସ୍ଥିତି ନିୟନ୍ତ୍ରିତ। ଏଣୁ ନିଜ ବିଚାରକୁ ଅଭ୍ରାନ୍ତ ବୋଲି ପ୍ରମାଣ କରିବା ସର୍ବଦା କ୍ଷତିକାରକ ଓ ଅପ୍ରୀତିକର।" ସେଥିପାଇଁ ସେ କହୁଥିଲେ, "ମୁଁ ସର୍ବଦା ସତ୍ୟର ଅନ୍ୱେଷଣ କରୁଛି। ମୋ' ଭିତରର ଅନ୍ତଃସ୍ୱର ଯେଉଁ ପଥ ପ୍ରଦର୍ଶନ କରିବ, ତାହା ହିଁ ମୋ ପାଇଁ ସତ୍ୟ।" ଅବଶ୍ୟ ବିଭିନ୍ନ ଲୋକଙ୍କ ଅନ୍ତଃସ୍ୱରର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ, ଏପରିକି ପରସ୍ପର ବିରୋଧୀ ମଧ୍ୟ ହୋଇପାରେ। ଏଣୁ ଗାନ୍ଧିଜୀ କହୁଥିଲେ, ସେ କ୍ଷେତ୍ରରେ କେତେକ ସର୍ତ୍ତ ପୂରଣ କରିବାକୁ ହେବ। ତାକୁ ଅନେକ ବ୍ରତ ପାଳନ କରିବାକୁ ପଡ଼ିବ ଯଥା ସତ୍ୟ କଥନ, ବ୍ରହ୍ମଚର୍ଯ୍ୟ, ଅହିଂସା, ଦାରିଦ୍ର୍ୟ ଓ ଅସଂଗ୍ରହ। ଏହି ପାଞ୍ଚବ୍ରତ ପାଳନ କରୁ ନ ଥିଲେ ଅନ୍ତଃସ୍ୱର ଠିକ୍ ଭାବରେ ଶୁଣିହେବ ନାହିଁ। ଲକ୍ଷ୍ୟ ଓ ଲକ୍ଷ୍ୟରେ ପହଞ୍ଚିବା ପାଇଁ ବ୍ୟବହୃତ ସାଧନ ଉଭୟକୁ ଗାନ୍ଧିଜୀ ସମାନ ଗୁରୁତ୍ୱ ଦେଉଥିଲେ। ସାଧନ ଶୁଦ୍ଧ ଓ ମହତ୍ ନ ହେଲେ ଲକ୍ଷ୍ୟ ଶୁଦ୍ଧ ଓ ମହତ୍ ହୋଇପାରିବ ନାହିଁ।

ବ୍ୟାବହାରିକ ଜୀବନରେ ସତ୍ୟର ସନ୍ଧାନ ଏକ କଷ୍ଟକର ବ୍ୟାପାର। ଖ୍ରୀ.ପୂ. ପଞ୍ଚମ ଶତାବ୍ଦୀରେ ଗ୍ରୀକ୍ ଦାର୍ଶନିକ କ୍ରେଟିଲସ୍ ଶପଥ ନେଲେ ଯେ, ସେ କେବଳ ସତ୍ୟ ହିଁ କହିବେ। କେବେ ମିଥ୍ୟା କହିବେ ନାହିଁ। ଯେ କୌଣସି ତଥ୍ୟ ବା ବକ୍ତବ୍ୟ ସତ୍ୟ ବୋଲି ନିଶ୍ଚିତ ନ ହେବା ପର୍ଯ୍ୟନ୍ତ ସେ କିଛି କହିବେ ନାହିଁ। ପରିଣତିରେ ତାଙ୍କୁ ଆଜୀବନ ମୌନ ରହିବାକୁ ପଡ଼ିଲା। ସତ୍ୟର ପଥ କଣ୍ଟକାକୀର୍ଣ୍ଣ। ତେବେ ସତ୍ୟ ସୁଦୂରପରାହତ ବୋଲି ଧରିନେଇ ନିଜକୁ ସତ୍ୟ ମିଥ୍ୟାଶ୍ରିତ ସ୍ରୋତରେ ଛାଡ଼ିଦେବା କି? ଏହି ପ୍ରଶ୍ନର ଉତ୍ତରରେ ବିଶିଷ୍ଟ ଲେଖକ ମନୋଜ ଦାସ କହନ୍ତି, "ସତ୍ୟ ପ୍ରତି ଉନ୍ମୁଖ ହେବା ଆମ ବ୍ୟକ୍ତିଗତ ଜୀବନର ଆତ୍ମିକ ପ୍ରଗତିର ଏକ ନିର୍ଭୁଲ୍ ଲକ୍ଷଣ। ସମଗ୍ର ସତ୍ୟ ଆମେ ଉପଲବ୍ଧି କରିପାରିବା ନାହିଁ ଠିକ୍, କିନ୍ତୁ ଯେ କୌଣସି ପରିସ୍ଥିତିରେ, ସମସ୍ୟାରେ, ଦ୍ୱନ୍ଦ୍ୱରେ ଆମେ ଯଦି ସେହି ମୁହୂର୍ତ୍ତରେ ନିଜକୁ ନିରପେକ୍ଷ ରଖି, ଶାନ୍ତ ଓ ନିରବ ରହି, ଦିବ୍ୟଶକ୍ତିକୁ ସ୍ମରଣ କରି, ଆମ ଚେତନାର ସର୍ବୋଚ୍ଚ ବିନ୍ଦୁରେ ରହିବାର ପ୍ରୟାସ କରି ଯାହା ଯଥାର୍ଥ ମନେହେବ ସେହି ସିଦ୍ଧାନ୍ତ ନେଉ ବା ସେହି ଅନୁସାରେ ପଦକ୍ଷେପ ନେଉ, ତେବେ ସତ୍ୟ ପ୍ରତି ସତ୍ ରହିଛୁ ବୋଲି ଆମ ନିଜର ଉପଲବ୍ଧି ହେବ। ପରିଣତି ଯାହା ହେଲେ ମଧ୍ୟ ଆମ ବିବେକ ପରିଚ୍ଛନ୍ନ ରହିବ। ଜଗତରେ ସତ୍ୟାୟନ ଦିଗରେ ଏହା ହେବ ଏକ ଅବଦାନ।"

**ପ୍ରାକ୍ତନ କଲେଜ ଅଧ୍ୟକ୍ଷ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ପରିସ୍ଥିତି ଓ ମନୋସ୍ଥିତି



ଡ. ମୌସୁମୀ ପରିଡ଼ା

ସତୁରି ଦଶକରେ ଆମେରିକାର ଜେଲ୍‌ଗୁଡିକରେ କ୍ଷମତା ଓ ବ୍ୟକ୍ତିତ୍ୱକୁ ନେଇ ନୌସେନା/ତଟରକ୍ଷୀ ବିଭାଗ ଅନୁସନ୍ଧିତ୍ସୁ ହୋଇପଡ଼ିଥିଲେ। ଜେଲର୍ ଓ କଏଦୀମାନଙ୍କ ମଧ୍ୟର ସମ୍ପର୍କ ଥିଲା ଗବେଷଣାର ବିଷୟବସ୍ତୁ। ୧୯୭୧ ଅଗଷ୍ଟ ମାସରେ କାଲିଫର୍ନିଆସ୍ଥିତ ଷ୍ଟାନ୍‌ଫୋର୍ଡ ରିସର୍ଚ୍ଚ ୟୁନିଭରସିଟିର ମନୋବୈଜ୍ଞାନିକ ପ୍ରଫେସର ଫିଲିପ୍ ଜିମ୍ବାର୍ଡୋ ଏହି ପରିପ୍ରେକ୍ଷୀରେ ଗବେଷଣା ଆରମ୍ଭ କଲେ। ଯୋଗ୍ୟତା ଭିତ୍ତିରେ ୭୦ଜଣ ଆବେଦନକାରୀଙ୍କ ମଧ୍ୟରୁ ୨୪ଜଣ ମନସ୍ତତ୍ତ୍ୱ ବିଭାଗ ଛାତ୍ରଙ୍କୁ ମନୋନୀତ କରାଗଲା। ଦୁଇ ସପ୍ତାହ ଧରି ହେବାକୁ ଥିବା ଗବେଷଣାରେ ପ୍ରତ୍ୟେକ ଛାତ୍ରଙ୍କୁ ୧୫ଡଲାର୍ ଲେଖାଏ ଦେବାକୁ ନିଷ୍ପତ୍ତି ନିଆଗଲା। ୧୨ଜଣଙ୍କୁ ନେଇ ଦୁଇଟି ଟିମ୍ ଗଠନ ହେଲା। ଗୋଟେ ଜେଲର୍‌ମାନଙ୍କର ଓ ଅନ୍ୟଟି କଏଦୀମାନଙ୍କର। ସେମାନଙ୍କୁ ସେହି କ୍ରମରେ ଅଭିନୟ କରିବାର ଥିଲା। ଟସ୍ ଅନୁଯାୟୀ କଏଦୀ ଓ ଜେଲର୍‌ମାନଙ୍କ ଚୟନ ପରେ ଉଭୟ ଟିମ୍‌କୁ ସେମାନଙ୍କ ଅନୁଯାୟୀ ପୋଷାକ ପିନ୍ଧିବାକୁ ହେଲା। ଫିଲିପ୍ ଜିମ୍ବାର୍ଡୋ ଜେଲ ସୁପରିଣ୍ଟେଣ୍ଡେଣ୍ଟ (ଅଧୀକ୍ଷକ) ଓ ଗବେଷକ ଡାଭିଡ୍ ଜାଫେନ୍ ୱାର୍ଡେନ୍ (ତତ୍ତ୍ୱାବଧାରକ) ଥିଲେ।

ନକଲି ଜେଲ ଠିକ୍ ଷ୍ଟାନ୍‌ଫୋର୍ଡ ଜୋର୍ଡାନ ହଲ୍ ତଳେ ନିର୍ମିତ ହୋଇଥିଲା। ୨୪ ଜଣଙ୍କ ଆଖିରେ ପଟି ବାନ୍ଧି ସେଠାକୁ ନିଆଯିବା ପରେ ଅଭିନୟ କରିବାକୁ କୁହାଗଲା। ୩ ଜଣ କଏଦୀଙ୍କ ପାଇଁ ଗୋଟିଏ କୋଠରି ଥିଲା। ସେମାନଙ୍କୁ ସେମାନଙ୍କ ନାଁ ପରିବର୍ତ୍ତେ ଜେଲ ପକ୍ଷରୁ ଦିଆଯାଇଥିବା ନମ୍ବର ଅନୁସାରେ ଡକାଯାଉଥିଲା। ଫିଲିପ୍ ଜିମ୍ବାର୍ଡୋ ଜେଲର୍ ଭୂମିକାରେ ଥିବା ଛାତ୍ରମାନଙ୍କୁ ସୀମା ଭିତରେ ରହି କଏଦୀମାନଙ୍କ ଭୂମିକାରେ ଥିବା ଅନ୍ୟ ଛାତ୍ରମାନଙ୍କ ଭିତରେ ବିରକ୍ତି, କ୍ଳାନ୍ତି, ହତାଶା, ଅସନ୍ତୋଷ ଓ ଭୟ ଜନ୍ମାଇବାକୁ କହିଥିଲେ। ପ୍ରଥମ ଦିନ ରାତି ସାଢ଼େ ଦୁଇଟାରେ ଜେଲର୍‌ମାନେ ହ୍ୱିସିଲ୍ ବଜାଇ ସେମାନଙ୍କୁ ନିଦରୁ ଉଠାଇ ବିରକ୍ତ କରିବାକୁ ଚେଷ୍ଟା କରି ସଫଳ ହେଲେ। କିଛି କଏଦୀ ମାନି ନ ଥିବାରୁ ସକାଳ ହେଉ ହେଉ ସେମାନଙ୍କୁ ଦଣ୍ଡ ମିଳିଲା।

ଦ୍ୱିତୀୟ ଦିନ ଆରମ୍ଭରେ ଅନ୍ୟାୟରେ ଦଣ୍ଡିତ ହୋଇଥିବା କଏଦୀମାନେ ଦଣ୍ଡକୁ ବିରୋଧ କରି ସେମାନଙ୍କୁ ଦିଆଯାଇଥିବା ପରିଚୟ ସଂଖ୍ୟା ଓ ଟୋପିଗୁଡିକୁ ଫିଙ୍ଗି ବେଡ୍ ସହ କବାଟକୁ ଭିଡି ବନ୍ଦକରି ରଖିବାରୁ ଜେଲର୍‌ମାନେ ବାଧ୍ୟ ହୋଇ ନିଆଁଲିଭା ଯନ୍ତ୍ର ସାହାଯ୍ୟରେ କବାଟ ଫିଟାଇ ପ୍ରତ୍ୟେକଙ୍କୁ ଅକଥନୀୟ ଯନ୍ତ୍ରଣା ଦେବାକୁ ଲାଗିଲେ। ସେମାନଙ୍କ ଦେହରୁ ପୋଷାକ କାଢ଼ି, ପାଦରେ ଶିକୁଳି ବାନ୍ଧି, ଭୋକ ଉପାସରେ ରଖି ମାନସିକ ନିର୍ଯାତନା ଦେଲେ। କେତେଜଣ କଏଦୀ ଭୟଭୀତ ହୋଇ ଜେଲର୍‌ମାନଙ୍କୁ ମାନିବାକୁ ଆରମ୍ଭ କଲେ। ଆଉ କେତେଜଣ ବିରୋଧ କଲେ।

ତୃତୀୟ ଦିନରେ ଭୋକଶୋଷରେ ଆଉଟୁପାଉଟୁ କଏଦୀମାନେ ନିଜ ବ୍ୟକ୍ତିତ୍ୱ, ଚରିତ୍ର ଓ ଜେଲର୍‌ମାନେ ନିଜ ବିଚାରବୋଧ ପାସୋରିଦେଲେ। ତା' ପରଦିନ ସେମାନଙ୍କୁ ଗାଧୁଆ ଘର ମନାହେଲା। ମଳମୂତ୍ର ତ୍ୟାଗ ପାଇଁ ସେଇ ରୁମ୍‌ରେ ଛୋଟପାତ୍ର ରଖାଗଲା। କଏଦୀମାନେ ଅଖିଆ ଅପିଆ ରହି ଅସ୍ୱାସ୍ଥ୍ୟକର ପରିବେଶରେ ବିଦ୍ରୋହୀ ହୋଇପଡିଲେ। ନମ୍ବର ଅନୁସାରେ ନାମିତ ହେଉଥିବାରୁ ନିଜ ବାସ୍ତବ ପରିଚୟ ଓ ଅଭିନୟର ଉଦ୍ଦେଶ୍ୟ ସବୁକୁ ଭୁଲି ବସିଲେ। ସେମାନଙ୍କୁ ଦୁଇଦଳ କରି ରଖାଗଲା। ଜେଲର୍‌ମାନଙ୍କୁ ମାନୁଥିବା କଏଦୀମାନେ ଜେଲ ଭିତରର ସବୁତକ ସୁବିଧା ଉପଭୋଗ କରୁଥିବାବେଳେ ବିରୋଧୀମାନେ ହତାଶା,



କ୍ଳାନ୍ତି, ମାନସିକ ଅବସାଦରେ ବଞ୍ଚିଲେ। କେତେଜଣ ତ ସବୁ ପୁଞ୍ଜିବିନିମୟରେ ପାରୋଲ୍‌ରେ ଘରକୁ ଫେରିବାକୁ ଚାହିଁଲେ। କିଛିଦିନ ଭିତରେ ନିଜେ ସୁପରିଣ୍ଟେଣ୍ଡେଣ୍ଟ ଜିମ୍ବାର୍ଡୋ ଅନୁଭବ କଲେ ଯେ ଅଭିନୟକୁ ସତ ମଣି କଏଦୀମାନେ ନିଜକୁ ଭୁଲିଯାଇଛନ୍ତି! ଏହାକୁ ଗବେଷଣାର ଅଂଶ ବୋଲି ସେମାନେ ଭାବୁନାହାନ୍ତି!

ଆଉଗୋଟେ କଥା ପରିଲକ୍ଷିତ ହୋଇଥିଲା ଯେ ଜେଲର୍‌ମାନଙ୍କ ମଧ୍ୟରେ ବି କେତେଜଣ ଜେଲର୍ କଏଦୀମାନଙ୍କୁ ବିଲ୍‌କୁଲ୍ ଦଣ୍ଡ ଦେଉ ନ ଥିଲେ। ସେମାନେ ସବୁପ୍ରକାରର ସୁବିଧା ଦେଇ ସେମାନଙ୍କୁ ସ୍ୱାଭାବିକ ରଖିବାର ପ୍ରୟାସ କରୁଥିଲେ, ଆଉକିଛି ନିର୍ମମ ଅତ୍ୟାଚାର ଦ୍ୱାରା ନିଜ କ୍ଷମତାର ଅପବ୍ୟବହାର କରୁଥିଲେ, ଯାହା କଏଦୀମାନଙ୍କ ସ୍ୱାଭାବିକତାକୁ ନଷ୍ଟ କରିଥିଲା। ସେତେବେଳକୁ ଗବେଷଣା ଷଷ୍ଠ ଦିନରେ ପହଞ୍ଚି ସାରିଥିଲା। ଅଭିନୟ କରୁଥିବା ଛାତ୍ରମାନଙ୍କ ସାକ୍ଷାତ୍‌କାର ନେବାକୁ ଆସିଥିବା ପିଏଚ୍.ଡି. ଛାତ୍ରୀ ତଥା ଗବେଷିକା କ୍ରିଷ୍ଟିନା ମାସଲକ୍ କଏଦୀମାନଙ୍କ ଭୟଙ୍କର ସ୍ଥିତି ଓ ମନୋଦ୍ଦଶା ଦେଖି ବିଚଳିତ ହୋଇ ବନ୍ଧୁ ଫିଲିପ୍ ଜିମ୍ବାର୍ଡୋଙ୍କୁ ଏତାଦୃଶ ନିଷ୍ଠୁରତା ବନ୍ଦ କରିବାକୁ କହିଥିଲେ। ଜିମ୍ବାର୍ଡୋ ଅନୁଭବ କରିଥିଲେ ସେ ବି ନିଜକୁ ଜଣେ ମନସ୍ତତ୍ତ୍ୱବିତ୍ ବୋଲି ଭୁଲିଯାଇ ଜେଲ ଅଧୀକ୍ଷକ ମନେକରୁଛନ୍ତି! ସେହିପରି ଜେଲର୍‌ମାନେ ଅତ୍ୟାଚାରୀ, ନିଷ୍ଠୁର ହୋଇପଡିଥିବାବେଳେ କଏଦୀମାନେ ଅବସାଦବୋଧ ଦ୍ୱାରା ନିଜ ପରିଚୟ ଭୁଲିଯାଇଛନ୍ତି!

ଅସୁସ୍ଥ ବାତାବରଣ ମନ ଉପରେ ଗଭୀର ପ୍ରଭାବ ପକାଏ। ବାସ୍ତବ ଅବାସ୍ତବ, ସତମିଛ ଯାହା ଦିଶେ ତା' ଦ୍ୱାରା ମସ୍ତିଷ୍କ ଆକ୍ରାନ୍ତ ହୁଏ। ଯାହା ଦେଖାଇବାର ଚକ୍ରାନ୍ତ ରଚାଯାଏ ସେସବୁକୁ ମସ୍ତିଷ୍କ ଅଚିରେ ଗ୍ରହଣ କରିଯାଏ। ଅର୍ଥାତ୍ ମିଛ ବା ଛଳନା ଦ୍ୱାରା ମଣିଷ ବେଶି ପ୍ରଭାବିତ ହୁଏ। ଦ୍ୱିତୀୟ କଥାଟି ହେଲା କ୍ଷମତାର ଅପବ୍ୟବହାରକାରୀମାନେ ଯଦି କ୍ଷମତାଶାଳୀ ହେବେ ତେବେ ସେମାନଙ୍କ ଅଧୀନରେ ଥିବା ଲୋକଙ୍କ ଅବସ୍ଥା କଏଦୀଙ୍କ ପରି ହେବ। କିନ୍ତୁ କିଛି କ୍ଷମତାସୀନ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନବତାକୁ ଦୃଷ୍ଟିରେ ରଖି କ୍ଷମତାର ଉପଯୋଗ କରିଥାନ୍ତି। ସେଠାରେ ମଣିଷପଣିଆ ବଞ୍ଚିରହେ। ଚତୁର୍ଥ କଥାଟି ହେଲା ବିପରୀତ ସ୍ଥିତିରେ ଯେଉଁମାନେ ଅବିଚଳିତ ରହି ବାସ୍ତବତା ଅନୁସାରେ ଚାଲିଥାନ୍ତି (ସଚେତନ କଏଦୀ) ସେମାନେ ଯେକୌଣସି ବିପରୀତ ସ୍ଥିତିକୁ ଧୈର୍ଯ୍ୟର ସହିତ ମୁକାବିଲା କରିଥାନ୍ତି।

ଚା, ଆଳୁ, କଫି, ଅଣ୍ଡା ଏ ଚାରୋଟି ଜିନିଷ ଚାରୋଟି ତତ୍ତ୍ୱର ପ୍ରତୀକ। ଚା'କୁ ଗରମ କଲେ ସେ ତା'ର ବାସ୍ନା ଓ ରଙ୍ଗ ଛାଡେ। ଚା'ପତି ଛଣା ହୋଇଗଲେ ବି ସେ ପାଣି ବା କ୍ଷୀରରେ ମିଶି ସାରିଥାଏ। ଆଳୁକୁ ଗରମ କଲେ ସେ ସ୍ୱାଭାବିକତାଠୁ ନରମ ହୋଇଯାଏ। କଫି କିନ୍ତୁ ପୂରାପୂରି ପାଣି କିମ୍ବା କ୍ଷୀରରେ ମିଶିଯାଏ। ଅଣ୍ଡା ଗରମ ହେଲା ପରେ ତା ଭିତରର କୋମଳ ଅଂଶଟି କଠିନ ହୋଇଯାଏ। ତେଣୁ ଭାବିବାକୁ ହେବ ବିଷମ ପରିସ୍ଥିତିରେ ମଣିଷ କାହା ପରି ହେବା ଉଚିତ। ଚା' ପରି ନିଜକୁ କ୍ଷୟ କରିବ ନା ଆଳୁ ପରି ନିଜ ଧର୍ମ ହରାଇବ! କଫି ପରି ନିଜକୁ ସ୍ଥିତି ଆଗରେ ସମର୍ପଣ କରିଦେବ ନା ଅଣ୍ଡାର ଭିତର–ଅଂଶ ପରି କଠିନ ହୋଇଯିବ! ବସ୍ତୁ ତା' ଧର୍ମ ଅନୁସାରେ ବଦଳେ। ମଣିଷ ବି ସ୍ୱଧର୍ମ ତ୍ୟାଗକରି ପାରେନା କିନ୍ତୁ ଚାହିଁଲେ ବଦଳାଇପାରେ। ଦସ୍ୟୁ ରତ୍ନାକର ବାଲ୍ମିକୀ ହୋଇପାରିଥିଲେ। ଏହା ସତ୍ୟ ଯେ ମଣିଷ ଭିତରର କ୍ଷମତା ଲିପ୍ସା ତାକୁ ଅମଣିଷ ବନାଇବାକୁ ମୁହୂର୍ତ୍ତଟିଏ ବି ଲଗାଏନି।

ଯଦିଓ ଷ୍ଟାନ୍‌ଫୋର୍ଡ ରିସର୍ଚ୍ଚ ୟୁନିଭର୍‌ସିଟିରେ ଏହି ଗବେଷଣା ବିବାଦୀୟ ହୋଇପଡିଥିଲା ତେବେ ବି ମଣିଷର ମନୋଦ୍ଦଶା ସମ୍ପର୍କରେ ଧାରଣା ସ୍ପଷ୍ଟ କରିଥିଲା ନିଶ୍ଚୟ। କହିବା ବାହୁଲ୍ୟ– ସ୍ଥିତି ହିଁ ମଣିଷର ବ୍ୟକ୍ତିତ୍ୱକୁ ଉନ୍ମୋଚିତ କରେ।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

କୃଷି କ୍ଷେତ୍ରରେ ଜ୍ଞାନକୌଶଳର ବିକାଶ ହେଉଥିବାରୁ ଏହାର ସକାରାତ୍ମକ ପ୍ରଭାବ ମୁକ୍ତା ଚାଷରେ ପରିଲକ୍ଷିତ ହେଉଛି। ରାଜସ୍ଥାନ ଭରତପୁରର ଗୌରବ ପଟୌରି ଉନ୍ନତ ଜ୍ଞାନ କୌଶଳରେ ମୁକ୍ତାଚାଷ କରିଛନ୍ତି। ସେ ଏଥିରୁ ୨୧ ମାସରେ ୫୫ ଲକ୍ଷ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଗୌରବ ୨୦୧୭ରେ ମେକାନିକାଲ ଇଞ୍ଜିନିୟରିଂରେ ଶିକ୍ଷା ଶେଷକରି ସରକାରୀ ଚାକିରି ପାଇଁ ବର୍ଷ ବର୍ଷ ଧରି ଚେଷ୍ଟା କରିବା ପରେ ସଫଳତା ପାଇ ନ ଥିଲେ। ସେ କ'ଣ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲେ। ପରେ ମୁକ୍ତାଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ଏଥିପାଇଁ ଓଡ଼ିଶାସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ ଫର ଫ୍ରେଶୱାଟର ଆକ୍ୱାକଲଚର (ସିଆଇଏଫ୍ଏ)ରୁ ୫ ଦିନିଆ ପ୍ରଶିକ୍ଷଣ ଶେଷ କରି ଏହି ଚାଷ ଆରମ୍ଭ କରିଥିଲେ। ପ୍ରଥମେ ୧୫୦ ଫୁଟ ଲମ୍ବ ଓ ୮୦ ଫୁଟ ଚଉଡ଼ା ପୋଖରୀ ଖୋଳିଥିଲେ ଏବଂ ୧ ଲକ୍ଷ ୧୫ ହଜାର ଶାମୁକା ସେଥିରେ ଛାଡ଼ିଥିଲେ। ଏଥିରେ ସେ ୨୧ ଲକ୍ଷ ନିବେଶ କରିଥିଲେ ଏବଂ ୨୧ ମାସରେ ସେ ମୁକ୍ତାରୁ ୫୫ ଲକ୍ଷ ଟଙ୍କା ପାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଜୁନ୍ ୧୯୭୬**

- ଭାରତ ଓ ପାକିସ୍ତାନ ମଧ୍ୟରେ କୁଟନୈତିକ ସମ୍ପର୍କରେ ପୁନଃ ସଂସ୍ଥାପନ ଲାଗି ଦୁଇ ଦେଶ ପକ୍ଷରୁ ନିଜ ନିଜର ରାଷ୍ଟ୍ରଦୂତ ନିଯୁକ୍ତ ଘୋଷଣା କରାଯାଇଛି।
- ଲେବାନନ୍‌ରେ ଯୁଦ୍ଧ ବିରତି ପାଳନ ପାଇଁ ସିରିଆ ଓ ପାଲେଷ୍ଟାଇନିୟାନ ସେଣ୍ଟ୍ରାଲ କମାଣ୍ଡ ମଧ୍ୟରେ ଏକ ରାଜିନାମା ହୋଇଛି।
- ଯୁକ୍ତରାଷ୍ଟ୍ର ଆମେରିକାରେ ମୋଟର ଟାୟାର ତିଆରି କରୁଥିବା ବିଭିନ୍ନ କାରଖାନାର ପ୍ରାୟ ୬୦ ହଜାର ଶ୍ରମିକ ଧର୍ମଘଟ କରିବା ଦ୍ୱାରା ୫୦ଟି ରବର ସାମଗ୍ରୀ କାରଖାନା ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡ଼ିଛି।

## ଚିରନ୍ତନୀ

ଉଚ୍ଚ ଚୂଡ଼ା ପରେ ତା'ର ମହାଦୀପ
ଜାଳିଲ ଜୀବନ୍ତ
ଚିନ୍ତାର ତଇଳ ଢାଳି ଦେଖାଇଲ
ଆଲୋକ ଅନନ୍ତ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 9 | | | | 5 |
| 7 | | 1 | | | | | | |
| 3 | | 6 | | | | | 4 | |
| | | | 2 | 1 | | 6 | | |
| 4 | | 2 | | | | | | 9 |
| | 1 | | | | 5 | | | 8 |
| | | 3 | 6 | | | | | |
| 9 | | | 5 | | 8 | 1 | | |
| | | 4 | | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 8 | 9 | 4 | 1 | 3 | 5 | 2 |
| 4 | 2 | 5 | 6 | 7 | 3 | 9 | 1 | 8 |
| 9 | 1 | 3 | 5 | 8 | 2 | 4 | 7 | 6 |
| 1 | 8 | 6 | 4 | 9 | 7 | 2 | 3 | 5 |
| 2 | 9 | 7 | 8 | 3 | 5 | 6 | 4 | 1 |
| 3 | 5 | 4 | 1 | 2 | 6 | 7 | 8 | 9 |
| 5 | 4 | 1 | 7 | 6 | 9 | 8 | 2 | 3 |
| 7 | 6 | 2 | 3 | 5 | 8 | 1 | 9 | 4 |
| 8 | 3 | 9 | 2 | 1 | 4 | 5 | 6 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାସ୍ତା ଦୁରବସ୍ଥା


ମହାଶୟ,

ପୂର୍ବ ସତ୍ୟବାଦୀର ସୁଆଣ୍ଡୋ ଗ୍ରାମଠାରୁ ବିଦ୍ୟାଧରପୁର ପର୍ଯ୍ୟନ୍ତ ଚନ୍ଦନପୁର ଶାଖା କେନାଲର ବନ୍ଧ ରାସ୍ତା ପ୍ରଶସ୍ତ ତଥା ପିଚୁ ଢଳାଇ ହୋଇଥିବା ବେଳେ ବଳଙ୍ଗା ପର୍ଯ୍ୟନ୍ତ ରାସ୍ତାରୁ ବିଦ୍ୟାଧରପୁରଠାରୁ ପ୍ରାୟ ୨ କି.ମି. ରାସ୍ତା ଖାଲଖମାରେ ପରିପୂର୍ଣ୍ଣ। ଏହି ରାସ୍ତାରେ ଭାରିଯାନ, ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଆର୍‌ଟିସି (ଲକ୍ଷ୍ମୀବସ୍) ଓ ଅଗଣିତ ମୋଟର କାର୍, ଟ୍ରାକ୍ଟର, ବାଇକ୍ ଚାଲୁଛି। ପିଚୁ ଉଠିଯାଇଥିବାରୁ ପଥଚାରୀ ଓ ଛାତ୍ରୀଛାତ୍ର ବଡ଼ କଷ୍ଟରେ ଯାତାୟାତ କରୁଛନ୍ତି। ଏହି ସମସ୍ୟା ପ୍ରାୟ ଏକ ବର୍ଷ ହେବ ହୋଇଥିଲେ ହେଁ କିପରି ଜଳସମ୍ପଦ ବିଭାଗ ଅଧିକାରୀ ତଥା ରାଜନେତାଙ୍କୁ ମାଲୁମ ହେଉନାହିଁ ତାହା ଅଞ୍ଚଳବାସୀଙ୍କୁ ଚକିତ କରୁଛି। ଭବିଷ୍ୟତରେ ଦୁର୍ଘଟଣା ଘଟିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**– ରାମଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଆମେରିକା



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସିଚୁଏଶନ୍ ରୁମ୍‌ରେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ 'ଅପରେଶନ୍ ମିଡ୍‌ନାଇଟ୍ ହାମର' ଉପରେ ଅନୁଧ୍ୟାନ କରୁଛନ୍ତି।

ଆମେରିକା ନିଜ ରଣନୈତିକ, ରାଜନୈତିକ, ଅର୍ଥନୈତିକ ସ୍ୱାର୍ଥ ଓ ନିରାପତ୍ତା ଦୃଷ୍ଟିରୁ ଅନେକ ଦଶନ୍ଧି ଧରି ମଧ୍ୟପ୍ରାଚ୍ୟ ସଂଘର୍ଷରେ ସମ୍ପୃକ୍ତ ରହିଆସିଛି। ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ-ହମାସ୍ ଯୁଦ୍ଧ ଲାଗି ରହିଥିବାବେଳେ ୨୦୨୪ ନଭେମ୍ବର ନିର୍ବାଚନବେଳେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଏଥିପାଇଁ ତତ୍କାଳୀନ ଡେମୋକ୍ରାଟ୍ ପ୍ରେସିଡେଣ୍ଟ ଜୋ ବାଇଡେନ୍‌ଙ୍କୁ ଦାୟୀ କରିଥିଲେ। ଏଥିସହ ଆମେରିକୀୟଙ୍କ ଅର୍ଥରେ ବିଶ୍ୱର କୌଣସି ଭାଗରେ ଆଉ ଯୁଦ୍ଧ ଲଢ଼ାଯିବ ନାହିଁ। ସେହି ସମ୍ବଳକୁ ଆମେରିକାବାସୀଙ୍କ ଉନ୍ନତିରେ ଖର୍ଚ୍ଚ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନିର୍ବାଚନ ଜିତିବା ପରେ ୨୦୨୫ ଜାନୁଆରୀରେ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସି ଗୋଟିଏ ପରେ ଗୋଟିଏ ବିବାଦୀୟ ନିଷ୍ପତ୍ତି ନେଇଚାଲିଛନ୍ତି। ତନ୍ମଧ୍ୟରୁ ଇସ୍ରାଏଲ୍-ଇରାନ୍ ଯୁଦ୍ଧକୁ ଲମ୍ଫ ମାରିବା ଅନ୍ୟତମ। ଜୁନ୍ ୨୧-୨୨ ରାତିରେ ଆମେରିକା ବାୟୁସେନାର ୬ଟି ବି-୨ ବମ୍ବର ଇରାନ୍‌ର ଫର୍ଦୋ, ଇସ୍‌ଫାହାନ୍ ଓ ନତାଞ୍ଜ ଆଣବିକ କେନ୍ଦ୍ରକୁ ଟାର୍ଗେଟ କରିଛି। ଏଥିସହ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ପ୍ରତ୍ୟକ୍ଷ ଭାବେ ମଧ୍ୟପ୍ରାଚ୍ୟ ସଂଘର୍ଷରେ ସାମିଲ ହୋଇଛି। ଦେଖିବାକୁ ଗଲେ କୌଣସି ଦେଶ ସହ ଯୁଦ୍ଧରେ ସାମିଲ ହେବା ପାଇଁ ରାଷ୍ଟ୍ରପତି ନିଷ୍ପତ୍ତି ନେଇପାରିବେ ନାହିଁ। ଏହି କ୍ଷମତା କେବଳ କଂଗ୍ରେସର ରହିଛି। କଂଗ୍ରେସ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପନ ନ କରି ଟ୍ରମ୍ପ୍ ତେହରାନ୍ ବିପକ୍ଷରେ ନିଜ ସାମରିକ ବଳକୁ ଯୁଦ୍ଧଭୂମିକୁ ଓହ୍ଲାଇଦେଇଥିବାରୁ ଦେଶ ଭିତରୁ ତାଙ୍କୁ ବିରୋଧ ଆରମ୍ଭ ହୋଇଯାଇଛି। ସେହିପରି ଚାଇନା ଓ ରୁଷିଆ ଭଳି ସାମରିକ ଶକ୍ତିଗୁଡ଼ିକ ମଧ୍ୟ ଟ୍ରମ୍ପ୍‌ଙ୍କ ଏହି ପଦକ୍ଷେପକୁ ନାପସନ୍ଦ କରିଛନ୍ତି।

## ଆମେରିକାର ଘାତକ ବି-୨ ବମ୍ବର



ୱାଶିଂଟନ୍,୨୨।୬

ଇରାନ୍‌ର ୩ ଆଣବିକ କେନ୍ଦ୍ରକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ସକ୍ଷମ ହୋଇଥିବା ଆମେରିକାର ବି-୨ ବମ୍ବର ମିସୋରିଠାରୁ ଲଗାତର ୩୭ ଘଣ୍ଟା ଉଡ଼ାଣ କରି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ମିଶନକୁ ସଫଳ କରିଥିଲା। ଶନିବାର ବି-୨ ବମ୍ବରଗୁଡ଼ିକ ଗୁଆମ୍ ପାସିଫିକ୍ ଆଇଲାଣ୍ଡରେ ରହିଥିଲା। ୭ହଜାର ମାଇଲ ଅତିକ୍ରମ କରି ରବିବାର ଭୋର ସମୟରେ ଫର୍ଦୋ, ନତାଞ୍ଜ ଓ ଇଶ୍‌ଫାହାନ୍ ନ୍ୟୁକ୍ଲିୟର ସାଇଟ୍‌ରେ ପହଞ୍ଚିବା ପୂର୍ବରୁ ୬ଟି ଯାକ ବମ୍ବରରେ ଆକାଶରେ ଅନେକ ଥର ଇନ୍ଧନ ଭର୍ତ୍ତି କରାଯାଇଥିଲା। ଏହି ଏୟାରକ୍ରାଫ୍ଟ ଭୂତଳ ଟାର୍ଗେଟକୁ ଲକ୍ଷ୍ୟଭେଦ କରିବା ପାଇଁ ଜିବିୟୁ-୫୭ ମାସିଭ୍ ଅର୍ଡନାନ୍ସ ପେନେଟ୍ରେଟର ଧାରଣ ସହ ଯାତ୍ରା କରିପାରିବା ଭଳି ଡିଜାଇନ୍ ହୋଇଛି। ଗୋଟିଏ ବି-୨ ବମ୍ବରର ମୂଲ୍ୟ ୨.୧ ବିଲିୟନ୍ ଡଲାର ହୋଇଥିବାରୁ ଏହାକୁ ବିଶ୍ୱର ଅନ୍ୟତମ ଦାମୀ ଫାଇଟର ଜେଟ୍ କୁହାଯାଏ। ଏହାର ଅପରେଟିଂ ଖର୍ଚ୍ଚ ଘଣ୍ଟା ପ୍ରତି ୧୫୦,୦୦୦ ଡଲାର। ଲଗାତର ୩୬ରୁ ୪୪ ଘଣ୍ଟା ପର୍ଯ୍ୟନ୍ତ ଏହା ମିଶନରେ ସାମିଲ ହୋଇ ଦୂରଗାମୀ ସ୍ଥଳକୁ ଟାର୍ଗେଟ କରିଥାଏ।

### ଲଗାତର ୩୭ ଘଣ୍ଟା ଉଡ଼ାଣ କରିଥିଲା


ଆମେରିକାର ଆକ୍ରମଣ ପରେ ତେହରାନ୍‌ରେ ଟ୍ରମ୍ପ୍ ବିରୋଧୀ ବିକ୍ଷୋଭ।

## ଆକ୍ରମଣକୁ ରୁଷିଆ, ଚାଇନାର ନିନ୍ଦା

ମସ୍କୋ/ବେଜିଂ,୨୨।୬

ଇରାନର ୩ଟି ଆଣବିକ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣକୁ ରୁଷିଆ ଦାୟିତ୍ୱହୀନତା କହି କଡ଼ା ନିନ୍ଦା କରିଥିବାବେଳେ ଏହା ଅନ୍ତର୍ଜାତୀୟ ଆଇନ, ଜାତିସଂଘ ଚାର୍ଟର ଏବଂ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମାର ଗୁରୁତର ଉଲ୍ଲଂଘନ ବୋଲି କହିଛି। ସେହିପରି ଚାଇନା ମଧ୍ୟ ଆମେରକାର ଏୟାରଷ୍ଟ୍ରାଇକ୍‌କୁ ଦୃଢ଼ ନିନ୍ଦା କରିବା ସହ ଏହା ଜାତିସଂଘ ଚାର୍ଟରର ଉଲ୍ଲଂଘନ ଓ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଥିବା କହିଛି। ଯୁଦ୍ଧରେ ସାମିଲ ଥିବା ଇସ୍ରାଏଲ୍ ଏବଂ ଅନ୍ୟ ପକ୍ଷମାନେ ଆଲୋଚନା ଜରିଆରେ ଯଥାଶୀଘ୍ର ସମ୍ଭବ ଯୁଦ୍ଧବିରତି ରାଜିନାମାରେ ପହଞ୍ଚିବା ଏବଂ ନାଗରିକମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ବେଜିଂ ଆହ୍ୱାନ ଦେଇଛି।


ଇରାନର ଆଣବିକ କାର୍ଯ୍ୟକ୍ରମକୁ ଧ୍ୱଂସ କରିବା ପାଇଁ ଆମେରିକା ରବିବାର ଏହାର ଫର୍‌ଦୋ, ଇସ୍‌ଫାହାନ ଏବଂ ନତାଞ୍ଜ ନ୍ୟୁକ୍ଲିୟର ଫାସିଲିଟି ଉପରେ ଜୋର୍‌ଦାର ଆକ୍ରମଣ କରିଥିଲା। ଏହି ଆକ୍ରମଣ ପରେ ଇରାନର ନ୍ୟୁକ୍ଲିୟର ଫାସିଲିଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରିଥିଲେ। ଆମେରିକା ସେନା ବହୁତ ସଫଳ ଆକ୍ରମଣ କରିଛନ୍ତି ଏବଂ ଇରାନ ଯଦି ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ଆହୁରି ଆକ୍ରମଣ ହେବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ସୁରକ୍ଷାରେ ଥିବା ଇରାନର ୩ଟି ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣକୁ ଚାଇନା ଦୃଢ଼ ନିନ୍ଦ କରିଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କହିଛନ୍ତି। ଏହା ଜାତିସଂଘ ଚାର୍ଟର ଏବଂ ଅନ୍ତର୍ଜାତୀୟ ଆଇନର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ଗୁରୁତର ଉଲ୍ଲଂଘନ ଏବଂ ପଶ୍ଚିମ ଏସିଆରେ ଉତ୍ତେଜନା ବଢ଼ାଇଛି। ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ବେଜିଂ ଅନ୍ତର୍ଜାତୀୟ ସମୁଦାୟ ସହ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ସେହିପରି ରୁଷିଆ ବହିର୍ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏକ ସାର୍ବଭୌମ ରାଷ୍ଟ୍ରରେ ମିଶାଇଲ୍ ଓ ବୋମା ଆକ୍ରମଣ ଦାୟିତ୍ୱହୀନ ନିଷ୍ପତ୍ତି। ଜାତିସଂଘ ସୁରକ୍ଷା ପରିଷଦର ଏକ ସ୍ଥାୟୀ ସଦସ୍ୟ ରାଷ୍ଟ୍ର ଦ୍ୱାରା ଏଭଳି ଆକ୍ରମଣ ବିଶେଷ ଭାବେ ଚିନ୍ତାଜନକ ବୋଲି ଆମେରିକାର ନାଁ ନ ନେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଆକ୍ରମଣ ପରେ ଆମେରିକା ରାଷ୍ଟ୍ରପତିଙ୍କ ସହ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କର ଆଲୋଚନା କରିବାର କୌଣସି ଯୋଜନା ନାହିଁ ବୋଲି କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଛି।

## ଉତ୍ତେଜନା ହ୍ରାସ ପାଇଁ ଇରାନ ରାଷ୍ଟ୍ରପତିଙ୍କୁ କହିଲେ ମୋଦି

ନୂଆଦିଲ୍ଲୀ,୨୨।୬

ଇରାନର ଆଣବିକ ସ୍ଥଳ ଉପରେ ଆମେରିକାର ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଇରାନ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି। ଇସ୍ରାଏଲ୍ ସହ ଇରାନର ସଂଘର୍ଷକୁ ନେଇ ଭାରତର ଉଦ୍‌ବେଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜଣାଇବା ସହ ଆଲୋଚନା ଓ କୂଟନୈତିକ ମାର୍ଗ ଜରିଆରେ ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଆହ୍ୱାନ ଦେଇଛନ୍ତି। ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣ ଯୋଗୁ ଆଞ୍ଚଳିକ ଯୁଦ୍ଧ ବ୍ୟାପିବା ଆଶଙ୍କା ସୃଷ୍ଟି ହୋଇଛି। ସଂଯମ ରହିବାକୁ ବହୁ ପ୍ରମୁଖ ଦେଶ ଆହ୍ୱାନ ଦେଇଛନ୍ତି।



ଇରାନ୍ ପକ୍ଷରୁ ରବିବାର ଇସ୍ରାଏଲ୍‌କୁ ଟାର୍ଗେଟ କରି ୪୦ଟି ଖୋରାମ୍‌ଶହର-୪ ମିଶାଇଲ୍ ମାଡ଼ କରାଯାଇଛି। ଏଥିରେ ତେଲ୍‌ଆଭିଭ ସହରର ବିଭିନ୍ନ ଭାଗ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ବିଶ୍ୱ ସମୁଦାୟର ପ୍ରତିକ୍ରିୟା

ଦୁବାଇ/ପ୍ୟାରିସ୍,୨୨।୬

ଇରାନ ଓ ଇସ୍ରାଏଲ୍ ଯୁଦ୍ଧରେ ଆମେରିକା ପ୍ରତ୍ୟକ୍ଷ ସମ୍ପୃକ୍ତ ହେବା ଦ୍ୱାରା ଆଞ୍ଚଳିକ ସଂଘର୍ଷ ଆହୁରି ବଢ଼ିପାରେ ବୋଲି ବିଭିନ୍ନ ଦେଶ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେମାନେ ଆମେରିକାକୁ ସତର୍କ କରାଇବା ସହ କୂଟନୈତିକ ସ୍ତରରେ ଯୁଦ୍ଧ ବନ୍ଦ ଲାଗି ଉଦ୍ୟମ କରିବାକୁ ଆହ୍ୱାନ ଦେଇଛନ୍ତି।

ଆମେରିକାର ବୋମା ଆକ୍ରମଣ ଆଞ୍ଚଳିକ ଦ୍ୱନ୍ଦ୍ୱ ବଢ଼ାଇବ ବୋଲି ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଅଉନ୍ କହିବା ସହ ବୁଝାମଣା ପାଇଁ ଆହ୍ୱାନ ଦେଇଛନ୍ତି। ଇସ୍ରାଏଲ୍ ଏବଂ ହେଜବୋଲ୍ଲା ଆତଙ୍କବାଦୀ ସଂଗଠନର ଯୁଦ୍ଧ ପରେ ଲେବାନନ୍‌ର ନୂଆ ନେତୃତ୍ୱ ଦେଶଗୁଡ଼ିକୁ ବିବାଦ ମଧ୍ୟକୁ ନିଜକୁ ନ ଟାଣିବାକୁ ଏବଂ ଦୀର୍ଘବର୍ଷର ଆର୍ଥିକ ସଙ୍କଟରୁ ମୁକୁଳିବାକୁ ଆହ୍ୱାନ ଦେଇଛନ୍ତି। ଯୁଦ୍ଧରୁ ହେବାକୁ ଥିବା କୌଣସି ପ୍ରକାର ସମ୍ଭାବ୍ୟ ଆଞ୍ଚଳିକ ପ୍ରଭାବରୁ ଲେବାନନ ଦୂରେଇ ରହିବା ଆବଶ୍ୟକ ବୋଲି ଏହାର ପ୍ରଧାନମନ୍ତ୍ରୀ ନୱାଫ୍ ସଲାମ କହିଛନ୍ତି।

ଆମେରିକା ନିଜର ସାମରିକ ଶକ୍ତିକୁ ବ୍ୟବହାର କରିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ, ଯାହାର ଧ୍ୱଂସାତ୍ମକ ପରିଣାମ ସଭ୍ୟତା, ଅଞ୍ଚଳ ଏବଂ ବିଶ୍ୱ ଉପରେ ପଡ଼ିବ ବୋଲି ଗୁଟେରେସ୍ ଏକ୍ସ'ରେ ଲେଖିଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଉତ୍ତେଜନା ହ୍ରାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସଙ୍କଟର କୂଟନୈତିକ ପରିସମାପ୍ତି ପାଇଁ ଇରାନ ବୁଝାମଣା ଟେବୁଲ୍‌କୁ ଫେରିବା ନିମନ୍ତେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆହ୍ୱାନ ଦେଇଛନ୍ତି। ଅସ୍ଥିର ଅଞ୍ଚଳରେ ସ୍ଥିରତା ପ୍ରଥମ ଆବଶ୍ୟକତା ବୋଲି ସେ କହିଛନ୍ତି। ଗତ ସପ୍ତାହରେ ୟୁରୋପୀୟ ସଂଘ, ଫ୍ରାନ୍ସ ଓ ଜର୍ମାନୀ ଜେନେଭାରେ ଇରାନ ସହ କୂଟନୈତିକ ସମାଧାନ ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ଇରାନର ଆଣବିକ କାର୍ଯ୍ୟକ୍ରମ ବିଶ୍ୱ ସୁରକ୍ଷା ପାଇଁ ବଡ଼ ବିପଦ ସୃଷ୍ଟି କରିଥିବା ଷ୍ଟାର୍ମର କହିଛନ୍ତି। ସେହିପରି ସମସ୍ତ ପକ୍ଷ ଆଲୋଚନାକୁ ଫେରିବା ପାଇଁ ନ୍ୟୁଜିଲାଣ୍ଡ ବହିର୍ବ୍ୟାପାର ମନ୍ତ୍ରୀ ୱିନ୍‌ଷ୍ଟନ ପିଟର୍ସ ଆହ୍ୱାନ ଦେଇଛନ୍ତି।

ଆମେରିକାର ଆକ୍ରମଣକୁ ହମାସ୍ ଏବଂ ହୁଟି ବିଦ୍ରୋହୀମାନେ ନିନ୍ଦା କରିଛନ୍ତି। ଆମେରିକାର ଆକ୍ରମଣ ବିରୋଧରେ ଇରାନକୁ ସହାୟତା କରିବାକୁ ହୁଟି ପ୍ରତିଶ୍ରୁତି ଦେଇଛି। ଇହୁଦୀ-ଆମେରିକୀୟ ଅହଙ୍କାର ବିରୋଧରେ ଏକାଠି ଜିହାଦ ଓ ପ୍ରତିରୋଧ ବିକଳ୍ପରେ ସାମିଲ ହେବାରୁ ହୁଟି ପଲିଟିକାଲ ବ୍ୟୁରୋ ମୁସଲମାନ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛି।

ଇରାନ ଅଣୁଅସ୍ତ୍ର ବିକାଶ ବନ୍ଦ କରିବାକୁ ହେବ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବା କହିବା ସହ ଯଥାଶୀଘ୍ର ସମ୍ଭବ ସ୍ଥିତିକୁ ଶାନ୍ତ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛନ୍ତି। ୨ ଦିନ ପୂର୍ବରୁ ତେହରାନରେ ନିଜର ଦୂତାବାସ ବନ୍ଦ କରିବା ସହ କର୍ମଚାରୀମାନଙ୍କୁ ଫେରାଇ ନେଇଥିବା ଅଷ୍ଟ୍ରେଲିଆ କୂଟନୀତି ଜରିଆରେ ଯୁଦ୍ଧ ଅବସାନ ପାଇଁ ପ୍ରସ୍ତାବ ଦେଇଛି। ଇରାନର ଆଣବିକ ଓ ବାଲିଷ୍ଟିକ୍ ମିଶାଇଲ କାର୍ଯ୍ୟକ୍ରମ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷା ପାଇଁ ବିପଦ ବୋଲି ଅଷ୍ଟ୍ରେଲିଆ କହିଛି। ସେହିପରି ୩ ଆଣବିକ କେନ୍ଦ୍ର ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଫ୍ରାନ୍ସ ଚିନ୍ତାବ୍ୟକ୍ତ କରିଛି। ଆମେରିକାର ଆକ୍ରମଣରେ ଫ୍ରାନ୍ସ ସାମିଲ ନ ଥିଲା ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ନୋଏଲ ବାରୋଟ୍ କହିଛନ୍ତି।


ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର


ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଅଉନ୍



> ଆମେରିକା ନିଜ ସାମରିକ ଶକ୍ତିକୁ ଇରାନ ବିରୋଧରେ ବ୍ୟବହାର କରିବା ଅତ୍ୟନ୍ତ ଚିନ୍ତାଜନକ। ଏହି ଯୁଦ୍ଧ ଖୁବ୍‌ଶୀଘ୍ର ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ, ଯାହାର ଧ୍ୱଂସାତ୍ମକ ପରିଣାମ ସଭ୍ୟତା, ଅଞ୍ଚଳ ଏବଂ ବିଶ୍ୱ ଉପରେ ପଡ଼ିବ।
> – ଆଣ୍ଟୋନିଓ ଗୁଟେରସ୍



> କମାଣ୍ଡର-ଇନ୍-ଚିଫ୍ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ ପରେ ଶକ୍ତିଶାଳୀ ଆକ୍ରମଣ କରାଯାଇଥିଲା। ଏଥିରେ ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣ ଯୋଗୁ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି। ତେବେ କୌଣସି ସାଧାରଣ ଜନତା କିମ୍ବା ଇରାନୀୟ ସୈନ୍ୟଙ୍କୁ ଟାର୍ଗେଟ କରାଯାଇ ନ ଥିଲା। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଯୋଜନା ଦୁଃସାହସିକ ଏବଂ ଚମତ୍କାର ଥିଲା, ଯାହା ଆମେରିକାର ପ୍ରତିହତ କ୍ଷମତା ଫେରିଥିବା ବିଶ୍ୱକୁ ଦେଖାଇଦେଇଛି।
> – ପେଟେ ହେଗ୍‌ସେଠ୍, ପେଣ୍ଟାଗନ ମୁଖ୍ୟ ତଥା ଆମେରିକା ପ୍ରତିରକ୍ଷା ସଚିବ

## ଶକ୍ତିରୁ ହିଁ ଶାନ୍ତି

### ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଦେଲେ ନେତାନ୍ୟାହୁ

ଜେରୁଜେଲମ୍,୨୨।୬



ଇରାନ୍‌ର ୩ ଆଣବିକ କେନ୍ଦ୍ରରେ ଆମେରିକା ଏୟାରଷ୍ଟ୍ରାଇକ୍ କରିବା ପରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ନେତାନ୍ୟାହୁ କହିଛନ୍ତି, ଟ୍ରମ୍ପ୍‌ଙ୍କ ଦୁଃସାହସିକ ପଦକ୍ଷେପ ଯୋଗୁ ହିଁ ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଶକ୍ତିରୁ ହିଁ ଶାନ୍ତି ଆସିଥାଏ ବୋଲି ଏହା ପ୍ରମାଣିତ କରିଛି। ଭବିଷ୍ୟତରେ ସମ୍ପୃକ୍ତ ଅଞ୍ଚଳରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଆଣିବାରେ ଏହା ସହାୟକ ହେବ। ଆମେରିକାର ଶକ୍ତି ଇତିହାସ ବଦଳାଇଦେବ। ଏହି ଅବସରରେ ନେତାନ୍ୟାହୁ 'ଅପରେଶନ୍ ରାଇଜିଂ ଲାୟନ୍'ରେ ସାମିଲ ଥିବା ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)କୁ ମଧ୍ୟ ପ୍ରଶଂସା କରିଛନ୍ତି।

## ଆକ୍ରମଣ ଅତ୍ୟନ୍ତ ଚିନ୍ତାଜନକ: ପାକିସ୍ତାନ

ଲାହୋର,୨୨।୬(ପି.ଟି.)

ଇରାନର ନ୍ୟୁକ୍ଲିୟର ଫାସିଲିଟି ଉପରେ ଆମେରିକାର ଆକ୍ରମଣକୁ ପାକିସ୍ତାନ ରବିବାର ନିନ୍ଦା କରିଛି। ଏହା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି ଇସ୍‌ଲାମାବାଦ କହିବା ସହ ଆଞ୍ଚଳିକ ହିଂସାକୁ ଆହୁରି ବଢ଼ାଇବ ବୋଲି ସତର୍କ କରାଇଛି। ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ ଜଣାଇବାର ଦିନକ ପରେ ପାକିସ୍ତାନ ୱାଶିଂଟନକୁ ନିନ୍ଦା କରିଛି। ଇରାନ ଉପରେ ଆକ୍ରମଣ ଓ ଉତ୍ତେଜନା ବୃଦ୍ଧି ଅତ୍ୟନ୍ତ ଚିନ୍ତାଜନକ। ଏହା ଅଧିକ ବଢ଼ିଲେ ଉକ୍ତ ଅଞ୍ଚଳ ଓ ଏହାର ବାହାରେ ବହୁତ କ୍ଷତିକାରକ ପ୍ରଭାବ ପକାଇବ ବୋଲି ପାକିସ୍ତାନ ବହିର୍ବ୍ୟାପାର କାର୍ଯ୍ୟାଳୟ କହିଛି। ନାଗରିକଙ୍କ ଜୀବନ ଓ ସମ୍ପତ୍ତିକୁ ସମ୍ମାନ ମିଳିବା ଅନିବାର୍ଯ୍ୟ ଆବଶ୍ୟକତା ବୋଲି ଇସ୍‌ଲାମାବାଦ କହିବା ସହ ତୁରନ୍ତ ଯୁଦ୍ଧ ବନ୍ଦ ଉପରେ ଗୁରୁତ୍ୱ ଦେଇଛି। ସବୁ ପକ୍ଷ ଅନ୍ତର୍ଜାତୀୟ ମାନବୀୟ ଆଇନ ସମେତ ଅନ୍ତର୍ଜାତୀୟ ଆଇନର ଅନୁପାଳନ କରିବା ଜରୁରୀ ବୋଲି ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ କହିଛି।

### ଟ୍ରମ୍ପ୍‌ଙ୍କୁ ନୋବେଲ ଶାନ୍ତି ପାଇଁ ସୁପାରିସ କରି ଇସ୍‌ଲାମାବାଦ ସମାଲୋଚିତ

ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନିର୍ଣ୍ଣାୟକ କୂଟନୈତିକ ହସ୍ତକ୍ଷେପ ନିମନ୍ତେ ତାଙ୍କୁ ୨୦୨୬ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ନିମନ୍ତେ ପାକିସ୍ତାନ ଶନିବାର ଆନୁଷ୍ଠାନିକ ସୁପାରିସ କରିଥିଲା। ଏହାକୁ ନେଇ ପାକ୍ ସରକାର ଏବଂ ସେନା କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛି। ପାକିସ୍ତାନ ଜନସାଧାରଣ ସୋସିଆଲ ମିଡିଆରେ ସରକାରଙ୍କୁ ଗାଳି ଦେଇଥିଲେ। ଆମେରିକା ଇରାନର ୩ ଆଣବିକ ସ୍ଥଳ ଉପରେ ଆକ୍ରମଣ କରିବା ପରେ ଏହି ସମାଲୋଚନା ଆହୁରି ଜୋର୍‌ଦାର ହୋଇଛି। ଇରାନ ଉପରେ ଆକ୍ରମଣ ପାଇଁ ପ୍ରଧାନମନ୍ତ୍ରୀ ଶେହବାଜ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ କେବଳ ନୋବେଲ ଶାନ୍ତି ପୁରସ୍କାର ନୁହେଁ, ବରଂ ତମ୍‌ଘା-ଇ-ଜୁରାଟ, ତମଘା-ଇ-ସୁଜାତ, ତମଘା-ଇ-ବାଲାସତ, ତମ୍‌ଘା-ଇ-ଇମ୍‌ତିଆଜ ଏବଂ ଏପରିକି ପାକିସ୍ତାନର ସର୍ବୋଚ୍ଚ ସାମରିକ ସମ୍ମାନ ନିଶାନ-ଇ-ହାଇଦର ଦେବେ ବୋଲି ଜଣେ ୟୁଜର ଏକ୍ସ'ରେ ଲେଖିଛନ୍ତି। ପିଏମ୍‌ଏଲ୍-ଏନ୍‌ର ବରିଷ୍ଠ ନେତା ଖାୱାଜା ସାଦ୍ ରଫିକ୍ ଏକଦା ଟ୍ରମ୍ପ୍‌ଙ୍କୁ ଦେଶ ପାଇଁ ଲଜ୍ଜାଜନକ ଓ ଭୀରୁ ନିଷ୍ପତ୍ତି ନେଉଥିବା ଗେଙ୍ଗିସ୍ ଖାନ୍ ଏବଂ ହିଟ୍‌ଲରଙ୍କ ସହ ତୁଳନା କରିଥିଲେ। ସେହି ଦଳର ସରକାର ଏବେ ଟ୍ରମ୍ପ୍‌ଙ୍କୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ୍ କରିଥିବାରୁ ଆମେରିକା ସରକାରଙ୍କୁ ଖୁସି କରିବାକୁ ଶରିଫ୍ ଓ ଅସିଫ୍ ଜର୍ଦ୍ଦାରୀ କେତେ ତଳକୁ ଯିବେ ବୋଲି ପାକିସ୍ତାନୀ ଖବରଦାତା ଅମିର ଆବ୍ବାସ ପ୍ରଶ୍ନ କରିଛନ୍ତି।

**ବାଲି ବୋଝେଇ ହାଇୱା ଜବତ, ଚାଳକ ଗିରଫ**

ବାଲିଅନ୍ତା,(ନୀଳମାଧବ ସାହୁ): ବେଆଇନ ଚୋରା ବାଲି ଚାଲାଣ କରୁଥିବା ଅଭିଯୋଗରେ ବାଲିଅନ୍ତା ପୋଲିସ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ରୂପେଶ ଗୋଛି (୨୧)। ଗତ ଶନିବାର ରାତିରେ ପୋଲିସ ପକ୍ଷରୁ ବାଲିଅନ୍ତା ବଜାରରେ ପାଟ୍ରୋଲିଂ ଓ ବ୍ଲକିଂ ଚାଲିଥିବାବେଳେ ହଂସପାଳ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱାକୁ ପୋଲିସ ଅଟକାଇ ଆବଶ୍ୟକ କାଗଜପତ୍ର ମାଗିଥିଲା। କିନ୍ତୁ ଚାଳକ ରୂପେଶ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ୫୪.୫୯ ଲକ୍ଷ ଠକେଇ, କେରଳରୁ ଜଣେ ଗିରଫ

ଭୁବନେଶ୍ୱର,୨୨।୬ (ସତ୍ୟଜିତ୍ ରାଉତ)

ବହୁଗୁଣ ଲାଭ ଦେବା ଆଳରେ ୫୪.୫୯ ଲକ୍ଷ ଟଙ୍କା ଠକେଇ ମାମଲାରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ କେରଳରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେରଳ ପଲକ୍କଡ ଜିଲା ଅଲଥୁର ଥାନା ଅଞ୍ଚଳର ପ୍ରସାଦ ବାଲାନ (୪୯)। ତାଙ୍କଠାରୁ ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ, ଡେବିଟ୍ କାର୍ଡ, ପାନ୍ କାର୍ଡ, ଆଧାର କାର୍ଡ ଆଦି ଜବତ ହୋଇଛି। ଶୁକ୍ରବାର ତାଙ୍କୁ ଗିରଫ କରାଯାଇ ସ୍ଥାନୀୟ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ପୋଲିସ ଟିମ୍ ପ୍ରସାଦଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ଶନିବାର ରାତିରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆରେ ରହୁଥିବା ଦୀପକ ନାୟକ ଅଭିଯୁକ୍ତମାନଙ୍କ ଦ୍ୱାରା ଠକେଇର ଶିକାର ହୋଇଥିଲେ। କିଛିମାସ ତଳେ ଠକମାନେ ତାଙ୍କୁ ଲିଙ୍କ୍ ପଠାଇ ଅଧିକ ଲାଭ ଦେବାକୁ କହି ଏକ ଟ୍ରେଡିଂ ଆପ୍‌ରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଦୀପକ ୫୪.୫୯ ଲକ୍ଷ ନିବେଶ କରିପରେ ଠକେଇର ଶିକାର ହୋଇଥିଲେ। ଏନେଇ ଏତଲାକ୍ରମେ ସାଇବର ଥାନା ପୋଲିସ ଏପ୍ରିଲ ୨୨ରେ ମାମଲା (ନଂ.୬୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଅଭିଯୁକ୍ତ ପ୍ରସାଦଙ୍କ ଆକାଉଣ୍ଟକୁ ୩ ଲକ୍ଷ ୫୭ ହଜାର ୨୦୦ ଟଙ୍କା ଯାଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତ ଜଣକ ଦେଶବ୍ୟାପୀ ୧୦ଟି ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରତିଶୋଧରେ ଡ୍ରେସ୍ ଶୋ'ରୁମ୍, ବାଇକ୍‌ରେ ନିଆଁ ଲଗାଇଦେଲେ ଜେଲଫେରନ୍ତା

ଭୁବନେଶ୍ୱର,୨୨।୬ (ସତ୍ୟଜିତ୍ ରାଉତ): ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରାରେ ଥିବା ଏକ ଡ୍ରେସ୍ ଦୋକାନ(ଜେଡ୍)ରେ ଶନିବାର ନିଆଁ ଲଗାଇଛନ୍ତି ଦୁର୍ବୃତ୍ତ। ସେମାନେ ଦୋକାନ ଆଗରେ ପାର୍କିଂ ହୋଇଥିବା ଏକ ବାଇକ୍‌କୁ ସମ୍ପୂର୍ଣ୍ଣ ଜାଳିଦେଇଛନ୍ତି। ପ୍ରତିଶୋଧ ନେବାକୁ ଯାଇ ନିକଟରେ ଜାମିନରେ ଜେଲରୁ ଫେରିଥିବା ଜଣେ ଅଭିଯୁକ୍ତ ତାଙ୍କ ସହଯୋଗୀଙ୍କ ସହ ମିଶି ଏହି ଅପରାଧ ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏନେଇ ଦୋକାନ ମାଲିକ ରଞ୍ଜନ ସାହୁ ରବିବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଜଳିଯାଇଥିବା ବାଇକ୍‌ଟି ଅନ୍ୟ ଜଣଙ୍କର ବୋଲି ଜଣାପଡ଼ିଛି।


ମିଳିଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୯ରେ ଚିରଞ୍ଜୀବ ଜେନା ନାମକ ଜଣେ ଯୁବକ ଜେଡ୍ ଦୋକାନରୁ ଡ୍ରେସ୍ କିଣି ଯାଉଥିବାବେଳେ ଅଭିଯୁକ୍ତମାନେ ରାସ୍ତା ଅବରୋଧ କରିଥିଲେ। ରାସ୍ତା ଖାଲି କରିବାକୁ କହିବାରୁ ସେମାନେ ଚିରଞ୍ଜୀବଙ୍କୁ ଚାପଡ ଧରି ଗୋଡାଇଥିଲେ। ଫଳରେ ଚିରଞ୍ଜୀବ ଜେଡ୍ ଦୋକାନ ଭିତରେ ପଶିଯାଇଥିଲେ। ପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଦୋକାନ ଭିତରେ ପଶି ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଦୋକାନ ମାଲିକ ଓ କର୍ମଚାରୀମାନେ ଚିରଞ୍ଜୀବଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତମାନଙ୍କୁ ବିରୋଧ କରିଥିଲେ। ପରେ ଚିରଞ୍ଜୀବଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୧୩୬/୨୦୨୫) ରୁଜୁ କରିବା ସହ ଏପ୍ରିଲ ୨ରେ ସୌମ୍ୟରଞ୍ଜନ ବେହେରା ଓରଫ କାଳିଆ, ସନିଆ ନାୟକ ଓ ତପନ ସାମନ୍ତରାୟଙ୍କୁ ଗିରଫ କରିଥିଲା। କିଛିଦିନ ପରେ ଜଣେ ଅଭିଯୁକ୍ତ ଜାମିନରେ ମୁକୁଳିଥିଲେ। ଉକ୍ତ ଦୋକାନ ମାଲିକଙ୍କ ଉପରେ ରାଗ ରଖି ସେ ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି।

# ଡିଜିଟାଲ କୃଷି ରୂପାୟନରେ ସମ୍ପ୍ରସାରଣ ଶିକ୍ଷା ନୀତି ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୨।୬(ସୁଚିସ୍ମିତା ସାହୁ)




ଡିଜିଟାଲ କୃଷିର ସଫଳ ରୂପାୟନ କ୍ଷେତ୍ରରେ ସମ୍ପ୍ରସାରଣ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ତିନିଦିନିଆ ସ୍ମାର୍ଟ କୃଷି ଆଲୋଚନାଚକ୍ରର ଉଦ୍‌ଯାପନ ଅବସରରେ ଦେଶର କୃଷିବୀତ ତଥା ବୈଜ୍ଞାନିକମାନେ ମତ ରଖିଛନ୍ତି। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ କୃଷି ଗବେଷଣା ପରିଷଦର ସମ୍ପ୍ରସାରଣ ଡିଡିଜି ଡ. ରାଜବୀର ସିଂ ଯୋଗଦେଇଥିଲେ। ଇମ୍ଫାଲସ୍ଥିତ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ଡ. ଅନୁପମ ମିଶ୍ର, ବାଙ୍ଗାଲୋର କୃଷି ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଅନ୍ତର୍ଜାତୀୟ ସମ୍ପ୍ରସାରଣ ଶିକ୍ଷା ସମାଜର ସଭାପତି ଡ. କ. ନାରାୟଣ ଗୌଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପ୍ରସାରଣ ଶିକ୍ଷା ନୀତି ପରିପ୍ରେକ୍ଷୀରେ ଡିଜିଟାଲ କୃଷିର ବିଭିନ୍ନ ଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଓୟୁଏଟି ସମ୍ପ୍ରସାରଣ ଶିକ୍ଷା ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଇନୋଭେଟିଭ ମହିଳା କୃଷକ ଭାବେ ପୁରୀ ଜିଲାର ସଚ୍ଚିତା ହରିଚନ୍ଦନ ଓ ମୟୂରଭଞ୍ଜର ପ୍ରହ୍ଲାଦ ମହାନତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ବିଷ୍ଣୁପ୍ରିୟା ମିଶ୍ର ଧନ୍ୟବାଦ ଦେଇଥିଲେ। ପରିଚାଳନା ସମ୍ପାଦକ ପ୍ରଫେସର ମହାମାୟା ପ୍ରସାଦ ନାୟକ ତଥା କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।



ବୁଦ୍ଧ ମନ୍ଦିର ପରିସରରେ ଅଶୋକ କୁମାରଙ୍କ ଲିଖିତ ଇଂଲିଶ ପୁସ୍ତକ 'ସେରୁ ମାଇଁ ଲଭ୍'କୁ ବିଶିଷ୍ଟ କଥାକାର ମୃତ୍ୟୁଞ୍ଜୟ ଶତପଥୀ ସହ ଅନ୍ୟଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ବରିଷ୍ଠ ନାଗରିକ ମହାସଂଘର ସମାବେଶ

ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା)

ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ ସମାବେଶ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଏବଂ ପୋଲିସ କମିଶନର ଡ. ଏସ୍.ଦେବଦତ୍ତ ସିଂ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ମହାସଂଘର ମୁଖ୍ୟ ଉପଦେଷ୍ଟା କୃପାସିନ୍ଧୁ ସାହୁ, ଉପଦେଷ୍ଟା ସୁରେଶ କର ଏବଂ ଚିତ୍ତରଞ୍ଜନ ଦାସ ଯୋଗଦେଇ ବରିଷ୍ଠ ନାଗରିକମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ ନେଇ ଆଲୋଚନା କରିଥିଲେ। ପୋଲିସ କମିଶନର ଏସ୍. ଦେବଦତ୍ତ ଏବଂ ଏସିପି ଶୁଚିସ୍ମିତା ଦାସ ସାଇବର ଅପରାଧ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ପରାମର୍ଶ ଦେଇଥିଲେ। ଯୁଗ୍ମ ସମ୍ପାଦକ ବଂଶୀଧର ସେଠୀ ଧନ୍ୟବାଦ ଦେଇଥିଲେ। ଡ. ପି. କେ. ଦାସ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଇଂ. ଗିରିଜା ନନ୍ଦନ ମହାନ୍ତି ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ରାଜକିଶୋର ସାମନ୍ତରାୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟପଟେ ଆଉ ଏକ କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇପାରି ନ ଥିବାରୁ ମହାସଂଘର ମୁଖପତ୍ର 'ଅପରାହ୍ନ' ତାଙ୍କ ବାସଭବନରେ ଶୁକ୍ରବାର ସନ୍ଧ୍ୟାରେ ମହାସଂଘର ସମସ୍ତ ମୁଖ୍ୟ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଉନ୍ମୋଚନ କରିଥିଲେ। ଏହି ଅବସରରେ ମନ୍ତ୍ରୀଙ୍କୁ ମହାସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୨।୬(ସତ୍ୟଜିତ୍ ରାଉତ)

ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଲକ୍ଷେ ଟଙ୍କା ଠକେଇ ମାମଲାରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଟାଉନ ଥାନା ଅନ୍ତର୍ଗତ କୁଆଁସରପୁର ଅଞ୍ଚଳର ଜୀବନଜ୍ୟୋତି ଦ୍ୱିବେଦୀ ଓରଫ ସୋନୁ (୩୭)। କୋର୍ଟଚାଲାଣ ପରେ ଜୀବନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁଯାୟୀ, ଅଭିଯୋଗକାରୀ ଅବସରପ୍ରାପ୍ତ ସେନା କର୍ମଚାରୀ ଦିଲୀପ କୁମାର ପଣ୍ଡା ଏକ ଘରୋଇ ବ୍ୟାଙ୍କରେ ସୁରକ୍ଷା କର୍ମୀ ଭାବେ ଚାକିରି କରୁଛନ୍ତି। ଜୀବନଜ୍ୟୋତି ଗିଲାଏନ୍ସ ସ୍ମାର୍ଟ ମନି କମ୍ପାନୀରେ ସିକ୍ୟୁରିଟି ବ୍ରାଞ୍ଚ ମୁଖ୍ୟ ଭାବେ କାର୍ଯ୍ୟ କରୁଥିବାବେଳେ ଦିଲୀପଙ୍କ ସହ ପରିଚିତ ହୋଇଥିଲା। ଅଧିକ ଲାଭ ପାଇବାକୁ ଦିଲୀପଙ୍କୁ ତାଙ୍କ କମ୍ପାନୀରେ ଟଙ୍କା ନିବେଶ କରିବାକୁ କହିଥିଲେ। ଟଙ୍କା କ୍ଷତି ହେଲେ ଜୀବନ ନିଜେ ଏଥିଲାଗି ଦାୟୀ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦୨୧ ସେପ୍ଟେମ୍ବର ୬ରେ ଜୀବନଙ୍କୁ ଦିଲୀପ ୧ଲକ୍ଷ ଟଙ୍କା ଦେଇଥିଲେ। ପରେ ଜୀବନ ଉକ୍ତ କମ୍ପାନୀରୁ ଚାକିରି ଛାଡିଦେଇଥିବା ଦିଲୀପ ଜାଣିବାକୁ ପାଇଥିଲେ। ଏହାପରେ ସେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି ଦିଲୀପଙ୍କୁ କହିଥିଲେ। ୨୦୨୨ ଜାନୁଆରୀ ୩୦ରେ ଏନେଇ ଚୁକ୍ତି ହୋଇଥିଲା। ୧ ଲକ୍ଷ ୨୮ ହଜାର ଟଙ୍କା ଫେରାଇବେ ବୋଲି ଚୁକ୍ତିରେ ଉଲ୍ଲେଖ ରହିଥିଲା। ପରେ ୧୦ ହଜାର ଟଙ୍କା ଫେରାଇଥିବା ବେଳେ ବାକି ଟଙ୍କା ଦେଉ ନ ଥିଲେ। ଟଙ୍କା ମାଗିଲେ ଗାଳିଗୁଲଜ ସହ ଧମକ ଦେଉଥିଲେ। ଏନେଇ ଦିଲୀପଙ୍କ ଏତଲାକ୍ରମେ ଜୁନ ୪ରେ ପୋଲିସ ମାମଲା (ନଂ.୧୬୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ଅବିନାଶ ମିଶ୍ର ଓଡ଼ିଶା ପତ୍ରକାର ସଂଘ ସଭାପତି



ଭୁବନେଶ୍ୱର, ୨୨।୬ (ବନ୍ଦନା ସେଠୀ)

ଓଡ଼ିଶା ପତ୍ରକାର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ୨୦୨୫-୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ରବିବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରାୟ ସମସ୍ତ ଜିଲାର ସଂଘ ସଭାପତି, ସମ୍ପାଦକ ଓ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସୁରକ୍ଷା, ସ୍ୱାସ୍ଥ୍ୟବୀମା ୫ରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, ବୃଦ୍ଧ ମାତାପିତାଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ କରିବା, ପେନ୍‌ସନ ପ୍ରଦାନ ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାପରେ ସଂଘର ତ୍ରୈବାର୍ଷିକ କର୍ମକର୍ତ୍ତା

**ରାମଦାସ ସାଧାରଣ ସମ୍ପାଦକ**

ଚୟନ ହୋଇଥିଲା। ରାଜ୍ୟ ସଭାପତି ଭାବେ ଅବିନାଶ ମିଶ୍ର, ସାଧାରଣ ସମ୍ପାଦକ ଭାବେ ରାମଦାସ ଲିମାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସୁରେଶ ଦାଶ, ହରପ୍ରସାଦ ଦାସ, ଯୁଗଳ ଶବର ଓ ଅଶୋକ ପାଇକରାୟଙ୍କୁ ଚୟନ କରାଯାଇଥିଲା। ସଂଗଠନ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ମିଶ୍ର, ସମ୍ପାଦକ ଭାବେ ମନୋଜ ଦାସ, ମିତ୍ରଭାନୁ ପଲେଇ, ନଳିନୀ ପାଣି ଓ ରସାନନ୍ଦ ବେହେରା ଏବଂ କୋଷାଧ୍ୟକ୍ଷ ଭାବେ କିଶୋର ରଥଙ୍କ ସମେତ ୨୦ଜଣଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଉମେଶ ରାୟ ନିର୍ବାଚନ ପରିଚାଳନା କରିଥିଲେ।

# ଭିଏସ୍‌ଏସ୍ ନଗର ରଥଯାତ୍ରା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୨।୬ (ବନ୍ଦନା ସେଠୀ)

**୨୪ରେ ଖୋଲିବ ଓଭରବ୍ରିଜ ପାଖ ସର୍ଭିସ୍ ରୋଡ୍**



ଦିନ କେଇଟା ପରେ ରଥଯାତ୍ରା ହେବାକୁ ଥିବାବେଳେ ଏଯାଏ ଭିଏସ୍‌ଏସ୍ ନଗର ରେଳ ଓଭରବ୍ରିଜ୍ ପାଖ ରାସ୍ତା ନିର୍ମାଣ ଶେଷ ହୋଇନାହିଁ। ତେଣୁ ଯାତ୍ରା ସମୟରେ ଏହା ମୁଖ୍ୟ ସମସ୍ୟା ହୋଇ ଉଭା ହେବ ବୋଲି ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ଆଶଙ୍କା କରାଯାଇଛି। ଏନେଇ ରବିବାର ଡିଏଲ୍ କଲୋନୀସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ପରିଷଦ ପକ୍ଷରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରୀ ମନ୍ଦିର କମିଟି ସଭାପତି ଡ. ଜୟନ୍ତ ପରିଡା ସଭାପତିତ୍ୱ କରିଥିବାବେଳେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଇଂ. ବିମଳ ଦାଶ ଯୋଗଦେଇ ଆସନ୍ତା ୨୪ ତାରିଖରେ ଏହି ସର୍ଭିସ୍ ରୋଡ୍ ଖୋଲିବ ବୋଲି କହିଥିଲେ। ସେହିପରି ରଥଯାତ୍ରା ପୂର୍ବରୁ ଏହି ରାସ୍ତା ପାଖରେ ଥିବା ଡ୍ରେନ୍ ଉପରେ ସ୍ଲାବ୍ ପଡିବା ସହିତ ଡାକ୍ତରଖାନା ସମ୍ମୁଖ ଓ ଲେବଲକ୍ରସିଂ ପାଖ ରାସ୍ତା ଉପରେ ଥିବା ଖାଲକୁ ପୋତାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ଯୋଗଦେଇ ନିର୍ମାଣ ଚାଲିଥିବା ସର୍ଭିସ୍ ରୋଡ୍ ସହିତ ଅପର ପାଖ ସର୍ଭିସ୍ ରୋଡ୍ କାମ ଅତିଶୀଘ୍ର ଆରମ୍ଭ କରିବା ପାଇଁ ଦାବି କରିଥିଲେ। ଭୁବନେଶ୍ୱରୀ ମନ୍ଦିର କମିଟିର ସମ୍ପାଦକ ପ୍ରତାପ କୁମାର ନନ୍ଦ, ଉନ୍ନୟନ ପରିଷଦର ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ, ଭୁବନେଶ୍ୱରୀ ମନ୍ଦିର କମିଟିର ଧରଣୀଧର ରାଉତ, ପ୍ରେମାନନ୍ଦ ଲେଙ୍କା, ପ୍ରକାଶ କୁମାର ଦାସ, ରବିନାରାୟଣ ରାୟ ପ୍ରମୁଖ ଯୋଗଦେଇଥିଲେ।

# ବରିଷ୍ଠ ନାଗରିକ-ପୋଲିସ ସମନ୍ୱୟ ବୈଠକ

ବାଲିପାଟଣା,୨୨।୬(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ପରିସରରେ ରବିବାର ପୋଲିସ ଓ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭ୍ରାଂଶୁ ଶେଖର ପାଢ଼ୀ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ସମସ୍ତ ସରକାରୀ ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଆଗାମୀ ଦିନରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକ ପରେ ବାଲିପାଟଣା, ମହୁଖଣ୍ଡ ଓ ବନମାଳିପୁର ଠାରେ ହେବାକୁ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟଣା କାର୍ଯ୍ୟକ୍ରମ କିପରି ସମନ୍ୱୟ ରଖି କାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ରଥ ଠିକ୍ ସମୟରେ ଟଣାଯିବାକୁ କମିଟିର ସଦସ୍ୟଙ୍କୁ ଅନୁରୋଧ କରାଯାଇଥିଲା। ବିଦ୍ୟୁତ୍ ବିଭାଗ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ।

# କାର୍ ଧକ୍କାରେ କ୍ୟାପିଟାଲ ଥାନାଧିକାରୀ ଆହତ

ଭୁବନେଶ୍ୱର,୨୨।୬ (ସତ୍ୟଜିତ୍ ରାଉତ)

**ଅଭିଯୁକ୍ତ ଚାଳକ ଗିରଫ**

କ୍ୟାପିଟାଲ ଥାନା ଅଧିକାରୀ ଦୟାନିଧି ନାୟକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏକ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେବା ପରେ ସେ ଗୁରୁତର ଆହତ ହୋଇଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ୩୦ରେ ବଡଗଡ ଛକ ନିକଟରେ ଏହି ଘଟଣା ଘଟିଛି। ଦୁର୍ଘଟଣାରେ ଦୟାନିଧିଙ୍କ ସ୍କୁଟି କ୍ଷତିଗ୍ରସ୍ତ ହେବା ସହ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ତାଙ୍କର ସମ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଏହି ଘଟଣାରେ ବଡ଼ଗଡ଼ ଥାନା ପୋଲିସ ଅଭିଯୁକ୍ତ କାର୍ ଚାଳକଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଓସ୍କାର ସିଟିରେ ରହୁଥିବା ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ହରିରାଜପୁର ଅଞ୍ଚଳର ଦୀପକ କୁମାର ପଟ୍ଟନାୟକ। ନିଶାସକ୍ତ ଅବସ୍ଥାରେ ଦୀପକ କାର୍‌କୁ ଦ୍ରୁତ ବେଗରେ ଚଳାଇ ଏହି ଦୁର୍ଘଟଣା ଘଟାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଥାନାଧିକାରୀ ଦୟାନିଧି ନିଜ ସ୍କୁଟିରେ ବଡଗଡରୁ କଳ୍ପନା କଟ୍ ଅଭିମୁଖେ ଆସୁଥିଲେ। ଏହି ସମୟରେ ଦୀପକ ତାଙ୍କ କାରକୁ ବିପଜ୍ଜନକ ଭାବେ ଚଳାଇ ଆଣି ବଡଗଡ ଛକ ନିକଟରେ ଦୟାନିଧିଙ୍କୁ ଧକ୍କା ଦେଇଥିଲେ। ଫଳରେ ଦୟାନିଧି ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସୂଚନା ପାଇ ପିସିଆର-୧୦ ଘଟଣାସ୍ଥଳରେ ପହଞ୍ଚି ଦୟାନିଧିଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ପରେ ଉତ୍ତମ ଚିକିତ୍ସା ଲାଗି ତାଙ୍କୁ ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପିସିଆର୍ କର୍ମଚାରୀମାନେ ଘଟଣାସ୍ଥଳରୁ ଚାଳକଙ୍କୁ କାବୁ କରି ଥାନାକୁ ନେବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଥିଲେ। ଏନେଇ ବଡ଼ଗଡ଼ ଥାନା ପକ୍ଷରୁ ମାମଲା (ନଂ.୩୩୩/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଫ୍ଲୋରୋସେନ୍ସ-ଗାଇଡେଡ୍ ସର୍ଜରି ସମ୍ପର୍କିତ ଲାଇଭ୍ ସର୍ଜରି କର୍ମଶାଳା

ଭୁବନେଶ୍ୱର, ୨୨।୬(ବନ୍ଦନା ସେଠୀ)




ପିଜିଆଇଏମ୍‌ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ 'ଇଲୁମିନେଟିଂ ପ୍ରିସିସନ: ଆଡ୍‌ଭାନ୍ସେସ୍ ଇନ୍ ଫ୍ଲୋରୋସେନ୍ସ-ଗାଇଡେଡ୍ ସର୍ଜରି' ଶୀର୍ଷକ ଲାଇଭ୍ ଅପରେଟିଭ ସର୍ଜରୀ କର୍ମଶାଳା ଶନିବାର ହସ୍ପିଟାଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍କଟ ଏବଂ ପିତ୍ତ ସର୍ଜରି କ୍ଷେତ୍ରରେ ଫ୍ଲୋରୋସେନ୍ସ-ଗାଇଡେଡ୍ ସର୍ଜରୀ (ଏଫ୍‌ଜିଏସ୍)ର ବିକଶିତ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲ ସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଡା. ଶ୍ରୀକାନ୍ତ ପାତ୍ର, ଏଏଚ୍‌ପିଜିଆଇସିର ଆସୋସିଏଟ୍ ପ୍ରଫେସର ଡା. ବି.ବି. ଶତପଥୀ ଏବଂ ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରିୟମ୍ବଦ ସାହୁ ଲାଇଭ ସର୍ଜରୀଗୁଡ଼ିକର ନେତୃତ୍ୱ ନେଇଥିଲେ। ଫ୍ଲୋରୋସେନ୍ସ-ଗାଇଡେଡ ସର୍ଜରୀ ପଦ୍ଧତିରେ ନିକଟ-ଇନ୍‌ଫ୍ରାରେଡ ଆଲୋକ ଏବଂ ସ୍ୱତନ୍ତ୍ର ରଙ୍ଗ ବ୍ୟବହାର କରି ସର୍ଜନମାନେ ଟ୍ୟୁମର, ପିତ୍ତ ନଳୀ ଏବଂ ଲିମ୍ଫ ନୋଡ୍ସକୁ ସ୍ପଷ୍ଟ ଭାବରେ ଚିହ୍ନଟ କରିପାରିବେ। ଏହି କୌଶଳ ଶଲ୍ୟଚିକିତ୍ସାର ସଠିକତା ବୃଦ୍ଧି କରିବା, ଆଖପାଖର ସୁସ୍ଥ ଟିସୁକୁ ଆଘାତ କମ୍ କରିବା, ଜଟିଳତା ହ୍ରାସ କରିବା, ବିଶେଷକରି ଅଙ୍କୋଲୋଜି ଏବଂ ହେପାଟୋବିଲିଆରୀ ସର୍ଜରିରେ ପ୍ରମାଣିତ ହୋଇଛି। କାର୍ଯ୍ୟକ୍ରମ ନେଇ ଡା. ପାତ୍ର କହିଛନ୍ତି, ଫ୍ଲୋରୋସେନ୍ସ ମାର୍ଗଦର୍ଶନ ରୋଗୀ ସୁରକ୍ଷା, ଅଙ୍କୋଲୋଜିକାଲ କ୍ଲିଅରାନ୍ସ ଏବଂ ପିତ୍ତନଳୀ ସଂରକ୍ଷଣରେ ଏକ ସ୍ପଷ୍ଟ ଧାରଣା ପ୍ରଦାନ କରିଥାଏ। ଶଲ୍ୟଚିକିତ୍ସା ପାଠ୍ୟକ୍ରମରେ ନିୟମିତ ଭାବେ ଏପରି କୌଶଳରେ ତାଲିମ ହେବା ଉଚିତ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଭାଇସ୍ ଚାନ୍‌ସେଲର ପ୍ରଫେସର ଏମ.ଆର. ସାହୁ, ପିଜିଆଇଏମ୍‌ଇଆର୍ ଏବଂ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ତଥା ଅଧୀକ୍ଷକ ପ୍ରଫେସର ଡା. ସୁଶୀଲ ପଟ୍ଟନାୟକ ଯୋଗଦେଇ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୫୦ରୁ ଅଧିକ ସ୍ନାତକୋତ୍ତର ଛାତ୍ର, ଅଧ୍ୟାପକ, ଶଲ୍ୟଚିକିତ୍ସା ବିଶେଷଜ୍ଞ ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଅନେକ ସର୍ଜନ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଫଟୋରେ ଖବର




ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ କଳା ମହୋତ୍ସବରେ ମାନସ କୁମାର ମହାରଣାଙ୍କୁ 'ଗାନ୍ଧର୍ବ କଳା ଯୁବ ପ୍ରତିଷ୍ଠାନ ସମ୍ବର୍ଦ୍ଧନା' ପ୍ରଦାନ କରାଯାଉଛି।



ବିନୋଦ କାନୁନ୍‌ଗୋଙ୍କ ୩୫ତମ ପୁଣ୍ୟତିଥିରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜ୍ୟ ଅଭିଲେଖାଗାର ପରିସର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ଧଉଳି ଚାରୁକଳା ମହାବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ ଉପଲକ୍ଷେ ଅନୁଷ୍ଠିତ ଅନ୍‌ଲାଇନ୍ ଚିତ୍ର ପ୍ରଦର୍ଶନୀର ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧,୧୨,୪୦୫ ଚାଷୀଙ୍କୁ ଖରିଫ ଆର୍ଥିକ ସହାୟତା

■ ୧୦୦୫୩ ମୃତ୍ତିକା ନମୁନା ପରୀକ୍ଷା କରାଯାଇଛି
■ କୃଷି ବିଦ୍ୟାନିଧି ଯୋଜନାରେ ୪୨୯ ବିଦ୍ୟାର୍ଥୀ ସାମିଲ

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ)

କୃଷି ଓ କୃଷକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ପାଇଁ ରାଜ୍ୟ ସରକାର ବହୁବିଧ ଯୋଜନା କରିଛନ୍ତି। କୃଷକ ହେଉଛନ୍ତି ଦେଶର ଆର୍ଥିକ ମେରୁଦଣ୍ଡ। କୃଷକ ସମାଜର ଉନ୍ନତି ବିନା ଦେଶର ପ୍ରଗତି ସମ୍ଭବ ନୁହଁ। କୃଷି ଓ କୃଷକମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ପିଏମ୍ କିଷାନ, ସିଏମ୍ କିଷାନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ବିଦ୍ୟାନିଧି, ଫସଲ ବୀମା ଯୋଜନା, ଶ୍ରୀଅନ୍ନ ଯୋଜନା, କୃଷକ ପଞ୍ଜୀକରଣ ତଥା ଧାନ ଫସଲ ଅମଳ ପରବର୍ତ୍ତୀ ପରିଚାଳନା ଉପରେ ଗୁରୁତ୍ୱ ଦେଉଛନ୍ତି। ଭଲ ଫସଲ ଅମଳ ପାଇଁ ମାଟିର ଉର୍ବରତା ଜରୁରୀ। ଏଥିପାଇଁ ମାଟି ପରୀକ୍ଷା କରାଯାଇ ତଦନୁସାରେ ସାର ପ୍ରୟୋଗ କରାଯାଏ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଖୋର୍ଦ୍ଧା ତଥ୍ୟ ଅନୁସାରେ, ୨୦୨୪-୨୫ ବର୍ଷରେ ୧୦୦୫୩ ମୃତ୍ତିକା ନମୁନା ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଚାଷୀଙ୍କୁ ବଣ୍ଟନ କରାଯାଇଛି। ପଞ୍ଚାୟତ ସ୍ତରରେ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ସମ୍ବନ୍ଧୀୟ ସଚେତନତା କରାଯାଇଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି କହିଛନ୍ତି।

ସେ ଆହୁରି କହିଥିଲେ ଯେ, ପିଏମ୍ କିଷାନ ଆର୍ଥିକ ସହାୟତା ଯୋଜନାରେ ଡିବିଟି ମାଧମରେ ଖୋର୍ଦ୍ଧାର ୭୩,୫୨୪ ଜଣ ଚାଷୀଙ୍କୁ ପିଏମ୍ କିଷାନ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଯୋଜନା ମାଧମରେ ଚାଷୀଙ୍କୁ ବାର୍ଷିକ ୬ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ପ୍ରତ୍ୟେକ ଚାଷୀର ୨.୦ ହେକ୍ଟର ପର୍ଯ୍ୟନ୍ତ ପ୍ରମୟମର ଚାଷୀ ଅଂଶ ରାଜ୍ୟ ସରକାର ବହନ କରୁଛନ୍ତି। ଆବେଦନର ପଞ୍ଜୀକରଣ ପାଇଁ ପ୍ରତି ଚାଷୀଙ୍କଠାରୁ ୧ଟଙ୍କା ଟୋକନ୍ ହିସାବରେ ସଂଗ୍ରହ କରାଯାଉଛି। ଚଳିତବର୍ଷ ୨୯,୦୨୭ ହେକ୍ଟର ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୬୩,୨୭୬ ଚାଷୀ (ଉଭୟ ଋଣୀ ଏବଂ ଅଣଋଣୀ) ପଞ୍ଜୀକୃତ ହେଇଛନ୍ତି। କୃଷକ ପଞ୍ଜୀକରଣ ଭାରତ ସରକାରଙ୍କ ଏକ ପ୍ରମୁଖ ଯୋଜନା, ଯେଉଁଥିରେ କୃଷକଙ୍କ ସମ୍ପୂର୍ଣ୍ଣ ପଞ୍ଜୀକରଣ କରାଯାଉଛି। କୃଷକ ଏବଂ ତାଙ୍କ ଜମିର ସଠିକ ଡାଟାବେସ୍ ସୃଷ୍ଟି ହେବା ଦ୍ୱାରା ସେମାନଙ୍କୁ ଠିକ୍ ସମୟରେ ବିଭିନ୍ନ ସହାୟତା ଯୋଗାଇବା ସମ୍ଭବ ହେବ, ଏଥିସହିତ ସରକାରୀ ସ୍ତରରେ ନୀତିଗତ ନିଷ୍ପତ୍ତି ନେବାରେ ଏହି ତଥ୍ୟ ସହାୟକ ହୋଇଥାଏ। ସିଏମ୍ କିଷାନ ଯୋଜନାରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଋଣୀ ଓ ଅଣଋଣୀ ଚାଷୀ ସହ ଭୂମିହୀନ କୃଷି ପରିବାରଙ୍କ ସ୍ୱାର୍ଥ ତଥା ଦାରିଦ୍ର୍ୟକୁ ହ୍ରାସ କରିବା ପାଇଁ ବିଶେଷଭାବେ ଧ୍ୟାନ ଦିଆଯାଇଛି। ଅକ୍ଷୟତୃତୀୟାରେ ରାଜ୍ୟ ସରକାର ୨୦୨୫ ଖରିଫ ଚାଷ ପାଇଁ ୧,୧୨,୪୦୫ ଚାଷୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଯୋଜନା ମାଧମରେ ଚାଷୀଙ୍କୁ ବାର୍ଷିକ ୪ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କୃଷି ବିଦ୍ୟା ନିଧି ଯୋଜନାରେ ସିଏମ୍ କିଷାନ ଯୋଜନାର ହିତାଧିକାରୀଙ୍କ ପିଲାମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଉଛି। ଯେଉଁମାନେ ସରକାରୀ, ବେସରକାରୀ ଏବଂ ପ୍ରମୁଖ ପ୍ରତିଷ୍ଠାନ (ରାଜ୍ୟ ଭିତରେ ଓ ବାହାରେ) ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁଷଙ୍ଗିକ, ନର୍ସିଂ, ଡିପ୍ଲୋମା ଏବଂ ଆଇଟିଆଇ ଭଳି ବୃତ୍ତିଗତ, ବୈଷୟିକ ପାଠ୍ୟକ୍ରମ ଅଧ୍ୟୟନ କରୁଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷରେ ୪୨୯ଜଣ ଛାତ୍ରୀଛାତ୍ର ଏହି ଯୋଜନା ଅଧୀନରେ ଛାତ୍ରବୃତ୍ତି ସହାୟତା ପାଇଛନ୍ତି। ଶ୍ରୀଅନ୍ନ ଅଭିଯାନ ଯୋଜନାରେ ୬୫୦ ହେକ୍ଟରର ପ୍ରଦର୍ଶନୀ କ୍ଷେତ୍ର କରାଯାଇଛି। ରାଜ୍ୟ ସରକାରଙ୍କ ପ୍ରତି କୁଇଣ୍ଟାଲ ପିଛା ୪,୨୯୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟତୀତ କୁଇଣ୍ଟାଲ ପିଛା ଅତିରିକ୍ତ ୨୧୦ ଟଙ୍କା ବର୍ଦ୍ଧିତ ପ୍ରୋସାହନ ସହାୟତା ପ୍ରଦାନ କରୁଛନ୍ତି। ୨୦୨୪-୨୫ ବର୍ଷରେ ୪୬୮ କୁଇଣ୍ଟାଲ ମାଣ୍ଡିଆ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଛି। ଧାନ ଫସଲ ଅମଳ ପରବର୍ତ୍ତୀ ଜମିର ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଉଛି। ନବସୃଜନ କୃଷି ପଦ୍ଧତି ମାଧମରେ ଏଥିପ୍ରତି ଗୁରୁତ୍ୱ ଦିଆଯାଉଛି। ରବି ୨୦୨୪-୨୫ ଋତୁରେ ରାଜ୍ୟର ସମସ୍ତ ଜିଲାରେ ଧାର୍ଯ୍ୟ ୧୫,୫୦୦ ହେକ୍ଟର ଜମିରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧମରେ ଉଦ୍ୟୋଗୀ ଚାଷୀଙ୍କୁ ସଫଳ ବ୍ୟବସାୟ ନିମନ୍ତେ ଆବଶ୍ୟକ ସହାୟତା ପ୍ରଦାନ କରିଥାଏ। ଆର୍ଥିକ ବର୍ଷ ୨୦୨୪-୨୫ରେ ୨୫ଟି ପ୍ରକଳ୍ପକୁ ଅନୁଧ୍ୟାନ କରାଯାଇ ଏହି ବାବଦକୁ ୨,୨୦,୩୮,୪୬୭ ଟଙ୍କା ରିହାତି ପ୍ରଦାନ କରାଯାଇଛି। କୃଷି ଯାନ୍ତ୍ରିକୀକରଣକୁ ଲୋକପ୍ରିୟ କରିବା ନିମନ୍ତେ ହିତାଧିକାରୀଙ୍କୁ ୪୦ରୁ ୭୦% ରିହାତି ଡିବିଟି ମାଧମରେ ପ୍ରଦାନ କରାଯାଉଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଚାଷୀଙ୍କୁ ୬୬୦୧୩୯.୩୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ସମନ୍ୱିତ କୃଷି ଯୋଜନା କାର୍ଯ୍ୟକାରୀ ହେଉଛି। ନାମମାତ୍ର ଏବଂ କ୍ଷୁଦ୍ରଚାଷୀଙ୍କୁ ଏକ ଦୀର୍ଘସ୍ଥାୟୀ ଓ କ୍ରମବର୍ଦ୍ଧିଷ୍ଣୁ ଆୟର ମାଧମ ଯୋଗାଇଦେବା ପାଇଁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ଏହି ଯୋଜନା ମାଧମରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ ଜଣ ଚାଷୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି।

## 'ଜୀବନାଲେଖ୍ୟ: ବିଗତ ବ୍ୟକ୍ତିତ୍ୱ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ 'ଜୀବନାଲେଖ୍ୟ: ବିଗତ ବ୍ୟକ୍ତିତ୍ୱ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଜଟଣୀ,୨୨।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ଉତ୍ତରାୟଣୀ କ୍ଲବ ପ୍ରେକ୍ଷାଳୟ ପରିସରରେ ରବିବାର ସାହିତ୍ୟିକ ସୀତାକାନ୍ତ ଶତପଥୀଙ୍କ ରଚିତ 'ଜୀବନାଲେଖ୍ୟ: ବିଗତ ବ୍ୟକ୍ତିତ୍ୱ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ଡ.ବିଶ୍ୱରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ରାଧାମାଧବ ମିଶ୍ର, ଭାଜପା ରାଜ୍ୟ ପ୍ରବକ୍ତା ଅନିଲ ବିଶ୍ୱାଳ, ଜ୍ୟୋତିର୍ବିତ୍ ବିଭୁଦ୍ଧାନନ୍ଦ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ 'ଜୀବନାଲେଖ୍ୟ: ବିଗତ ବ୍ୟକ୍ତିତ୍ୱ' ପୁସ୍ତକ ଉନ୍ମୋଚନ କରିଥିଲେ। ଗୋଟିଏ ଜାତି, ସଭ୍ୟତାର ଉନ୍ନତି ପାଇଁ ତା'ର ଇତିହାସ ଓ ସଭ୍ୟତାକୁ ଜାଣିବା ଆବଶ୍ୟକ ବୋଲି ସାହିତ୍ୟିକ ଶତପଥୀ କହିଥିଲେ। ବନମାଳୀ ଶତପଥୀ ପାଠାଗାର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ସଭାପତି ବରିଷ୍ଠ ଅଧିବକ୍ତା ବୀରେନ୍ଦ୍ର ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସଭାପତିତ୍ୱ କରିଥିଲେ। ଆୟୋଜକ ଅନୁଷ୍ଠାନର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଯୁବକ ଗୁରୁତର

ଟାଙ୍ଗୀ,୨୨।୬(ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ଅନ୍ତର୍ଗତ କୁହୁଡ଼ି ଗଙ୍ଗାଧରପୁର ରେଲୱେ ଷ୍ଟେଶନ ମଧ୍ୟରେ କୁମାଣ୍ଡଳ ପାଟଣା ନିକଟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ଠାରୁ ଖବରପାଇ ଚିଲିକା ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁରୁତର ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳରେ ବୋଲି ଜଣାପଡ଼ିଛି।

### ୨ ରେଳ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଜଟଣୀ,୨୨।୬(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ଦୁଇଜଣ ରେଳ କର୍ମଚାରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରେଲୱେ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ସଙ୍ଗଠନ ସଭାପତି ମହମ୍ମଦ ମୁସ୍ତାକ ଅଲ୍ଲୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସଞ୍ଜୁକ୍ତା ମିଶ୍ର ଏବଂ ଜୟଦେବ ନିଶଙ୍କ ଅବସର ନେଇଥିବାରୁ ସେମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ୍.ଜି.କେ ରାଓ, ଶରତ ପଣ୍ଡା, ଅମିତ କୁମାର, ଉପଦେଷ୍ଟା ସତ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ପାଦକ ଏଲ୍.ଡି. ମହାନ୍ତି ଉଭୟଙ୍କ ଅବସର ଜୀବନ ସୁଖମୟ ହେବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ପି. ରାଜା ରାଓ, ରାକେଶ ଘଡ଼େଇ, ପ୍ରଦୀପ ସୁନ୍ଦରାୟ, ତ୍ରିଲୋଚନ ବେହେରା, ସନ୍ତୋଷ ଖଟେଇ, ଅଶୋକ ଭୋଳ, ରବୀନ୍ଦ୍ର ଘଡ଼େଇ, ପାପା ରାଓ, ସୁନୀଲ ପରିଡ଼ା ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଆହତ ଖବରଦାତାଙ୍କୁ ଭେଟିଲେ ସଂଘ କର୍ମକର୍ତ୍ତା

ନିରାକାରପୁର,୨୨।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଖବରଦାତା ସଂଘର ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମନୋଜ କୁମାର ନାଇଡୁ ଦୁର୍ଘଟଣାରେ ଆହତ ହୋଇ ବାସଭବନରେ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ତାଙ୍କ ବାସଗୃହରେ ପହଞ୍ଚି ସମବେଦନା ସହ ଆରୋଗ୍ୟ କାମନା କରିଛନ୍ତି ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ସମେତ ଅନ୍ୟ ଖବରଦାତାମାନେ।

## 'ପୂର୍ବତନ ସୈନିକଙ୍କ ପ୍ରତି ଅବହେଳା କରାଯାଉଛି'



କାର୍ଯ୍ୟକ୍ରମରେ ଉପସ୍ଥିତ ପୂର୍ବତନ ସେନା ଅଧିକାରୀ, କର୍ମଚାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୂର୍ବତନ ସୈନିକ ଲିଗ୍‌ର ୨୪ତମ ପ୍ରତିଷ୍ଠା ଦିବସ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ଆର୍‌ଆର୍ କନ୍‌ଭେନସନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୦ ବ୍ଲକର ସଭାପତି, ସମ୍ପାଦକ, ପୂର୍ବ ସୈନିକ ଓ ପରିବାର ବର୍ଗ ଯୋଗଦେଇଥିଲେ। ଆୟୋଜିତ ସଭାରେ ଅତିଥିଭାବେ ସଙ୍ଗଠନର ବ୍ରଜବନ୍ଧୁ ପଣ୍ଡା ଯୋଗଦେଇ ଶହୀଦ ଯବାନଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ଉପସ୍ଥିତ ପୂର୍ବତନ ସେନା ଅଧିକାରୀ, କର୍ମଚାରୀଙ୍କ ମଙ୍ଗଳ କାମନା କରିଥିଲେ। ରାଜ୍ୟରେ ପୂର୍ବତନ ସୈନିକମାନଙ୍କ ପାଇଁ ଏକ କର୍ପୋରେଶନ ଗଠନ, କଳିଙ୍ଗ ନଗରଠାରେ ଏକ ଶହୀଦ ସ୍ତମ୍ଭ ସ୍ଥାପନ, ଶ୍ରୀରାମନଗର ଖୋର୍ଦ୍ଧାଠାରେ ନିର୍ମାଣାଧୀନ ଜିଲା କାର୍ଯ୍ୟାଳୟ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ କହିଥିଲେ। ରାଜ୍ୟର ପୂର୍ବତନ ସୈନିକମାନଙ୍କ ପ୍ରତି ଅବହେଳା କରାଯାଉଥିବାରୁ ରାଜନେତାମାନଙ୍କୁ ଆତ୍ମନିରୀକ୍ଷଣ କରିବା ଦରକାର ବୋଲି ମତପ୍ରକାଶ ପାଇଥିଲା। ପରମେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସଭାପତି ମଧୁସୂଦନ ଦାସ, ସମ୍ପାଦକ ଉମେଶ କୁମାର ଚୟନୀଙ୍କ ସମେତ ସେକ୍ ସଲିମ୍, ଅଲ୍ ଓଡ଼ିଶା ଭେଟେରାନ୍ ସୋଲଜର୍ସ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ରହି ପୂର୍ବତନ ସୈନିକଙ୍କ ମନୋବଳ ବଢ଼ାଇଥିଲେ। ନିତ୍ୟାନନ୍ଦ ସାହୁ, ରତ୍ନାକର ଗୁମାନସିଂ, ରାଧାକାନ୍ତ ରାୟସାମନ୍ତ, ଅନନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସୈନିକ ପରିବାରର ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ମାତୃ କୃପାଭିକ୍ଷା ଯଜ୍ଞ, ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବୋଲଗଡ଼,୨୨।୬(ଦେବବ୍ରତ ହୋତା)

ଖଗୁରିଆ ଗ୍ରାମର ଅମୃତେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଚାରିଦିନ ଧରି ଚାଲିଥିବା ବିଂଶତମ ବିଶ୍ୱଶାନ୍ତି ମାତୃ କୃପାଭିକ୍ଷା ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ ସହ ସମାପନ ହୋଇଛି। ଏହି ଅବସରରେ ନୂତନ ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ହୋଇଯାଇଛି। ଯଜ୍ଞ ପରିଚାଳନା କମିଟି ଏବଂ ଖଗୁରିଆ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଯଜ୍ଞାନୁଷ୍ଠାନ ବିଭିନ୍ନ ଦିବସରେ ଅଙ୍କୁରାରୋପଣ, ମଣ୍ଡଳ କରଣ, କଳସାଧିବାସ, ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ, ରାମଚଣ୍ଡୀଙ୍କ ଉପଚାର ପୂଜା, ଚଣ୍ଡୀପାଠ, ଅମୃତେଶ୍ୱର ଦେବଙ୍କ ରୁଦ୍ରାଭିଷେକ, ଭାଗବତ ବାସୁଦେବଙ୍କ ଉପଚାର ପୂଜା ଆଦି ସହ ପ୍ରତ୍ୟହ ସୂର୍ଯ୍ୟପୂଜା, ଧେନୁପୂଜା, ଗୀତାପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଯୋଗେନ୍ଦ୍ର ମିଶ୍ର, ବିଜୟ ତ୍ରିପାଠୀ, ଫକୀର ମିଶ୍ର ପ୍ରମୁଖ ଆଚାର୍ଯ୍ୟ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିବା ବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ଣ୍ଣାହୁତି ଅବସରରେ ବିଧାୟକ ପ୍ରଦୀପ ସାହୁ, ସରପଞ୍ଚ, ସମିତିସଭ୍ୟ ଏବଂ ଯୁବନେତା ଦିପନ ବିଶ୍ୱାଳଙ୍କ ସମେତ ଅତିଥିମାନେ ଯୋଗଦେଇଥିଲେ।

## ରାସ୍ତା ମରାମତି କଲା ଅଟୋଚାଳକ ମହାସଂଘ

ବେଗୁନିଆ,୨୨।୬(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ-କଣ୍ଟିଲୋ ୪୮ନମ୍ବର ରାଜ୍ୟ ରାଜପଥ ଏବଂ ସିମର-ବାଙ୍କୀ ରାସ୍ତାର ସଂଯୋଗସ୍ଥଳରେ ବହୁ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାନବାହନ ଯାତାୟାତରେ ଅସୁବିଧା ହେଉଥିଲା। ଏପରିକି ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ହେଉଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ସ୍ଥାନୀୟ ଲୋକେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ରବିବାର ସିମର ଅଟୋଚାଳକ ମହାସଂଘର କର୍ମକର୍ତ୍ତାମାନେ ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜଙ୍କ ଉପସ୍ଥିତିରେ ସମ୍ପୃକ୍ତ ଖାଲଗୁଡ଼ିକରେ ମେଟାଲ ଏବଂ ମୋରମ ପକାଇଛନ୍ତି। ସେମାନଙ୍କର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ନବୀନଙ୍କ ସୁସ୍ଥତା ପାଇଁ ଦଳୀୟ କର୍ମୀଙ୍କ ପୂଜାର୍ଚ୍ଚନା



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କାମନା କରି ଦୀପଦାନ କରାଯାଉଛି।

ବୋଲଗଡ଼,୨୨।୬(ଦେବବ୍ରତ ହୋତା)

ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ଥତା ପାଇଁ ରବିବାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇସ୍ଥିତ ତାରେଶ୍ୱର ଦେବଙ୍କ ପୀଠରେ ମୃତ୍ୟୁଞ୍ଜୟ ପାଠ ସହ ୧୦୮ ଦୀପ ପ୍ରଜ୍ୱଳିତ ହୋଇଛି। ବିଜେଡି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ ସାହୁ, ବ୍ଲକ ଅଧ୍ୟକ୍ଷ ହୁଲାସ ପ୍ରଧାନ, ଜିଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ପ୍ରଦୀପ୍ତ ଛୋଟରାୟ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପ୍ରଭାତୀ ରାଉତରାୟ, ବିଜେଡି ସଭାପତି ବାନାମ୍ବର ମାଝୀ, ବ୍ଲକ ମହିଳା ମହାସଂଘ ସମ୍ପାଦିକା ଗୀତାଞ୍ଜଳି ମହାନ୍ତି, ଯୁବନେତା ଶୁଭେନ୍ଦ୍ର ସାହୁ, ବଂଶୀଧର ସାହୁ, ସୁଶାନ୍ତ ପାଇକରାୟଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଯୋଗଦେଇଥିଲେ। **ବେଗୁନିଆ, (ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବଡ଼ସାହିସ୍ଥିତ ଜଗନ୍ନାଥ ମନ୍ଦିର ଓ ଗଡ଼ମାଣିତୀର ଗ୍ରାମର ମା' ରାମଚଣ୍ଡୀଙ୍କ ପୀଠରେ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ, ସରପଞ୍ଚ, ସମିତିସଭ୍ୟ ଓ ଦଳୀୟ କର୍ମୀମାନେ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। **ଟାଙ୍ଗୀ,(ରଘୁନାଥ ସାହୁ):** ଭୂଷଣ୍ଡପୁର ମୂଳିଝରଗଡ଼ସ୍ଥିତ ମା' ଉଗ୍ରତାରାଙ୍କ ପୀଠରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ଥତା ପାଇଁ ଦୀପଦାନ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତିରେ ବହୁ ନେତା ଓ କର୍ମୀ ଦୀପଦାନ କରି ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ଆଶିଷ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ରିଣ୍ଟା ମାନ୍ଧାତା, ପୂର୍ବତନ ଜିଲାପରିଷଦ ସଭ୍ୟ ସ୍ୱଦେଶ କୁମାର ରାଉତରାୟ, ବିଜେଡି ସଙ୍ଗଠକ ପବିତ୍ର କୁମାର ପାଇକରାୟ, ସରପଞ୍ଚ କିଶୋର କୁମାର ରାଉତରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ମା' ପାଦୁକାଇ କ୍ରିକେଟ୍ ଟିମ୍ ଚାମ୍ପିୟନ

କୃଷ୍ଣପ୍ରସାଦ,୨୨।୬(କୈଳାସ ଚନ୍ଦ୍ର ପଟ୍ଟନାୟକ)



ଅତିଥିଙ୍କ ସହ ଖେଳାଳି ଏବଂ ଅନ୍ୟମାନେ।

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ମା' କନକଦୁର୍ଗା କ୍ରିକେଟ ଟିମ୍ ଆନୁକୂଲ୍ୟରେ ଚିଲିକା ଷ୍ଟାଡ଼ିୟମଠାରେ ଚାଲିଥିବା ୨୨ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟରେ ମା' ପାଦୁକାଇ କ୍ରିକେଟ୍ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ମାଲୁଦ ଏବଂ ମା' ପାଦୁକାଇ କ୍ରିକେଟ୍ ଟିମ୍ ନବା ସାମନ୍ତରାପୁର ମଧ୍ୟରେ ହୋଇଥିଲା। ମାଲୁଦ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୦୩ରନ ସଂଗ୍ରହ କରିଥିଲା। ଜବାବରେ ମା' ପାଦୁକାଇ କ୍ରିକେଟ୍ ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ବସନ୍ତ କୁମାର ପ୍ରଧାନ ଏବଂ ରାଜେନ୍ଦ୍ର କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶାନ୍ତ କୁମାର ସାହୁ ଧାରା ବିବରଣୀ ଏବଂ ବିବେକ କୁମାର ଦାସ ସ୍କୋରବୋର୍ଡରେ ସହଯୋଗ କରିଥିଲେ। ଏହି ଦିବସରେ ମୁଖ୍ୟ ଅତିଥିଭାବେ ଯୁବ କଂଗ୍ରେସ ନେତା ଦୀପକ କୁମାର ଜେନା, ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଜେନା, ନବା ସାମନ୍ତରାପୁର ଗ୍ରାମ୍ୟ କମିଟି ସଭାପତି ଆର୍ତ୍ତତ୍ରାଣ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଟିମକୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା।

## ଚାରାରୋପଣ କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ



ଚାରାରୋପଣ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ।

ଜଟଣୀ,୨୨।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ନଗର କଂଗ୍ରେସ ପକ୍ଷରୁ ରବିବାର ସ୍ଥାନୀୟ ବାଛରା ପାହାଡ଼ରେ ଚାରାରୋପଣ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଜଟଣୀ ନଗର କଂଗ୍ରେସ ସଭାପତି ଅଶୋକ ମଙ୍ଗରାଜ, ପୂର୍ବତନ ନଗରପାଳ ଡା. ଗୌରୀ ପ୍ରସାଦ ସିଂହ, ବୃନ୍ଦାବନ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଗରିକ କମିଟି ସଭାପତି ତଥା ବିଜେଡି ନେତା ମନ୍ମଥ ରାଉତରାୟ, ବ୍ୟବସାୟୀ ମହାସଂଘ ସଭାପତି ସୁଦର୍ଶନ ସୁନ୍ଦରାୟ, ଦଳିତ ମହାସଂଘ ସଭାପତି ସୁରେଶ ନାୟକ, ଜଟଣୀ ପ୍ରଗତି ପରିଷଦ ସଭାପତି ସନ୍ତୋଷ ହୋତା, ଇଷ୍ଟକୋଷ୍ଟ ରେଲ୍‌ୱେ ଶ୍ରମିକ କଂଗ୍ରେସ କୋଅର୍ଡିନେଟର ସୁନିଲ ଭଞ୍ଜ, ପ୍ରମୋଦ ସାହାଣୀ, ଲକ୍ଷ୍ମୀଧର ମହାନ୍ତି, ଜଟଣୀ ବରିଷ୍ଠ ନାଗରିକ କମିଟିର ସଭାପତି, ସମ୍ପାଦକ ଓ ସଭ୍ୟ, ଅଟୋ ଆସୋସିଏଶନର କର୍ମକର୍ତ୍ତା, ମା'ଜଟିଆଣି ଟ୍ରକ ମାଲିକ ସଂଘ, ଜଟଣୀ ନଗରପାଳ ଅନନ୍ତ ବେହେରା, ପୂର୍ବତନ ସରପଞ୍ଚ ସୁନିଲ ରାଉତରାୟ, କୈଳାସ ମହାପାତ୍ର, ବହୁ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

## ପୃଥକ୍ ମାମଲାରେ ଧରାପଡ଼ିଲେ ୪ ଲୁଟେରା

ଜଟଣୀ/ଝାଁଳା,୨୨।୬
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)





ଗିରଫ ୪ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ଜଟଣୀ ଥାନା ପୋଲିସ ଏକ ଚୋରି ଘଟଣାରେ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ଗୋପବନ୍ଧୁନଗର ଅଞ୍ଚଳର ବାବୁ ଓରଫ ଆଲୋକ ହାଡ଼(୨୮) ଏବଂ ବିଡିଏ କଲୋନୀର ସମୀର ରାୟ(୩୮)। ଏମାନଙ୍କ ନିକଟରୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର ଏବଂ ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୭୬/୨୫) ରୁଜୁ ହୋଇଛି। ଆଲୋକଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୭ଟି ଆପରାଧିକ ମାମଲା ରହିଥିବା ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି। ଅଭିଯୋଗ ମୁତାବକ, ପ୍ରକାଶ କୁମାର ସାହୁ ଗ୍ୟାସ ବିତରକ ଭାବେ କାର୍ଯ୍ୟ କରନ୍ତି। ଗତ ୧୯ ତାରିଖରେ ସେ ଲୁନାରେ ୩ଟି ଗ୍ୟାସ୍ ସିଲିଣ୍ଡର ଡେଲିଭରି ଦେବା ଲାଗି ରାଜାବଜାର ଅଞ୍ଚଳକୁ ଯାଇଥିଲେ। ସେଠାକାର ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଗାଡ଼ିକୁ ପାର୍କ କରି ଗୋଟିଏ ସିଲିଣ୍ଡର ନେଇ ଘର ଭିତରକୁ ଯାଇଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ଲୁନାରେ ଥିବା ଦୁଇଟି ସିଲିଣ୍ଡର ମଧ୍ୟରୁ ଗୋଟିଏ ଚୋରି କରିନେଇ ପଳାଇଥିଲେ। ଏନେଇ ପ୍ରକାଶଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇବା ସହ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସେହିପରି ଜଣେ ମହିଳାଙ୍କ ଭ୍ୟାନିଟ୍ ଝାମ୍ପିନେବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ଦୁଇ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପାଟପୁରର ସୌମ୍ୟରଞ୍ଜନ ଶତପଥୀ ଏବଂ ଡାଳତୋଳାର ଆଲୋକ ଚନ୍ଦ୍ର ଦୀକ୍ଷିତ। ଏମାନଙ୍କ ନିକଟରୁ ଏକ ସୁନାଚେନ୍, ସୁନାମୁଦି, ଭ୍ୟାନିଟି ସହ ଏକ ବାଇକ୍ ଜବତ କରାଯାଇଛି। ଅଭିଯୋଗ ମୁତାବକ, ଲିଙ୍ଗରାଜ ଥାନା ଅଞ୍ଚଳରେ ନିର୍ମଳ ମହାନ୍ତି ପରିବାର ସହ ରୁହନ୍ତି। ଗତ ମେ' ୭ରେ ନିର୍ମଳ ଏବଂ ତାଙ୍କ ସ୍ତ୍ରୀ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବେଗୁନିଆ ଯାଇଥିଲେ। ସନ୍ଧ୍ୟାରେ ବେଗୁନିଆରୁ ଭୁବନେଶ୍ୱର ଘରକୁ ଫେରୁଥିଲେ। ତଳଖେତା ଛକ ଓଭରବ୍ରିଜ ନିକଟରେ ଦୁଇ ଅଭିଯୁକ୍ତ ବାଇକ୍‌ରେ ଆସି ନିର୍ମଳଙ୍କ ସ୍ତ୍ରୀଙ୍କ ଠାରୁ ଭ୍ୟାନିଟ୍ ଛଡ଼ାନେଇ ପଳାଇଥିଲେ। ଉକ୍ତ ଭ୍ୟାନିଟରେ ସୁନାଚେନ, ସୁନା ମୁଦି, ୧୫ ହଜାର ଟଙ୍କା, ବ୍ୟାଙ୍କ ଜମାଖାତା, ପ୍ୟାନ କାର୍ଡ ଓ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଥିବା ନେଇ ନିର୍ମଳ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇବା ସହ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଘର ଆଗରୁ ଅଟୋରିକ୍ସା ଚୋରି

ଗୋପ,(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତ ଅଧୀନ ବାଲି କନ୍ଦଳ ଗ୍ରାମରୁ ଶନିବାର ବିଳମ୍ବିତ ରାତ୍ରିରେ ଘର ଆଗରୁ ଅଟୋରିକ୍ସା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଗ୍ରାମର ଅଜୟ ମୁଦୁଲି ସବୁଦିନ ପରି ଶନିବାର ସନ୍ଧ୍ୟାରେ ଘର ଦୁଆର ମୁହଁରେ ଅଟୋରିକ୍ସା ଥୋଇଥିଲେ। କିନ୍ତୁ ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଅଟୋରିକ୍ସାକୁ ଚୋରି କରି ନେଇଥିବା ରବିବାର ସକାଳୁ ସେ ପାଇ ଥାନାରେ ଅଭିଯୋଗ କରିଥିଲେ। ଅଜୟ ଏହି ଅଟୋ ଚଳାଇ ପରିବାର ଭରଣପୋଷଣ କରୁଥିବାବେଳେ ଏବେ ଭରଣପୋଷଣ ନେଇ ସେ ଚିନ୍ତାରେ ଥିବା କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୬।୨୦୨୫

| | |
|---|---|
| ୨,୪୩,୧୩୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା

- ଭୁଲ୍ ଇଞ୍ଜେକ୍ସନ ଯୋଗୁ ଜୀବନ ଯାଇଥିବା ଅଭିଯୋଗ
- କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ପୁରୀ କୁମ୍ଭାରପଡ଼ା ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାରେ ଅବହେଳା ଓ ଭୁଲ ଇଞ୍ଜେକ୍ସନ କାରଣରୁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସମେତ ସମ୍ପର୍କୀୟମାନେ ସେଠାରେ ହୋହଲ୍ଲା କରିବା ସହ ହସ୍ପିଟାଲ ସମ୍ମୁଖରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଚାରିନଳା ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ପୂଜାରାଣୀ ଦଳେଇ ଗ୍ୟାଷ୍ଟ୍ରିକ ରୋଗରେ ପୀଡ଼ିତ ହୋଇ ଗତ ୨୦ ତାରିଖରେ ଉକ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହୋଇ ନ ଥିଲା। ତେଣୁ ପରିବାର ଅନ୍ୟ ଡାକ୍ତରଖାନାକୁ ନେବା ପାଇଁ କହିଥିଲେ। ମାତ୍ର ହସ୍ପିଟାଲ କର୍ତ୍ତୃପକ୍ଷ ସବୁ ଠିକ୍ ଅଛି ବୋଲି କହିଥିଲେ। ଏପରିକି ରୋଗୀଙ୍କୁ ରକ୍ତ ଦିଆଯାଇଥିଲା। ତେବେ ଶନିବାର ରାତିରେ ତାଙ୍କ ଅବସ୍ଥା ଗୁରୁତର ଥିବା କହି ଉକ୍ତ ହସ୍ପିଟାଲର ଡାକ୍ତର ଭୁବନେଶ୍ୱର ଏକ ହସ୍ପିଟାଲକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ଚିକିତ୍ସା କରି ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସରେ ଡାକ୍ତର ସମ୍ପୃକ୍ତ ମହିଳାଙ୍କୁ ଭୁଲ୍ ଇଞ୍ଜେକ୍ସନ ଦେଇଥିବାରୁ ଓ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିବା ସହ ଉତ୍ୟକ୍ତ ହୋଇ ପୁରୀର ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରିଥିଲେ। ଏହାକୁ ପୋଲିସ ଅଟକାଇବାକୁ ଯିବାରୁ ପୋଲିସ କର୍ମଚାରୀ ଓ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ସମ୍ପୃକ୍ତ ଲୋକେ ହସ୍ପିଟାଲ ସମ୍ମୁଖ ରାସ୍ତାକୁ ଅବରୋଧ କରିଥିଲେ। ଖବର ପାଇ ପୋଲିସ ସମେତ ପୁରୀ ଏମ୍‌ପି, ଜିଲାପାଳ ଏବଂ ଏସ୍‌ପି ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ କହିଛନ୍ତି, ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡିବ। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସିଡିଏମ୍‌ଓ ଏକ ଟିମ୍ ଗଠନ କରି ଘଟଣାର ତଦନ୍ତ କରୁଛନ୍ତି। ଚିକିତ୍ସାରେ ଅବହେଳା ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଉକ୍ତ ମେଡିକାଲରେ ଥିବା ଅନ୍ୟ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



ମୃତକଙ୍କ ପରିବାର ଲୋକେ ଓ ସମ୍ପର୍କୀୟମାନେ ରାସ୍ତା ଅବରୋଧ କରିଛନ୍ତି।

## ରଥଖଳାରୁ...

### ରଥ ବଡ଼ଥଳ ପୋଟଳଠାରୁ ଚନ୍ଦ୍ରଶାଳୀ ସଂଯୋଗ



ରଥରେ ଦୁଆର ବେଢା ସହ କଳସୀ ଲଗାଯାଇଛି।

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୫୩ ତମ ଦିବସରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନି ରଥର ୨ଟି ଲେଖାଏ ପାର୍ଶ୍ୱ ଦୁଆରବେଢ଼ାକୁ ବାଉଁଶ ତେଣ୍ଟିଆ ସହାୟତାରେ ଉଠାଇ ନାଟଗୋଡ଼ ସହ ସଂଯୋଗ କରି ବାନ୍ଧେଣି କରିଥିଲେ। ମହାରଣା ସେବକମାନେ ଭୋଇସେବକଙ୍କ ସହାୟତାରେ ରଥର ପ୍ରତି କୋଣଗୁଡ଼ିକରେ ଦୁଇଟି ଲେଖାଏ କଣି ଫାଉଡ଼ି ବସାଇ ଚାରି ପାର୍ଶ୍ୱରେ ଦୁଇଟି ଲେଖାଏ ମଣ୍ଡଣୀବତା ପଡ଼ି ବଡ଼ଥଳ ପୋଟଳଠାରୁ ଚନ୍ଦ୍ରଶାଳୀ ପର୍ଯ୍ୟନ୍ତ ସଂଯୋଗ କରାଯାଇଛି। ତିନିରଥର ପ୍ରଭାରେ ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଧ୍ୱଜବତା କଣ୍ଟା, ଶୁଆ ପାଇଁ ନାରାଜ କଣ୍ଟା ଏବଂ କଳସ ପାଇଁ ଫାନ୍ଦ କଣ୍ଟା, ପ୍ରଭା ବିଡିଆ କଣ୍ଟା ନିର୍ମାଣ କରୁଛନ୍ତି। ଚିତ୍ରକାର ସେବକମାନେ ରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ସାରଥି, ଘୋଡ଼ା ଇତ୍ୟାଦିର ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି।

## ସଂକ୍ଷେପରେ

### ମହାପ୍ରଭୁଙ୍କ କୃପାରୁ ଶୃଙ୍ଖଳିତ ହେବ ରଥଯାତ୍ରା: ମୁଖ୍ୟମନ୍ତ୍ରୀ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ସମନ୍ୱୟ ବୈଠକ ପରେ ମୁଖ୍ୟମନ୍ତ୍ରୀ ରଥଯାତ୍ରାକୁ ଶୃଙ୍ଖଳିତ କରିବା ନେଇ ଗୁରୁତ୍ୱ ଦେଇଛନ୍ତି। ପ୍ରଥମଥର ପାଇଁ ମନ୍ତ୍ରିସ୍ତରୀୟ କମିଟି ଗଠନ କରାଯାଇଛି। କେନ୍ଦ୍ରର ସହଯୋଗ ନିଆଯାଉଛି। ରୀତିନୀତି ଶୃଙ୍ଖଳିତ ଭାବେ କରାଯାଉଛି। ସୁରକ୍ଷା ଦୃଷ୍ଟିକୋଣରୁ ରଥଯାତ୍ରା ଏକ ଉଦାହରଣ ସୃଷ୍ଟି କରିବ। ମହାପ୍ରଭୁଙ୍କ କୃପାରୁ ଯାତ୍ରା ଶୃଙ୍ଖଳିତ ଭାବେ ସମାପନ ହେବ। ରଥଯାତ୍ରା ପରଦିନ ଶନିବାର ଓ ତା'ପରଦିନ ରବିବାର ଥିବାରୁ ରଥଯାତ୍ରା ପରଦିନ ଛୁଟିର ଆବଶ୍ୟକତା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ପୁରୀ ୨୨।୬ (ଅଜିତ୍ କୁମାର ମହାନ୍ତି )

ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନେଇ ବିଧାୟକ ସୁନୀଲ କୁମାର ମହାନ୍ତି ଦାବି କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଦେଶବିଦେଶରୁ ପ୍ରତିଦିନ ଭକ୍ତମାନେ ପୁରୀକୁ ଆସିଥାନ୍ତି। ହେଲେ ପୁରୀବାସୀ ଦର୍ଶନ କରିବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୁରୀବାସୀ ପ୍ରତିଦିନ ମହାପ୍ରସାଦ ଓ ଅନ୍ୟ କାର୍ଯ୍ୟ ପାଇଁ ବାରମ୍ବାର ଶ୍ରୀମନ୍ଦିରକୁ ଯାଇଥାନ୍ତି। ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ହେତୁ ଅନ୍ୟମାନଙ୍କ ଭଳି ବ୍ୟାରିକେଡ଼ରେ ଯିବା ଆସିବା କରୁଛନ୍ତି। ରବିବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସମନ୍ୱୟ ବୈଠକ ଚାଲିଥିବା ବେଳେ ପୁରୀ ବିଧାୟକ ସୁନୀଲ ମହାନ୍ତି ଦର୍ଶନ କ୍ଷେତ୍ରରେ ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ପୂର୍ବ ଶତ୍ରୁତାରୁ ଆକ୍ରମଣ, ଟଙ୍କା ଲୁଟ୍

ନିମାପଡ଼ା,୨୨।୬(ବିଚିତ୍ରାନନ୍ଦ ସାହୁ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ୩ ଜଣ ଆକ୍ରମଣ କରିଛନ୍ତି। ଏଥିରେ ଆହତଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗରେ ଆକ୍ରମଣକାରୀ ତାଙ୍କ ପକେଟରୁ ୧୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏନେଇ ସେ ୩ ଜଣ ଆକ୍ରମଣକାରୀଙ୍କ ବିରୋଧରେ ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୩ ଜଣଙ୍କ ବିରୋଧରେ ୧୮୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିମାପଡ଼ା ଥାନା ଅଧୀନ ଇଚ୍ଛାପୁର ଗ୍ରାମର ହେମନ୍ତ ପରିଡ଼ା ଶନିବାର ଖେଳାର ବଜାରସ୍ଥିତ ଏଟିଏମ୍‌ରୁ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଏହି ସମୟରେ ରଡ଼ବଜାର ଗ୍ରାମର ଚିତ୍ରସେନ ମହାରଣା, କାଳୁ ମହାରଣା, ବଗୁଲି ମହାରଣା ପ୍ରମୁଖ ରାସ୍ତାରେ ହେମନ୍ତଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଠେଙ୍ଗାରେ ପିଟି ଆକ୍ରମଣ କରିଥିଲେ।

### ମଦ ପିଇବାକୁ ଟଙ୍କା ନ ଦେବାରୁ ଆକ୍ରମଣ

ନିମାପଡ଼ା,୨୨।୬(ବିଚିତ୍ରାନନ୍ଦ ସାହୁ)

ବାଇକ୍‌ରେ ଆସୁଥିବା ୩ ଜଣଙ୍କୁ ରାସ୍ତାରେ ଅଟକାଇ ମଦ ପିଇବାକୁ ଟଙ୍କା ମାଗିବା ଓ ଟଙ୍କା ନ ଦେବାରୁ ସେମାନଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଛନ୍ତି। ଏନେଇ ୨ ଗଣ୍ଡଗୋଳକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ୧୮୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନିମାପଡ଼ା ଥାନା ଅଧୀନ ରଡ଼ ବଜାର ଗ୍ରାମର ଚିତ୍ତରଞ୍ଜନ ମହାରଣା ଓ ତାଙ୍କର ୨ ସାଙ୍ଗ ଚିନ୍ମୟ ବେହେରା, ବାବୁଆ ସେଠୀଙ୍କ ସହ ବାଇକ୍‌ରେ ଘରକୁ ଆସୁଥିଲେ। ଏହି ସମୟକେ ଖେଳାର ବଜାରଠାରେ ବରିହାପଡ଼ା ଗ୍ରାମର ଗୋପୀନାଥ ପରିଡ଼ା ଓ ଇଚ୍ଛାପୁର ଗ୍ରାମର ଅମିନ ବେହେରା ପ୍ରମୁଖ ଚିତ୍ତରଞ୍ଜନଙ୍କୁ ଅଟକାଇ ମଦ ପିଇବାକୁ ଟଙ୍କା ମାଗିଥିଲେ। ହେଲେ ସେ ଟଙ୍କା ଦେବାକୁ ମନା କରିବାରୁ ଆକ୍ରମଣର ଶିକାର ହୋଇଥିଲେ।

# ଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଦେଖିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଶ୍ରୀଗୁଣ୍ଡିଚା ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସମୀକ୍ଷା କରୁଛନ୍ତି।

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ପୁରୀରେ ରବିବାର ଅନୁଷ୍ଠିତ ଚୂଡ଼ାନ୍ତ ରଥଯାତ୍ରା ସମନ୍ୱୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗଦେବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଓ ସମ୍ମୁଖ ଭାଗର ରୂପାନ୍ତରଣ ହୋଇଥିବାବେଳେ ଭକ୍ତଙ୍କ ସୁବିଧା ପାଇଁ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଛି। ଫଳରେ ଭକ୍ତମାନେ ଶ୍ରୀମନ୍ଦିର ନୀତିକାନ୍ତି ଜାଣିପାରିବେ। ସେହିପରି ଗୁଣ୍ଡିଚା ମନ୍ଦିର ପଶ୍ଚିମ ପାର୍ଶ୍ୱ ମେଘନାଦ ପାଚେରିକୁ ଖଣ୍ଡୋଲାଇଟ ପଥରରେ ତିଆରି କରାଯାଇଛି। ନୂତନ ଭାବେ ଦୁଇଟି ସୂଚନାକେନ୍ଦ୍ର ଓ ଭିତରେ ନୂତନ ବଗିଚା କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀଗୁଣ୍ଡିଚା ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଦେଖି ସନ୍ତୋଷ ପ୍ରକାଶ କରିଥିଲେ।

## ଏସ୍‌ସିଏସ୍ କଲେଜ ପରିସରରେ ହେବନି ପଲ୍ଲିଶ୍ରୀ ମେଳା

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ଉପଲକ୍ଷେ ପ୍ରତିବର୍ଷ ଓର୍‌ମାସ୍ ପକ୍ଷରୁ ଭୋଳାନାଥ ବିଦ୍ୟାପୀଠ ପରିସରରେ ପଲ୍ଲିଶ୍ରୀ ମେଳା ଆୟୋଜନ ହୋଇଥାଏ। ତେବେ ଚଳିତବର୍ଷ ଗହଳି ଏବଂ ଅଧିକ ସଂଖ୍ୟକ ଷ୍ଟଲକୁ ଲକ୍ଷ୍ୟ ରଖି ଭୋଳାନାଥ ବିଦ୍ୟାପୀଠ ପରିବର୍ତ୍ତେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜନ କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ତେବେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ମହାବିଦ୍ୟାଳୟର ଆଲୁମିନି ଆସୋସିଏଶନ ବିରୋଧ କରିଥିଲା। ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାପରେ ଜିଲାପାଳ ଆସୋସିଏଶନ୍ ଅନୁରୋଧ ରଖି ମେଳାକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିଛନ୍ତି। ଏଥିଲାଗି ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଏ ନେଇ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ଶଙ୍କର୍ଷଣ ଦାସ, ସମ୍ପାଦକ ଭଗବାନ ପଡ଼ିଆରୀ, ଯୁଗ୍ମସମ୍ପାଦକ ପ୍ରୀତମ ଜଗଦ୍ଦେବ ପ୍ରମୁଖ ସୂଚନା ଦେଇଛନ୍ତି।

## ବିପଦସଙ୍କୁଳ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

ଯୋଗେଶ୍ୱରପୁର,୨୨।୬(ରଶ୍ମିରଞ୍ଜନ ସାହୁ)

ରାଜ୍ୟ ସରକାର ପ୍ରତି ଗ୍ରାମରେ ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଅନୁଦାନ ଦେଉଥିବାବେଳେ ନୟାହାଟ ଫାଣ୍ଡି ଅଧୀନ ଦେସ୍ଥଳି ପଞ୍ଚାୟତ ପେଣ୍ଠଳ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ଏକ ଅଣଓସାରିଆ ଓ ବିପଦସଙ୍କୁଳ ଘରେ ଚାଲୁଥିବା ଦେଖିବାକୁ ମିଳିଛି। ସେହି ଘରେ ରୋଷେଇ ହେଉଛି। କୁନି କୁନି ପିଲାମାନେ କାଠଧୂଆଁରେ ପାଠ ପଢିବା ସହ ବାରଣ୍ଡାରେ ବସି ମଧ୍ୟାହ୍ନ ଭୋଜନ ଖାଉଛନ୍ତି। ସରକାରୀ ଜାଗା ଥାଇ ମଧ୍ୟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇପାରୁନାହିଁ। ଏ ଦିଗରେ ଦେସ୍ଥଳୀ ସରପଞ୍ଚ ରିଶ୍ମା ସ୍ୱାଇଁଙ୍କୁ ପଚାରିବାରେ, ଆର୍‌ଆଇ ଓ ସିଡିପିଓ ଶନିବାର ଆସି ଘଟଣାର ତଦନ୍ତ କରିଛନ୍ତି। ସେହି କୋଠଘର ଭଙ୍ଗାଯାଇ ନୂତନ ଅଙ୍ଗନୱାଡି କେନ୍ଦ୍ର କରାଯିବ ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ




କାକଟପୁର ମା'ମଙ୍ଗଳାଙ୍କ ନିକଟରେ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରାଯାଉଛି।

ସାକ୍ଷୀଗୋପାଳ/ଚାରିଛକ/କାକଟପୁର/ଅସ୍ତରଙ୍ଗ/ଗୋପ,୨୨।୬(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ଶିଶିର ସ୍ୱାଇଁ/ ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ଭାରତୀ ଭୂଷଣ ଉପାଧ୍ୟାୟ)

ସତ୍ୟବାଦୀ ବ୍ଲକ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ରବିବାର ସନ୍ଧ୍ୟାରେ ଦୀପଦାନ କରାଯାଇଛି। ଏହି ସମୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ବ୍ଲକ ସଭାପତି ପ୍ରମୋଦ କୁମାର ରାଉତରାୟ, ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ବ୍ଲକ ଯୁବ ବିଜେଡି ସଭାପତି ଶରତ ରାଉତରାୟ, ମହିଳା ସଭାପତି ହରପ୍ରିୟା ବେହେରା, ସରପଞ୍ଚ ଗାୟତ୍ରୀ ମହାପାତ୍ର, ଦୁଃଶାସନ ବେହେରାଙ୍କ ସମେତ ଦଳର ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ନିମାପଡ଼ା ନିର୍ବାଚନମଣ୍ଡଳୀର ତୁଳସୀପୁର ପଞ୍ଚାୟତ ବିଜେଡି ପକ୍ଷରୁ ଦଳର ବରିଷ୍ଠ ନେତା, କର୍ମୀ ଓ ସମର୍ଥକମାନେ ତାଙ୍କର ସଫଳ ଅସ୍ତ୍ରୋପଚାର ଓ ଖୁବ୍‌ଶୀଘ୍ର ସୁସ୍ଥ ହୋଇ ଫେରିବାର କାମନା କରି ବନ୍ଦେଶ୍ୱର ଶମ୍ଭୁ ମନ୍ଦିରଠାରେ ପୂର୍ବାହ୍ନରେ ପୂଜାର୍ଚ୍ଚନା କରି ସମୂହ ଦୀପଦାନ କରାଯାଇଥିଲା। ପଞ୍ଚାୟତ ବିଜେଡି ସଭାପତି ଅନିରୁଦ୍ଧ ତ୍ରିପାଠୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ନାୟକ, ଯୁବ ବିଜେଡି ସଭାପତି ପଦ୍ମନାଭ ବାରିକ, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ନିରଞ୍ଜନ ତ୍ରିପାଠୀ, ଚକ୍ରଧର ସାହୁ, ଜୟକୃଷ୍ଣ ଶତପଥୀ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବିଜେଡି ପକ୍ଷରୁ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ନିକଟରେ ରବିବାର ସନ୍ଧ୍ୟାରେ ପୂଜାର୍ଚ୍ଚନା ସହ ଦୀପଦାନ କରାଯାଇଛି। ଏଥିରେ ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ୧ନଂ. ଜୋନ ଜିଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ୨ନଂ. ଜୋନ ଜିଲାପରିଷଦ ସଭ୍ୟା ବନିତା ବେହେରା, ୬ନଂ. ଜୋନ ଜିଲାପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ଦଳାଇ, ୭ନଂ ଜୋନ ଜିଲାପରିଷଦ ସଭ୍ୟା ସଞ୍ଜୁକ୍ତା ଦୀକ୍ଷିତ, କାକଟପୁର ଯୁବ ବିଜେଡି ସଭାପତି ରଞ୍ଜନ ନାୟକ, ଅସ୍ତରଙ୍ଗ ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ, ରୁଦ୍ର ପ୍ରସାଦ ଲେଙ୍କା, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ବିଶ୍ୱଜିତ ଦାଶଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

ଗୋପ ବ୍ଲକ ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା ପାଇଁ ଆଖଣ୍ଡଳେଶ୍ୱର ମନ୍ଦିରରେ ସମୂହ ଦୀପଦାନ କରାଯାଇଛି। ଏଥିରେ ବିଜେଡିର ବରିଷ୍ଠନେତା ନିରଞ୍ଜନ ମହାପାତ୍ର, ଗୋପ ବ୍ଲକ ଅଧ୍ୟକ୍ଷ ଝୁନୁ ମଲ୍ଲିକ ଓ କୁନା ଦାସଙ୍କ ନେତୃତ୍ୱରେ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

# ନାଟକ 'ସିନ୍ଦୂର ହେଲା ସଉତୁଣୀ' ମଞ୍ଚସ୍ଥ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ୨୩ତମ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ନାଟକ ମଞ୍ଚସ୍ଥ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଡ. ସୁଦର୍ଶନ ବେହେରା ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜଗଦାନନ୍ଦ ମିଶ୍ର, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସବିତା ମିଶ୍ର, ପ୍ରସନ୍ନ ଲେଙ୍କା, ସଂଗ୍ରାମୀ ମିଶ୍ର, ଦେବେନ୍ଦ୍ର ନାଥ ତରେଇ, ରାଜବଲ୍ଲଭ ମିଶ୍ର, ଜଗନ୍ନାଥ ସାହୁ ଶର୍ମା ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ସମ୍ପାଦକ ପ୍ରମୋଦ କୁମାର ଜେନା, ସହସମ୍ପାଦକ ମନୋଜ କୁମାର ନିଶଙ୍କ, ସାଂସ୍କୃତିକ ସମ୍ପାଦକ ଯୋଗେନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ୩୨ଟି ୱାର୍ଡର ମହିଳାଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ 'ସିନ୍ଦୂର ହେଲା ସଉତୁଣୀ' ମଞ୍ଚସ୍ଥ ହୋଇଥିଲା। ପ୍ରମୋଦ କୁମାର ଜେନା ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିବାବେଳେ ବିଜୟ ନୃସିଂହ ଦାସ ସହନିର୍ଦ୍ଦେଶକ ଥିଲେ। ନାଟକକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ସସ୍ମିତାରାଣୀ ଶତପଥୀ, ଝିଲ୍ଲିରାଣୀ ମିଶ୍ର, ନମିତା ଶତପଥୀ, ଦିଲୀପ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ନାଟକ 'ସିନ୍ଦୁର ହେଲା ସଉତୁଣୀ'ର ଏକ ଦୃଶ୍ୟ।

## ଶାଶୂ, ଶ୍ୱଶୁରଙ୍କ ମାଡ଼ରେ ବୋହୂ ଗୁରୁତର

ଗୋପ,୨୨।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଯୌତୁକ ୨ ଲକ୍ଷ ଟଙ୍କା ନ ଦେଲେ ଘରେ ରହିପାରିବୁ ନାହିଁ କି ତୋର ୪ ବର୍ଷର ଶିଶୁକୁ ଦେବୁ ନାହୁଁ ବୋଲି କହି ବୋହୂକୁ ଶାଶୂ, ଶ୍ୱଶୁର ମାଡ଼ ମାରିବା, ନଣନ୍ଦ ଧମକ ଦେବା ଘଟଣାକୁ ନେଇ ରବିବାର ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ୧୯୭/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବାବେଳେ ଏବେ ମା' ତା'ର ୪ ବର୍ଷର ଶିଶୁକୁ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଗଳଦରି ଗ୍ରାମର ଶ୍ରାବଣୀ ପାଢ଼ୀ(୨୪) କିଛି ବର୍ଷ ହେବ ଉକ୍ତ ଥାନା ଅନ୍ତର୍ଗତ ବେଦପୁର ଗ୍ରାମର ଦେବୀପ୍ରସାଦ ପାଢ଼ୀଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଆବଶ୍ୟକ ଅନୁଯାୟୀ ଶ୍ରାବଣୀଙ୍କ ପରିବାର ପକ୍ଷରୁ ଯୌତୁକ ଦିଆଯାଇଥିଲା। ଶ୍ରାବଣୀଙ୍କ ସ୍ୱାମୀ କୋଲକାତାର ଏକ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ଆଉ ଜଣଙ୍କୁ ବିବାହ କରିବା ଯୋଗୁ ତାଙ୍କ ଉପରେ ଶାଶୂ ଗୀତାଞ୍ଜଳି, ଶ୍ୱଶୁର କୈଳାସ ଓ ସ୍ୱାମୀ ଦେବୀପ୍ରସାଦ ଅଧିକ ଯୌତୁକ ଟଙ୍କା ଲାଗି ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ୨ଦିନ ତଳେ ସ୍ୱାମୀଙ୍କ ଅନୁପସ୍ଥିତିରେ ଶାଶୂ ଓ ଶ୍ୱଶୁର ବୋହୂ ଶ୍ରାବଣୀଙ୍କୁ ନିସ୍ତୁକ ମାଡ଼ ମାରିଥିବା ବେଳେ ସ୍ୱାମୀ ଓ ନଣନ୍ଦ ଟେଲିଫୋନରେ ହତ୍ୟା କରିଦେବେ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏପରି କି ବୋହୂ ଶ୍ରାବଣୀଙ୍କୁ ଘରୁ ବାହାର କରିଦେବା ବେଳେ ତା'ର ୪ ବର୍ଷର ଶିଶୁପୁତ୍ରକୁ ଛଡ଼ାଇ ରଖିଦେବା ଭଳି ଅଭିଯୋଗ ମଧ୍ୟ ହୋଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ଏଥିପ୍ରତି ଗୁରୁତ୍ୱଦେବାକୁ ଦାବି ହୋଇଥିବା ବେଳେ ଶ୍ରାବଣୀ ଏବେ ନିଜ ପୁଅକୁ ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ଅଭିଯୋଗକୁ ନେଇ ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି, ଅଭିଯୋଗ ଅନୁସାରେ ମୋକଦ୍ଦମା ରୁଜୁ ହୋଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମିଲରମାନେ ଧାନ କଟ୍‌ନି ଛଟ୍‌ନି କରୁଥିବା ଚାଷୀଙ୍କ ଅଭିଯୋଗ

କଣାସ,୨୨।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅଧୀନ ଟାଇଁଲୋ ଧାନମଣ୍ଡି, ମନ୍ଦାକିନୀ ଧାନମଣ୍ଡି, ମହାକାଳୀ ଧାନମଣ୍ଡି ଓ ସାହୁପଡ଼ା ପ୍ରଭୃତି ଧାନମଣ୍ଡିକୁ ରବିବାର ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଛନ୍ତି। ଏଥିସହ ଚାଷୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶାରେ ଧାନକିଣା କାରବାର ସ୍ୱଚ୍ଛତା ଓ ଶୃଙ୍ଖଳିତ ଭାବେ କରିବାକୁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ଅଧିନିୟମ ମାର୍ଗଦର୍ଶିକା ଅନୁଯାୟୀ ଠିକ୍ ଭାବେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି କି ନାହିଁ ସାହୁ ତା'ର ତଦାରଖ କରିଥିଲେ। ଧାନମଣ୍ଡି ପରିଦର୍ଶନ ସମୟରେ ଉପସ୍ଥିତ ଚାଷୀ ଧାନମିଲ ମାଲିକଙ୍କ ବିରୋଧରେ ଅଭିଯୋଗ କରିଥିଲେ। ମିଲରମାନେ ଗାଡ଼ି ପଠାଉ ନ ଥିବାରୁ ଚାଷୀ ଧାନଦେବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଲରମାନେ ବସ୍ତା ଦେଉଥିବା ଓ ଧାନ କଟ୍‌ନିଛଟ୍‌ନି କରୁଥିବା ରାଜ୍ୟ ସଭାପତିଙ୍କୁ ଅଭିଯୋଗ କରିଥିଲେ। ଏସବୁ ବିଷୟରେ ତୁରନ୍ତ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟ ସଭାପତି ସାହୁ ଉପସ୍ଥିତ ଚାଷୀଙ୍କୁ କହିଥିଲେ।

ପୁରୀରେ ଧାନକିଣା କାରବାର ବ୍ୟାପକ ଅବ୍ୟବସ୍ଥା କାରଣରୁ ଚାଷୀ ହଇରାଣ ହରକତ ହେଉଥିବାରୁ ରାଜ୍ୟ ସଭାପତି ସାହୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ମିଲର ଉଦ୍ଦେଶ୍ୟମୂଳକ ଭାବେ ସରକାରଙ୍କୁ ବଦନାମ କରିବା ଉଦ୍ୟମକୁ ସାହୁ ନିନ୍ଦା କରିଛନ୍ତି। ଏସବୁ ବିଷୟରେ ଯଥାଶୀଘ୍ର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ ଉପସ୍ଥିତ ଚାଷୀଙ୍କୁ ଆଶ୍ୱାସନା ଦେଇଥିଲେ।



ଭାଜପା କୃଷକ ମୋର୍ଚ୍ଚା ସଭାପତି କଣାସ ଧାନମଣ୍ଡି ପରିଦର୍ଶନ କରିଛନ୍ତି।

### ଭାଜପା କୃଷକ ମୋର୍ଚ୍ଚା ସଭାପତିଙ୍କ ଧାନମଣ୍ଡି ପରିଦର୍ଶନ

ପରିଦର୍ଶନ ସମୟରେ ଉପସ୍ଥିତ ଚାଷୀ ଧାନ କୁଇଣ୍ଟାଲ ପ୍ରତି ୩,୧୦୦ ଟଙ୍କା ଚାଷୀଙ୍କୁ ଦେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଥିଲେ। ଭାଜପା ପଛୁଆ ବର୍ଗ ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ପୁଲିନ ପ୍ରକାଶ ପୁହାଣ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, କୃଷକ ମୋର୍ଚ୍ଚା ଜିଲା ସଭାପତି ଅଜୟ କୁମାର ପ୍ରଧାନ, ରାଜ୍ୟ ସଂଯୋଜକ ଡ. ଜଗନ୍ନାଥ ମହାପାତ୍ର, ଗୋବିନ୍ଦଚନ୍ଦ୍ର ପ୍ରଧାନ, ଅଜୟ କୁମାର ସାମନ୍ତରାୟ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କାଠଯୋଡ଼ି ନଦୀଧାର ପାର୍ଶ୍ୱ ଜମିର ସର୍ଭେ ପାଇଁ ତହସିଲଦାରଙ୍କୁ ଚିଠି

**କଟକ ସଦର,୨୨।୬(ସୁଶାନ୍ତ କୁମାର ଜେନା)**

ମହାନଦୀ ସାଉଥ୍ ଜଳସେଚନ ଡିଭିଜନ ଅଧୀନ କାଠଯୋଡ଼ି ନଦୀବନ୍ଧ ୯୪(ଖ)ର ନଦୀଧାର ପାର୍ଶ୍ୱ ଜମିକୁ କେତେଜଣ ଲୋକ ବେଆଇନ ଦଖଲରେ ରଖିଛନ୍ତି। ଏହି ଜମିକୁ ମୌଖିକ ଭାବେ ବିକ୍ରି ଚାଲିଥିବାର ଖବର ଜଳସେଚନ ବିଭାଗ ନିକଟରେ ପହଞ୍ଚିଛି। ଏହାର ରାଜସ୍ୱ-ଜଳସେଚନ ବିଭାଗ ଯୁଗ୍ମ ସର୍ଭେ ପାଇଁ କଟକ ସଦର ତହସିଲଦାରଙ୍କୁ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପତ୍ର ଲେଖିଛନ୍ତି। ନଦୀର ଜଳଧାର ପାର୍ଶ୍ୱ ଜମିରେ ବଡ଼ବଡ଼ କୋଠା ନିର୍ମାଣ ଚାଲିଥିବା ଅଭିଯୋଗ ହୋଇଛି, ଯାହା ଏନ୍‌ଜିଟି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ବନ୍ୟା ସମୟରେ ଏଥିରେ ବସବାସ କରୁଥିବା ଲୋକମାନେ ଜଳବନ୍ଦୀ ହୋଇପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥିବା ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ପତ୍ର ସଂଖ୍ୟା ୬୨୮୦/୨୦।୬।୨୦୨୫ରେ ତହସିଲଦାର ଓ କଟକ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଯଦି କେହି ଏନ୍‌ଜିଟିରେ ମାମଲା କରେ, ତାହା ହେଲେ ସାଧାରଣ ଲୋକଙ୍କ ଅପେକ୍ଷା ରାଜସ୍ୱ ଓ ଜଳସମ୍ପଦ ବିଭାଗ ଅଡୁଆରେ ପଡ଼ିବାର ଆଶଙ୍କା ପ୍ରକାଶ ପାଇଛି। କେଉଁ ଅଧିକାରୀଙ୍କଠାରୁ କୋଠା ନିର୍ମାଣ ପାଇଁ ଅନୁମତି ନିଆଯାଇଛି, ତାର ଅନୁସନ୍ଧାନ ମଧ୍ୟ କରାଯିବ। ଉକ୍ତ ନଦୀକୂଳରେ ଥିବା କଳପଡ଼ା, ରାଉତରାପୁର, ଗୋବିନ୍ଦପୁର, ଝାରକଟା, ମଣିବାଡ଼, ବ୍ରହ୍ମପୁର ଗ୍ରାମରେ ଏହିଭଳି ବେଆଇନ ନିର୍ମାଣ କରାଯାଇଥିବା ଦେଖାଯାଉଛି।

### ନିଃଶୁଳ୍କରେ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କର

### ଖାଦ୍ୟ ସୁରକ୍ଷା ଆଇନ ସଚେତନତା ଶିବିର

**ବଡ଼ମ୍ବା,୨୨।୬(ମାୟାଧର ମଲ୍ଲିକ)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମସ୍ଥିତ ପ୍ରିୟଦର୍ଶିନୀ ସ୍ମୃତି ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ରବିବାର ଏକ ଆଇନ୍‌ସେବା ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ସଂସ୍ଥା କ୍ଲାପ ପକ୍ଷରୁ ଅନୁଷ୍ଠିତ ଏହି ଶିବିରରେ ନିର୍ଦ୍ଦେଶକ ସାଗର ସଙ୍ଗମ ରାଜୁ ଅଧକ୍ଷତା କରିଥିଲେ । ଏହି ଅବସରରେ ଆଇନ୍‌ଜୀବୀ ବିଜୟାଶ୍ରୀ ବାରିକ, ସରପଞ୍ଚଙ୍କ ପ୍ରତିନିଧି ମାନସ ମୁଦୁଲି, ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲ୍ଲୀପ ପଙ୍ଗାରୀ ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ ଖାଦ୍ୟ ସୁରକ୍ଷା ସମ୍ବନ୍ଧୀୟ ଆଇନଗତ ସଚେତନତା କରିବା ସହ କିପରି ନିଃଶୁଳ୍କରେ ହିତାଧିକାରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି କ୍ଲାପର ପ୍ରକଳ୍ପ ନିର୍ଦ୍ଦେଶକ ରାଜୁ କାର୍ଯ୍ୟକ୍ରମର ଲକ୍ଷ, ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। କ୍ଲାପ ଆଇନ୍‌ସେବା ସଂସ୍ଥାର ସଭାପତି ଡ. ବିକାଶ ଦାଶଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ପୁରୁଷୋତ୍ତମ ସାହୁ, ସଂଯୋଜକ ଡି. ଏମ. କେ. ମାନସିଂଙ୍କ ସହଯୋଗରେ କାର୍ଯ୍ୟକ୍ରମ କରାଯାଇଥିଲା। କ୍ଲାପ ତରଫରୁ ବଡ଼ମ୍ବାର ତାଳମୁଣ୍ଡଳୀ, ମହୁଲିଆ ଓ ଯୋଡମୁ ଗ୍ରାମ ପଞ୍ଚାୟତରେ ଏଭଳି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସେହିପରି ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକରେ କାର୍ଯ୍ୟରତ ପାରା ଲିଗାଲ ଆକ୍ଟିଭିଷ୍ଟ ସରୋଜ କୁମାର ସାହୁ, ଧନେଶ୍ୱର ରାଉତ, ଚିନ୍ମୟ ଗୋଛି, ସଲିମଉଦିନ ଖାଁ ଓ ସ୍ୱାଧୀନ ଶୁଭଦର୍ଶିନୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ସୁବର୍ଣ୍ଣପୁର-ଆଠଗଡ଼ ରାସ୍ତା ମରଣଯନ୍ତା

### ଗାଁରେ ପହଞ୍ଚିପାରୁନି ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି

**ବାଙ୍କୀ,୨୨।୬(ଶୁଭେନ୍ଦୁ ମହାପାତ୍ର)**

ଗ୍ରାମାଞ୍ଚଳର ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଭଲ ରାସ୍ତା ଉପରେ ଗୁରୁତ୍ୱ ଦେଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତରୁ ଆଠଗଡ଼ ଉପଖଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ଖାଲଖମାରେ ପୂର୍ଣ୍ଣ ଏହି ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏପରିକି ଅବସ୍ଥା ଶୋଚନୀୟ ହୋଇଯାଇଥିବାରୁ ଯାତାୟାତରେ ସମସ୍ୟା ହେଉଛି। ବହୁ ସମୟରେ ଦୁର୍ଘଟଣା ଯୋଗୁ ରାସ୍ତାରେ ପଡ଼ି ଆହତ ହେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ଜରିଆରେ ଏହି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ମାଟି ପକାଇ ରାସ୍ତା ଉଚ୍ଚା କରାଯାଉଛି। ମାତ୍ର ବର୍ଷା ଯୋଗୁ କାର୍ଯ୍ୟ ବନ୍ଦ ରହିଛି। ଅପରପକ୍ଷେ ବାଙ୍କୀ ତହସିଲ ଓ ଆଠଗଡ଼ ଜଳ ସମ୍ପଦ ବିଭାଗ ଅନ୍ତର୍ଗତ ସୁବର୍ଣ୍ଣପୁର ମୌଜାରେ ବାଲି ଚୋରା ଚାଲାଣ ହେଉଛି। ଏଥିଯୋଗୁ ଅନେକ ସମୟରେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଖରାପ ହୋଇଯାଇଛି। ଫଳରେ ସୁବର୍ଣ୍ଣପୁର ପଞ୍ଚାୟତରୁ ଆଠଗଡ଼କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ବିପଦପୂର୍ଣ୍ଣ ହୋଇଯାଇଛି। ଫଳରେ ଓସ୍ତିଆ, ଆନନ୍ଦପୁର, ବିଷ୍ଣୁପୁର, ନୂଆ ଓସ୍ତିଆ ଓ କଦଳୀ ବାଡି ଆଦି ଗ୍ରାମର ବହୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ହେଉଥିବାବେଳେ ଗାଁରେ ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡ଼ି ପହଞ୍ଚି ପାରୁନାହିଁ। ସ୍କୁଲ୍, କଲେଜ ଛାତ୍ରୀଛାତ୍ରମାନେ ଏହି ରାସ୍ତାରେ ଯିବାକୁ ଭୟ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରତ୍ୱ ଦେଉ ନ ଥିବାବେଳେ ବାଲି ଚାଲାଣ ରୋକିବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ଖଣି ବିଭାଗ ଅଧିକାରୀଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏ ପ୍ରସଙ୍ଗରେ ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଜନସାଧାରଣଙ୍କ ସୁବିଧା ନିମନ୍ତେ ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।




ଟାଉନ ହଲ୍‌ରେ କଟକ ମହାନଗର ତୈଳିକ ବୈଶ୍ୟ ସମାଜ ପକ୍ଷରୁ କୃଷ୍ଣଚନ୍ଦ୍ର ପୁଷ୍ଟି ସ୍ମାରକୀ ତୈଳିକ ଯୁବ ସମ୍ମିଳନୀରେ ଯୋଗଦେଇଥିବା ବିଧାୟିକା ସୋଫିଆ ଫିର୍ଦ୍ଦୋସ ଏବଂ ଅନ୍ୟ ଅତିଥିବୃନ୍ଦ।

## ନବୀନଙ୍କ ଆରୋଗ୍ୟ କାମନା କରି ଦୀପଦାନ



ନିଶ୍ଚିନ୍ତକୋଇଲିସ୍ଥିତ ରଘୁନାଥ ଜୀଉଙ୍କ ପୀଠରେ ବିଜେଡି କର୍ମୀମାନେ ଦୀପଦାନ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୨୨।୬(ଅଶୋକ କୁମାର ମହାପାତ୍ର)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା କେଣ୍ଟାଳ ରଘୁନାଥ ମନ୍ଦିରରେ ଶତାଧିକ ନବୀନ ପ୍ରେମୀ ଦୀପଦାନ କରିଛନ୍ତି। ଏହି ଅବସରରେ ରମାକାନ୍ତ ମହାନ୍ତି, ଯୁବନେତା ଜ୍ୟୋତି ପ୍ରକାଶ ସ୍ୱାଇଁ, ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମକ୍ଷେତ୍ର ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର, ବଡଖବର ବିଂଶଭୂଜା ମନ୍ଦିର, ସୁଣ୍ଡୁଳ ହନୁମାନ ମନ୍ଦିର,ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ, ହରଚଣ୍ଡୀଙ୍କ ପୀଠରେ ଦୀପଦାନ କରାଯାଇଥିଲା। ମାହାଙ୍ଗା ବ୍ଲକରେ ବୀର ଭଦ୍ରେଶ୍ୱର ମନ୍ଦିର, ବଣ୍ଟିଆ ମହାପୁରୁଷ, ତ୍ରିବେଣୀଶ୍ୱର, ଉମର ହନୁମାନ ମନ୍ଦିରରେ ନବୀନ ପ୍ରେମୀମାନେ ସମୂହ ଦୀପଦାନ କରି ଆଶୁ ଆରୋଗ୍ୟ କାମନା କରିଥିଲେ।

**ମାଣିଆବନ୍ଧ,(ଅଖିଳ କୁମାର ସାହୁ):** ବଡ଼ମ୍ବା ୩୧ନଂ ଜିଲାପରିଷଦ ଜୋନ ପୂର୍ବାଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଶ୍ରୀ ବାଲୁଙ୍କେଶ୍ୱରଙ୍କ ମନ୍ଦିରରେ ଦୀପଦାନ କରାଯାଇଛି। ଏଥିରେ ବିଜେଡି ନେତା ସଦାନନ୍ଦ ସ୍ୱାଇଁ, ପ୍ୟାରୀମୋହନ ସ୍ୱାଇଁ, ସୁଶାନ୍ତ ଜେନା, କେଶବ ପ୍ରଧାନ, ଦିଲ୍ଲୀପ ନାୟକ ପ୍ରମୁଖ ଯୋଗଦେଇଥିଲେ।

**ଆଠଗଡ,(ସତ୍ୟ ପ୍ରସାଦ ରଥ):** ଆଠଗଡ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି ସଭାପତି ଖଲ୍ଲିଦ ମହମ୍ମଦଙ୍କ ସଂଯୋଜନାରେ ଅଧିଷ୍ଠାତ୍ରୀ ଦେବୀ ବାଉତୀ ମନ୍ଦିର, ଅଙ୍ଗାଳୀ ଜଗନ୍ନାଥ ମନ୍ଦିର, ଦକ୍ଷିଣ ଚଣ୍ଡୀ ମନ୍ଦିର, ବାବା ଉତ୍ତରେଶ୍ୱର, ସର୍ପେଶ୍ୱର ଓ ଧବଳେଶ୍ୱର ମନ୍ଦିରରେ ଦୀପଦାନ କରାଯାଇଥିଲା। ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ଉପାଧକ୍ଷ ବି.ଶୁଭ୍ର ଶଙ୍କର ଜ୍ୟୋତି, ଜିଲାପରିଷଦ ସଭ୍ୟ ବଳଭଦ୍ର ବାଘ, ପୂର୍ବତନ ଅଧକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ଲଳିତେନ୍ଦୁ ସେନାପତି, ସଭାପତି ଶିଶିର ପ୍ରସାଦ ମାନସିଂହ ପ୍ରମୁଖ ଯୋଗଦେଇଥିଲେ।

**କଟକ ସଦର,(ସୁଶାନ୍ତ କୁମାର ଜେନା):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର କଟକ ସଦର ବ୍ଲକ ଅଧୀନ ପରମହଂସନାଥ ଦେବଙ୍କ ପୀଠରେ ସାମୂହିକ ଦୀପଦାନ କରାଯାଇଛି। ବିଭିନ୍ନ ବର୍ଗର ଲୋକେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନବୀନଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ଡ. ଦେବଦତ୍ତ ନନ୍ଦଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ସିଂହ, ସୁମନ୍ତ ପଣ୍ଡା, ସମର ବେହେରା, ସୁବୋଧ ବେହେରା, ସରପଞ୍ଚ ତ୍ରିଲୋଚନ ପାତ୍ର, ଅନିରୁଦ୍ଧ ରାଉଳ, ତ୍ରିଲୋଚନ ସ୍ୱାଇଁ, ହିମାଂଶୁ ଦାସ, ଯତୀନ ରାଉଳ, ମହମ୍ମଦ ସକିଲ, କିଶୋର ସାହୁ, ପବିତ୍ର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ୪୨ ମୌଜା ଅଧୀନ ଭୁଆସୁଣୀ ପୀଠରେ ମଧ୍ୟ ଅଜୟ ଦଳାଇଙ୍କ ନେତୃତ୍ୱରେ ଦୀପଦାନ କରାଯାଇଥିଲା। ପ୍ରମୋଦ ମହାପାତ୍ର, ବୀରବର ଲେଙ୍କା, ସସ୍ମିତା ମାହାର୍ଥା, ମିହିର କୁମାର ପତି, ଚନ୍ଦ୍ରମଣି ଦେବତା, ମନୋଜ ଦେବତା, ଶିଶିର ରାଉତ, ଜୟନ୍ତ ଦାସ, ତ୍ରିଲୋଚନ ଦଳେଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**କଟକ,(ଶିଳ୍ପା ପ୍ରିୟଦର୍ଶିନୀ):** ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି କଟକ ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଗଡ଼ଖାଇସ୍ଥିତ ସୈୟଦ୍ ଅଲ୍ଲୀ ବୁଖାରୀ ଶହୀଦ୍ (ବାବା ବୁଖାରୀ)ଙ୍କ ମଜହରରେ ଚାଦର ଅର୍ପଣ ସହ ସମୂହ ପ୍ରାର୍ଥନା କରାଯାଇଛି। ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ, ବିଜେଡି ମହାନଗର ସଭାପତି ମଧୁସୂଦନ ସାହୁ, ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି ସୈୟଦ୍ ଏକ୍ରାମ ହୁସେନ, ପୂର୍ବତନ କର୍ପୋରେଟର ରମ୍‌ଜାନ ଖାନ୍, ଛାତ୍ର ବିଜେଡି ଜିଲା ସଭାପତି ଆସିଫ୍ ଅମିନ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସଦର ବ୍ଲକ ଅଞ୍ଚଳର ପରମହଂସନାଥ ଦେବ ମନ୍ଦିରରେ ସାମୂହିକ ଦୀପଦାନ କରାଯାଉଛି।

## ଯୋଗ ମାଧ୍ୟମରେ ସୁସ୍ଥ ରହିବେ ବରିଷ୍ଠ ନାଗରିକ

**ଟିଗିରିଆ,୨୨।୬(ଜାଫର ଖାଁ)**

ଟିଗିରିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ନିଜିଗଡ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ଆଇନ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କିତ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ ଅଧକ୍ଷତା କରିଥିବାବେଳେ ସମ୍ପାଦକ ସୁଶୀଳ କୁମାର ନନ୍ଦ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ତଥା ଲ' କମିଶନର ସଭ୍ୟ ସୌରଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟର ସୁନାମଧନ୍ୟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡ. ଭୁବନାନନ୍ଦ ଦାସ ଯୋଗଦେଇ ବରିଷ୍ଠ ନାଗରିକ କିପରି ଯୋଗ ମାଧ୍ୟମରେ ସୁସ୍ଥ ରହିବେ ସେନେଇ ଅବଗତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ପରାମର୍ଶଦାତା ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଉପସଭାପତି ତଥା ଶିକ୍ଷାବିତ୍ ସୁବୋଧ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଦିବଙ୍ଗତ ସଦସ୍ୟ ତଥା ସମାଜର ପୂର୍ବତନ ସମ୍ପାଦକ ନିରଞ୍ଜନ ରଥ, ନିଜିଗଡ଼ର ପୂର୍ବତନ ସରପଞ୍ଚ ଭବାନୀ ପ୍ରସାଦ ପଟ୍ଟନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ସମତାଭିତ୍ତିକ ସମାଜ ଗଠନରେ ସୁରେଶଙ୍କ ଭୂମିକା ଅଭୁଲା

**କଟକ,୨୨।୬(କାର୍ତ୍ତିକ ସାହୁ)**

କମ୍ରେଡ୍ ସୁରେଶ ଚନ୍ଦ୍ର ବାରିକ ଏକାଧାରରେ ଜଣେ ସାମ୍ୟବାଦୀ ଓ ସାହି ମୁରବି ଭାବେ କଟକ ସହର ଜନସାଧାରଣଙ୍କର ଅତି ପ୍ରିୟ ଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଏଆଇଟିୟୁସି ଓ ଇସ୍‌କଫ୍ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। ସିପିଆଇର ପୂର୍ବତନ ଜିଲା ସମ୍ପାଦକ, ରାଜ୍ୟ କାର୍ଯ୍ୟକାରୀ କମିଟିର ପୂର୍ବତନ ସଭ୍ୟ ଏବଂ ଶଙ୍କରପୁର ସାହିର ଅଧିକାରୀ ଭାବେ ସମତାଭିତ୍ତିକ ସମାଜ ଗଠନରେ ସୁରେଶଙ୍କ ଭୂମିକା ଅଭୁଲା। ଅମରେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ନେତା ବିବେକାନନ୍ଦ ଦାଶ, ସିପିଆଇ ରାଜ୍ୟ ନେତା ଡା. ପ୍ରଶାନ୍ତ ମିଶ୍ର, ସିପିଏମ୍ ନେତା ରବିନାରାୟଣ ମଲ୍ଲିକ, ଏସ୍‌ୟୁସିଆଇ କମ୍ୟୁନିଷ୍ଟ ନେତା ବିଶ୍ୱାବସୁ ଦାଶ, କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲା ସମ୍ପାଦକ ବିନୋଦ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦି ୟୁନିଭର୍ସରୁ ସ୍ୱରାଜ ଆଶ୍ରମ ସାଇକେଲ ଶୋଭାଯାତ୍ରା

**କଟକ,୨୨।୬(କାର୍ତ୍ତିକ ସାହୁ)**

ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ ଉପଲକ୍ଷେ ରବିବାର ଏକ ବିଶାଳ ସାଇକେଲ ଶୋଭାଯାତ୍ରା ଦି ୟୁନିଭର୍ସରୁ ବାହାରି ସ୍ୱରାଜ ଆଶ୍ରମରେ ଶେଷ ହୋଇଛି। କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ଚନ୍ଦ୍ର ସିଂ ଏବଂ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ପତାକା ହଲାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଦି ୟୁନିଭର୍ସ ପକ୍ଷରୁ ପ୍ରସ୍ତୁତ ଡ. ହରେକୃଷ୍ଣ ମହତାବଙ୍କ କୃତି ଓ କୀର୍ତ୍ତିସମ୍ବଳିତ ଯନ୍ତ୍ର ସଙ୍ଗୀତ ବାଜିଥିଲା। ଶୋଭାଯାତ୍ରା ସ୍ୱରାଜ ଆଶ୍ରମରେ ପହଞ୍ଚିବା ପରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଗାନ୍ଧୀଙ୍କ ସହ ଡ. ମହତାବଙ୍କ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଓଡ଼ିଶା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧକ୍ଷ ମନୋରଞ୍ଜନ ମହାନ୍ତି ଓଡ଼ିଶାର ବିସ୍‌ମାର୍କ ଭାବେ ଡ. ମହତାବଙ୍କୁ ବର୍ଣ୍ଣନା କରିଥିଲେ। ଦି ୟୁନିଭର୍ସର ସଭାପତି ଡ. ପ୍ରମୋଦ କୁମାର ମହାପାତ୍ର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ବ୍ୟାପ୍ତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ସିସି କ୍ୟାପଟେନ୍ ଅକ୍ଷୟ ଦାସଙ୍କ ତତ୍ତ୍ୱାବଧାନରେ କ୍ୟାଡେଟମାନେ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯୋଗଦେଇଥିଲେ। ସ୍ଥାନୀୟ କର୍ପୋରେଟର ଲିଜାରାଣୀ ରାଉତ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡ. ପ୍ରଜ୍ଞା ମିଶ୍ର ଓ କିଶୋର କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱାସ, ଏକତାର ଆଧାର ରାଜଯୋଗ

**ଫୁଲନଖରା,୨୨।୬(ସତ୍ୟରଞ୍ଜନ ଦାସମହାପାତ୍ର)**



ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଫୁଲନଖରାସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ 'ବିଶ୍ୱରେ ଏକତା ଓ ବିଶ୍ୱାସର ଆଧାର ରାଜଯୋଗ' ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ସବ୍ ଜୋନ ଉପନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡ. କମଳେଶ ଦିଦି ଏଥିରେ ଅଧକ୍ଷତା କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗର ସଭ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଲେ, ଆଜି ପ୍ରତ୍ୟେକ ମନୁଷ୍ୟ ନିଜ ମଧ୍ୟରୁ ଆତ୍ମବିଶ୍ୱାସ ହରାଇବା ସହ ମନୁଷ୍ୟ-ମନୁଷ୍ୟ ମଧ୍ୟରେ ଏକତା ଅଭାବରୁ ଅଶାନ୍ତି ସୃଷ୍ଟି ହୋଇଛି। ସେହିଭଳି ସମ୍ମାନିତ ଅତିଥି ରୂପେ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓ ଯୋଗଦେଇ ବିଶ୍ୱରେ ଏକତା ଓ ବିଶ୍ୱାସ ସ୍ଥାପନ ରାଜଯୋଗ ଦ୍ୱାରା ହିଁ ସମ୍ଭବ ବୋଲି କହିଥିଲେ। ସବ୍-ଜୋନ ସହ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଦିଦି କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ କ୍ୟାନ୍‌ସରର ମୁଖ୍ୟ ପ୍ରଶାସନିକ ଅଧିକାରୀ ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି ରାଜଯୋଗର ଅଭ୍ୟାସ କରାଇଥିଲେ। ବ୍ରହ୍ମାକୁମାର ସଚ୍ଚି ଭାଇ ଧନ୍ୟବାଦ ଦେଇଥିଲେ। କୁମାରୀ ଲିସା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଦୃଷ୍ଟିବାଧିତ କୁମାରୀ ଆଶା ସଙ୍ଗୀତ ପରିବେଷଣ କରିଥିବାବେଳେ ସ୍ଥାନୀୟ ବାଳିକା ଯୋଗାସନ ସହ ଓଡ଼ିଶୀ ନୃତ୍ୟ ମଧ୍ୟ ପ୍ରଦର୍ଶନ କରିଥିଲେ।

## ଫଟୋ ଖବର



ଓଡ଼ିଆ ବିଶ୍ୱକୋଷ ଜ୍ଞାନମଣ୍ଡଳର ରଚୟିତା ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ପୁଣ୍ୟତିଥିରେ ରବିବାର ସତୀଚଉରା ସ୍ମୃତିସ୍ତମ୍ଭଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



କଟକ ଜିଲା ଓ ମହାନଗର ଯାଦବ ମହାସଭା ପକ୍ଷରୁ ପୋତାପୋଖରୀଠାରୁ ବାହାରିଥିବା ଶହୀଦମାନଙ୍କ ପବିତ୍ର କଳସ ମାଟି ଶୋଭାଯାତ୍ରା ଡଗରପଡ଼ା ଅଞ୍ଚଳରେ ପହଞ୍ଚିବା ପରେ ସ୍ୱାଗତ କରାଯାଉଛି।



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି କଟକ ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଗଡ଼ଖାଇସ୍ଥିତ ବାବା ବୁଖାରୀଙ୍କ ମଜହରରେ ଚାଦର ଅର୍ପଣ ସହ ସମୂହ ପ୍ରାର୍ଥନା। (ଫଟୋ- ରାଜକିଶୋର ମହାନ୍ତି)

# କଳା ବ୍ୟାଜ୍ ପରିଧାନ କରିବେ ରାଜସ୍ୱ ଅମଲା

## ଜୁଲାଇ ୧୪ରୁ ଅନିର୍ଦ୍ଦିଷ୍ଟ କାଳଯାଏ କାର୍ଯ୍ୟ ବନ୍ଦ ଚେତାବନୀ

ଭୁବନେଶ୍ୱର,୨୨।୬(ସୁଚିସ୍ମିତା ସାହୁ): ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରବିବାର ରେଡ୍‌କ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆର୍‌ଏସ୍‌ପି-୨୦୧୭ ନିୟମ ଅନୁଯାୟୀ ଲେଭଲ-୯କୁ ବୃଦ୍ଧି କରାଯାଉ। ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ। କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ। ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ। ରାଜସ୍ୱ ସେବା ପଦ୍ଧତିରେ ଅମଲାଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ ଏବଂ ସମସ୍ତ କର୍ମଚାରୀଙ୍କୁ ପୁରାତନ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ରାଜ୍ୟ ସରକାର ୧୫ ଦିନ ମଧ୍ୟରେ ଦାବି ପୂରଣ ନ କଲେ ରାଜସ୍ୱ ଅମଲାମାନେ ଜୁଲାଇ ୭ ରୁ ୧୧ ତାରିଖ ଯାଏ କଳା ବ୍ୟାଜ୍ ପରିଧାନ କରିବେ। ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ସଭାପତି ତ୍ରିପତି ବାଲାଜି ସାହୁ ଏବଂ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଚେତାବନୀ ଦେଇଛନ୍ତି। ବୈଠକରେ ରାଜ୍ୟ ସଂଘ ଅଧ୍ୟକ୍ଷ ଲୋକେଶ୍ୱର ସାହୁ, କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରସନ୍ନକୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସେନ୍ସର ଅଧିକାରୀ ନ ଥିବାରୁ ଚଳଚ୍ଚିତ୍ର ମୁକ୍ତିଲାଭରେ ବାଧା

## ସିବିଏଫ୍‌ସିର ଆଞ୍ଚଳିକ ଅଧିକାରୀ ନିଯୁକ୍ତ କରିବାକୁ ଅନୁରୋଧ କଲା ଓଏଫ୍‌ଟିଡିଏ

ଭୁବନେଶ୍ୱର, ୨୨।୬(ସୌମ୍ୟରଞ୍ଜନ ରାଉତ)

କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣ ବୋର୍ଡ ବା ସେନସର୍ ବୋର୍ଡ(ସିବିଏଫ୍‌ସି)ରେ କୌଣସି ଆଞ୍ଚଳିକ ଅଧିକାରୀ ନିଯୁକ୍ତ ହୋଇ ନ ଥିବାରୁ ଓଡ଼ିଆ ଚଳଚ୍ଚିତ୍ରର ସେନସର୍ ବନ୍ଦ ହେବା ସହିତ ଅନେକ ସିନେମା ମୁକ୍ତିଲାଭ କରିବାରେ ବିଳମ୍ବ ହେଉଛି। ଏଥିଲାଗି ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ବହୁ ଆର୍ଥିକ କ୍ଷତି ସହୁଛି। ଏନେଇ ଆଗରୁ ଓଡ଼ିଶା ଫିଲ୍ମ ପ୍ରଯୋଜକ ଏବଂ ବିତରକ ଗିଲ୍ଡ (ଓଏଫ୍‌ପିଡିଜି) ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ଲେଖାଯାଇଥିଲା। କୌଣସି ସୁଫଳ ନ ମିଳିବାରୁ ଏବେ ପୁଣିଥରେ ଓଡ଼ିଆ ଫିଲ୍ମ ଏବଂ ଟେଲିଭିଜନ ନିର୍ଦ୍ଦେଶକ ସଂଘ (ଓଏଫ୍‌ଟିଡିଏ) ପକ୍ଷରୁ ମୁମ୍ବାଇର ଚଳଚ୍ଚିତ୍ର ସାର୍ଟିଫିକେଟ ବୋର୍ଡର ଚେୟାରମ୍ୟାନ ପ୍ରସୁନ ଯୋଶୀଙ୍କୁ ଚିଠି ଲେଖାଯାଇଛି। ଓଏଫ୍‌ଟିଡିଏର ଚେୟାରମ୍ୟାନ ହିମାଂଶୁ ଶେଖର ଖଟୁଆ, ସଭାପତି ସବ୍ୟସାଚୀ ମହାପାତ୍ର, ଉପସଭାପତି ବବି ଇସ୍‌ଲାମ ଓ ଦେବୁ ପଟ୍ଟନାୟକ ଏବଂ ସାଧାରଣ ସମ୍ପାଦକ ତାପସ ସରଗରିଆ ଲେଖିଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ରୀୟ ଚଳଚ୍ଚିତ୍ର ସେନ୍‌ସର ବୋର୍ଡର ଆଞ୍ଚଳିକ ଅଧିକାରୀ ଥିବା ଗିରିଶ ଚନ୍ଦ୍ର ଦାଶ ଅବସର ଗ୍ରହଣ କରିବା ପରେ ଜୁନ ୧ରୁ ଏହି ପଦ ଖାଲିପଡିଛି। ଏଣୁ ପୂଜାପର୍ବାଣି ବେଳେ ରାଜ୍ୟରେ କୌଣସି ଚଳଚ୍ଚିତ୍ର ବିନା ସେନସର୍ ସାର୍ଟିଫିକେଟରେ ମୁକ୍ତିଲାଭ କରିପାରୁନାହିଁ। ଏଥିରେ ପ୍ରଯୋଜକ ଓ ଅନ୍ୟମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ସେନ୍ସର ଅଧିକାରୀଙ୍କ ଅନୁପସ୍ଥିତି ପାଇଁ ଓଡ଼ିଆ ଚଳଚ୍ଚିତ୍ର ସେନସର୍ ପ୍ରକ୍ରିୟାରେ ଯଥେଷ୍ଟ ବିଳମ୍ବ ଘଟୁଛି। ଚଳଚ୍ଚିତ୍ର ପ୍ରକଳ୍ପଗୁଡ଼ିକର ସୁଗମ ମୁକ୍ତି ଏବଂ ଯୋଜନା ପାଇଁ ସମୟାନୁସାରେ ପ୍ରମାଣପତ୍ର ନିହାତି ଜରୁରୀ। ସେଥିପାଇଁ ବହୁ ଓଡିଆ ଚଳଚ୍ଚିତ୍ର ପ୍ରକଳ୍ପ ଯେପରିକି ଛି ଛି ରେ ନନୀ, ନବକଳେବର ଓ ଲଢେଇ ପରି ଅନେକ ଫିଲ୍ମ ଚଳଚ୍ଚିତ୍ର ଲାଭ କରିପାରୁନାହିଁ। ସେହିପରି ସିବିଏଫ୍‌ସି କାର୍ଯ୍ୟାଳୟର ନିଷ୍ପତ୍ତିଗୁଡ଼ିକ ଏବେ ମନମୁଖି ହେଉଛି। ତେଣୁ ଯଥାଶୀଘ୍ର କଟକରେ ଜଣେ ଆଞ୍ଚଳିକ ଅଧିକାରୀ ନିଯୁକ୍ତ କଲେ ଆଗକୁ ଏସବୁ ସମସ୍ୟା ଉପୁଜିବ ଯିବ ନାହିଁ ବୋଲି ଓଏଫ୍‌ଟିଡିଏର ସମସ୍ତ ସଦସ୍ୟ ଅନୁରୋଧ କରି ଲେଖିଛନ୍ତି।



ପୁରୀ ପୌର ସଦନରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଚୂଡ଼ାନ୍ତ ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ରଥଯାତ୍ରା ସୂଚନା ପୁସ୍ତିକା 'ରୂପରେଖ'କୁ ଉନ୍ମୋଚନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# କଟକରେ ୩ ଆଫ୍‌ଗାନୀ, ପୋଲିସର ପଚରାଉଚୁରା

## ଆଫ୍‌ଗାନ୍ ନାଗରିକ ୟାହା ଖାଁଙ୍କ ଲିଙ୍କ୍ ଘଟଣା

କଟକ,୨୨।୬(କାର୍ତ୍ତିକ ସାହୁ)

ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ଗତ ୨୧ ତାରିଖରେ ଜଣେ ଆଫଗାନୀ ନାଗରିକ ଗିରଫ ହେବା ପରେ କମିଶନରେଟ ପୋଲିସ ତତ୍ପର ହୋଇଉଠିଛି। କଟକ ସହରରେ ରହୁଥିବା ୩ଜଣ ଆଫଗାନୀଙ୍କୁ ପୋଲିସ ଠାବ କରିଛି। ରବିବାର ପୁରୀଘାଟ ଥାନା ପୋଲିସ ସେମାନଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ତେବେ ସେମାନେ ଡ୍ରାଏ ଫ୍ରୁଟ୍ସ ବ୍ୟବସାୟ କରୁଥିବା ପୋଲିସ ଜାଣିବାକୁ ପାଇଛି। ସୂଚନାନୁଯାୟୀ, ଆଫଗାନିସ୍ତାନର ନାଗରିକ ମହମ୍ମଦ ୟୁସୁଫ୍ ଓରଫ ୟାହା ଖାଁ ନକଲି ପାସପୋର୍ଟ ବ୍ୟବହାର ଅଭିଯୋଗରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଗିରଫ ହେବା ପରେ ତାଙ୍କର କଟକ ଲିଙ୍କ୍ ଥିବା ଜଣାପଡ଼ିଛି। ସେ ପୁରୀଘାଟ ଥାନା ପେଟିନ୍ ସାହିରେ ଏକ ଘରେ ଭଡ଼ାରେ ରହୁଥିବା ପୋଲିସ ସୂଚନା ପାଇଛି। ସେ ଜାଲିଆତି କରି ସମସ୍ତ ଭାରତୀୟ ପରିଚୟପତ୍ର ହାସଲ କରିଥିଲେ। ପୁରୀଘାଟ ଥାନା ପୋଲିସ ଏନେଇ ଖୋଳତାଡ଼ ଆରମ୍ଭ କରିବା ପରେ ସେହି ଘରେ ରହୁଥିବା ଆଲମ୍ ଖାଁ, ଶେର ଖାଁ ଓ ଆମିର୍ ଖାଁ ପୋଲିସ ନଜରକୁ ଆସିଛନ୍ତି। ଏମାନେ ସମସ୍ତେ ଆଫଗାନିସ୍ତାନର ବାସିନ୍ଦା। ଗୋଟିଏ କୋଠାରେ ଏମାନେ ସମସ୍ତେ ଏକାଠି ରହୁଥିଲେ। ତେଣୁ ପୁରୀଘାଟ ଥାନା ପୋଲିସ ଏହି ୩ଜଣଙ୍କ ଆଧାରକାର୍ଡ, ପାନ୍‌କାର୍ଡ, ଭୋଟର ପରିଚୟପତ୍ର, ପାସପୋର୍ଟ, ଗ୍ୟାସ୍ ବିଲ୍ ଇତ୍ୟାଦି ଯାଞ୍ଚ କରିଛି। ଏମାନଙ୍କ ପୂର୍ବପୁରୁଷ କଟକରେ ରହିଆସୁଥିଲେ। ସେହି ଅନୁଯାୟୀ ଏମାନେ ମଧ୍ୟ କଟକରେ ରହିଆସୁଛନ୍ତି। ପୋଲିସ ଏମାନଙ୍କ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ଯାଞ୍ଚ କରୁଛି। କୌଣସି ସନ୍ଦେହଜନକ ଗତିବିଧି ଜଣାପଡ଼ିଲେ, ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ମିଳିଛି।

# ଏସ୍‌ପିସିଏର ନିଷ୍କ୍ରିୟତା ନେଇ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର, ୨୨।୬ (ବନ୍ଦନା ସେଠୀ)

ରାଜ୍ୟରେ ଜୀବଜନ୍ତୁଙ୍କ ପ୍ରତି ନିର୍ଯାତନା ସହ ବେଆଇନ ଗୋଚାଲାଣ, ଗୋହତ୍ୟା ଆଦି ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ଏହି ନିରୀହ ପ୍ରାଣୀଙ୍କୁ ନ୍ୟାୟ ଦେବା ଲାଗି ଉଦ୍ଦିଷ୍ଟ ଆଇନ କାର୍ଯ୍ୟକାରୀ କରିବାରେ ପ୍ରାଣିସମ୍ପଦ ବିକାଶ ବିଭାଗ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଭାରତରେ ଜୀବଜନ୍ତୁଙ୍କୁ ଅନାବଶ୍ୟକ ନିର୍ଯାତନାରୁ ରକ୍ଷା କରିବା ସହ ସେମାନଙ୍କୁ ନ୍ୟାୟ ଦେବାପାଇଁ ୧୯୬୦ରେ 'ଜୀବେ ନିଷ୍ଠୁରତା ନିରୋଧ ଆଇନ ୧୯୬୦' ଆସିଥିଲା। ଏହି ଆଇନକୁ ସଫଳ ରୂପେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ସ୍ତରରେ ଭାରତୀୟ ଜୀବଜନ୍ତୁ କଲ୍ୟାଣ ବୋର୍ଡ ଓ ରାଜ୍ୟସ୍ତରରେ ରାଜ୍ୟ ଜୀବେ ନିଷ୍ଠୁରତା ନିରୋଧ ସମିତି (ଏସ୍‌ପିସିଏ) ରହିଛି। ମାତ୍ର ଦୀର୍ଘବର୍ଷ ହେବ ଏହା ନିଷ୍କ୍ରିୟ ହୋଇପଡିଛି। ତେବେ ପ୍ରତି ଜିଲା ଏସ୍‌ପିସିଏକୁ ସକ୍ରିୟ କରାଇବା ସହିତ ଯଥାଶୀଘ୍ର ଅଧିକରୁ ଅଧିକ ଇନ୍ସପେକ୍ଟର ନିଯୁକ୍ତି କରିବାକୁ ଦାବିକରି ଆସୁଛି ରାଜ୍ୟ ଏସ୍‌ପିସିଏ। ଏନେଇ ସମିତିର ଆଜୀବନ ସଦସ୍ୟ ଡ. ତ୍ରୈଲୋକ୍ୟ ନାଥ ମହାରଣା ମୁଖ୍ୟମନ୍ତ୍ରୀ, ରାଜ୍ୟ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରାଜ୍ୟରେ ଦୀର୍ଘ ୨୦ବର୍ଷ ଧରି ରାଜ୍ୟସ୍ତରୀୟ ପ୍ରାଣୀ କଲ୍ୟାଣ ବୋର୍ଡ଼ ଅନ୍ତର୍ଗତ ଏସ୍‌ପିସିଏ ସଦସ୍ୟମାନଙ୍କ ବୈଠକ ହୋଇନାହିଁ। ସେମାନେ ରାଜ୍ୟରେ ପ୍ରାଣୀ ନିଷ୍ଠୁରତା ନିରୋଧ ଓ ପ୍ରାଣୀ କଲ୍ୟାଣ ପାଇଁ ଅହରହ କାର୍ଯ୍ୟ କରୁଥିବାବେଳେ ସେମାନଙ୍କୁ ଏଯାବତ୍ ପରିଚୟ ପତ୍ର କିମ୍ବା ସଦସ୍ୟତା ପ୍ରମାଣପତ୍ର ଦିଆଯାଇନାହିଁ। ଗତ ୨ବର୍ଷ ମଧ୍ୟରେ ଦୁଇଟି ରାଜ୍ୟର ପ୍ରାଣୀ କଲ୍ୟାଣ ବୋର୍ଡ଼ (ଷ୍ଟେଟ୍ ଆନିମଲ ୱେଲ୍‌ଫେଆର ବୋର୍ଡ଼) ବୈଠକ ହେବା ନେଇ ଏସ୍‌ପିସିଏ ସଦସ୍ୟଙ୍କୁ ବାରମ୍ବାର ନୋଟିସ ଦେବା ପରେ ମଧ୍ୟ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରାଯାଇଛି। ରାଜ୍ୟରେ ପ୍ରାଣୀଙ୍କ ପ୍ରତି ହେଉଥିବା ନିଷ୍ଠୁରତା ଆଚରଣ ଚରମ ସୀମାରେ ପହଞ୍ଚିଥିବା ବେଳେ ପ୍ରାଣୀ କଲ୍ୟାଣ କାର୍ଯ୍ୟକ୍ରମ ଓ ଏସ୍‌ପିସିଏ ସଦସ୍ୟଙ୍କୁ ନେଇ ସରକାରୀ ସ୍ତରରେ ଅଦ୍ୟାବଧି ରାଜ୍ୟସ୍ତରୀୟ ବୈଠକ ସହିତ କୌଣସି ନିଷ୍ପତ୍ତି ଆଲୋଚନା ହୋଇନାହିଁ ବୋଲି ପତ୍ରରେ ଉଲ୍ଲେଖ ରହିଛି। ସେହିପରି ରାଜ୍ୟ ଓ ଜିଲାସ୍ତରରେ ଏସ୍‌ପିସିଏକୁ ସକ୍ରିୟ ଓ କାର୍ଯ୍ୟଶୀଳ କରିବା, ଏସ୍‌ପିସିଏ ଇନ୍ସପେକ୍ଟରଙ୍କ ନିଯୁକ୍ତି ପୁନଃ ଆରମ୍ଭ କରିବା, ରାଜ୍ୟସ୍ତରରେ ଏସ୍‌ପିସିଏ ବୈଠକ ବା ଷ୍ଟେଟ୍ ଆନିମଲ ୱେଲ୍‌ଫେୟାର ବୋର୍ଡ ମିଟିଂ ସାଧାରଣ ଅନ୍ତରାଳରେ ଅନୁଷ୍ଠିତ ହେବା, ସମସ୍ତ ଜୀବେ ନିଷ୍ଠୁରତା ନିରୋଧ ସମିତି ସଦସ୍ୟ ବା ଏସ୍‌ପିସିଏ ସଦସ୍ୟଙ୍କୁ ପରିଚୟ ପତ୍ର ଓ ଉପଯୁକ୍ତ ଅଧିକାର ପ୍ରଦାନ କରିବା ଆଦି ବିଭିନ୍ନ ଦାବି ସମ୍ପର୍କରେ ସେଥିରେ ଉଲ୍ଲେଖ କରାଯାଇଛି।

# ଭାରତୀୟ ରେଳପଥର ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ

## ଏଫ୍‌ଆଇଆର୍‌ରେ ରୂପାନ୍ତରିତ ହେବ ରେଳ ମଦଦ ପୋର୍ଟାଲ ଅଭିଯୋଗ

## ଅପରାଧ ରୋକିବ ଫେସିଆଲ ରେକ୍‌ଗ୍‌ନିଶନ ସିଷ୍ଟମ

ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା)

ଷଷ୍ଠ ଅଖିଳ ଭାରତ ସରକାରୀ ରେଳ ପୋଲିସ (ଜିଆର୍‌ପି) ମୁଖ୍ୟମାନଙ୍କ ସମ୍ମିଳନୀ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ମନୋଜ ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଜିଆର୍‌ପି ଡିଜିପି, ଏଡିଜିପି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ରେଳ ମନ୍ତ୍ରଣାଳୟର ପ୍ରତିନିଧିମାନେ ଯୋଗଦେଇଥିଲେ। ଭାରତୀୟ ରେଳପଥରେ ଅପରାଧ ନିୟନ୍ତ୍ରଣ ସହ ଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ନିଶ୍ଚିତ କରିବା ପାଇଁ ମିଳିତ ପ୍ରୟାସକୁ ଗୁରୁତ୍ୱ ଦିଆଯାଇଛି। ଗୋଇନ୍ଦା ସୂଚନା ବିନିମୟ, ମିଳିତ ଅପରେଶନାଲ ରଣନୀତି ଏବଂ ଅପରାଧୀମାନେ ଆପଣାଉଥିବା ଉପାୟଗୁଡ଼ିକର ମୁକାବିଲା କରିବା ପାଇଁ ଆନ୍ତଃସଂସ୍ଥା ସମନ୍ୱୟ ଉପରେ ଆଲୋଚନା କରାଯାଇଥିଲା। ଯାତ୍ରୀମାନଙ୍କୁ ଚୋରି ଓ ଠକେଇରୁ ବର୍ତ୍ତିବା ପାଇଁ ସଚେତନତା ଅଭିଯାନକୁ ତ୍ୱରାନ୍ୱିତ କରାଯିବ। ରେଳ ମଦଦ ପୋର୍ଟାଲରେ ଦାଖଲ ହେଉଥିବା ଚୋରି ଅଭିଯୋଗକୁ ଏଫ୍‌ଆଇଆର୍‌ରେ ରୂପାନ୍ତର କରି ଅପରାଧ ଚିହ୍ନଟ ହାର ବୃଦ୍ଧି ଓ ପୁନରାବୃତ୍ତି ଅପରାଧ ରୋକିବାକୁ ନିଷ୍ପତ୍ତି ନିଆଯାଇଛି। ଆନ୍ତଃରାଜ୍ୟ ଅପରାଧୀ ନେଟ୍‌ୱର୍କ ଭାଙ୍ଗିବା ପାଇଁ ସକ୍ରିୟ ନିରୀକ୍ଷଣ, ସମନ୍ୱିତ ଅପରେଶନ ଓ ଫେସିଆଲ ରେକଗ୍‌ନିଶନ ସିଷ୍ଟମ ଭଳି ଟେକ୍ନୋଲୋଜି ଉପରେ ଆଲୋଚନା କରାଯାଇଛି। ମହିଳା ଯାତ୍ରୀଙ୍କ ପ୍ରତି ଅପରାଧ ରୋକିବା ପାଇଁ ପାଟ୍ରୋଲିଂ, ସିସିଟିଭି ଏବଂ ମେରୀ ସହେଲୀ ଟିମ୍‌ର ନିୟୋଜନ ଉପରେ ଜୋର ଦିଆଯାଇଛି। ମାଦକ ଦ୍ରବ୍ୟ ଚାଲାଣ ଓ ତସ୍କରୀ ରୋକିବା ପାଇଁ ଚେକିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଆତଙ୍କବାଦୀ ଆକ୍ରମଣର ସମ୍ଭାବନା ଓ ସୁରକ୍ଷା ପ୍ରୋଟୋକଲ ସୁଦୃଢ଼, ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି।

# ଯାତ୍ରା ଗ୍ରାଣ୍ଡ ମହଲର ଆଖଡ଼ା ପୂଜା

ବାଲିଅନ୍ତା,୨୨।୬(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତାର ଅପେରା ପାର୍ଟି ଯାତ୍ରା ଗ୍ରାଣ୍ଡ ମହଲର ଆଖଡ଼ା ପୂଜା ରବିବାର ସ୍ଥାନୀୟ ଭୁବନପୁର ଗ୍ରାମ ମହାବୀର ମନ୍ଦିର ନିକଟ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଥିବା ଏହି ଯାତ୍ରା ପାର୍ଟି ଚଳିତବର୍ଷ ବହୁ ନାମୀଦାମୀ କଳାକାରଙ୍କୁ ନେଇ ନୂଆ ରୂପରେ ପରିପ୍ରକାଶ ହେବାକୁ ଯାଉଛି ବୋଲି ପ୍ରଯୋଜକ ନିରଞ୍ଜନ ସାହୁ କହିଛନ୍ତି। ପ୍ରଯୋଜକ ଓ ତାଙ୍କ ଟିମ୍‌ର ପରିଚାଳକଙ୍କ ସହିତ ପ୍ରଥମେ ଝଙ୍କଡ଼ର ମା' ଶାରଳାଙ୍କ ପୀଠରେ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଧରି ଆଖଡ଼ାଶାଳକୁ ଆଣିଥିଲେ। ପରେ କାକଟପୁରରେ ମା' ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଆଖଡ଼ାଶାଳରେ ହୋମଯଜ୍ଞ ଓ ପୂଜାପାଠ କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାର ଯୋଗଦେଇଥିଲେ। ଚଳିତ ସିଜନ୍‌ରେ ୪ଟି ଭିନ୍ନ ସ୍ୱାଦର ନୂଆ ନାଟକ ଯାତ୍ରା ଗ୍ରାଣ୍ଡ ମହଲ ଦର୍ଶକଙ୍କୁ ଭେଟି ଦେବ ବୋଲି ପ୍ରଯୋଜକ ସାହୁ କହିଛନ୍ତି।

# ସୁରକ୍ଷିତ ଖଣିବର୍ଜ୍ୟ ପରିଚାଳନା ପାଇଁ ଭୂ-ପରିବେଶିକ ପଦ୍ଧତି ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୨।୬(ବନ୍ଦନା ସେଠୀ)


ଖଣି ଉତ୍ତୋଳନ ଏବଂ ଶିଳ୍ପାୟନ ପ୍ରକ୍ରିୟା ଆଗକୁ ବଢ଼ିବା ସହିତ ଅତିରିକ୍ତ ପ୍ରଦୂଷକ ପଦାର୍ଥ ପରିବେଶରେ ପ୍ରବେଶ କରୁଛି। ଏହାର ମୁକାବିଲା ନିମନ୍ତେ ସାଧାରଣତଃ ବର୍ଜ୍ୟଜଳ, ସମ୍ଭାବ୍ୟ ବିଷାକ୍ତ ପଦାର୍ଥ, ଭାରି ଧାତୁ ଏବଂ ରେଡ଼ିଓଆକ୍ଟିଭ୍ ପଦାର୍ଥ ସମେତ ସୂକ୍ଷ୍ମ କଣିକାର ଏକ ସ୍ଲରି ରୂପେ ନିର୍ଗତ ହେଉଥିବା ଖଣି ବର୍ଜ୍ୟ ପଦାର୍ଥ (ଟେଲିଂ)କୁ ଗଚ୍ଛିତ କରି ରଖିବା ପାଇଁ ଟେଲିଂ ବନ୍ଧମାନ ନିର୍ମାଣ କରାଯାଏ। ଖଣି କାର୍ଯ୍ୟରୁ ନିର୍ଗତ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣ କରି ପରିବେଶ ପ୍ରଦୂଷଣ ରୋକିବା ଏବଂ ମାନବ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ବନ୍ଧଗୁଡ଼ିକ ଅତ୍ୟନ୍ତ ଜରୁରୀ। ଓଡିଶା ବିବିଧ ଖଣିଜ ପଦାର୍ଥରେ ଭରପୂର ଏକ ରାଜ୍ୟ ହୋଇଥିବାରୁ ଏହାର ବର୍ଦ୍ଧିତ ଖଣି କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସହନୀୟ ଏବଂ ସୁରକ୍ଷିତ ଖଣିବର୍ଜ୍ୟ ପରିଚାଳନା ନିମନ୍ତେ ଉନ୍ନତ ଭୂ-ପରିବେଶିକ ପଦ୍ଧତି ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଛି। ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ଏହାର ସମ୍ମିଳନୀ କକ୍ଷରେ ରବିବାର 'ସ୍ଥାୟୀ ଖଣିବର୍ଜ୍ୟ ବନ୍ଧ ନିର୍ମାଣ: ଭାରତୀୟ ଏବଂ ଅନ୍ତର୍ଜାତୀୟ ଅଭ୍ୟାସଗୁଡ଼ିକ ମଧ୍ୟରେ ସମନ୍ୱୟ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଭୂବୈଜ୍ଞାନିକ ଡ. ବିଭୂତି ଭୂଷଣ ପଣ୍ଡା ଯୋଗଦେଇଥିଲେ। ଖଣି ପ୍ରକ୍ରିୟାକରଣ ମାଧ୍ୟମରେ ଗଚ୍ଛିତ ମୂଲ୍ୟବାନ୍ ଖଣିଜ ପଦାର୍ଥ ନିଷ୍କାସନ ପରେ ବର୍ଜ୍ୟ କିପରି ପୃଥକ କରାଯାଇ ମୃତ୍ତିକା କିମ୍ବା ପଥର ଖଣ୍ଡରେ ନିର୍ମିତ ବନ୍ଧରେ ଗଚ୍ଛିତ ରଖାଯାଏ ତାହା ବର୍ଣ୍ଣନା କରିଥିଲେ। ବନ୍ଧର ସ୍ଥିରତା ସୁନିଶ୍ଚିତ କରିବା ସହିତ ଲିକ୍ କିମ୍ବା ବିଫଳତାକୁ ରୋକିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନଚେତ୍ ଏହା ମାନବ ସୁରକ୍ଷା ଏବଂ ପରିସଂସ୍ଥା ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ଡ. ପଣ୍ଡା କହିଥିଲେ। ଏଥିସହ ସେ ଦୀର୍ଘକାଳୀନ ବିପଦକୁ ହ୍ରାସ କରିବା ପାଇଁ ଖଣିବନ୍ଧ ପରିଚାଳନାରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ ନବସୃଜନ ବିଷୟରେ ତାଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ବ୍ୟକ୍ତ କରିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରି ସମ୍ଭାବ୍ୟ ପରିବେଶୀୟ ବିପଦକୁ ହ୍ରାସ କରିବା ନିମନ୍ତେ ନଦୀବନ୍ଧଗୁଡ଼ିକର ଯତ୍ନର ସହିତ ଯୋଜନା ପ୍ରଣୟନ ଏବଂ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଇଏସ୍ ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।


କର୍ମଶାଳାରେ ଭୂବୈଜ୍ଞାନିକ ଡ. ବିଭୂତି ଭୂଷଣ ପଣ୍ଡାଙ୍କ ସହ ଅନ୍ୟ ଅତିଥିମାନେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଶିଷ


@ ଦିଲ୍ଲୀପ


@ ମୃତ୍ୟୁଞ୍ଜୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଥଯାତ୍ରାରେ ଜୈବିକ ଅମୃତ ଅନ୍ନରେ ପ୍ରସ୍ତୁତ ହେବ କୋଠଭୋଗ

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ରଥଯାତ୍ରାରେ ଜୈବିକ ଅମୃତ ଅନ୍ନରେ କୋଠଭୋଗ ପ୍ରସ୍ତୁତ ହେବ। କୋରାପୁଟର 'ପ୍ରଗତି' ଅନୁଷ୍ଠାନ ଅମୃତ ଅନ୍ନ ଯୋଗାଣ ସକାଶେ ସହଯୋଗର ହାତ ବଢାଇଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।
ସୂଚନା ଅନୁଯାୟୀ, ଚଳିତ ବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପ ବିଜେ ସମୟରେ ମହାପ୍ରଭୁଙ୍କୁ କୋଠଭୋଗରେ ଅମୃତ ଅନ୍ନ (ଜୈବିକ ଚାଉଳ) ଲାଗି ହେବ। ଏନେଇ ପୂର୍ବରୁ ଆଲୋଚନା ହୋଇଥିବାବେଳେ ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କୋଠଭୋଗରେ ଜୈବିକ ଚାଉଳ ଲାଗିହେବା ନେଇ ନିଷ୍ପତ୍ତି ହୋଇଛି। ବଡୁ ସୁଆର ଏବଂ ସୁଆର ମହାସୁଆର ନିଯୋଗ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ। ସେହିପରି ସୁଆର ମହାସୁଆରଙ୍କ ପକ୍ଷରୁ ଭୋଗମଣ୍ଡପରେ ଅମୃତ ଅନ୍ନ ବ୍ୟବହାର ନେଇ ଯୋଜନା ହୋଇଛି। ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ଅମୃତ ଅନ୍ନ ଉପଯୋଗ ନେଇ ପୂର୍ବରୁ ଆଲୋଚନା ହେବା ସହିତ ପରୀକ୍ଷାମୂଳକ ଭାବେ ଲାଗି ମଧ୍ୟ ହୋଇଥିଲା। ବୈଠକରେ ପ୍ରଗତି ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ।

# ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ହେଲେ ଧର୍ମବ୍ରତ

## ମନୋରଞ୍ଜନ ମିଶ୍ର ସମ୍ପାଦକ

କଟକ,୨୨।୬(କାର୍ତ୍ତିକ ସାହୁ)

ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମବ୍ରତ ମହାପାତ୍ର ସଭାପତି ଓ ମନୋରଞ୍ଜନ ମିଶ୍ର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହ ପ୍ରଫେସର ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ବର କରେଇଲା, ପ୍ରସନ୍ନ କୁମାର ପାତ୍ର ଏବଂ ଈଶ୍ୱର ଚନ୍ଦ୍ର ନାୟକ ଉପସଭାପତି, ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଯୁଗ୍ମସମ୍ପାଦକ ଏବଂ ପପେଶ କୁମାର ଲେଙ୍କା କୋଷାଧ୍ୟକ୍ଷ ହୋଇଛନ୍ତି। ସଂଘ ଖୁବ୍‌ଶୀଘ୍ର କୁଳାଧିପତିଙ୍କୁ ଭେଟି ଉଚ୍ଚଶିକ୍ଷାର ବିକାଶ ପାଇଁ ଆଲୋଚନା କରିବାକୁ ଯୋଜନା କରିଛି। କର୍ମକର୍ତ୍ତା ନିର୍ବାଚନରେ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟରୁ ଶିକ୍ଷକମାନେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ଉଚ୍ଚଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୨୪ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକ ସ୍ୱାୟତ୍ତତା କାର୍ଯ୍ୟକାରୀ କରାଯିବା ଉପରେ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ବେନିୟମ ଭାବେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦବୀ ସଂଗଠୀକରଣ ପ୍ରଚେଷ୍ଟାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସଂଘ ସଦସ୍ୟମାନେ ମତ ପୋଷଣ କରିଛନ୍ତି।

# କମୁଛି ପାଣି, ବଢୁଛି ଦୁର୍ଦ୍ଦଶା

ଭୋଗରାଇ,୨୨।୬(ପ୍ରଦୀପ ଦାସ)

ସୁବର୍ଣ୍ଣରେଖାରେ ବନ୍ୟାପାଣି କମିଥିବା ବେଳେ ଜଳଘେରରେ ଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅଞ୍ଚଳ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଅନେକ ପରିବାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଥିବା ବେଳେ ସେମାନଙ୍କ ପାଖରେ ପ୍ରଶାସନ ପହଞ୍ଚି ପାରିନାହିଁ। ଅନେକ ଗାଁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ପ୍ରବାହିତ ହେଉଛି। ଫଳରେ ଲୋକେ ଘରଦ୍ୱାର ଛାଡ଼ି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି। ଉପରମୁଣ୍ଡରେ ବର୍ଷା କମିବା ଓ ଗାଲୁଡ଼ିହି ଜଳାଧାରର ସମସ୍ତ ଗେଟ୍ ବନ୍ଦ ହୋଇଥିବାରୁ ସୁବର୍ଣ୍ଣରେଖାର ଜଳପତ୍ତନ ହ୍ରାସ ପାଇଛି। ରାଜଘାଟ ଗେଜ୍‌ଠାରେ ବନ୍ୟାଜଳ ସତର୍କ ସୂଚନା ୯.୪୫ ମିଟର ତଳେ ପ୍ରବାହିତ ହେଉଛି। ଶନିବାର ବନ୍ୟାସ୍ରୋତରେ ଭାସିଯାଇଥିବା ଭୋଗରାଇ ବ୍ଲକ କୁହ୍ଲା ଗ୍ରାମର ମହେଶ୍ୱର ପିଳା(୨୨)ଙ୍କ ମୃତଦେହ ରବିବାର ବାଲିଆପାଳ ବ୍ଲକ ଜାମକୁଣ୍ଡାଠାରେ ଓଡ୍ରାଫ୍ ଟିମ୍ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଛି। ୩ ଦିନ ହେଲା ବନ୍ୟାପାଣି ଘେରରେ ଥିବା ଉଲୁଡ଼ା, ଦହମୁଣ୍ଡା, ଆରୁହାବୃତ୍ତି, ଖରିଦପିମ୍ପଳ, ନଥିପୁର, ମନୁନଗର, ମହମ୍ମଦନଗର ପାଟଣା, ସନ୍ତୋଷପୁର, କୁହ୍ଲା, ନାଛିନ୍ଦା, କୁଶୁଡ଼ା, ବଧିଆ, ପୁରୁଷୋତ୍ତମପୁର, ରାମଦେଇଚକ, କୃଷ୍ଣନଗର, ଗବଗାଁ, ଗୁଜୁଡ଼ିହା, ନୀଳପୁରା, ଚିରକୁଲା, ଖଳାବାଡ଼ିଆ, ବାଉଁଶଖଣା, କୁମ୍ଭୀରଗଡ଼ି, ନାନକାର, ଦାରୁହା, ଚକ ପାରୁଳିଆ, କୁଳିଦା ପ୍ରଭୃତି ଗାଁଗୁଡ଼ିକରେ ବନ୍ୟାପାଣି କମିଥିବାରୁ ଲୋକେ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ମନୁନଗର ଗାଁର ୨୦୦ ପରିବାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ବନ୍ୟାପାଣିରେ ନଳକୂପଗୁଡ଼ିକ ବୁଡ଼ି ଯାଇଥିବାବେଳେ ବିଶୁଦ୍ଧ ପାନୀୟ ଜଳର ସଙ୍କଟ ଦେଖାଦେଇଛି। ଗୃହପାଳିତ ପ୍ରାଣୀ ଖାଦ୍ୟ ବିନା ଉହଲବିକଳ ହେଉଥିବା ଦେଖିବାକୁ ମିଳୁଛି।


ପାଣିଘେରରେ ଥିବା ଲକ୍ଷ୍ମୀପାଟଣା ଗାଁର ଜଣେ ବିପନ୍ନ।

# ସୋଲଫୁଲରେ ଝଲସିବ ୩ ରଥ

## ସେବାରେ ଗୁରୁଜଙ୍ଗ ଭୋଇ ପରିବାର

ଖୋର୍ଦ୍ଧା,୨୨।୬(ପ୍ରଭାତ ପାଣିଗ୍ରାହୀ)

ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ବଡ଼ଦାଣ୍ଡରେ ଗଡ଼ିବ ରଥ। ଏଥିପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରତ୍ନବେଦି ଛାଡ଼ି ଭାଇଭଉଣୀଙ୍କୁ ଧରି ଗୁଣ୍ଡିଚାକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଅନ୍ୟପଟେ ତିନି ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହି ରାଜକିଶୋର ଓ ବୀରକିଶୋର ନାୟକ ପରିବାରଙ୍କ ହାତତିଆରି ସୋଲଫୁଲ। ଏଥିଲାଗି ଦିନରାତି ଲାଗିପଡ଼ିଛନ୍ତି ଏହି ପରିବାର। ନେତ୍ରୋତ୍ସବ ଦିନ ସିଂହଦ୍ୱାରରେ ତିନିରଥ ଲାଗିବା ପରେ ଏହି ପରିବାର ଦ୍ୱାରା ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜେଇ ହେବ ତିନି ରଥ। ଗତ ୨୨ବର୍ଷ ଧରି ବିନା ପାରିଶ୍ରମିକରେ ସେବା ଯୋଗାଇ ଆସୁଛି ଏହି ପରିବାର। ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନାହିଁ ବୋଲି ପରିବାର ପକ୍ଷରୁ କୁହାଯାଇଛି।

ରାଜକିଶୋର କୁହନ୍ତି, ୧୯୯୯ ମସିହାରେ ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ଲାଗି ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ସମୟରେ ଭାବବିହ୍ୱଳ ହୋଇ ରଥରେ ସେବା ସୁଯୋଗ ଦେବା ଲାଗି ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲରେ ନିର୍ମିତ ଫୁଲରେ ସାଜସଜ୍ଜା ଲାଗି ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ମହାପ୍ରଭୁଙ୍କ ସ୍ୱପ୍ନାଦେଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ସୋଲ ଫୁଲ ଲାଗି ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି କିଛି ଫୁଲ ପ୍ରସ୍ତୁତ କରି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅର୍ପଣ କରିଥିଲୁ। ସୋଲଫୁଲ ଦେଖି ଖୁସି ହୋଇଥିଲେ। ୨୦୦୪ ମସିହାରେ ତତ୍କାଳୀନ ଶ୍ରୀମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ରଥରେ ସୋଲଫୁଲ ସଜାଇବା ପାଇଁ ଅନୁମତିପତ୍ର ପ୍ରଦାନ କରିଥିଲେ। ସେବେଠାରୁ ଏହି ସେବା ଜାରି ରହିଛି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପାରିଶ୍ରମିକ ମିଳି ନ ଥାଏ। ତେବେ ମହାପ୍ରଭୁଙ୍କ ସେବାରେ ପାରିଶ୍ରମିକର କୌଣସି ମୂଲ୍ୟ ନ ଥାଏ ବୋଲି ରାଜକିଶୋର କହିଛନ୍ତି। ସେହିପରି ବୀରକିଶୋର କୁହନ୍ତି, କାର୍ତ୍ତିକ ମାସଠାରୁ କାକଟପୁର, ଅସ୍ତରଙ୍ଗ, ନିମାପଡା ଆଦି ସ୍ଥାନରୁ ସୋଲ ସଂଗ୍ରହ କରାଯାଏ। ପରେ ଏହାକୁ ଖରାରେ ଶୁଖାଇ ପ୍ରସ୍ତୁତ କରାଯାଏ। ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରନ୍ତି। ଫୁଲ ପ୍ରସ୍ତୁତ ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଜୁମୁକି, ସୂତା ଏବଂ ବଡ଼ ଛୁଞ୍ଚି ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାର ମହିଳାମାନେ ସହଯୋଗ କରିଥାନ୍ତି। ସେହିପରି କବିତା ନାୟକ କୁହନ୍ତି, ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ନୀତି ନିୟମରେ କାର୍ଯ୍ୟ କରାଯାଇଥାଏ। ଘର କାମ ସରିବା ପରେ ଏହି କାମରେ ଲାଗିଥାନ୍ତି ପରିବାର। ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନି ରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଏକ ଅପୂର୍ବ ଆନନ୍ଦ ମିଳିଥାଏ। ଫୁଲ କାରିଗର ବାନାମ୍ବର କାଣ୍ଡି କୁହନ୍ତି, ନନ୍ଦିଘୋଷ ରଥରେ ଚଢ଼ି ଫୁଲ ସଜାଇବାରେ ଆନନ୍ଦ ମିଳେ। ନିରଞ୍ଜନ ନାୟକ କୁହନ୍ତି, କିଛି ବର୍ଷ ହେବ ଏହି ସେବା କରୁଛି। ମହାପ୍ରଭୁ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟମନେ କରୁଛି।



# ବନ୍ୟା ଉଦ୍ଧାର କାର୍ଯ୍ୟ ପାଇଁ କଂଗ୍ରେସର ସ୍ୱତନ୍ତ୍ର କମିଟି


ଭୁବନେଶ୍ୱର,୨୨।୬ (ରବିନାରାୟଣ ଜେନା)

ବାଲେଶ୍ୱରର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ବନ୍ୟା ପ୍ଲାବିତ ଲୋକଙ୍କ ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରାଯାଇଛି। ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଉକ୍ତ କମିଟିରେ ସଞ୍ଜୀବ ଗିରି ସଦସ୍ୟ (ଜିଲା ସଭାପତି) ରହିଛନ୍ତି। ଭୋଗରାଇ ବନ୍ୟା ପ୍ଲାବିତ ଅଞ୍ଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ ପାଇଁ ସତ୍ୟଶିବସୁନ୍ଦର ଦାସ, ସନ୍ତୋଷ ଜେନା, ମୀନାରାଣୀ ସୁର, ମମତା ସାହୁ ସଦସ୍ୟ ରହିଛନ୍ତି। ସେହିପରି ବାଲିଆପାଳ ବନ୍ୟା ପ୍ଲାବିତ ଅଞ୍ଚଳ ପାଇଁ ବିଜନ ନାୟକ, ଜଗନ୍ନାଥ ବିଶ୍ୱାଳ, ରଞ୍ଜିତା ନାୟକ, ବାବାଜୀ ଦେହୁରି, ମୁରଲୀ ମନୋହର ସାହୁ ସଦସ୍ୟ ରହିଥିବାବେଳେ ଜଳେଶ୍ୱର ବନ୍ୟା ପ୍ଲାବିତ ଅଞ୍ଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ ପାଇଁ ସତ୍ୟ ଦାସ, ଦେବୀ ଚାନ୍ଦ, ମଞ୍ଜୁଶ୍ରୀ ପଣ୍ଡା, ଗିରିଜା ଶଙ୍କର ଦାସ, ରାଜୀବ ପରିଡା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ଏହାସହିତ ପିସିସି ଉପସଭାପତି ତଥା ବାଲେଶ୍ୱର ଜିଲା ସଂଗଠନ ଦାୟିତ୍ୱରେ ଥିବା ଦେବାଶିଷ ପଟ୍ଟନାୟକ ବନ୍ୟା ପ୍ଲାବିତ ଅଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାପାଇଁ କୁହାଯାଇଛି।

# ସଫଳତାର ସହ ସରିଲା ନବୀନଙ୍କ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୨।୬ (ରବିନାରାୟଣ ଜେନା)

ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କର ଅସ୍ତ୍ରୋପଚାର ହୋଇଛି। ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡାକ୍ତର ରମାକାନ୍ତଙ୍କ ସୂଚନା ଅନୁସାରେ, ବୟସ ବଢ଼ିଲେ ସର୍ଭିକାଲ ଆର୍ଥ୍ରାଇଟିସ ସୃଷ୍ଟି ହୁଏ। ରବିବାର ଦୁଇ ଘଣ୍ଟା ଧରି ନବୀନବାବୁଙ୍କ ଅପରେଶନ ଚାଲିଥିଲା। ଅସ୍ତ୍ରୋପଚାର ସଫଳ ହୋଇଛି। ସେ ଦୁଇଦିନ ଅବ୍‌ଜରଭେଶନରେ ରହିବେ ଏବଂ ୫ରୁ ୭ ଦିନ ମଧ୍ୟରେ ଷ୍ଟିଚ୍ ଖୋଲାଯିବ। ଆଇସିୟୁରୁ ରୁମ୍‌କୁ ଆସିବା ପରେ ନବୀନଙ୍କୁ ସାକ୍ଷାତ କରିହେବ । ଏହି ପରିପ୍ରେକ୍ଷୀରେ ରବିବାର ସକାଳ


ନବୀନ ପଟ୍ଟନାୟକ

## ଆଶୁ ଆରୋଗ୍ୟ କାମନା କଲେ ଜନପ୍ରତିନିଧି

୮ଟା ୩୦ରେ ଲିଙ୍ଗରାଜ ନାଗରିକ ସମାଜ ଓ ଜନପ୍ରତିନିଧିମାନଙ୍କ ପକ୍ଷରୁ ପ୍ରଭୁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ପ୍ରାର୍ଥନା କରା ଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ଥିଲେ।

# ଢେଙ୍କାନାଳ ହେବ ରାଜ୍ୟର ଶିଳ୍ପପୁଞ୍ଜି: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୨।୬ (ରବିନାରାୟଣ ଜେନା)

ଓଡ଼ିଶାର ଶିଳ୍ପ ପୁଞ୍ଜି ଢେଙ୍କାନାଳ ହେବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର କହିଛନ୍ତି। ମନ୍ତ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି, କାମାକ୍ଷାନଗରରେ ଖୁବ୍‌ଶୀଘ୍ର ନୂଆ ଆଲୁମିନିୟମ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହି ପ୍ଲାଣ୍ଟରେ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା ନିବେଶ ହେବ। ଏଥିରେ ପ୍ରାୟ ୪୦ ହଜାର ଯୁବତୀଯୁବକଙ୍କୁ ରୋଜଗାର ମିଳିବ। ଚଳିତମାସ ୧୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ। ସେହିପରି ସୋଲାର ପ୍ରୋଜେକ୍ଟ କମ୍ପାନୀ 'ୱାରି' ଢେଙ୍କାନାଳ ଛାଡ଼ିବା କଥାକୁ ମନ୍ତ୍ରୀ ଖଣ୍ଡନ କରି କହିଛନ୍ତି, ଓଡ଼ିଶା ଛାଡ଼ିବା ନେଇ କମ୍ପାନୀ କେବେ କହି ନ ଥିଲା । ପ୍ରକଳ୍ପ କାମ ଆରମ୍ଭ ହୋଇସାରିଥିବା ବେଳେ କିଛି ଲୋକ ଏହାକୁ ଭୁଲ୍ ପ୍ରଚାର କରୁଛନ୍ତି। ଏହି ଅବସରରେ ସେ ଚଳିତମାସ ୩୦ ସୁଦ୍ଧା ଖରିଫ ଧାନ ସଂଗ୍ରହ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ବିଜେଡିର ବିଧାୟକ ଓ କର୍ମୀମାନେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି।

# ଆଜି ଆସିକାରେ ଯୁବଶକ୍ତି ସମାବେଶ: ଯୋଗଦେବେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୨୨।୬(ସନ୍ତୋଷ ପାଢ଼ୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗଞ୍ଜାମ ଜିଲା ଗସ୍ତରେ ଆସିବେ। ସକାଳ ସାଢ଼େ ୯ଟାରେ ଆସିକା ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡ଼ିଆଠାରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଯୁବଶକ୍ତି ସମାବେଶ ଅନୁଷ୍ଠିତ ହେବ। ଉକ୍ତ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଗଞ୍ଜାମ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେବା କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ଦର୍ଶନ କରିବା ନିମନ୍ତେ ସ୍ଥିର ହୋଇଛି। ଯୁବଶକ୍ତି ସମାବେଶ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେବେ ବୋଲି ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସୂଚନା ଦେଇଛନ୍ତି।

# ରଥଯାତ୍ରା ପାଇଁ ଗଡ଼ିବ ୩୬୫ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୨୨।୬ (ଅନୁରାଧା ମହାରଣା)

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଉତ୍ସବ ସମୟରେ ପୂର୍ବତଟ ରେଳପଥ ପକ୍ଷରୁ ୩୬୫ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍ ସେବା ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହାଡ଼, ବୌଦ୍ଧ, ଜଗଦଲପୁର, ବାଲେଶ୍ୱର, ଅନୁଗୋଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ଭଦ୍ରକ, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ଏବଂ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, ଛତିଶଗଡ଼ର ଜଗଦଲପୁର ଓ ଗୋଣ୍ଡିଆ ଏବଂ ପଶ୍ଚିମବଙ୍ଗ କୋଲକାତାର ସାନ୍ତ୍ରାଗାଛି ସହିତ ପୁରୀକୁ ସଂଯୋଗ କରିବ। ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ବ୍ୟତୀତ ରଥଯାତ୍ରା ମହୋତ୍ସବର ଅନ୍ୟ ଦିନଗୁଡ଼ିକ ଉପରେ ମଧ ଧ୍ୟାନ ଦିଆଯାଇଛି। ୨୦୨୪ ରଥଯାତ୍ରା ସମୟରେ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା। ଏହି ସଂଖ୍ୟା ଚଳିତବର୍ଷ ୩୬୫କୁ ବୃଦ୍ଧି କରାଯାଇ ନିରାପଦ, ଆରାମଦାୟକ ଏବଂ ଦକ୍ଷ ଯାତ୍ରା ସୁବିଧା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଯାତ୍ରୀମାନଙ୍କୁ ସରକାରୀ ରେଳ ପୋର୍ଟାଲ ମାଧ୍ୟମରେ ସମୟସୂଚୀ ଏବଂ ଉପଲବ୍ଧତା ଯାଞ୍ଚ କରିବାକୁ ଏବଂ ରଥଯାତ୍ରା ମହୋତ୍ସବ ସମୟରେ ସାର୍ବଜନୀନ ଘୋଷଣା ମାଧ୍ୟମରେ ଟ୍ରେନ ଚଳାଚଳ ସମ୍ବନ୍ଧରେ ଠିକ ସୂଚନା ପ୍ରାପ୍ତ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ୨ ବଗିର ଜଏଣ୍ଟ କପ୍‌ଲର ଲିଙ୍କ୍ ଖସିଲା, ଅଟକିଲା ହୀରାଖଣ୍ଡ ଟ୍ରେନ୍

କୋଟପାଡ଼/କୋରାପୁଟ,୨୨।୬(କେ. ରାଜଶେଖର ରାଓ/ଅମିତାଭ ବେହେରା)

ଜଗଦଲପୁରରୁ ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍‌ର ୨ ବଗିର ଜଏଣ୍ଟ କପ୍‌ଲର ଲିଙ୍କ୍ ଖସିଯିବାରୁ ଟ୍ରେନ୍ ଅଧା ବାଟରେ ଅଟକି ରହିଥିଲା। ହୀରାଖଣ୍ଡ ଏକ୍ସପ୍ରେସ୍‌ର ୨ ବଗି ଛତିଶଗଡ଼ ଏବଂ ଓଡ଼ିଶା ସୀମାନ୍ତ ଅମାଗୁଡ଼ା ଗାଁ ନିକଟରେ ଅଟକି ରହିଥିବା ବେଳେ ଏଥିରେ ଥିବା ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ଟ୍ରେନ୍‌ଟି କୋରାପୁଟ ଜିଲା କୋଟପାଡ଼ର କୁସୁମୀ ଷ୍ଟେଶନରେ ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା। ଟ୍ରେନ୍ ଜଗଦଲପୁରରୁ ରବିବାର ଅପରାହ୍ନ ୪ଟା ୩୦ରେ ଛାଡ଼ିଥିଲା। ଏଥିରେ କୌଣସି ତ୍ରୁଟି ଥିବାରୁ ଗୋଟିଏ ବଗିରୁ ଅନ୍ୟ ବଗି ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ରେଳ କର୍ତ୍ତୃପକ୍ଷ ପହଞ୍ଚି ସଜାଡିଥିଲେ। ୨ ବଗିକୁ ସଂଯୋଗ କରାଯିବା ପରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି। ଟ୍ରେନ୍ ବିଳମ୍ବ ହେବାରୁ ବିଭିନ୍ନ ଷ୍ଟେଶନରେ ଯାତ୍ରୀ ଅପେକ୍ଷା କରିଥିଲେ। ରେଳ ବିଭାଗ ଠିକ୍ ଭାବେ ଯାଞ୍ଚ କରି ନ ଥିବାରୁ ଘଟଣା ଘଟିଥିବା ମତପ୍ରକାଶ ପାଉଛି।



# ବିଧାନସଭା ଏଷ୍ଟିମେଟ୍ କମିଟିର ମୁମ୍ବାଇ ଗସ୍ତ

ଭୁବନେଶ୍ୱର,୨୨।୬(ରବିନାରାୟଣ ଜେନା)

ବିଧାନସଭା ଏଷ୍ଟିମେଟ୍ କମିଟିର ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ରବିବାର ମୁମ୍ବାଇ ଗସ୍ତ କରିଛନ୍ତି। ସୋମବାର ମୁମ୍ବାଇର ବିଧାନଭବନରେ ୭୫ତମ ନ୍ୟାଶନାଲ କନ୍‌ଫରେନ୍ସ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ବିଧାନସଭା ଏଷ୍ଟିମେଟ୍ କମିଟିର ଅଧ୍ୟକ୍ଷ ଜୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ଯୋଗଦେବ। ଏହି ଦଳରେ ବିଧାୟକ ଧ୍ରୁବଚରଣ ସାହୁ, ନଳିନୀକାନ୍ତ ପ୍ରଧାନ, ଇରାଶିଷ ଆଚାର୍ଯ୍ୟ ଓ ନୀଳମାଧବ ହିକ୍କା ରହିଛନ୍ତି। ସୂଚନା ଅନୁଯାୟୀ,ଏହି କନ୍‌ଫରେନ୍ସର ବିଭିନ୍ନ ପର୍ଯ୍ୟାୟରେ ରାଜ୍ୟ ସଭା ଅଧ୍ୟକ୍ଷ ହରିବଂଶ ନାରାୟଣ ସିଂ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କ ସମେତ ବିଭିନ୍ନ ରାଜ୍ୟର ଏଷ୍ଟିମେଟ୍ କମିଟି ସଭ୍ୟମାନେ ଯୋଗଦେବେ। ତିନିଦିନ ଧରି ଚାଲିବାକୁ ଥିବା କନ୍‌ଫରେନ୍ସରେ ଏଷ୍ଟିମେଟ୍ କମିଟିର ଭୂମିକା କ'ଣ ରହିବ ତାହା ଉପରେ ଆଲୋଚନା ହେବ। ବିଶେଷକରି ରାଜ୍ୟ ବଜେଟ୍ କିଭଳି ଠିକଣା ବାଟରେ ଖର୍ଚ୍ଚ ହେବ ଏବଂ ଏହାର ଲାଭ ଲୋକେ ପାଇବେ ସେନେଇ ବିସ୍ତୃତ ଆଲୋଚନା ହେବ। ଏହି କାର୍ଯ୍ୟକ୍ରମରେ ବିଧାନସଭା ପକ୍ଷରୁ ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଗସ୍ତ କରିଥିବା ଜଣାଯାଇଛି।

# ନବଙ୍କ ପୁଅଙ୍କୁ ଆୟକର ବିଭାଗର ପଚରାଉଚରା

ଭୁବନେଶ୍ୱର,୨୨।୬ (ସତ୍ୟଜିତ୍ ରାଉତ)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ୪ଦିନ ହେବ ଏହି ଯାଞ୍ଚ ପ୍ରକ୍ରିୟା ଚାଲିଥିବା ବେଳେ ଆୟକର ବିଭାଗ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ। ତେବେ ଏହି ଲିଙ୍କ୍‌ରେ ନବଙ୍କ ପୁଅ ବିଶାଲ ଦାସଙ୍କୁ ଆୟକର ଅଧିକାରୀମାନେ ପଚରାଉଚରା କରିଥିବା ରବିବାର ସୂଚନା ମିଳିଛି। ଆଗକୁ ନବଙ୍କ ଝିଅ ଦିପାଳୀ ଦାସଙ୍କୁ ଆୟକର ବିଭାଗ ପକ୍ଷରୁ ପଚରାଉଚରା କରାଯାଇପାରେ ବୋଲି ଜଣାପଡିଛି।

## ଫୁର୍‌ସତ୍

# ଏକସଙ୍ଗେ ଗ୍ରାଜୁଏଟ୍ ହେଲେ ୧୫ ଯୋଡ଼ା ଯାଆଁଳା

ନ୍ୟୁୟର୍କ


ଆମେରିକାର ନ୍ୟୁୟର୍କ ସହର ଉପକଣ୍ଠସ୍ଥିତ ଲଙ୍ଗ୍ ଆଇଲାଣ୍ଡରେ ଅବସ୍ଥିତ ପ୍ଲେନ୍‌ଭ୍ୟୁ-ଓଲ୍ଡ ବେଥ୍‌ପେଜ୍ ଜନ୍ ଏଫ୍ କେନେଡି ହାଇସ୍କୁଲରେ ଶନିବାର ଗ୍ରାଜୁଏଶନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ସମାରୋହରେ କିଛି ସ୍ୱତନ୍ତ୍ର ଦୃଶ୍ୟ ଦେଖିବାକୁ ମିଳିଥିଲା। ବିଦ୍ୟାଳୟର ପାସ୍‌ଆଉଟ୍ ବ୍ୟାଚ୍‌ର ପ୍ରାୟ ୫୦୦ ଛାତ୍ରୀଛାତ୍ର ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୧୫ ଯୋଡ଼ା (୩୦ ଜଣ) ଯାଆଁଳା ଛାତ୍ରୀଛାତ୍ର ରହିଛନ୍ତି। ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଥିବା ୧୫ ଯୋଡ଼ା ଯାଆଁଳାଙ୍କ ମଧ୍ୟରୁ କିଛି ଯୋଡ଼ା ଯାଆଁଳା ଭାଇଭଉଣୀ ମଧ୍ୟ ରହିଛନ୍ତି। ଗୋଟିଏ ବ୍ୟାଚ୍‌ରେ ଏତେ ସଂଖ୍ୟକ ଯାଆଁଳା କିପରି ରହିଛନ୍ତି ବୋଲି ପଚରାଯିବାରୁ, ଗ୍ରାଜୁଏଶନ ଡିଗ୍ରୀ ହାସଲ କରିଥିବା ଅନେକ ଛାତ୍ରୀଛାତ୍ର ଏହାକୁ ଏକ ସଂଯୋଗ ବୋଲି କହିଥିଲେ। ଏମିଲି ବ୍ରେକ୍ ନାମ୍ନୀ ଜଣେ ଛାତ୍ରୀ ମଜାରେ କହିଥିଲେ, ହୁଏତ ଏଠାକାର ପାଣିରେ କିଛି ରହିଛି। ତାଙ୍କ ଭଉଣୀ ଆମାଣ୍ଡା ବ୍ରେକ୍ କହିଛନ୍ତି, ଏଭଳି ନିଆରା ବ୍ୟାଚ୍‌ରେ ପଢ଼ିବାକୁ ସୁଯୋଗ ମିଳିଥିବାରୁ ସେମାନେ ସମସ୍ତେ ଭାଗ୍ୟବାନ୍। ସେହିପରି ସେମାନଙ୍କ ପରିବାରରେ ମଧ ପୂର୍ବରୁ ଯାଆଁଳା ସନ୍ତାନ ଜନ୍ମ ହୋଇଛନ୍ତି ବୋଲି ଏହି ଅବସରରେ କେତେଜଣ ଛାତ୍ରୀଛାତ୍ର କହିଥିଲେ। ଗ୍ରାଜୁଏଟ ହେବା ପରେ ଏବେ ଅନେକ ଯୋଡ଼ା ଯାଆଁଳାଙ୍କ ମାର୍ଗ ଭିନ୍ନ ଭିନ୍ନ ହୋଇଯିବ। ଅନେକ ଯୋଡ଼ା ଯାଆଁଳା ଅଲଗା ଅଲଗା ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ହାସଲ କରିବେ ବୋଲି ମନସ୍ଥ କରିଛନ୍ତି।



# ମେଟ୍ରୋ ଟ୍ରେନ୍‌ରେ ବୁଲିଲେ ବରୁଣ, ଆହାନ

ପୁଣେ

ସମ୍ପ୍ରତି ବହୁ ପ୍ରତୀକ୍ଷିତ ଫିଲ୍ମ 'ବର୍ଡର ୨'ର ଶୁଟିଂ ଜାରି ରହିଛି। ଏବେ ଏହାର ତୃତୀୟ ପର୍ଯ୍ୟାୟ ଶୁଟିଂ ପୁଣେସ୍ଥିତ ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍‌ଡିଏ)ରେ ଚାଲିଛି। ଫଳରେ ଫିଲ୍ମର ଷ୍ଟାର୍‌କାଷ୍ଟ ଏବଂ କ୍ରିଉ ସଦସ୍ୟମାନେ ଏବେ ପୁଣେରେ ରହିଛନ୍ତି। ଏହି ଅବସରରେ ଫିଲ୍ମର ୨ ଅଭିନେତା ବରୁଣ ଧାୱନ ଏବଂ ଆହାନ ଶେଟ୍ଟୀ ପୂରା ପୁଣେ ସହର ଭ୍ରମଣ ପାଇଁ ନିଷ୍ପତ୍ତି ନେଇଥିଲେ। ଆହାନ ଏହାର ଏକ ଭିଡିଓ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଅପଲୋଡ୍ କରିଛନ୍ତି। ଭିଡିଓରେ ଆହାନଙ୍କ ସହ ବରୁଣ ଏବଂ 'ବର୍ଡର ୨' ଫିଲ୍ମର ଅନ୍ୟ କିଛି କ୍ରିଉ ସଦସ୍ୟ ନଜରକୁ ଆସିଛନ୍ତି। ଉକ୍ତ ଭିଡିଓରେ ବରୁଣ କହୁଛନ୍ତି, ପୂରା ପୁଣେ ସହର ଭ୍ରମଣ କରି ଏବେ ହଜିଯାଇଛୁ। ତେଣୁ ମେଟ୍ରୋ ଟ୍ରେନ୍‌ରେ ହୋଟେଲକୁ ଯିବା ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ। ଏହାପରେ ସେ ଏବଂ ଆହାନ ମାସ୍କ ପିନ୍ଧି ମେଟ୍ରୋ ଟ୍ରେନ୍‌ରେ ସାଧାରଣ ଯାତ୍ରୀଙ୍କ ପରି ଠିଆହୋଇ ଯାଉଥିବାର ନଜରକୁ ଆସିଛନ୍ତି। ତେବେ ସବୁଠାରୁ କୌତୂହଳର ବିଷୟ ହେଉଛି, ଉକ୍ତ ମେଟ୍ରୋ ଟ୍ରେନ୍‌ରେ ଯାଉଥିବା କୌଣସି ମଧ ଯାତ୍ରୀ ବରୁଣ ଏବଂ ଆହାନଙ୍କୁ ଚିହ୍ନିପାରି ନ ଥିଲେ। ପ୍ରକାଶ ଯେ, 'ବର୍ଡର ୨' ଫିଲ୍ମ ଆସନ୍ତା ବର୍ଷ ଜାନୁଆରୀ ୨୩ରେ ରିଲିଜ୍ ହେବ।


ବରୁଣ ଧାୱନ

# କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

## ଅଭିଯୁକ୍ତ ପୁଅ କୋର୍ଟଚାଲାଣ

ନୂଆପଡ଼ା,୨୨।୬(ମକାରୁ ବେମାଲ

ନୂଆପଡ଼ା ଜିଲା ସଦର ବ୍ଲକ ବେଲଟୁକୁରି ଥାନା ଅନ୍ତର୍ଗତ କୁରୁମୁଣ୍ଡା ଗାଁରେ ଘଟିଛି ହତ୍ୟାକାଣ୍ଡ। ଜମିବାଡ଼ି ଗଣ୍ଡଗୋଳକୁ ନେଇ ପୁଅ ତୁଳାରାମ ବରିହାଙ୍କ କାଠଫାଳିଆ ମାଡ଼ରେ ବାପା ପବନସିଂ ବରିହା (୬୦)ଙ୍କ ଜୀବନ ଯାଇଛି। ରବିବାର ସନ୍ଧ୍ୟାରେ ପୋଲିସ ଅଭିଯୁକ୍ତ ତୁଳାରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ଅଭିଯୁକ୍ତ ତୁଳାରାମ ବରିହା।

ଜମିବାଡ଼ିକୁ ନେଇ ପୂର୍ବରୁ ବାପ, ପୁଅଙ୍କ ମଧ୍ୟରେ ଝଗଡ଼ା ଲାଗିରହିଥିଲା। ଶନିବାର ଅପରାହ୍ନରେ ପବନସିଂ ଓ ତୁଳାରାମ ଜମିକୁ ଯାଇଥିବାବେଳେ ସେଠାରେ ବଚସା ହୋଇଥିଲା। ଏଥିରେ ତୁଳାରାମ ଉତ୍ତେଜିତ ହୋଇ ଏକ କାଠଫାଳିଆରେ ପବନସିଂଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଯିବାରୁ ବାପାଙ୍କୁ ଛାଡି ତୁଳାରାମ ଘରକୁ ଚାଲିଆସିଥିଲେ। ଖାଇପିଇ ଶୋଇପଡ଼ିଥିଲେ। ରାତି ପର୍ଯ୍ୟନ୍ତ ପବନସିଂ ଘରକୁ ନ ଫେରିବା ଦେଖି ପରିବାର ଲୋକେ ଛାନିଆ ହୋଇ ଖୋଜିଥିଲେ। ବହୁତ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ରବିବାର ସକାଳେ ନିଜ ଚାଷ ଜମିରେ ପବନସିଂଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ବେଲଟୁକୁରି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରକ୍ତଲାଗିଥିବା ଏକ କାଠଫାଳିଆ ମୃତଦେହ ପଡ଼ିଥିବା ସ୍ଥାନରୁ ପୋଲିସ ଜବତ କରିଛି। ତୁଳାରାମ କାଠଫାଳିଆରେ ପିଟି ହତ୍ୟା କରିଛନ୍ତି ବୋଲି ପବନସିଂଙ୍କ ସ୍ତ୍ରୀ ବାଳମତି ବରିହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା (ନଂ.୫୫/୨୦୨୫) ରୁଜୁ କରିଛି। ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହ: ଚାଷୀଙ୍କ ଗଳାକାଟି ହତ୍ୟା

କଣ୍ଟାବାଞ୍ଜି, ୨୨।୬ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଘୁନେଶ ପଞ୍ଚାୟତ ଖୁଜେନ ଗାଁରେ ଶନିବାର ରାତିରେ ଜମିବାଡି ବିବାଦ ଓ ଗୁଣି ଗାରେଡ଼ି ସନ୍ଦେହରୁ ଜଣେ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଛି। ଏ ନେଇ ମୃତକଙ୍କ ଝିଅ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୁଜେନ ଗାଁର ଡିଙ୍ଗର ଜାନିଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଖୁଜେନ ଗାଁର ତୁଳାରାମ ଜାନି (୫୪) ଚାଷ କରି ଚଳନ୍ତି। ଘଟଣାଦିନ ରାତିରେ ସେ ଘର ବାହାରେ ଶୋଇଥିଲେ। କିନ୍ତୁ କିଛି ସମୟ ପରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଭିତରେ ଶୋଇଥିବା ତାଙ୍କ ସ୍ତ୍ରୀ ଏବଂ ଝିଅକୁ କବାଟ ବାଡ଼େଇ ଡାକିଥିଲେ। ଘର ଲୋକ ବାହାରକୁ ଆସି ତୁଳାରାମଙ୍କ ବେକରୁ ରକ୍ତ ବାହାରୁଥିବା ଏବଂ ସେ ଠିକ୍‌ରେ କଥା ହୋଇ ପାରୁ ନ ଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତୁରେକେଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତୁଳାରାମଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତୁଳାରାମଙ୍କ ଝିଅ ଗାୟତ୍ରୀ ଯାନି(୧୯)ଙ୍କ ଅଭିଯୋଗ କ୍ରମେ ପୋଲିସ ତୁରେକେଲା ଥାନାରେ ନଂ. ୧୬୩/୨୦୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରିଥିବା ବେଳେ ପୋଲିସ ଏକ ଟାଙ୍ଗିଆ ଜବତ କରିଛି।

# ବଳାତ୍କାର ଅଭିଯୁକ୍ତ ପଳାତକ ଘୋଷିତ



ଅଭିଯୁକ୍ତଙ୍କ ଗ୍ରାମରେ ପୋଲିସ ଡେଙ୍ଗୁରା ବଜାଇ ଲଟକା ଜାରି କରୁଛି।

ଖଲ୍ଲିକୋଟ,୨୨।୬(ପ୍ରଶାନ୍ତ କୁମାର ମିଶ୍ର)

ଜଣୈକା ନାବାଳିକାଙ୍କୁ ଗତ ୨୦୧୯ରେ ବଳାତ୍କାର କରିଥିବା ଜଣେ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ପଳାତକ ଘୋଷଣା କରିଛନ୍ତି। ଅଭିଯୋଗ ପରଠାରୁ ସେ ଫେରାର ଅଛନ୍ତି। କୋର୍ଟ ନିର୍ଦ୍ଦେଶ ପରେ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ ପ୍ରଧାନ ଟିମ୍ ସହ ଅଭିଯୁକ୍ତଙ୍କ ଗ୍ରାମରେ ପହଞ୍ଚି ଡେଙ୍ଗୁରା ବଜାଇ ଅଭିଯୁକ୍ତଙ୍କ ଘର ସମ୍ମୁଖରେ ଲଟକା ଜାରି କରିଥିଲେ।

୨୦୧୯ରେ ଖଲ୍ଲିକୋଟ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନଂ. ୧୦୫/୨୦୧୯ରେ ଏକ ମାମଲା ରୁଜୁ କରି ପୋଲିସ ଅଭିଯୋଗର ତଦନ୍ତ କରିଥିଲା। ପୀଡିତା ନାବାଳିକା ହୋଇଥିବାରୁ ମାମଲା ପୋକ୍‌ସୋ କୋର୍ଟ (ଜିଆର କେସ୍ ନଂ. ୫୧/୨୦୧୯)ରେ ଚାଲିଥିଲା। ତେବେ କୋର୍ଟଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲେ। ଏହା ସତ୍ତ୍ୱେ ସେ କୋର୍ଟରେ ହାଜର ନ ହେବାରୁ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଛନ୍ତି। ରବିବାର ଖଲ୍ଲିକୋଟ ଥାନାଧିକାରୀ ରମେଶ ପ୍ରଧାନ ପୋଲିସ ଟିମ୍ ସହ ଅଭିଯୁକ୍ତଙ୍କ ଗ୍ରାମକୁ ଯାଇ ଡେଙ୍ଗୁରା ବଜାଇ ତାଙ୍କ ଘର ସମ୍ମୁଖରେ ଲଟକା ଜାରି କରିଥିଲେ। ଏହି ସମୟରେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡେଇ ଉପସ୍ଥିତ ଥିଲେ। ଅଭିଯୁକ୍ତ ଆଗାମୀ ୩୦ ଦିନ ମଧ୍ୟରେ କୋର୍ଟରେ ହାଜର ନ ହେଲେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## କୃଷି ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଗିରଫ

ଖପ୍ରାଖୋଲ,୨୨।୬(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମାଟିଆଭଟା ଗାଁରେ ଜଣେ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟମାରଣା ଅଭିଯୋଗରେ ୩ ଜଣଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁ, ମଧୁସୂଦନ ସାହୁ ଓ ରୋହିତ ସାହୁ। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମାଟିଆଭଟା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିକୁ ଅନ୍ୟ ଲୋକଙ୍କ ନାଁରେ ଭାଗ ଚାଷୀ ଦେଖାଇ ଫସଲ ବୀମା କରାଇ ନେଇଥିଲେ। ଏହା ଜାଣିପାରି ଶନିବାର ଚାଷୀ ନନ୍ଦଲାଲ ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ ୧୪୧/୨୫ ରେ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ଅଭିଯୁକ୍ତ ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରର ଏକ ଲାପ୍‌ଟପ୍, ଦୁଇଟି ପ୍ରିଣ୍ଟର, ଏଟିଏମ୍ କାର୍ଡ, ପ୍ରାୟ ୧୨ ହଜାର ଟଙ୍କା ପୋଲିସ ଜବତ କରିଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଛୁରାମାଡ଼, କାରଣ ଅସ୍ପଷ୍ଟ

ଖଲ୍ଲିକୋଟ,୨୨।୬(ପ୍ରଶାନ୍ତ କୁମାର ମିଶ୍ର)


ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର କନ୍ଧ ତରେଇଙ୍କ ସ୍ତ୍ରୀ ଗେଲି ତରେଇ(୫୦)। ସୂଚନାନୁଯାୟୀ, ଶନିବାର ରାତି ପ୍ରାୟ ୨ଟାରେ ଗେଲି ଶୌଚ ପାଇଁ ଘର ବାହାରକୁ ବାହାରି ଥିଲେ। ସେହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା କେତେଜଣ ଦୁର୍ବୃତ୍ତ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ୨ ହାତ ସହ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଗେଲିଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ମେଡ଼ିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେପଟେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ଦାଦା

ନାଉଗାଁ,୨୨।୬(ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ରୋହିଆ ପଞ୍ଚାୟତ ଅନ୍ତର୍ଗତ ଚକୁଳି ଗ୍ରାମର ଇଟା ଫାକ୍ଟ୍ରି ନିକଟ ଏକ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଛତିଆନା ଗ୍ରାମର ଜଟାଧାରୀ ସାହୁଙ୍କ ଝିଅ ବବିତା। ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଦାଦା ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦାଦାଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ରେ ବବିତା ପୁରୀ ଜିଲା ନିମାପଡ଼ା ଚାଉଳିଆବସ୍ତ ଗ୍ରାମର ନବଘନ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ବବିତାଙ୍କୁ ସ୍ୱାମୀ ନିର୍ଯାତନା ଦେଉଥିଲେ। ଏହାକୁ ସହି ନ ପାରି ସେ ୪ ବର୍ଷର ପୁଅକୁ ଧରି ନାଉଗାଁସ୍ଥିତ ବାପଘରକୁ ଚାଲିଆସିଥିଲେ। ଦେଢ଼ମାସ ହେବ ବାପାଙ୍କ ମୃତ୍ୟୁ ଘଟିବା ପରେ ବବିତା ପୁନର୍ବାର ଶାଶୁଘରକୁ ଯାଇଥିଲେ। ମାତ୍ର ସେଠାକୁ ଯିବା ପରେ ପୂର୍ବଭଳି ତାଙ୍କୁ ନିର୍ଯାତନା ଦିଆଯାଉଥିଲା। ଏ ବିଷୟରେ ବବିତା ବାପ ଘରକୁ କଲ୍ କରି ଜଣାଇଥିଲେ। ୨ ଦିନ ହେବ ତାଙ୍କ ଫୋନ



ବବିତା ସାହୁ

କଲ୍ ନ ଆସିବାରୁ ଦାଦା ଶାଶୁଘରକୁ କଲ୍ କରିଥିଲେ। ଶୁକ୍ରବାର ରାତିରୁ ବୋହୂ ଘର ଛାଡ଼ି ଚାଲିଯାଇଛି ବୋଲି ଶାଶୁ କହିଥିଲେ। ଏହା ଶୁଣିବା ପରେ ବବିତାଙ୍କ ଦାଦା ଶନିବାର ନିମାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରବିବାର ସକାଳୁ ବବିତାଙ୍କ ଝୁଲନ୍ତା ମୃତଦେହ ମିଳିବା ପରେ ଶାଶୁଘର ଲୋକେ ତାଙ୍କୁ ମାରି ସେଠାରେ ଟାଙ୍ଗି ଦେଇଛନ୍ତି ବୋଲି ତାଙ୍କ ଦାଦା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।

# ଇନ୍‌ଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨୨।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପାମେଡ ଥାନା ଅନ୍ତର୍ଗତ ସେଣ୍ଡ୍ରାବୋର ଓ ଏମ୍ପୁର ଗ୍ରାମର ୨ ଜଣଙ୍କୁ ମାଓବାଦୀମାନେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଶନିବାର ହତ୍ୟା କରିଛନ୍ତି। ସେମାନେ ହେଲେ ସମୟା ସୁନମ୍ ଓ ବେକ ଦେବା। ସେଣ୍ଡ୍ରାବୋର ଗ୍ରାମର ସମୟା ପୂର୍ବରୁ ମାଓବାଦୀ ସଂଗଠନରେ ଥିଲେ। ସେ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ଓ ଏମ୍ପୁର ଗ୍ରାମର ବେକ ଦେବାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ମାଓବାଦୀ ଶନିବାର ରାତିରେ ଘରୁ ଉଠାଇ ନେଇ ହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ଗତ ୪ ଦିନ ପୂର୍ବେ ମାଓବାଦୀମାନେ ପେଡାକୋର୍ମା ଗ୍ରାମର ଜଣେ ୧୩ ବର୍ଷର ନାବାଳକଙ୍କ ସହ ୩ ଜଣଙ୍କୁ ବେକରେ ରଶି ଲଗାଇ ଫାଶୀ ଦେଇ ହତ୍ୟା କରିଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## Business

# ୧୨୦୦ କୋଟିର କାରବାର ଆକଳନ

## ୨୦୨୬ରେ ଆସିବ ଆଇପିଓ

ଭୁବନେଶ୍ୱର,୨୨।୬



ବର୍ତ୍ତମାନ ସମୟରେ କୃଷିକ୍ଷେତ୍ର ଅପେକ୍ଷା କୃଷି ଜାତୀୟ ଉପାଦାନର ଆବଶ୍ୟକତା ପୂର୍ବାପେକ୍ଷା ଅଧିକ ରହିଛି। ଗୋପାଳନଠାରୁ ମତ୍ସ୍ୟ ଚାଷ ଏବଂ ଏପରିକି ପ୍ରାକୃତିକ ପ୍ରଣାଳୀରେ ଉନ୍ନତମାନର ସାର ମଧ୍ୟ ଗୋରୁ ଖାଦ୍ୟ (କ୍ୟାଟଲ ଫିଡ୍) ଉତ୍ପାଦନରୁ ମିଳିପାରୁଛି। ଏ କ୍ଷେତ୍ରରେ ଅନେକ ଆବଶ୍ୟକତା ରହିଥିଲାବେଳେ ୫୦୦ କେଜିରୁ ଆରମ୍ଭ ହୋଇଥିବା ମିକ୍ସିୟାନାର ଉତ୍ପାଦନ କ୍ଷମତା ୧୦ ବର୍ଷ ମଧ୍ୟରେ ବହୁ ଗୁଣା ବୃଦ୍ଧି ପାଇ ୫ ଲକ୍ଷ ଟନ୍‌ରେ ପହଞ୍ଚିଛି। ଫଳରେ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ବୋଲି ମିକ୍ସିୟାନାର ନିର୍ଦ୍ଦେଶକ ପ୍ରଦୀପ ଅଗ୍ରୱାଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ହରିୟାଣା, ପଞ୍ଜାବ, ରାଜସ୍ଥାନ, କେରଳ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଆସାମ, ଆଣ୍ଡାମାନ ନିକୋବର ଏବଂ ଡାମନଡିଉ ଭଳି ବଜାରରେ କମ୍ପାନୀର ଉତ୍ପାଦଗୁଡିକ ଉଭୟ ଚାଷୀ ଓ ବ୍ୟବସାୟୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ସେହିପରି ଛତିଶଗଡ଼ରେ କମ୍ପାନୀ ୩ଟି ଅତ୍ୟାଧୁନିକ ପ୍ରକ୍ରିୟାକରଣ ୟୁନିଟ୍ ଜରିଆରେ ବଜାର ଚାହିଦା ଓ ଚାଷୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ବ୍ରାଣ୍ଡ୍ ଆବଶ୍ୟକ ବ୍ୟବସ୍ଥା ମଧ୍ୟ କରିଛି। ବିଶେଷକରି ଗୁଣାତ୍ମକ ଗୋଖାଦ୍ୟ ଓ ବ୍ୟାପକ ଡିଲର୍ସ ଏବଂ ଡିଷ୍ଟ୍ରିବ୍ୟୁଟର୍ସଙ୍କ ଜରିଆରେ ବ୍ରାଣ୍ଡ୍ ଉତ୍ପାଦଗୁଡିକୁ ଉଭୟ ବ୍ୟବସାୟୀ ଓ ଚାଷୀଙ୍କ ଘର ପାଖରେ ଉପଲବ୍ଧ କରାଇପାରିଛୁ। ଫଳରେ ବ୍ରାଣ୍ଡ୍ ଡିମାଣ୍ଡ ଓ ସୁଲଭ ମୂଲ୍ୟରେ ସୁଷମ ଓ ସ୍ୱାଦିଷ୍ଟ ଗୋଖାଦ୍ୟ ବଜାରରେ ଉପଲବ୍ଧ କରାଇପାରିଛୁ ବୋଲି ଅଗ୍ରୱାଲ ମତପ୍ରକାଶ କରିଥିଲେ। ଅପରପକ୍ଷରେ କମ୍ପାନୀ ଗତ ବର୍ଷ ପ୍ରାୟ ୧୦%ରେ କାରବାର ବୃଦ୍ଧି ସହ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୧୦୦୦ କୋଟିର କାରବାର କରିଥିଲା। ଚଳିତ ବର୍ଷ ଏହି ଆକଳନରେ ଆଶାଜନକ ବୃଦ୍ଧି ସହ ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ରାଣ୍ଡର କାରବାର ପ୍ରାୟ ୧୨୦୦ କୋଟି ଟଙ୍କା ଆକଳନ କରାଯାଇଛି। ଏପରିକି ବ୍ରାଣ୍ଡ୍ ଚାହିଦା ବଜାରରେ ବୃଦ୍ଧି ପାଉଥିବାରୁ କମ୍ପାନୀ ୨୦୨୬ ପ୍ରାରମ୍ଭରେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ରେ ପଞ୍ଜୀକୃତ ହୋଇ ଆଇପିଓ ଆଣିବ ବୋଲି ବ୍ରାଣ୍ଡର ଓଡ଼ିଶା ହେଡ୍ ଦେବବ୍ରତ ଦାଶ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, କମ୍ପାନୀ ପକ୍ଷରୁ ଶନିବାର ରିଟେଲର୍ସ ମିଟ୍‌ର ଆୟୋଜନ କରାଯାଇଥିଲା। ଏହି ମିଟ୍‌ରେ ଶ୍ରେଷ୍ଠ ବିକ୍ରେତାଙ୍କୁ ସମ୍ମାନିତ କରାଯାଇଥିଲାବେଳେ ଏହି ଅବସରରେ ପ୍ରାୟ ୫୦୦ ରିଟେଲର୍ସ ସାମିଲ ହୋଇଥିଲେ।

# ୨୫ରେ ଖୋଲିବ ଏସ୍‌ଏସ୍‌ଟିଏଲ୍‌ର ଆଇପିଓ

ଭୁବନେଶ୍ୱର,୨୨।୬

ସମ୍ଭବ ଷ୍ଟିଲ୍ ଟ୍ୟୁବ୍‌ସ ଲିମିଟେଡ୍ (ଏସ୍‌ଏସ୍‌ଟିଏଲ୍)ର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୫ ଜୁନ୍ ୨୫ରେ ଖୋଲିବ। ଏହି ଅଫରର ମୋଟ୍ ଆକାର ୫୪୦ କୋଟି ଟଙ୍କା ରହିଛି। ସେଥିରୁ ୪୪୦ କୋଟି ଟଙ୍କାର ନୂଆ ଇକ୍ୱିଟି ଶେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ଅଂଶଧନକାରୀମାନେ ୧୦୦ କୋଟି ଟଙ୍କାର ଇକ୍ୱିଟି ଶେୟାର୍ ବିକ୍ରି କରିବେ। ସେହିଭଳି ଏହାର ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ବିଡ୍ ଦାଖଲ କରିପାରିବେ। ଏପରିକି ୨୦୨୫ ଜୁନ୍ ୨୭ରେ ଏହି ଆଇପିଓର ବିଡ୍ ଦାଖଲ ଶେଷ ହେବ। ଏହି ଅଫର୍‌ରେ ଇକ୍ୱିଟି ଶେୟାର ପିଛା ଦାମ୍ ୭୭ଟଙ୍କାରୁ ୮୨ ଟଙ୍କା ମଧ୍ୟରେ ରହିଛି, ନିବେଶକମାନେ ସର୍ବନିମ୍ନ ୧୮୨ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୧୮୨ଟି ଲେଖାଏଁ ଇକ୍ୱିଟି ଶେୟାର ଯୋଡ଼ିପାରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ତାହାକୁ କମ୍ପାନୀ ହାସଲ କରିଥିବା କିଛି ଋଣକୁ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବ।

# ପ୍ରକୃତି ଯୋଗ ଭୂମିର ଶୁଭାରମ୍ଭ




ଭୁବନେଶ୍ୱର,୨୨।୬: (ଅଭୟ ଦାଶ)

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ଲିମିଟେଡର ବହୁ ପ୍ରତୀକ୍ଷିତ ପ୍ରକଳ୍ପ 'ପ୍ରକୃତି ଯୋଗ ଭୂମି'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ନାଲ୍‌କୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷ କରି ସୁସ୍ଥତା ଏବଂ ଯୋଗାଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନାଲ୍‌କୋ ପକ୍ଷରୁ ପୁରୀର ମହାତ୍ମା ଗାନ୍ଧୀ ପାର୍କ ପରିସରରେ ଏକ ଯୋଗ ମଣ୍ଡପ 'ପ୍ରକୃତି ଯୋଗ ଭୂମି'ର ଆରମ୍ଭ କରାଯାଇଛି। ସେହିଭଳି ନାଲ୍‌କୋ ଦ୍ୱାରା ବିକଶିତ ଓ ପରିଚାଳିତ 'ମହାତ୍ମା ଗାନ୍ଧୀ ପାର୍କ' ପୁରୀର ସମସ୍ତ ବର୍ଗର ନାଗରିକମାନଙ୍କ ପାଇଁ ଏକ ଲୋକପ୍ରିୟ ସ୍ଥାନ ପାଲଟିଛି। ଏହି ପାର୍କକୁ ଅଞ୍ଚଳବାସୀ ଜଗିଂ, ସକାଳ ଏବଂ ସନ୍ଧ୍ୟା ଭ୍ରମଣ ତଥା ବ୍ୟାୟାମ ନିମନ୍ତେ ଆସିଥାନ୍ତି। ଏପରିକି ଯୋଗ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ପ୍ରକୃତି ଯୋଗ ଭୂମି' ସ୍ୱାସ୍ଥ୍ୟ ସଚେତନ ଜନସାଧାରଣ, ବରିଷ୍ଠ ନାଗରିକ ଓ ଯୁବବର୍ଗଙ୍କୁ ଉତ୍ସାହିତ କରିଛି। ସେହିପରି ଏକ ଶାନ୍ତ ଓ ପ୍ରାକୃତିକ ପରିବେଶରେ ଯୋଗାଭ୍ୟାସ କରିବା ନିମନ୍ତେ ଏହି ସ୍ଥାନ ପ୍ରେରଣା ଯୋଗାଇବ।

# କ୍ୟୁଆଇପି ଜରିଆରେ ପାଣ୍ଠି ସଂଗ୍ରହ

ଭୁବନେଶ୍ୱର,୨୨।୬

ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ପକ୍ଷରୁ କ୍ୱାଲିଫାଏଡ୍ ଇନଷ୍ଟିଚ୍ୟୁସନ୍ସ ପ୍ଲେସ୍‌ମେଣ୍ଟ (କ୍ୟୁଆଇପି) ଜରିଆରେ ୨୦୦୫.୯୦ କୋଟି ଟଙ୍କା ହାସଲ କରାଯାଇଛି। ଏପରିକି ଶେୟାର ପିଛା ୧୬୫.୧୪ ଟଙ୍କା ହିସାବରେ ୧୨.୧୫ କୋଟି ଶେୟାର ଜାରି କରି କମ୍ପାନୀ ଏହି ପାଣ୍ଠି ସଂଗ୍ରହ କରିଛି। ଶେୟାର ପିଛା ୧୬୫.୧୪ ଟଙ୍କାର ଇସ୍ୟୁ ମୂଲ୍ୟ ହେଉଛି, ଶେୟାର ପିଛା ୧୭୩.୮୩ ଟଙ୍କାର ଫ୍ଲୋର୍ ମୂଲ୍ୟର ୫% ରିହାତି ବୋଲି କୁହାଯାଉଛି। ସେହିଭଳି ଉଭୟ ଘରୋଇ ଓ ବୈଦେଶିକ ଯୋଗ୍ୟ ସଂସ୍ଥାଗତ ଗ୍ରାହକ(କ୍ୟୁଆଇବି)ଙ୍କ ଠାରୁ ଏହା ଜବରଦସ୍ତ ସମର୍ଥନ ହାସଲ କରିଥିଲା। ସେଥିରେ ବୀମା କମ୍ପାନୀ, ସିଡ୍ୟୁଲ୍‌ଡ କମର୍ସିଆଲ୍ ବ୍ୟାଙ୍କ ଓ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ସାମିଲ ଥିଲେ। ବୋର୍ଡ ପକ୍ଷରୁ ଇକ୍ୱିଟି ଶେୟାରକୁ ଯୋଗ୍ୟ ସଂସ୍ଥାଗତ ଗ୍ରାହକଙ୍କୁ ଆବଣ୍ଟନ କରାଯାଇଥିଲା। ଏହି କ୍ୟୁଆଇପି ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲାବେଳେ ୧୫୦୦କୋଟି ଟଙ୍କାର ଆଧାର ଆକାର ତୁଳନାରେ ୨୦୦୫.୯୦ କୋଟି ଟଙ୍କାର ବିଡ୍ ହାସଲ କରିଥିଲା। ଏହା ୧.୩୪ ଗୁଣା ଅଧିକ ବୋଲି କୁହାଯାଉଛି। ଏହି ପାଣ୍ଠି ଇରେଡାର ଟାୟାର-୧ ପୁଞ୍ଜି ଓ ସାମଗ୍ରିକ ପୁଞ୍ଜି ସ୍ୱଚ୍ଛଳତା ହାର (ସିଏଆର୍)କୁ ସମର୍ଥନ କରିବ ବୋଲି କୁହାଯାଉଛି। ଏହା ଭାରତର ଅକ୍ଷୟ ଶକ୍ତି କ୍ଷେତ୍ରକୁ ସହାୟତା ପ୍ରଦାନ କରିବା ଲାଗି କମ୍ପାନୀର କ୍ଷମତାରେ ଉନ୍ନତି ଆଣିବ। ଏ ସମ୍ପର୍କରେ ଇରେଡାର ସିଏମଡି ପ୍ରଦୀପ କୁମାର ଦାସ କହିଛନ୍ତି, କ୍ୟୁଆଇପି ଜରିଆରେ ସଂଗ୍ରହ ହୋଇଥିବା ପାଣ୍ଠି ପାଇଁ ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ୨୦୨୩ ନଭେମ୍ବରରେ ଆମ ଆଇପିଓର ଅଳ୍ପ ସମୟ ପରେ, ଏହି କ୍ୟୁଆଇପି ସଫଳତାର ସହ ସମ୍ପନ୍ନ ହୋଇଛି।




ପତଞ୍ଜଳି ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ହରିୟାଣାଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ଯୋଗପୀଠର ପ୍ରମୁଖ ତଥା ଯୋଗଗୁରୁ ସ୍ୱାମୀ ରାମଦେବଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ହରିୟାଣାର ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ, ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନି, କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲଙ୍କ ସମେତ ଆଚାର୍ଯ୍ୟ ବାଲକ୍ରିଷ୍ଣା ଓ ଅନ୍ୟମାନେ ସାମିଲ ହୋଇ ଯୋଗ କରିଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନିଙ୍କୁ ରାମଦେବ ସମ୍ମାନିତ କରିଛନ୍ତି।

# ବୀମା କ୍ଷେତ୍ରରେ ଡିଜିଟାଲ ପ୍ରକ୍ରିୟାକରଣ

ଭୁବନେଶ୍ୱର,୨୨।୬

ଦେଶର ଅଗ୍ରଣୀ ବୀମା ପ୍ଲାଟଫର୍ମ ତଥା ପଲିସି ବଜାର ଫର୍ ବିଜ୍‌ନେସର ନୂତନ ଉତ୍ପାଦ 'ଏନ୍‌ରୁଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ପ୍ଲାଟଫର୍ମ ଭାରତୀୟ ବ୍ୟବସାୟଗୁଡ଼ିକୁ ସଶକ୍ତ କରିବା ପାଇଁ ଏକ ରଣନୈତିକ ପଦକ୍ଷେପ ସ୍ୱରୂପ ଏହି ନୂତନ ସୁବିଧା 'ଏନ୍‌ରୁଟ'କୁ ବଜାରରେ ପ୍ରଚଳନ କରାଇଛି। ସେହିଭଳି ଏହା ଏକ ଡିଜିଟାଲ ପ୍ଲାଟଫର୍ମ ହୋଇଥିଲାବେଳେ ଏହା ସାମୁଦ୍ରିକ ପରିବହନ ବୀମା ଘୋଷଣା, ପ୍ରମାଣପତ୍ର ଏବଂ ପଲିସି ଅପଡେଟ ପାଇଁ ସମୟକୁ ଦିନରୁ ମାତ୍ର ସେକେଣ୍ଡକୁ ହ୍ରାସ କରିଥାଏ। ଏପରିକି ଏହି ସମଗ୍ର ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଓସିଆର-ବେସ୍‌ଡ ଅପଲୋଡ୍‌ସ ଏବଂ ହ୍ୱାଟ୍‌ସଆପ୍ ଏକୀକରଣର ଉପଯୋଗ କରିଥାଏ।

ଏ ସମ୍ପର୍କରେ ପଲିସି ବଜାର ଫର୍ ବିଜନେସର ନିର୍ଦ୍ଦେଶକ ସଜ୍ଞା ପ୍ରବୀଣ ଚୌଧୁରୀ କହିଥିଲେ, ଭାରତରେ ସାମୁଦ୍ରିକ ବୀମା ବ୍ୟବହାରକାରୀ ଅଭିଜ୍ଞତା, ଗତି ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ବହୁ ଦିନ ଧରି ଅନୁପଯୁକ୍ତ ରହିଛି। ଏନ୍‌ରୁଟ ସହିତ ଆମେ ବ୍ୟବସାୟ ପାଇଁ ପ୍ରକୃତ କାର୍ଯ୍ୟକ୍ଷମ ସମସ୍ୟାର ସମାଧାନ କରୁଛୁ, ତାହା ପରିବହନ ଘୋଷଣା ପ୍ରକ୍ରିୟାକୁ ଅସୁବିଧା ମୁକ୍ତ କରିବା, ଶୀଘ୍ର ପ୍ରମାଣପତ୍ର ପ୍ରଦାନ କରିବା କିମ୍ବା ପଲିସିକୁ ଦକ୍ଷତାର ସହିତ ପରିଚାଳନା କରିବା ପାଇଁ ପ୍ରସ୍ତୁତି କରାଯାଇଛି। ଏହା କେବଳ ଆରମ୍ଭ ପ୍ରଯୁକ୍ତିବିଦ୍ୟା ହୋଇଥିଲାବେଳେ କିପରି ବାଣିଜ୍ୟିକ ବୀମାକୁ ସରଳ କରିପାରିବ, ସେ ନେଇ ଆମେ ଯୋଜନା ପ୍ରସ୍ତୁତ କରିଛୁ ବୋଲି ପ୍ରବୀଣ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ସୁସ୍ଥ ହେଲେ ଦାରୁଦିଅଁ, ଗଜପତିଙ୍କୁ ଖବର ଦେଲେ ଦଇତାପତି ସେବକ


## ଜନ୍ମଦିନ ଶୁଭେଚ୍ଛା



ଡ. ମୁକ୍ତିକାନ୍ତ ମିଶ୍ର
(ପ୍ରତିଷ୍ଠାତା: ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ)

ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନବସର, ମହାବୀର ଜୟନ୍ତୀ ଅବସରରେ ଆପଣଙ୍କ ୬୦ତମ ଶୁଭ ଜନ୍ମଦିନ ଉପଲକ୍ଷେ ସମସ୍ତ ବନ୍ଧୁ ଓ ପରିବାରବର୍ଗଙ୍କ ତରଫରୁ ଈଶ୍ୱରଙ୍କ ନିକଟରେ ଦୀର୍ଘାୟୁକାମନା କରୁଛି।

ଶୁଭେଚ୍ଛା ସହ :
ଦୁର୍ଗାମାଧବ ବଳିଆର ସିଂ

ଧ-୭୬୯୨୫


## ଫାର୍ମାସିରେ ଡକ୍ଟରେଟ୍ ଲାଭ



ଶ୍ରୀ ଶ୍ରୀଧର ରଞ୍ଜନ ଦାସ Biju Patnaik University of Technology (BPUT), Rourkelaରୁ ଫାର୍ମାସି ବିଭାଗରେ କୃତିତ୍ୱ ସହ (Ph.D) ଉପାଧି ଲାଭ କରିଛନ୍ତି। Einstein College of Pharmacy, Khurdaର Prof. (Dr.) Bibhuti Bhusan Panigrahi ଏବଂ I.G.I.P.S., Bhubaneswarର Prof. (Dr.) Manoj Kumar Paniଙ୍କ ତତ୍ତ୍ୱାବଧାନରେ "Formulation and Evaluation of Novel Bilayer Floating Tablet by using Selective Drugs as GRDDS" ଉପରେ ଗବେଷଣା କରିଥିବା ସନ୍ଦର୍ଭଟି Examiner, Prof. (Dr.) Satyabrata Bhanja, RITEE College of Pharmacy, Raipur ଏବଂ Dr. Rakesh Gupta, Vaish Institute of Pharmaceutical Education, Rohtak, Haryanaଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶ୍ରୀଧର ରଞ୍ଜନ ଦାସ ବର୍ତ୍ତମାନ S.I.P.E.R., Cuttack ଠାରେ Associate Professor ଭାବେ କାର୍ଯ୍ୟରତ ଥିବା ସହ ତାଙ୍କର ଗବେଷଣାତ୍ମକ କାର୍ଯ୍ୟ ପାଇଁ ବିଦେଶର ଅନେକ ଗବେଷଣା ସଂସ୍ଥା ଦ୍ୱାରା ପ୍ରଶଂସିତ ହେବାରେ ସୌଭାଗ୍ୟ ଲାଭ କରିଛନ୍ତି। ସେ ଅନେକ ବହୁ ପ୍ରତିଷ୍ଠିତ ଗବେଷଣାତ୍ମକ ପ୍ରକ୍ରିୟା ପ୍ରକାଶକ ସଂସ୍ଥାରେ ସମୀକ୍ଷକ ଭାବେ କାର୍ଯ୍ୟ କରି ଦେଶ ଏବଂ ବିଦେଶରେ ପ୍ରତିଷ୍ଠା ଲାଭ କରିଛନ୍ତି। ଡ. ଶ୍ରୀଧର ରଞ୍ଜନ ଦାସ କଟକ ଜିଲ୍ଲାର ଯଶପଡ଼ା ନିବାସୀ, ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଯୁକ୍ତ ସୁଦାମ ଚରଣ ଦାସ ଏବଂ ଶ୍ରୀମତୀ ବାସନ୍ତୀ ଦାସଙ୍କ ମଧ୍ୟମ ପୁତ୍ର ଅଟନ୍ତି। ସେ ପିଙ୍ଗୁଆ, ଢେଙ୍କାନାଳ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଦୁଃଶାସନ ବେହେରା ଏବଂ ଶ୍ରୀମତୀ କୁନି ବେହେରାଙ୍କ ଏକମାତ୍ର ଜାମାତା ଅଟନ୍ତି। ସେ ଏହି କାର୍ଯ୍ୟର ସଫଳତାର ଶ୍ରେୟ ପ୍ରଭୁ ଶ୍ରୀଜଗନ୍ନାଥ, ଝଙ୍କଡ଼ ବାସିନୀ ମା' ଶାରଳା, ପିତାମାତା, ପରିବାର, ବନ୍ଧୁ, ପରିଜନ ତଥା ଗବେଷଣା ପାଇଁ ଉତ୍ସାହିତ କରିଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିଛନ୍ତି।

ଧ-୧୦୩୭

ପୁରୀ,୨୨।୬(ଅଜିତ୍ କୁମାର ମହାନ୍ତି)

ଆଷାଢ କୃଷ୍ଣପକ୍ଷ ଦ୍ୱାଦଶୀ ଅବସରରେ ରବିବାର ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଦାରୁଦିଅଁ ସୁସ୍ଥ ହେବା ଖବର ଦଇତାପତି ସେବକ ରାଜନଅର ଯାଇ ଗଜପତି ମହାରାଜାଙ୍କୁ ସୂଚନା ଦେବା ସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ଯାହାକୁ ରାଜପ୍ରସାଦ ବିଜେ ନୀତି ବୋଲି କୁହାଯାଏ। ସୂଚନାଯୋଗ୍ୟ ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନବେଦିରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଥିଲେ। ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ଦଇତା ଓ ପତିମହାପାତ୍ର ସେବକ ଗୁପ୍ତ ସେବା କରୁଥିଲେ। ପର୍ଯ୍ୟାୟକ୍ରମେ ଅଣସରର ପଞ୍ଚମୀ ତିଥିରେ ଫୁଲୁରି ତେଲ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି ହୋଇଥିଲା। ପରେ ଖଳିଲାଗି ଏକାଦଶୀରେ ତୁଳସୀ ସହ ଦଶମୂଳ ମୋଦକ ମଧ ଲାଗି କରାଯାଇଥିଲା। ଏହାପରେ ଦାରୁଦେବତା ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଦ୍ୱାଦଶୀ ତିଥିରେ ଅଣସରରେ ଥିବା ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜନଅରକୁ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ସକାଳଧୂପ ସମ୍ପନ୍ନ ହୋଇ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଦଇତାପତି ସେବକ ଅଣସର ଘର ଖୋଲି ଭିତରକୁ ପ୍ରବେଶ କରିଥିଲେ। ଭଣ୍ଡାର ମେକାପ ଦେଇଥିବା ପାଟବସ୍ତ୍ର ପଡିଥିବା ରୁପାଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇକରି ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଡିଆରୀ ପକାଇଥିବା କପଡ଼ା ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ପରେ ଘଣ୍ଟ, ଛତା, କାହାଳୀ ସହ ଥାଳିଗୁଡ଼ିକୁ ଦଇତା ଓ ପତିମହାପାତ୍ର ସେବକ ଗଜପତି ମହାରାଜଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ଏକ ପଟୁଆରରେ ଯାଇଥିଲେ। ଶ୍ରୀନଅର ରାଜବାଟୀରେ ପଡିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିଙ୍କୁ ଶାଢି ବନ୍ଧେଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢି ବନ୍ଧାଇବା ପରେ ଦାରୁବିଗ୍ରହ ସୁସ୍ଥ ହେବା ଖବର ଜଣାଇଥିଲେ। ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର କାର୍ଯ୍ୟ ସହ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ପରେ ଦଇତାପତି ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ। ସେହିପରି ତ୍ରୟୋଦଶୀ ସୋମବାର ଅବସରରେ ଶ୍ରୀବିଗ୍ରହଙ୍କୁ ଘଣା ଲାଗି କରାଯିବ।

## ଶ୍ରୀନଅରକୁ ରାଜପ୍ରସାଦ ବୀଜେ ନୀତି ସମ୍ପନ୍ନ



ଶ୍ରୀନଅରକୁ ରାଜପ୍ରସାଦ ବିଜେ କରିବା ପରେ ରାଜଗୁରୁ ଦଇତାପତି ଆଣିଥିବା ମହାପ୍ରଭୁଙ୍କ ଚନ୍ଦନକରାଳ ଆଦିକୁ ଗଜପତିଙ୍କୁ ସମର୍ପଣ କରୁଛନ୍ତି।



ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଅଣସରରେ ଦରଜି ସେବା

ମହାପ୍ରଭୁଙ୍କ ସେବା ମଧରେ ଅନ୍ୟତମ ଦରଜି ସେବା। ଏହି ସେବା ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପାସନାର ଗୋଟିଏ ଆବଶ୍ୟକ ସେବା ହେଉଛିଦରଜିସେବା।ଏସମ୍ପର୍କରେଶ୍ରୀମନ୍ଦିରସ୍ୱତ୍ୱଲିପିରେଉଲ୍ଲେଖରହିଛି।ମହାପ୍ରଭୁଙ୍କ ବାରମାସର ତେର ଯାତ୍ରାରେ ଦରଜିଙ୍କର ବ୍ୟାପକ ସେବା ରହିଛି। ସେବା ପାଇଁ ଗଜପତିଙ୍କ ଶାସନ ସମୟରେ ଦରଜିଙ୍କୁ 'ସନନ୍ଦ' ପ୍ରଦାନ ପଠାଯାଉଥିଲା। ଗଜପତିଙ୍କ ହୁକୁମନାମା ବା ସନନ୍ଦ ପାଇଥିବା ଦରଜିଙ୍କୁ ସରକାରୀ ଦରଜି କୁହାଯାଉଥିଲା। ଦେଉଳକରଣଙ୍କ ନିକଟରେ ଗଜପତିଙ୍କ ଏକ ପ୍ରାଚୀନ ହୁକୁମନାମା ରହିଛି। ଏହି ହୁକୁମନାମା ଅନୁଯାୟୀ ସରକାରୀ ଦରଜିମାନେ ପ୍ରାଚୀନକାଳରେ ଶ୍ରୀମନ୍ଦିର ନୀଳଚକ୍ରରେ ବନ୍ଧାଯାଉଥବା ପତିତପାବନ ବାନା ବା ଧ୍ୱଜା ତିଆରି କରି ବିକ୍ରି କରିବାର ଅଧିକାର ପାଇଥିଲେ। ତେବେ ଅଣସର ସମୟରେ ଦରଜିଙ୍କର କେତେକ ଗୁରୁତ୍ୱପୂର୍ଣ ସେବା ରହିଛି। ମହାପ୍ରଭୁଙ୍କ ଚକାଅପସର ନୀତି ନିମନ୍ତେ ଦରଜିମାନେ କପଡ଼ାରେ ଚକ ସିଲେଇ କରିଥାନ୍ତି। ଏହାବ୍ୟତୀତ ସେନାପଟା କପଡ଼ା ସିଲେଇ କରିଥାନ୍ତି। ଅଣସର ସେବା ବ୍ୟତୀତ ରଥ ନିର୍ମାଣ, ଚନ୍ଦନ ଚାପ, ମହାପ୍ରଭୁଙ୍କ ଲାଗି ଲୁଗା, ଓଢ଼ଣଷଷ୍ଠୀ, ଦଶ ଅବତାରଙ୍କ ହଡ଼ପ ମୁଣା, ତଡ଼ଉପେଡ଼ା, ଆଲଟ-ଚାମର, ତ୍ରାସ ସିଲାଇ କାମ ଦରଜି ସେବକମାନେ କରିଥାନ୍ତି। କୁମାରପୂର୍ଣ୍ଣମୀ, ଦୋଳପୂର୍ଣ୍ଣମୀରେ ଦରଜିମାନେ ସ୍ୱତନ୍ତ୍ର ସିଲେଇ କାମ କରିଥାନ୍ତି। ରଥଯାତ୍ରା ସମୟରେ ଏମାନେ ସବୁଠାରୁ ଅଧିକ ଦିନ ସେବା କାର୍ଯ୍ୟ କରିଥାନ୍ତି । ରତ୍ନବେଦି ଉପରେ ବନ୍ଧାଯାଉଥିବା 'କନକମୁଣ୍ଡି' ଚାନ୍ଦୁଆ ପ୍ରସ୍ତୁତିରେ ଦରଜି ସେବକଙ୍କ କଳାକୌଶଳର ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ।

# ବିଧବାଙ୍କ ସ୍ୱରକୁ ଦୃଢ଼ କରାଯାଉ

## ଆଜି ଅନ୍ତର୍ଜାତୀୟ ବିଧବା ଦିବସ



ଘର ସଂସାର କରି ଜୀବନକୁ ଖୁସିରେ ବିତାଇବାକୁ ପ୍ରାୟ ମହିଳାଙ୍କର ଆଶା ଥାଏ। କିନ୍ତୁ କେତେକ ପରିସ୍ଥିତିରେ ଏଭଳି ଆଶାରେ କଳା ବାଦଲ ମାଡ଼ିଆସେ। ସ୍ୱାମୀଙ୍କର ମୃତ୍ୟୁ ପରେ ସେମାନଙ୍କୁ ବିଧବା ଜୀବନ କଟାଇବାକୁ ପଡ଼ିଥାଏ। ଆଉ ଏଭଳି ଜୀବନରେ ବି କେତେକ ସମସ୍ୟା ଆସିଥାଏ। କିନ୍ତୁ ଏଗୁଡ଼ିକ ପ୍ରତି ଧ୍ୟାନ ଦେବା ସହ ତା'ର ସମୁଚିତ ସମାଧାନର ଆବଶ୍ୟକତା ମଧ୍ୟ ରହିଛି। ତେବେ ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁନ୍ ୨୩ ତାରିଖକୁ 'ଅନ୍ତର୍ଜାତୀୟ ବିଧବା ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ବିଶ୍ୱବ୍ୟାପୀ ବିଧବାମାନଙ୍କର ସମସ୍ୟାଗୁଡିକର ସମାଧାନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ଉଦ୍ୟମ ଜାରୀ ରହିଛି। ଅବଶ୍ୟ ଲୁମ୍ବା ଫାଉଣ୍ଡେଶନ ପକ୍ଷରୁ ୨୦୦୫ରେ ପ୍ରଥମ ଥର ପାଇଁ ବିଧବା ଦିବସ ପାଳନ କରାଯାଇଥିଲା। ୨୦୧୦ରେ ମିଳିତ ଜାତିସଂଘ ଜୁନ୍ ୨୩ରେ ଏହି ଦିବସ ପାଳନକୁ ସ୍ୱୀକୃତି ଦେଇଥିଲେ। ସୂଚନାଯୋଗ୍ୟ ଲୁମ୍ବା ଫାଉଣ୍ଡେଶନର ପ୍ରତିଷ୍ଠାତା ଲର୍ଡ ରାଜ ଲୁମ୍ବାଙ୍କ ମା' ପୁଷ୍ପାବତୀ ଲୁମ୍ବା ଜୁନ୍ ୨୩ରେ ବିଧବା ହୋଇଥିଲେ। ତେବେ ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି, 'ବିଧବାଙ୍କ ସ୍ୱରକୁ ଦୃଢ଼ କରାଯାଉ'। ଏକ ଆକଳନରୁ ଜଣାପଡିଛି ଯେ, ସମଗ୍ର ବିଶ୍ୱରେ ପ୍ରାୟ ୨୪୫ ମିଲିୟନ ବିଧବା ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୧୧୫ ମିଲିୟନ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରୁଛନ୍ତି। ତେଣୁ ସେମାନେ କିପରି ଭଲ ଭାବରେ ଜୀବନ ବିତାଇ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର। ଅବଶ୍ୟ ଏହି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧବାମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯିବା ସହ ସେଗୁଡ଼ିକ ସମାଧାନ ପାଇଁ ବିଚାର ଆଲୋଚନା କରାଯାଇଥାଏ।



# Classified Everyday
0674-2580101, 9692975378



REAL ESTATE
SALE

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950



2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990





Positively health benefits SPA expert female therapist homely atmosphere. 8658088274. D-974

Newly open health benefits SPA by expert therapist. Contact- 8280961126. D-76924

Newly open spa positively health benefits (Expert therapist). Contact: 7749034655 D-76922

Newly open Jyoti SPA positively health benefits (expert therapist). 8458067955. D-76923

AFFIDAVIT

By virtue of an affidavit sworn before Magistrate, BBSR, dated- 21.06.25, I, Mukesh Pradhan, Address: At- Christapur, P.O.- Chelagada, Dist.- Gajapati, PIN- 761017, declare that I have changed my son's name from Prince Pradhan to Pradeep Pradhan. Henceforth, he shall be known as Pradeep Pradhan for all purposes.
Mukesh Pradhan
D- 1033

I, Sunita Agarwal, D/o Dwarika Prasad Modi, W/o Sachin Agarwal, At- Classic Apartment, flat-1(B), first floor, Sahebzada Bazar, Ganesh Ghat, P.O.- Chandinichowk, P.S.- Lalbag, Dist.- Cuttack, 753002 hereby declare by the affidavit No.- 5062, dt- 21.06.25 that after Married to Sachin Agarwal I have changed my surname Modi to Agarwal. So Sunita Agarwal and Sunita Modi is one and same person. D-1039

I, Jyoti Sharma, W/o Asish Sharma, At- Hemraj Lane, Nayasadak, P.O.- Chandini Chouk, P.S.- Lalbag, Dist.- Cuttack, declare by an affidavit before Notary Public, Cuttack Dt- 18.06.25 that name of my husband is Asish Sharma. Asish Sharma and Asish Kumar Sharma is one and same person. D-1040

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

IR No.- 955/ date- 10.06.25

ମାନ୍ୟବର ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍., ଅତିରିକ୍ତ କମିଶନର, ରିଭିଜନାଲ କୋର୍ଟ ନଂ.-୨, ୪ର୍ଥ ମହଲା, ନଅତାଲା, ୟୁନିଟ୍-୫, ଭୁବନେଶ୍ୱର, ଜି-ଖୋର୍ଦ୍ଧା

ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା ୧୫ (ଖ) ମୁତାବକ
ଓ.ଏସ୍.ଏସ୍. କେସ୍ ନମ୍ବର- ୮୧/୨୦୨୩
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପୁଷ୍ପାଞ୍ଜଳି ମହାପାତ୍ର, ସ୍ୱା- ପ୍ରକାଶ ନାରାୟଣ ଭଣ୍ଡାରେ ...ବାଦୀ
ବନାମ
ବନ୍ଦୋବସ୍ତ ଅଫିସର ଏବଂ ଓଗେର ...ପ୍ରତିବାଦୀ

ପ୍ରାପ୍ତେଷୁ,
ପ୍ରତିବାଦୀ ନଂ.-୨- ରଙ୍ଗଲତା ସାହୁ, ସ୍ୱା- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୫- ଚିତ୍ତରଞ୍ଜନ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୭- ବିନୋଦିନୀ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୮- ଆହ୍ଲାଦିନୀ ସାହୁ, ପି- ବଂଶୀଧର ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୧୦- ଭକ୍ତି ରଞ୍ଜନ ସାହୁ, ପି- କାଳୀଚରଣ ସାହୁ, ସା- ଗମେଇ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା

ନୋଟିସ
ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ

ପ୍ରତିବାଦୀ ନଂ.-୨- ରଙ୍ଗଲତା ସାହୁ, ସ୍ୱା- ବଂଶୀଧର ସାହୁ, ପ୍ରତିବାଦୀ ନଂ.-୫- ଚିତ୍ତରଞ୍ଜନ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ.-୭- ବିନୋଦିନୀ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ. ୮- ଆହ୍ଲାଦିନୀ ସାହୁ, ପି- ବଂଶୀଧର ସାହୁ, ପ୍ରତିବାଦୀ ନଂ. ୧୦- ଭକ୍ତି ରଞ୍ଜନ ସାହୁ, ପି- କାଳୀ ଚରଣ ସାହୁ, ସମସ୍ତ ପ୍ରତିବାଦୀ ସା- ଗମେଇ, ପୋ- ଗଙ୍ଗପଡ଼ା, ଥାନା- ଚନ୍ଦକା, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା ଅଟନ୍ତି। ଯେହେତୁ ଏହି ପ୍ରତିବାଦୀଙ୍କ ନିକଟକୁ ମାନ୍ୟବର କୋର୍ଟଙ୍କର ନୋଟିସ୍ ଯିବାରେ ପ୍ରତିବାଦୀମାନେ ଉକ୍ତ ଠିକଣାମାନଙ୍କରେ ରହୁନଥିବାରୁ ନୋଟିସ୍ ଫେରସ୍ତ ଆସିଅଛି ସୁତରାଂ ପ୍ରତିବାଦୀଙ୍କର ଅବଗତି ନିମନ୍ତେ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ କମିଶନରଙ୍କ ଅଦାଲତ ଇଜିଲାସରେ ଭୁବନେଶ୍ୱର ସ୍ଥିତ ନଅତାଲା କୋଠା କାର୍ଯ୍ୟାଳୟରେ ଆସନ୍ତା ତା୨୨।୦୭।୨୦୨୫ରିଖ ଦିବା ୧୧:୧୫ ମିନିଟ୍ ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିଜମା ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ:-ଜଟଣୀ, ମୌଜା:- ନୀଳକଣ୍ଠପୁର, ହାଲ ଖାତା ନଂ- ୭୮, ହାଲ ପ୍ଲଟ ନଂ.- ୩୩୩, ସମୁଦାୟ ଏରିଆ:- ଏ ୦.୦୫୫ କରେସ୍ପଣ୍ଡିଙ୍ଗ୍ ଟୁ ସାବିକ ଖାତା ନଂ. ୮୦, ସାବିକ ପ୍ଲଟ ନଂ. ୨୫୫ (ସବ୍ ପ୍ଲଟ୍- ୪୮- ଏରିଆ:- ଏ ୦.୦୨୭.୫ ଓ ସବ୍ ପ୍ଲଟ୍- ୪୯, ଏରିଆ:- ଏ ୦.୦୨୭.୫) ସମୁଦାୟ ଏରିଆ:- ଏ ୦.୦୫୫ ସର୍ବମୋଟ ଏ ୦.୨୯୦ଡି ମଧ୍ୟରୁ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ- ୨, ୫, ୭, ୮ ଓ ୧୦ ମାନେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସ୍‌ରେ ଉପସ୍ଥିତ ରହି ମୋକଦ୍ଦମା ଶୁଣାଣିରେ ଅଂଶଗ୍ରହଣ କରିବେ ଯଦି ୱାରସ୍ ପ୍ରତିବାଦୀମାନଙ୍କର ଆପତ୍ତି ଅଭିଯୋଗ ତଥା କାଗଜାତ ପ୍ରମାଣ କରିବାର ଥାଏ ତାହା କୋର୍ଟଙ୍କୁ ଜଣାଇବେ। ଅନ୍ୟଥା ନିୟମ ଅନୁଯାୟୀ ଉପରଲିଖିତ ମୋକଦ୍ଦମାକୁ ବିଚାର କରାଯିବ।

ଭୁବନେଶ୍ୱର
ତା:

ଅତିରିକ୍ତ କମିଶନର ରିଭିଜନାଲ କୋର୍ଟ ନଂ- ୨, ୪ର୍ଥ ମହଲା, ନଅତାଲା କୋଠା, ୟୁନିଟ- ୫, ଭୁବନେଶ୍ୱର, ଜି- ଖୋର୍ଦ୍ଧାଙ୍କ ଅନୁମୋଦନ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୦୩୮

## ମନେ ପଡ଼ନ୍ତି

### ତୃତୀୟ ଶ୍ରାଦ୍ଧବାର୍ଷିକୀ



୰ଦୋଳଗୋବିନ୍ଦ ଷଡ଼ଙ୍ଗୀ
ଅବସରପ୍ରାପ୍ତ ଓଡ଼ିଶା ରାଜ୍ୟ ଶିଳ୍ପ ଉପନିର୍ଦ୍ଦେଶକ
ଆବିର୍ଭାବ- ୧୦।୦୩।୧୯୩୯
ତିରୋଧାନ- ୨୬।୦୬।୨୦୨୨
(ଆଷାଢ଼ କୃଷ୍ଣପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ନିଃସ୍ୱାର୍ଥପର ସେବା ମନୋଭାବ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣ ସର୍ବଦା ଆମ୍ଭମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ। ପତ୍ନୀ ବିୟୋଗ ପରେ ଭୁବନେଶ୍ୱରସ୍ଥିତ ରତ୍ନପ୍ରଭା ଦେବୀ ମେମୋରିଆଲ ଟ୍ରଷ୍ଟର ସ୍ଥାପନା ଓ ଏହାର ଏକକ ସଂସ୍ଥାପକ ଅଧ୍ୟକ୍ଷ ଭାବେ ଆପଣଙ୍କ କାର୍ଯ୍ୟ ସମ୍ପାଦନ ଅବିସ୍ମରଣୀୟ ତଥା ପ୍ରେରଣାଦାୟୀ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ- ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୦୩୬

### ଦଶାହ ଉପଲକ୍ଷେ



୰ଗୀତାଞ୍ଜଳି ସେଠୀ (ମାମି)
କାସିଆ, ବଳଙ୍ଗା, ନିମାପଡ଼ା
ଆବିର୍ଭାବ: ୧୧।୦୬।୧୯୭୦
ତିରୋଧାନ: ୧୪।୦୬।୨୦୨୫

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ, ସ୍ୱର୍ଗବାସ ଶାନ୍ତିଦାୟକ ହେଉ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ହତଭାଗ୍ୟ ସ୍ୱାମୀ: ଗୋକୁଳାନନ୍ଦ ଓ ପରିବାରବର୍ଗ
ଧ-୧୦୩୪

### ଏକାଦଶାହ ଉପଲକ୍ଷେ



୰ଦ୍ରୌପଦୀ ବେହେରା
ସ୍ଥାନ: ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୪।୧୧।୧୯୪୪
ତିରୋଧାନ: ୧୩।୦୬।୨୦୨୫

ଚାହୁଁ ଚାହୁଁ ଦଶ ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର- ସନ୍ତୋଷ ବେହେରା, ପୁତ୍ରବଧୂ- ଶାନ୍ତି ବେହେରା, ନାତି- ବିଜୁ, ଅଜୁ, ଜାକେଶ, ମାନସ, ଦିନେଶ, ସୋନୁ, ସାନୁ, ନାତୁଣୀ- ସାଗରିକା, ସ୍ୱାଗତିକା, ଶ୍ରୀୟାଂଶୀ ଏବଂ ପରିବାରବର୍ଗ
ଧ-୧୦୧୬


Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଡାଇରିଆ : କାରଣ, ପ୍ରତିକାର


ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ଝାଡ଼ାବାନ୍ତି ବା ଡାଇରିଆ ପ୍ରାୟତଃ ବର୍ଷା ଦିନେ ଅଧିକ ମାତ୍ରାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଲୋକଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ, କାରଣ ପ୍ରବାହିତ ଜଳରେ ଜୀବାଣୁ ସଂକ୍ରମଣ ହେବାର ଆଶଙ୍କା ଅଧିକ। ଆମେ ଦୈନନ୍ଦିନ ଜୀବନରେ ଏସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଡାଇରିଆ ଏମିତି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହାକି ଯେକୌଣସି ସମୟରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ ହୋଇଥାଏ। ଡାଇରିଆ ମୁଖ୍ୟତଃ ଜଳ ଏବଂ ମାଛିଙ୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଅତିଶୀଘ୍ର ବ୍ୟାପିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ରୋଗୀ ମୃତ୍ୟୁମୁଖରେ ପଡ଼ିବା ଆଶଙ୍କା ରହିଥାଏ।''





ମାନବ ସଭ୍ୟତା ସୃଷ୍ଟି ହେବା ଦିନଠାରୁ, ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୈନନ୍ଦିନ ମନୁଷ୍ୟ ଯେତେ ସତର୍କତାରେ ରହିଲେ ସୁଦ୍ଧା, ବେଳେ ବେଳେ ଅଜଣା ଓ ହେୟ ଜ୍ଞାନ ବଶତଃ ସାଧାରଣ ଭୁଲ୍ ହୋଇ ଯାଇଥାଏ। ବେଳେବେଳେ ଏହା ନିଜର, ନିଜ ପରିବାରର ସହ ସମାଜ ନିମନ୍ତେ ନାହିଁ ନଥିବା କ୍ଷତି ପହଞ୍ଚାଇ ଥାଏ। ବେଳେବେଳେ ଏପରି ସ୍ଥିତି ହୋଇଥାଏ ଯେ, ଏକାଧିକ ମନୁଷ୍ୟ ମୃତ୍ୟୁ ମୁଖରେ ପଡିବାର ଆଶଙ୍କା ରହିଥାଏ। ଆମର ସାମାଜିକ ଚଳଣି ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମର ପୂର୍ବ ପିଢ଼ିମାନଙ୍କ ଦୈନନ୍ଦିନ ଚାଲିଚଳଣି, ଖାଦ୍ୟପେୟ, ପୋଷାକ ଓ ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା ସବୁ ଆଜିର ଆଧୁନିକ ସଭ୍ୟତାଠାରୁ ସମ୍ପୂର୍ଣ୍ଣ ଭିନ୍ନ ରକମର ଥିଲା। ଏହାଦ୍ୱାରା ଡାଇରିଆ, କଲେରା, ମିଳମିଳା, ବସନ୍ତ, ହାଡ଼ଫୁଟି ଆଦି ମହାମାରୀ ଭାବେ ଜଣଙ୍କ ଠାରୁ ଅନ୍ୟ ଜଣକୁ କ୍ଷିପ୍ର ଗତିରେ ବ୍ୟାପି ବହୁ ଲୋକଙ୍କ ଜୀବନ ହାନି ଘଟୁଥିଲା। ଆଜି ସେ ପରିସ୍ଥିତି ନାହିଁ ସତ କିନ୍ତୁ ବେଳେ ବେଳେ କିଛି ତ୍ରୁଟି ବିଚ୍ୟୁତି ଘଟିଲେ ଡାଇରିଆ ପରି ପରିସ୍ଥିତି ସୃଷ୍ଟି ହେଉଛି। ସାଧରଣ ଭାବେ ଅନୁମେୟ କଲେ ଜଣାଯାଏ ଯେ ଆଜିର ଛୋଟ ପିଲା, ଯୁବପିଢ଼ି, ମଧ୍ୟବୟସ୍କ ଓ ବୟସ୍କ ଉଚ୍ଚ ରକ୍ତଚାପ, ସିକଲସେଲ, କିଡ୍‌ନୀ, ହୃଦ୍‌ରୋଗ ଜନିତ ବିଭିନ୍ନ ଜଟିଳ ତଥା ମାରାତ୍ମକ ରୋଗରେ ଆକ୍ରାନ୍ତ ହେବା ଦେଖା ଦେଇଛି। ଅତୀତରେ ଏସବୁ ରୋଗରେ ପୀଡ଼ିତ ରୋଗୀଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା। କିଛି ବର୍ଷ ପୂର୍ବେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ଜ୍ଞାନ ଏବଂ ସଚେତନତାର ଅଭାବରୁ ହେଉ କିମ୍ବା କୌଣସି କାରଣରୁ ବାସି ଖାଦ୍ୟ, ଘୋଡା ନ ହୋଇ ରଖାଯାଇଥିବା ଖାଦ୍ୟ ଖାଇବା, ପୋଖରୀ, ନଦୀ ଓ ଝରଣା ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ହେତୁ ଡାଇରିଆ ମହାମାରୀ ରୋଗରେ ବହୁ ବ୍ୟକ୍ତି ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ। ସାଧାରଣତଃ ବାସି ତଥା ବିଷାକ୍ତ ଖାଦ୍ୟ, ଦୂଷିତ ଜଳ ହିଁ ଝାଡ଼ାବାନ୍ତିର ପ୍ରମୁଖ କାରଣ। ଏହାକୁ ମନୁଷ୍ୟ ଖାଇବା ମାତ୍ରେ ତାହା ମନୁଷ୍ୟ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା କରାଇ ରୋଗ ସୃଷ୍ଟି କରାଇଥାଏ।

## ଝାଡ଼ାବାନ୍ତି ହେବାର କାରଣ

ପ୍ରାୟତଃ ଗାଁ ଏବଂ ପଡାମାନଙ୍କରେ ରାତିରେ ରନ୍ଧା ଖାଦ୍ୟକୁ ସକାଳେ ଖାଇବା ପାଇଁ ରଖିଥାନ୍ତି। କେତେକ ଖାଦ୍ୟକୁ ଠିକ୍ ଭାବରେ ଘୋଡ଼ାଇ ରଖି ନ ଥାନ୍ତି। ଏହାଦ୍ୱାରା ମଶା, ମାଛି, କିମ୍ବା ଅନ୍ୟାନ୍ୟ କୀଟ ପତଙ୍ଗଙ୍କ ଦ୍ୱାରା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କା ଥାଏ। ସେହି ଖାଦ୍ୟକୁ ଖାଇବା ଦ୍ୱାରା ମନୁଷ୍ୟ ଡାଇରିଆ (ଝାଡ଼ାବାନ୍ତି)ରେ ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ। ଏତଦ ସହ, ବଣରେ ଭିଭିନ୍ନ ରକମର ଛତୁ ଫୁଟିଥାଏ, କେଉଁ ଛତୁ ଖାଇବା କେଉଁ ଛତୁ ନଖାଇବା ତା' ଉପରେ ଅନେକଙ୍କର ଧାରଣା ନଥାଏ। ଏମିତି କେତେ ପ୍ରକାରର ଛତୁ ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ବିଷାକ୍ତ ଅଟେ। ତେଣୁ ଛତୁକୁ ଉଷ୍ମ ଜଳରେ ଅଳ୍ପ ହଳଦୀ ଗୁଣ୍ଡ ପକାଇ କିଛି ସମୟ ରଖି ରୋଷେଇ କରିବା ଉଚିତ। ଦୂଷିତ ପାଣି ପେଟକୁ ଗଲେ ଝାଡ଼ାବାନ୍ତିର ଶିକାର ହେବାକୁ ପଡିଥାଏ। ବନ୍ଧ, ନଦୀ, ନାଳ, ସଞ୍ଚିତ ଜଳାଶୟ, ଝରଣା ଜଳ କେତେକ କାରଣରୁ ଦୂଷିତ ହୋଇଥାଏ। ଡ୍ରେନ ପାଖ ଦେଇ ଯାଇଥିବା ପାଇପ ବେଳେବେଳେ ଫାଟିଯାଇଥାଏ। ଫଳରେ ପାନୀୟ ଜଳରେ ଦୂଷିତ ହୋଇଥାଏ। ଏସବୁ ଜଳକୁ ବ୍ୟବହାର କଲେ ଝାଡାବାନ୍ତି ହେବାର ଆଶଙ୍କା ରହିଥାଏ। ଜଳାଶୟରେ ଲୋକମାନେ ଶୌଚ କରିବା, ଗାଈ, ମଇଁଷି, ଘୁଷୁରିକୁ ଗାଧୋଇବା, ପୋଖରୀ ହୁଡ଼ାରେ ମନୁଷ୍ୟ, ଗାଈ, ଗୋରୁ, ଛେଳି, ମଇଁଷି, ଘୁଷୁରି ଆଦି ମଳ ତ୍ୟାଗ କରିବା ଦ୍ୱାରା ସେହି ପାଣି ବ୍ୟବହାର ଯୋଗ୍ୟ ହୋଇ ନ ଥାଏ। ପାହାଡ଼ର ନିମ୍ନ ଭାଗରେ ଝରଣା ଜଳ ମଧ୍ୟ ବେଳେବେଳେ ଦୂଷିତ ହୋଇଥାଏ।

ଝାଡ଼ାବାନ୍ତି ବା ଡାଇରିଆ ପ୍ରାୟତଃ ବର୍ଷା ଦିନେ ଅଧିକ ମାତ୍ରାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଲୋକଙ୍କୁ ସଂକ୍ରମିତ ହେବାର ଆଶଙ୍କା ରହିଥାଏ କାରଣ, ପ୍ରବାହିତ ଜଳରେ ଜୀବାଣୁ ସଂକ୍ରମଣ ହେବାର ଆଶଙ୍କା ଅଧିକ ଅଟେ। ଆମେ ଦୈନନ୍ଦିନ ଜୀବନରେ ଏସବୁ ପ୍ରତି ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ଡାଇରିଆ ଏମିତି ଏକ ସ୍ୱାସ୍ଥ୍ୟ ସମସ୍ୟା, ଯାହାକି ଯେକୌଣସି ସମୟରେ ସବୁ ବର୍ଗର ବ୍ୟକ୍ତିଙ୍କୁ ସଂକ୍ରମିତ ହୋଇଥାଏ। ଡାଇରିଆ ମୁଖ୍ୟତଃ ଜଳ ଏବଂ ମାଛିଙ୍କ ଦ୍ୱାରା ଜଣଙ୍କଠାରୁ ଅନ୍ୟ ଜଣଙ୍କୁ ଅତିଶୀଘ୍ର ବ୍ୟାପିଥାଏ। ଏହାକୁ ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଆକ୍ରାନ୍ତ ବ୍ୟକ୍ତି ମୃତ୍ୟୁମୁଖରେ ପଡିବା ଆଶଙ୍କା ରହିଥାଏ। ତେଣୁ ଛୋଟ ଶିଶୁ, ଛାତ୍ରୀଛାତ୍ରଙ୍କ ସମେତ ଗାଁ, ପଡାମାନଙ୍କରେ ବସବାସ କରୁଥିବା ସାଧାରଣ ଲୋକଙ୍କୁ ମୁଖ୍ୟତଃ ଖାଦ୍ୟ ଓ ଜଳର ବ୍ୟବହାର ଉପରେ ସତର୍କତା ଓ ସଚେତନତା କରାଇବା ନିତାନ୍ତ ଜରୁରୀ।

ସରକାରଙ୍କ ଦ୍ୱାରା ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ସମସ୍ତ ଜୀବାଣୁ ଓ ଭୂତାଣୁ ଜନିତ ରୋଗର ପ୍ରତିରୋଧ ପାଇଁ ବିଭିନ୍ନ ଟିକାକରଣ ବ୍ୟବସ୍ଥା ରହିଛି। ଶିଶୁ ଓ ବୟସ୍କ ଶିଶୁଙ୍କ ଡାଇରିଆକୁ ପ୍ରତିରୋଧ ନିମନ୍ତେ ତିନୋଟି ପର୍ଯ୍ୟାୟ(୬,୧୦ ଓ ୧୪ ସପ୍ତାହ) ମଧ୍ୟରେ 'ରୋଟା ଭାଇରସ' ନାମକ ଟିକାକରଣ କରାଯାଇଥାଏ। ବେଳେବେଳେ ଟିକା ନେଇ ନ ଥିବା ଶିଶୁ, ରୋଗପ୍ରତିରୋଧକ ଶକ୍ତି କମ ଥିବା ବ୍ୟକ୍ତି ଏବଂ ଜଟିଳ ଦୁରାରୋଗରେ ଆକ୍ରାନ୍ତ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହେଲେ ଜୀବନହାନିର ଆଶଙ୍କା ଅଧିକ ରହିଥାଏ।

## ଡାଇରିଆ ପ୍ରତିରୋଧ ନିମନ୍ତେ ସତର୍କତା

– କୌଣସି ବ୍ୟକ୍ତିଙ୍କୁ ଏକାଧିକ ଥର ଝାଡ଼ା ଓ ବାନ୍ତି ହେଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ।
– ପାଣିକୁ ଭଲଭାବେ ସିଝାଇ, ଛାଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତୁ।
–ଓଆର୍‌ଏସ୍‌କୁ ବାରମ୍ବାର ପିଇବା ଆବଶ୍ୟକ।
– ଅଳ୍ପ ଲୁଣ, ଚିନି, ଲେମ୍ବୁରସକୁ ମିଶାଇ ପାନୀୟ ଭାବେ ପିଇବା ଉଚିତ।
– ସଜ ରନ୍ଧା ଖାଦ୍ୟ ସହ ଉଷୁମ ଖାଦ୍ୟ ଖାଇବା ଉଚିତ।
–ବାସି ଖାଦ୍ୟ ଖାଇବା ଅନୁଚିତ।
–ମଶା,ମାଛି ଠାରୁ ଦୂରେଇ ରହିବା ପାଇଁ ବାସ ସ୍ଥାନର ଚତୁଃପାର୍ଶ୍ୱ ସଫାସୁତରା ରଖିବା ଉଚିତ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସମୟ ଉପଯୋଗୀ ପଦକ୍ଷେପ ହେତୁ ବିଭିନ୍ନ ପ୍ରକାର ଜୀବାଣୁ ଓ ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରାଯାଇ ପାରୁଛି। ଏତଦ ସହ ଡାଇରିଆକୁ ପ୍ରତିହତ ଓ ପ୍ରତିରୋଧ ନିମନ୍ତେ ସାମୂହିକ ଭାବେ ସତର୍କତା ଓ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ସର୍ବସାଧାରଣଙ୍କ ପାଖରେ ପହଞ୍ଚିବା ଆବଶ୍ୟକତା ରହିଛି।

–ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

# ଓଜନ ନିୟନ୍ତ୍ରଣ କରେ ଶାଗ



ସ୍ୱାସ୍ଥ୍ୟ ପାଇଁ ଶାଗ କେତେ ଉପକାରୀ ତାହା ଅନେକ ଜାଣନ୍ତି। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍ ବ୍ୟତୀତ ଭିଟାମିନ୍–ଏ, ସି ଏବଂ ଇ ଆଦି ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଶାଗ ଖାଆନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। 'ଶାଗ ଏବଂ ଓଜନ ନିୟନ୍ତ୍ରଣ' ବିଷୟରେ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଗବେଷଣା କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଶାଗରେ ଥିବା ଭିଟାମିନ୍–ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ତା'ସହ ଦୃଷ୍ଟି ଶକ୍ତି ପାଇଁ ଏହା ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ। ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ପରିସ୍ରାରେ ଶର୍କରା ଏବଂ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଏହା ଲିଭର୍ ସେଲ୍‌କୁ ମଧ୍ୟ ସୁରକ୍ଷା ଦେଇଥାଏ। ଏଥିରେ ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ଅଧିକ ପରିମାଣରେ ଥିବାରୁ ଅସ୍ଥିକୁ ମଜଭୁତ୍ ରଖିବାରେ ସାହାଯ୍ୟ କରେ। ଆଣ୍ଠୁଗଣ୍ଠି ବାତ ଆଶଙ୍କାକୁ ଏହା ମଧ୍ୟ କେତେକାଂଶରେ ଦୂର କରିଥାଏ। ଯେହେତୁ ଏଥିରେ ଆଣ୍ଟି–ଅକ୍ସିଡ଼ାଣ୍ଟ ଗୁଣ ରହିଛି, ତେଣୁ ଏହା କେଶମୂଳକୁ ଦୃଢ଼ ରଖିବା ସହ ତ୍ୱଚାକୁ ଔଜ୍ଜ୍ୱଲ୍ୟତା ପ୍ରଦାନ କରେ। ଭିଟାମିନ୍‌ସ ଓ ମିନେରାଲ୍ସ ଏଥିରେ ଥିବାରୁ ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମଧ୍ୟ ଉପକାରୀ।

# ନୀରୋଗ ରହିବାର ସରଳ ସୂତ୍ର




ଆମର ଏଭଳି କେତେକ ଅଭ୍ୟାସ ରହିଛି ଯାହା ପ୍ରତି ଆମେ ନଜର ନେବା ନିହାତି ଦରକାର। କାରଣ ନିଜକୁ ସୁସ୍ଥ ରଖିବା ଲାଗି କେତେକ ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ଖାଇବାର ଠିକ୍ ପରେ ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ ଏବଂ ନିଶାଦ୍ରବ୍ୟ ଠାରୁ ମଧ୍ୟ ଯଥା ସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଖାଇବା ସମୟରେ କେତେକେ ପାଣି ପିଇଥାଆନ୍ତି। ଏହା ଏକ ଖରାପ ଅଭ୍ୟାସ। କାରଣ ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାଦ୍ୱାରା ଓଜନ ବଢ଼ିବା ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ଖାଇବା ପୂର୍ବରୁ ଏବଂ ସମୟରେ ପାଣି ନ ପିଇବା ଭଲ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ, ଯାହାକି ଖାଦ୍ୟ ହଜମରେ ସାହାଯ୍ୟ କରିବ। ଖାଇବାର ଠିକ୍ ପରେ ପରେ ଶୁଅନ୍ତୁ ନାହିଁ। ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଖାଦ୍ୟ ଖାଇବା ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଦ୍ୟ ଠିକ୍‌ଭାବରେ ହଜମ ହୋଇଥାଏ। ଖାଇବାର ଠିକ୍ ପରେ ପରେ ଆଦୌ ଗାଧାନ୍ତୁ ନାହିଁ। କାରଣ, ଖାଇବା ପରେ ଗାଧୋଇଲେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିବାର ଆଶଙ୍କା ରହିଛି। ଏହାଦ୍ୱାରା ରକ୍ତ ସଞ୍ଚାଳନ ତ୍ରୀବ ହୋଇଥାଏ ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଏସବୁ ବ୍ୟତୀତ ସବୁବେଳେ ଠିକ୍ ସମୟରେ ଖାଆନ୍ତୁ । କୌଣସି ରୋଗର କାରଣ ବିଷୟରେ ଜାଣିପାରିଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ଚିକିତ୍ସା କରାଇ ନିଅନ୍ତୁ।

# ଅଧିକ ସମୟ ଆଙ୍ଗୁଠି ଫୁଟାଉଥିଲେ...



ଆଙ୍ଗୁଠି ଫୁଟାଇଲେ ଟିକେ ଆରାମ ଲାଗେ। କିନ୍ତୁ କେତେକ ବ୍ୟକ୍ତିଙ୍କର ଏହା ଏକ ଅଭ୍ୟାସର ପରିଣତ ହୋଇଯାଇଥାଏ। ତେବେ ଏଭଳି ଅଭ୍ୟାସର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିବାର ଆଶଙ୍କା ରହିଛି ବୋଲି ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏପରି ଅଭ୍ୟାସ ଲାଗି ରହିଲେ ସଂପୃକ୍ତ ବ୍ୟକ୍ତି ଭବିଷ୍ୟତରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆଙ୍ଗୁଠି ଫୁଟାଇବା ଏକ ଅଭ୍ୟାସରେ ପରିଣତ ହୋଇଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଆଣ୍ଠୁଗଣ୍ଠିଜନିତ ସମସ୍ୟାର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବା ସହ ଆଇରନ୍, ପୋଟାସିୟମ୍ ଏବଂ କ୍ୟାଲସିୟମ୍‌ଯୁକ୍ତ ଖାଦ୍ୟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ଜାଣି ରଖନ୍ତୁ



ଉଷୁମ ପାଣିରେ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଅନେକ ଭରି ରହିଛି। ସକାଳୁ ଖାଲି ପେଟରେ ଉଷୁମ ପାଣି ପିଇବା ଶରୀର ପାଇଁ ଲାଭଦାୟକ। ଜଣେ ଆଜ୍‌ମା ରୋଗୀ ପ୍ରତିଦିନ ସକାଳୁ ଉଷୁମ ପାଣି ପିଇବା ନିହାତି ଆବଶ୍ୟକ। କାଶଜନିତ ସମସ୍ୟାକୁ ଅନେକାଂଶରେ ଏହା ମଧ୍ୟ ଦୂର କରିଥାଏ। ଯଦି ଆପଣ କୋଷ୍ଠକାଠିନ୍ୟ ସମସ୍ୟା ସହ ଜଡିତ ତେବେ ନିୟମିତ ଉଷୁମ ପାଣି ପିଇଲେ ଏପରି ସମସ୍ୟା ଅନେକାଂଶରେ ଦୂର ହୋଇଥାଏ। ଏହା ମଧ୍ୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। କୋଲେଷ୍ଟରଲ ଜନିତ ସମସ୍ୟା ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ। ତେଣୁ ନିୟମିତ ଉଷୁମ ପାଣି ପିଇଲେ କୋଲେଷ୍ଟରଲର ପରିମାଣ ସନ୍ତୁଳିତ ରହିଥାଏ। ଉଷୁମ ପାଣି ପିଇଲେ ତାହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ମେଦବହୁଳତାକୁ କେତେକାଂଶରେ ନିୟନ୍ତ୍ରଣ କରିଥାଏ।

# ସନ୍ତୁଳିତ ଜୀବନଶୈଳୀ ଓ ସକାରାତ୍ମକ ମାନସିକତା



ନିଜର ଜୀବନଶୈଳୀକୁ ଯଦି ଆମେ ସନ୍ତୁଳିତ ରଖିପାରିଲେ, ତେବେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। କେବଳ ସେତିକି ନୁହେଁ, ଏହାର ସୁପ୍ରଭାବ ମାନସିକତା ଉପରେ ପଡିଥାଏ। ଜୀବନଶୈଳୀ ଯଦି ଠିକ୍ ଠାକ୍ ରହିଲା, ତେବେ ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଥାଏ ବୋଲି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ମତ ଦେଇଛନ୍ତି। 'ସନ୍ତୁଳିତ ଜୀବନଶୈଳୀ ଏବଂ ସକାରାତ୍ମକ ମାନସିକତା' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ସନ୍ତୁଳିତ ରହୁଥିବା ତାହାର ପ୍ରଭାବ ସେମାନଙ୍କର ମାନସିକତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଜୀବନଶୈଳୀ ସନ୍ତୁଳିତ ରହିବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ସକାରାତ୍ମକ ରହୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଜଣେ ବ୍ୟକ୍ତି ଏଥିପାଇଁ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ବ୍ୟାୟାମ କରିବା ବ୍ୟତୀତ ଟେନସନଠାରୁ ଦୂରେଇ ରହିବା ଦରକାର ବୋଲି ସେମାନେ ରିପୋର୍ଟରେ ଦର୍ଶାଇଛନ୍ତି।

# ସ୍ୱା ସ୍ଥ୍ୟ ସୂ ଚ ନା

➤ରକ୍ତହୀନତା ସମସ୍ୟା ସହ ଜଡ଼ିତ ବ୍ୟକ୍ତିଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରିବେ।



➤ପ୍ରତିଦିନ ସକାଳୁ ବ୍ୟାୟାମ କରିବା ବ୍ୟତୀତ କିଛି ସମୟ ଯୋଗ କରନ୍ତୁ। ମନକୁ ଶାନ୍ତ ରଖି ଯୋଗ କଲେ ତାହାର ସକାରାତ୍ମକ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସାମିଲ କରିବା ସହ ଏଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।

➤ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। ଠିକ୍ ସମୟରେ ଖାଆନ୍ତୁ ଏବଂ ଶୁଅନ୍ତୁ।

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➤ଆଖୁ ରସରେ ଭିଟାମିନ୍–ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ।

➤ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଦରକାର।

# ବାତ ମାରିବାର ଲକ୍ଷଣ



ବାତ ମାରିବା ଏକାଧିକ ପ୍ରକାରର ରହିଛି। ଏଗୁଡିକର ଲକ୍ଷଣ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ କେତେକ ସୂଚନା ପ୍ରକାଶ ପାଇଥାଏ। ସେଗୁଡିକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଉଦାହରଣ। ତେଣୁ ସେହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ସତର୍କ ଦୃଷ୍ଟି ରଖିବା ନିହାତି ଦରକାର। ସେହି ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବାକୁ ଭୁଲନ୍ତୁ ନାହିଁ। ବାତ ମାରିଲେ ରୋଗୀ ଦୁଲ୍‌କରି ପଡ଼ିଯାଇପାରେ। ତା'ର ଦେହ ଓ ମୁଣ୍ଡ ନିକଟରେ ରହିଥିବା କୌଣସି କଠିନ ପଦାର୍ଥରେ ହଠାତ୍ ବାଡ଼େଇ ହୋଇଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରିବା ନିରାପଦ ନୁହେଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦେଲେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ହୁଗୁଳା କରିଦେବା ଆବଶ୍ୟକ। ତା'ର ପାଟିରେ କୌଣସି କାଠି କି ଚାମଚ ଭର୍ତ୍ତି କରନ୍ତୁ ନାହିଁ। ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରିବା ମଧ୍ୟ ନିରାପଦ ନୁହେଁ। ଅବସ୍ଥା ଯଦି ଗୁରୁତର ହୁଏ ତେବେ ବିଳମ୍ବ ନ କରି ନିକଟସ୍ଥ ହସପିଟାଲକୁ ନେଇଯାଆନ୍ତୁ।

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୨୩/୨୦୨୫ Bhubaneswar, Monday, June 23/ 2025

# ‘୧୩ ଜିଲ୍ଲାରେ ହେବ ସୁଇମିଂ ପୁଲ୍ କମ୍ପ୍ଲେକ୍ସ’

## ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍, ସୃଷ୍ଟି ଉପାଧ୍ୟାୟଙ୍କୁ ସ୍ୱର୍ଣ୍ଣ




ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସ୍ୱର୍ଣ୍ଣ ପଦକ ସହ ସୃଷ୍ଟି ଉପାଧ୍ୟାୟ।

**ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ରବିବାର ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି ସୃଷ୍ଟି ଉପାଧ୍ୟାୟ। ମହିଳା ୧୦୦ ମିଟର ବଟରଫ୍ଲାଏରେ ଇଭେଣ୍ଟରେ ସେ ୧:୦୩.୫୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଆରଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଆସ୍ଥା ଚୌଧୁରୀ ୧:୦୩.୫୦ ଓ କର୍ଣ୍ଣାଟକର ଧିନିଧି ଦେସିଙ୍ଗୁ ୧:୦୩.୫୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଓଡ଼ିଶାର ମନ୍ନତା ମିଶ୍ର ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛନ୍ତି। ସେ ୨:୪୧.୪୩ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ଆରଏସ୍‌ପିବିର ହର୍ଷିଥା ଜୟରାମ ୨:୩୭.୭୨, କର୍ଣ୍ଣାଟକର ଥାନ୍ୟା ସାଦାକ୍ଷୀ ୨:୩୯,୪୧ ଓ ମହାରାଷ୍ଟ୍ରର ସାନ୍‌ଭି ଦେଶୱାଲ ୨:୪୦.୨୪ ସେକେଣ୍ଡ ସହିତ ପ୍ରଥମ ୩ ସ୍ଥାନ ଅଧିକାର କରିଛନ୍ତି। ଏହି ଦୁଇ ଇଭେଣ୍ଟ ବ୍ୟତୀତ ପ୍ରଥମ ଦିବସରେ ମହିଳା ୪୦୦ ମିଟର ଫ୍ରିଷ୍ଟାଇଲ, ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲ, ପୁରୁଷ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍, ପୁରୁଷ ୧୦୦ ମିଟର ବଟରଫ୍ଲାଏ ଓ ପୁରୁଷ ୪x୨୦୦ ଫ୍ରିଷ୍ଟାଇଲ ରିଲେ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ‘‘ଓଡ଼ିଶାରେ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସୁନାମ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି। ଏଥିସହିତ ସମସ୍ତ କ୍ରୀଡ଼ାବିମ୍ଭାନଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ ସନ୍ତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଦିନରେ ୧୩ ଟି ଜିଲ୍ଲାରେ ୧୩ଟି ସୁଇମିଂ ପୁଲ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ଆମ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ସନ୍ତରଣରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ସହାୟକ ହେବ’’ ବୋଲି ସୂରଜ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଆର.ଏନ ଜୟପ୍ରକାଶ, ମହାସଚିବ ମୋନାଲ ଚୋକ୍ସି, ଏସିଆନ୍ ଆକ୍ୱାଟିକ୍ ଫେଡେରେଶନ ଉପସଭାପତି ବିରେନ୍ଦ୍ର ନାନାବତୀ, ଓଡ଼ିଶା ସୁଇମିଂ ଆସୋସିଏଶନ ସମ୍ପାଦକ ଗୋଲାପମଣି ମହାନ୍ତ, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହା ମଧ୍ୟରେ ଓଡ଼ିଶାର ୧୪ (୭ ମିଳା ଓ ୭ ପୁରୁଷ) ପ୍ରତିଯୋଗୀ ସାମିଲ। ୨୬ ତାରିଖରେ ପ୍ରତିଯୋଗିତା ଶେଷ ହେବ।

ତୀର୍ଥ ଭ୍ରମଣ ସ୍ପେଶାଲ
BANAMALI PANDA, JAJPUR TOWN, JAJPUR, M-9437310046, 9668114682
ପ୍ୟାକେଜ୍ ଟ୍ରେନ୍ ଟୁର୍: ୧ମ ଯାତ୍ରା (ଉତ୍ତର ଭାରତ): ପିତୃପକ୍ଷ ମହାଳୟା ଉପଲକ୍ଷେ ପୁରୀ- ଭୁବନେଶ୍ୱରରୁ ତା୧.୦୯.୨୫ରୁ ବାହାରି ପ୍ରୟାଗରାଜ (ତ୍ରିବେଣୀସଙ୍ଗମ) ଆଗ୍ରା, ଗୋପ, ମଥୁରା, ବୃନ୍ଦାବନ, ଦିଲ୍ଲୀ, ଅମୃତସର, ୱାଘାବର୍ଡର, ଜାମ୍ମୁ, କଟରା, ବୈଷ୍ଣବଦେବୀ, ହରିଦ୍ୱାର, ଋଷିକେଶ, ବଦ୍ରିନାରାୟଣଧାମ, କେଦାରନାଥ, ଅଯୋଧ୍ୟା, କାଶୀ, ବାରଣାସୀ, ଗୟା (ପିଣ୍ଡଦାନ), ବୁଦ୍ଧଗୟା ହୋଇ ତା୧୬.୦୯ରେ ପୁରୀ ପହଞ୍ଚିବ। ୨ୟ ଯାତ୍ରା: ତା୧୮.୦୯ରେ ଭୁବନେଶ୍ୱରରୁ ବାହାରି ପ୍ରୟାଗରାଜ (ତ୍ରିବେଣୀସଙ୍ଗମ), ଗୟା, ପିଣ୍ଡଦାନ, ବୁଦ୍ଧଗୟା, ଅଯୋଧ୍ୟା, କାଶୀ, ବାରଣାସୀ ହୋଇ ତା୨୩.୯ରେ ପୁରୀ ପହଞ୍ଚିବ। ୩ୟ ଯାତ୍ରା: ପଶ୍ଚିମ/ମଧ୍ୟ ଭାରତ: ୨ ଧାମ ଓ ୭ ଗୋଟି ଜ୍ୟୋତିର୍ଲିଙ୍ଗ ଭ୍ରମଣ ଉପଲକ୍ଷେ ପୁରୀ ଷ୍ଟେସନରୁ ତା୨୪.୦୯ରେ ବାହାରି ଅହମ୍ମଦାବାଦ, ଅକ୍ଷରଧାମ, ଭିରାଭଲ, ସୋମନାଥ, ପ୍ରଭାସତୀର୍ଥ, ଦ୍ୱାରକାଧାମ, ଭେଟଦ୍ୱାରକା, ନାଗେଶ୍ୱର, ମାଉଣ୍ଟଆବୁ, ଆଜମିର୍, ପୁଷ୍କର, ଉଜ୍ଜୟିନୀ, ଇନ୍ଦୋର, ପୁନେ, ଭୀମଶଙ୍କର, ଶନିସିଙ୍ଗ୍ନାପୁର, ଔରଙ୍ଗାବାଦ, ଏଲୋରା, ଘୃଷ୍ଣେଶ୍ୱର, ନାସିକ, ତ୍ରୟମ୍ବକେଶ୍ୱର, ସିରିଡ଼ିସାଇ ହୋଇ ତା୦୬.୧୦ରେ ପୁରୀ ପହଞ୍ଚିବ। ୪ର୍ଥ ଯାତ୍ରା: ଦକ୍ଷିଣ ଭାରତ: ତା୨୩.୧୦ରେ ଭୁବନେଶ୍ୱରରୁ ବାହାରି ଚେନ୍ନାଇ, ମଦୁରାଇ, ମିନାକ୍ଷୀଦେବୀ, ସେତୁବନ୍ଧ, ରାମେଶ୍ୱରଧାମ, ତ୍ରିଚନ୍ନାପଲ୍ଲୀ, ନଗରକୋଏଲ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ପଦ୍ମନାଭସ୍ୱାମୀ, ବେଙ୍ଗାଲୁରୁ, ମହୀଶୂର ପ୍ୟାଲେସ୍, ବୃନ୍ଦାବନଗାର୍ଡେନ, ତିରୁପତି ହୋଇ ତା୦୪.୧୧ରେ ପୁରୀ ପହଞ୍ଚିବ।
ବ୍ୟବସ୍ଥା: ଭଲ ଗାଇଡ୍, ରୁଚିକର ଖାଦ୍ୟ, ସମ୍ପୂର୍ଣ୍ଣ ଦାୟିତ୍ୱ, ସକାଳ ଚା, ଦୁଇଓଳି ଖାଦ୍ୟ, ଲଜିଂ, ଧର୍ମଶାଳା ରହଣି ଓ ପାର୍ଶ୍ୱ ଗାଡ଼ି ଖର୍ଚ୍ଚ ସହ ଜଣ ପ୍ରତି ୧ମ ଯାତ୍ରା- ଟ୧୮,୭୦୦ଙ୍କା, 3A- ଟ୨୬,୦୦୦/- (ହରିଦ୍ୱାରଠାରୁ ବଦ୍ରିନାଥ, କେଦାରନାଥ ଯାତାୟାତ ଖର୍ଚ୍ଚ, ଖାଦ୍ୟ ଓ ରହଣି ଖର୍ଚ୍ଚ ଯାତ୍ରୀ ବହନ କରିବେ), ୨ୟ ଯାତ୍ରା- ଟ୮,୫୦୦ଙ୍କା, 3A- ଟ୧୩,୦୫୦ଙ୍କା, ୩ୟ ଯାତ୍ରା- ଟ୧୮,୫୮୦ଙ୍କା, 3A- ୨୫,୭୭୫ଙ୍କା, ୪ର୍ଥ ଯାତ୍ରା- ଟ୧୮,୮୦୦ଙ୍କା, 3A- ଟ୨୬,୫୫୦ଙ୍କା। ପ୍ରତ୍ୟେକ ଯାତ୍ରା ପାଇଁ ୨୦୦୦/୫୦୦୦ ଟଙ୍କା ଦେଇ ନିମ୍ନ ଠିକଣାରେ କିମ୍ବା ପରିଚାଳକଙ୍କ ସହ ଯୋଗାଯୋଗ କରି ସିଟ୍ ଶୀଘ୍ର ବୁକିଂ କରନ୍ତୁ। ବିଜ୍ଞାପନ ପ୍ରକାଶ ପାଇବାର ୮ ଦିନ ପର୍ଯ୍ୟନ୍ତ ଅଗ୍ରିମ ଗ୍ରହଣ କରାଯିବ। ନଚେତ୍ ଟିକେଟ୍ ମିଳିବାର ସମ୍ଭାବନା ଯଥେଷ୍ଟ କମ୍।
ବମ୍ବେ ଡାଇଙ୍ଗ, ବକ୍ସିବାଜାର, କଟକ- ୯୪୩୮୪୦୮୬୦୫/ ଭୁବନେଶ୍ୱର- ୮୮୯୫୮୧୩୨୨୨/ ସମ୍ବଲପୁର- ୯୪୩୭୫୮୮୪୬୪ / ପୁରୀ- ୯୪୩୭୪୩୫୦୦୨ / ଅନୁଗୁଳ- ୯୮୬୧୪୫୩୬୪୧/ ବାରିପଦା- ୭୮୫୪୮୬୧୨୨୩ / ଆଠମଲ୍ଲିକ - ୮୯୧୭୪୯୯୧୭୩ / ଢେଙ୍କାନାଳ- ୮୫୯୬୮୦୬୬୯୦/ ବାଲେଶ୍ୱର- ୯୯୩୭୦୭୪୦୨୩/ କେନ୍ଦୁଝର- ୯୯୩୮୬୮୦୨୩୦ / ବ୍ରହ୍ମପୁର- ୯୮୬୧୧୭୦୬୮୩ / ବଲାଙ୍ଗୀର- ୯୪୩୭୧୯୫୦୫୮ / ରାଉରକେଲା- ୬୩୭୦୭୪୭୧୯୭ / କଳାହାଣ୍ଡି- ୭୮୯୪୭୩୧୭୭୪ / ଭଦ୍ରକ- ୯୬୬୮୧୧୪୬୮୨/ ବୌଦ- ୯୭୭୮୧୭୩୦୫/ କେନ୍ଦ୍ରାପଡ଼ା- ୯୦୪୦୪୧୬୬୦୪/ ନୟାଗଡ଼- ୬୩୭୧୨୩୩୭୦୫ / ଜଗତ୍‌ସିଂହପୁର- ୯୯୩୭୧୭୮୨୫୫

# ଭାରତର ପ୍ରଥମ ବିଜୟ

## ଏଫ୍‌ଆଇଏଚ୍ ପ୍ରୋ-ଲିଗ୍

**ଆଣ୍ଟୱର୍ପ (ବେଲଜିୟମ), ୨୨।୬ (ପି.ଟି.)**

ବେଲଜିୟମକୁ ୪-୩ ଗୋଲ୍‌ରେ ପରାସ୍ତ କରି ଭାରତୀୟ ପୁରୁଷ ହକି ଦଳ ୟୁରୋପିଆନ ଲେଗ୍ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ରେ ଏହାର ପ୍ରଥମ ବିଜୟ ହାସଲ କରିଛି। କ୍ରମାଗତ ୭ ପରାଜୟ ପରେ ଦଳର ଏହାର ପ୍ରଥମ ବିଜୟ। ଭାରତ ତରଫରୁ ସୁଖଜିତ ସିଂ (୨୧ତମ ଓ ୩୫ତମ ମିନିଟ୍), ଅମିତ ରୋହିଦାସ (୩୬ତମ) ଓ ହରମନପ୍ରୀତ (୫୯ତମ) ଗୋଲ ସ୍କୋରର ଥିଲେ। ସେହିପରି ବେଲଜିୟମ ପକ୍ଷରୁ ଆର୍ଥର ଡି’ ସ୍ଲୁଭର (୮ମ), ଥିବ୍ୟୁ ଷ୍ଟକ୍‌ବ୍ରୋକ୍ସ (୩୪ତମ) ଓ ହୁଗୋ ଲାବାଉଚ୍‌ରେ (୪୧ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଏକଦା ମ୍ୟାଚ ୩-୩ ସ୍ତରରେ ରହିଥିବା ବେଳେ ଫାଇନାଲ ହୁଟର ପାଇଁ ଆଉ ମାତ୍ର ୨ ମିନିଟ ସମୟ ଥିବା ବେଳେ ସର୍କଲ ଭିତରେ ଏକ ବଡ଼ ଚ୍ୟାଲେଞ୍ଜ ପରେ ଭାରତ ଏକ ରେଫରାଲ ଚାହିଁଥିଲା। ଫଳ ସ୍ୱରୂପ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ହରମନପ୍ରୀତ୍ ସିଂ ଏହାକୁ ଗୋଲ୍‌ରେ ପରିଣତ କରି ମ୍ୟାଚ୍‌କୁ ଭାରତ ସପକ୍ଷରେ ନେଇ ଆସିଥିଲେ।

# ନିଶାନ୍ତ ବିଶ୍ୱାଳଙ୍କୁ ଟାଇଟଲ




ରନରଅପ୍ ଆଶୁତୋଷ ପାଢ଼ୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ଓ ଚାମ୍ପିୟନ ନିଶାନ୍ତ ବିଶ୍ୱାଳ।

## ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର

**ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)**

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଭିନ୍‌ଟେଜ୍ କ୍ଲବ ପରିସରରେ ଅନୁଷ୍ଠିତ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ଣ୍ଣାମେଣ୍ଟରେ ନିଶାନ୍ତ ବିଶ୍ୱାଳ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଆଶୁତୋଷ ପାଢ଼ୀଙ୍କୁ ୬-୪ (୪୮-୨୬, ୩୨-୩୩, ୩୬-୧୧, ୨୪-୪୧, ୩୯-୨୬, ୪୪-୧୧, ୩୦-୩୭, ୪୪-୦, ୧୯-୩୫, ୩୮-୨୯) ଫ୍ରେମ୍‌ରେ ପରାସ୍ତ କରିଛନ୍ତି। ଏହାକୁ ମିଶାଇ ନିଶାନ୍ତ ୭ ଓପନ ସ୍ନୁକର ଟାଇଟଲ ଜିତିଛନ୍ତି। ପୂର୍ବରୁ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ନିଶାନ୍ତ ୫-୨ ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଥିଲେ। ବିଏଓ୍ୱଏଓ କାର୍ଯ୍ୟକାରିଣୀ ସଦସ୍ୟ ତଥା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ଅମିୟ ରଞ୍ଜନ ନାୟକ ଓ ତାଙ୍କ ପାର୍ଟନର ସତ୍ୟଦୀପ ଦାସ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# କଟକ ‘ଏ’କୁ ଟାଇଟଲ




ଅତିଥିଙ୍କ ସହ ଚାମ୍ପିୟନ କଟକ ‘ଏ’ ଦଳର ଖେଳାଳିମାନେ।

**ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଟକ ‘ଏ’ ଚାମ୍ପିୟନ ହୋଇଛି। ରବିବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ କଟକ ‘ଏ’ ୬୭ ରନରେ ଭୁବନେଶ୍ୱର ‘ଏ’କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା କଟକ ‘ଏ’ ୪୫ ଓଭରରେ ୮ ଉଇକେଟ ହରାଇ ୨୩୭ ରନ କରିଥିଲା। ଦଳ ପକ୍ଷରୁ ଅନିଲ ସାହୁ (୧୦୮) ଶତକ ହାସଲ କରିଥିବାବେଳେ ପୀୟୂଷ ମନ୍ତ୍ରୀ ୪୦ ରନ କରିଥିଲେ। ବିପକ୍ଷ ଦଳର ଚନ୍ଦ୍ରାଂଶୁ ବାଘେଲ ୩ଟି ଉଇକେଟ ନେଇଥିଲେ। ୨୩୮ ରନ ବିଜୟ ଲକ୍ଷ୍ୟରେ ଭୁବନେଶ୍ୱର ‘ଏ’ ୪୦.୪ ଓଭରରେ ୧୭୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସ୍ୱାଗତ ମିଶ୍ର ୫୧ ଓ ଆୟୁଷ ଚାନ୍ଦ ୪୧ ରନ କରିଥିଲେ। ବିଜୟୀ ଦଳର ସମ୍ବିତ ବେଜା ଓ ଜନ୍ମେଜୟ ଜେନା ୨ଟି ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ଅନିଲ ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧,୦୦,୦୦୦ ଓ ରନରଅପ୍ ଦଳକୁ ୫୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ମୁମ୍ବାଇ ଡ୍ରିମର୍ସ-କଳିଙ୍ଗ ବ୍ଲାକ ଟାଇଗର୍ସ ମ୍ୟାଚ ଡ୍ର

**ମୁମ୍ବାଇ, ୨୨।୬**

ଜିଏମ୍‌ଆର ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ରବିବାର ମୁମ୍ବାଇ ଡ୍ରିମର୍ସ ବିପକ୍ଷ ମ୍ୟାଚ୍‌କୁ ୧୭-୧୭ ସ୍କୋରରେ ଡ୍ର ରଖିଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ। ମ୍ୟାଚରେ ଦଳର ଆରମ୍ଭ ଉତ୍ସାହଜନକ ଥିଲା। ଆଶିଷ ସବର ଏକ ଟ୍ରାଏ ସ୍କୋର କରି କଳିଙ୍ଗକୁ ଅଗ୍ରଣୀ କରାଇଥିଲେ। ତେବେ ସିଜନରେ ପ୍ରଥମ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ଥିବା ମୁମ୍ବାଇ ଏଲିଆସ ହାନ୍‌କକ୍ସଙ୍କ ଜରିଆରେ ମ୍ୟାଚ୍‌କୁ ସମାନ ସ୍ତରକୁ ନେଇ ଆସିଥିଲେ ଏବଂ ପରେ ୱାଇସି ହାନ୍‌କକ୍‌ଙ୍କ କନଭର୍ଜନ ଯୋଗୁ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ଦୁଇ ଦଳର ସ୍କୋର ବ୍ୟବଧାନ ୨ରେ ସୀମିତ ଥିଲା। ପରବର୍ତ୍ତୀ କ୍ୱାର୍ଟରରେ ଭୁଇଭିଆୱା ନାଡୁଭାଲୋ ଓ ହେନ୍‌ରୀ ହୁଚିସନ ଡ୍ରିମର୍ସ ପାଇଁ ଦୁଇଟି ଚମତ୍କାର ଟ୍ରାଏ ସ୍କୋର କରି ସେମାନଙ୍କ ଦଳକୁ ୧୨-ୱାନ ପଏଣ୍ଟରେ ଅଗ୍ରଣୀ କରାଇଥିଲେ। ଟାଇଗର୍ସ ଦଳ କିନ୍ତୁ ଏହାର ଦୃଢ଼ ଜବାବ ଦେଇଥିଲା। ଇତ୍‌ହାନ ଟର୍ନର ଗୋଟିଏ ଟ୍ରାଏ ଏବଂ କନଭର୍ଜନ କରି ଦଳର ସ୍କୋରକୁ ବୃଦ୍ଧି କରାଇଥିଲେ। ଶେଷ ମୁହୂର୍ତ୍ତରେ ପେରୀ ବେକରଙ୍କ ଟ୍ରାଏ ଯୋଗୁ ଟାଇଗର୍ସ ପରାଜୟ ଏଡାଇବାରେ ସମର୍ଥ ହୋଇଥିଲା। ଅନ୍ୟପକ୍ଷରେ ଦିଲ୍ଲୀ ରେଡ୍‌ଜ ବିପକ୍ଷରେ ୨୪-୭ରେ ବୃହତ୍ ବିଜୟ ହାସଲ କରିଛି ଚେନ୍ନାଇ ବୁଲ୍ସ। ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଫେରିପାରିଛି। ରବିବାର ଖେଳାଯାଇଥିବା ପ୍ରଥମ ଗେମ୍‌ରେ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ୨୬-୨୧ରେ ବିଜୟ ଲାଭ କରି ହାଇଦ୍ରାବାଦ ହିରୋଜର ବିଜୟ ଧାରାରେ ବ୍ରେକ୍ ଲଗାଇଛି।

# ରାଜ୍ୟ ଓପନ ଚେସ୍: ଲଭ୍ୟଜ୍ୟୋତି ଚାମ୍ପିୟନ

**ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ଅଲେଖ ଚନ୍ଦ୍ର ଦେବତା ସ୍ମାରକୀ ରାଜ୍ୟ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଲଭ୍ୟଜ୍ୟୋତି ରାଉତରାୟ ଓ ଶୁଭେନ୍ଦୁ କୁମାର ପାତ୍ର ୪.୫ ପଏଣ୍ଟ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ସ୍ଥିତପ୍ରଜ୍ଞ ସାହୁ, ପ୍ରତ୍ୟୁଷ ମହାପାତ୍ର ଓ ଭିନିତ ନାୟକ ଟପ୍-୫ ଫିନିଶ୍ କରିଥିଲେ। ବିଭିନ୍ନ ବୟସ ବର୍ଗ ଓ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ବ୍ରୁକ୍ ୯୯, ବୁମ୍‌ରାଙ୍କୁ ୫ ଉଇକେଟ

## ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟ

**ଲିଡ୍ସ, ୨୨।୬**

ଏଏଠାରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡର ହ୍ୟାରି ବ୍ରୁକ୍ସ ୯୯ ରନରେ ଆଉଟ ହୋଇଥିବାବେଳେ ଭାରତର ଯଶପ୍ରୀତ୍ ବୁମ୍‌ରା ୫ ଉଇକେଟ ସଫଳତା ପାଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସ ୪୬୫ରେ ସୀମିତ ରହିବାରୁ ଭାରତ ୬ ରନରେ ଅଗ୍ରଣୀଲାଭ କରିଛି। ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା। ରବିବାର ତୃତୀୟ ଦିବସ ଖେଳ ଶେଷ ହେବା ବେଳକୁ ଭାରତ ଦ୍ୱିତୀୟ ଇନିଂସରେ ୨ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଛି। ଲୋକେଶ ରାହୁଲ ୪୭ ରନରେ ଅପରାଜିତ ରହିଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଭାରତ ଓଭରଅଲ୍ ୯୬ ରନରେ ଅଗ୍ରଣୀଲାଭ କରିଛି। ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୨୦୯/୩ରୁ ଖେଳ ଆରମ୍ଭ କରିଥିଲା ଇଂଲଣ୍ଡ। ପୂର୍ବଦିନ ୧୦୦ ରନରେ ଅପରାଜିତ ରହିଥିବା ଓଲି ପୋପ୍ ଆଉ ୬ ରନ ଯୋଗକରି ପ୍ୟାଭିଲିୟନ ଫେରିଥିବାବେଳେ ହ୍ୟାରି ବ୍ରୁକ୍ସ ନର୍ଭସ ନାଇଣ୍ଟିଜ୍‌ର ଶିକାର ହୋଇ ୯୯ ରନରେ ଆଉଟ ହୋଇଥିଲେ। ଶେଷ ଭାଗରେ ଜେମି ସ୍ମିଥ ୪୦, କ୍ରିସ୍ ୱୋକ୍ସ ୩୮ ଓ ବ୍ରେଡନ କାର୍ସ ୨୨ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମାତ୍ର ବୁମ୍‌ରାଙ୍କ ମ୍ୟାଜିକ୍ ଇଂଲଣ୍ଡକୁ ଅଗ୍ରଣୀ ହେବାକୁ ଦେଇ ନ ଥିଲା। ସେ ୫ ଉଇକେଟ ହାସଲ କରି ଭାରତକୁ ଛୋଟ ଅଗ୍ରଣୀ ଦେଇଥିଲେ। ଟେଷ୍ଟ କ୍ରିକେଟରେ ଏହାଥିଲା ବୁମ୍‌ରାଙ୍କ ୧୪ଶ ଏବଂ ବିଦେଶ ମାଟିରେ ୧୨ଶ ୫ ଉଇକେଟ। ତାଙ୍କ ବ୍ୟତୀତ ବିଦେଶ ମାଟିରେ ଭାରତର କେବଳ କପିଳ ଦେବ ୧୨ ଥର ୫ ଉଇକେଟ ସଫଳତା ପାଇଥିଲେ। ଅନ୍ୟ ଭାରତୀୟ ବୋଲରଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଓ ମହମ୍ମଦ ସିରାଜ ୨ଟି ଉଇକେଟ ନେଇଥିଲେ।





୫ ଉଇକେଟ ହାସଲପରେ ସାଥୀ ଖେଳାଳିଙ୍କ ସହ ପଡ଼ିଆ ଛାଡ଼ୁଛନ୍ତି ଭାରତର ଯଶପ୍ରୀତ୍ ବୁମ୍‌ରା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୭୧। ଇଂଲଣ୍ଡ ପ୍ରଥମ ଇନିଂସ: ୪୬୫ (ଓଲି ପୋପ୍-୧୦୬, ହ୍ୟାରି ବ୍ରୁକ୍ସ-୯୯, ବେନ୍ ଡକେଟ-୬୨, ଯଶପ୍ରୀତ୍ ବୁମ୍‌ରା-୫/୮୩, ପ୍ରସିଦ୍ଧ କ୍ରିଷ୍ଣା-୩/୧୨୮, ମହମ୍ମଦ ସିରାଜ-୨/୧୨୨)। ଭାରତ ଦ୍ୱିତୀୟ ଇନିଂସ: ୯୦/୨ (ଲୋକେଶ ରାହୁଲ-୪୭*, ବ୍ରେଡନ କାର୍ସ-୧/୨୭, ବେନ୍ ଷ୍ଟୋକ୍ସ-୧/୧୮)।

# ବିଶ୍ୱ ଏକତାର ପ୍ରତୀକ ଅଲିମ୍ପିକ ରିଙ୍ଗ୍

## ଆଜି ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ



ପ୍ରତିବର୍ଷ ଜୁନ୍ ୨୩ରେ ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳିତ ହୋଇ ଆସୁଛି। କ୍ରୀଡ଼ାରେ ବିଶ୍ୱ ଏକତାର ପ୍ରତୀକ ହେଉଛି ଅଲିମ୍ପିକ ରିଙ୍ଗ୍। ୧୮୯୪ରେ ପ୍ୟାରିସରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସ୍ଥାପନାକୁ ମନେପକାଇବାକୁ ଯାଇ ଏହି ଦିବସ ପାଳିତ ହୋଇଆସୁଛି। ବାରନ ପିଏରେ କୋବର୍ଟିନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଇଓସି ଆଧୁନିକ ଅଲିମ୍ପିକ ଖେଳକୁ ପୁନର୍ଜୀବିତ କରିଥିଲା ଏବଂ ୧୯୪୮ ଜୁନ୍ ୨୩ରେ ପ୍ରଥମ ଥର ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ପାଳିତ ହୋଇଥିଲା। ସେବେଠାରୁ କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଅଲିମ୍ପିକ ଆନ୍ଦୋଳନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଲାଗି ଏହା ଏକ ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମ ପାଲଟିଯାଇଛି। ଏହି ଦିବସରେ ସମସ୍ତ ବୟସବର୍ଗର ଲୋକମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ ବ୍ୟତୀତ ଉତ୍କର୍ଷତା, ବନ୍ଧୁତା ଓ ସମ୍ମାନ ଆଦି ଅଲିମ୍ପିକ ଆଦର୍ଶକୁ ଗ୍ରହଣ କରିବା ଲାଗି ଉତ୍ସାହିତ କରାଯାଇଥାଏ। ସ୍ଥାନୀୟ କୌତୁକ ଦୌଡ଼ ଓ ସ୍କୁଲ କ୍ରୀଡ଼ା ଦିବସଠାରୁ ଆରମ୍ଭ କରି କମ୍ୟୁନିଟି ଟୁର୍ଣ୍ଣାମେଣ୍ଟ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଲୋକମାନଙ୍କ ମନରେ ଅଲିମ୍ପିକ ଭାବନାକୁ ଜାଗ୍ରତ କରିଥାଏ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ